

▶ପୃଷ୍ଠା ୧୧ ଦେଖନ୍ତୁ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-157 ◆WEDNESDAY ◆3 DECEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୫୭ ◆ବୁଧବାର ◆୩ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଶେଷରେ ରାଜିହେଲେ ସରକାର

### ୯ ତାରିଖରେ ଲୋକସଭାରେ ହେବ ୧୦ ଘଣ୍ଟା ଏସ୍ଆଇଆର୍ ଆଲୋଚନା

■ ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ବହୁଚର୍ଚ୍ଚିତ ଏସ୍ଆଇଆର୍ ବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ ସଂସଦରେ ଚାଲିଥିବା ଅଚଳାବସ୍ଥାର ଅବସାନ ହେବାକୁ ଯାଉଛି। ଏହି ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଶେଷରେ ସରକାର ରାଜି ହୋଇଛନ୍ତି। ଆସନ୍ତା ଡିସେମ୍ବର ୯ ତାରିଖରେ ଲୋକସଭାରେ ଏହା ଉପରେ ୧୦ ଘଣ୍ଟା ପାଇଁ ଆଲୋଚନା ହେବ। ବିଭିନ୍ନ ଦଳର ନେତାମାନଙ୍କ ସହିତ ବୈଠକ ପରେ ସରକାର ଏହି ସୂଚନା ଦେଇଛନ୍ତି।

ଗତକାଲି ଭଳି ଆଜି ମଧ୍ୟ ସଂସଦର ଉଭୟ ଗୃହରେ ଏସ୍ଆଇଆର୍ ଉପରେ ଆଲୋଚନା ପାଇଁ ଦାବି କରି ବିରୋଧୀ ଦଳ ଅଚଳାବସ୍ଥା ସୃଷ୍ଟି କରିଥିଲେ। ସରକାର ଏଥିପାଇଁ ରାଜି ନହେବାରୁ ଉଭୟ ଗୃହକୁ ବାରମ୍ବାର ମୁଲତବୀ

**‘ବନ୍ଦେ ମାତରମ୍’ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ୮ ତାରିଖରେ ଲୋକସଭାରେ ହେବ ୧୦ ଘଣ୍ଟା ଆଲୋଚନା**

କରିବାକୁ ପଡ଼ିଥିଲା। ତେବେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ରାଜ୍ୟସଭାରେ ସୂଚନା ଦେଇଥିଲେ ଯେ ଏସ୍ଆଇଆର୍ ଉପରେ ଆଲୋଚନା ପାଇଁ ସରକାର ରାଜି ଅଛନ୍ତି। ଏହାର ସମୟକୁ ନେଇ ବିରୋଧୀ ସଭ୍ୟ ଜିଦ୍ ଧରିବା ଉଚିତ ନୁହେଁ।



ଏହାପରେ ସର୍ବଦଳୀୟ ବୈଠକ ସହିତ ଗୃହ ପରାମର୍ଶଦାତା କମିଟି ବୈଠକ ହୋଇଥିଲା। ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସ୍ଆଇଆର୍ ଉପରେ ୯ ତାରିଖରେ ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଥିଲା। ନିଷ୍ପତ୍ତି ଅନୁଯାୟୀ ‘ବନ୍ଦେ ମାତରମ୍’ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ୮ ତାରିଖରେ ଲୋକସଭାରେ ୧୦ ଘଣ୍ଟା ଆଲୋଚନା ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଲୋଚନାର ଆରମ୍ଭ କରିବେ। ଏହାର ପରବର୍ତ୍ତୀ ଦିନ ଅର୍ଥାତ୍ ୯ ତାରିଖରେ ଏସ୍ଆଇଆର୍ ଉପରେ ଲୋକସଭାରେ ଆଲୋଚନା କରାଯିବ। ଏଥିପାଇଁ ମଧ୍ୟ ୧୦ ଘଣ୍ଟା ସମୟ ଦିଆଯାଇଛି। ତେବେ ଗୃହ ଚାହିଁଲେ ▶ପୃଷ୍ଠା-୭

## ଆଉ ଜେଲ୍ ଯିବେନି ଜୁଆଡ଼ି

### ଜେଲ ବଦଳରେ କେବଳ ୫ ହଜାର ଟଙ୍କା ଜରିମାନା

■ ଭୁବନେଶ୍ୱର, ୨।୧୨ (ସମିସ): ଜୁଆ ଖେଳ ପାଇଁ ଆଉ ଜେଲ ଯିବାକୁ ପଡ଼ିବ ନାହିଁ। ଦଣ୍ଡସ୍ୱରୂପ ୫ ହଜାର ଟଙ୍କା ଦେଇ ଅଭିଯୁକ୍ତ ମୁକୁଳି ପାରିବ। ବିଧାନସଭାରେ ଓଡ଼ିଶା ଜନ ବିଶ୍ୱାସ ବିଲ ୨୦୨୫ ଆଜି ଅନୁମୋଦନ ଲାଭ ପରେ ଖୁବ୍ ଶୀଘ୍ର ଏହି ନିୟମ ପ୍ରଚଳନ ହେବ। ଯାହାକୁ ନେଇ ବିଧାନସଭାରେ ମୁହାଁମୁହିଁ ହୋଇଛନ୍ତି ଶାସକ ଓ ବିରୋଧୀ। ରାଜ୍ୟ ସରକାର ଏହାକୁ ସଂସ୍କାରମୂଳକ ପଦକ୍ଷେପ ବୋଲି ଅଭିହିତ କରିଥିବାବେଳେ



**ଜନବିଶ୍ୱାସ ବିଲ୍-୨୦୨୫କୁ ବିଧାନସଭାରେ ମଞ୍ଜୁରୀ**

**ବିଲ୍‌ରେ ୧୬ ମୂଳ ରାଜ୍ୟ ଆଇନରେ ହୋଇଛି ସଂଶୋଧନ**

**‘ଜନ ବିଶ୍ୱାସ’ ନୁହେଁ ‘ଜନ ବିଶ୍ୱାସଘାତକ’ ବିଲ୍: ବିରୋଧୀ**

ବିରୋଧୀ ଏହାକୁ ଜନ ବିଶ୍ୱାସ ନୁହେଁ ‘ଜନ ବିଶ୍ୱାସଘାତକ’ ବିଲ୍ ବୋଲି ଆକ୍ଷେପ କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଏହି ନୂଆ ଆଇନ ରାଜ୍ୟର ଜୁଆଡ଼ିଙ୍କୁ ଆନନ୍ଦିତ କରିଛି। ଜେଲ୍ ଦଣ୍ଡ ଉଠି ଯାଇଥିବାରୁ ଏବେ ହୋଟେଲ, କ୍ଲବ୍ ବା ଅନ୍ୟ ଯେଉଁଠି ଜୁଆ ଖେଳ ହୋଇ ପାରିବ ଓ ଲକ୍ଷଲକ୍ଷ ଟଙ୍କା ଲାଭ ବଦଳରେ ମାତ୍ର ୫ ହଜାର ଟଙ୍କା ଜୋରିମାନା ଦେଇ ମୁକୁଳିବା ବ୍ୟବସ୍ଥା ସେମାନଙ୍କୁ ଆଶ୍ୱସ୍ତ କରିଛି। ▶ପୃଷ୍ଠା-୭

**ପ୍ରଶ୍ନ ଘେରରେ ଏଲ୍‌ଟିଆର୍ ହିନ୍ଦି ଶିକ୍ଷକ ନିଯୁକ୍ତି**

## ଶହେରୁ ୧ ରଖିଲେ ପାସ୍

■ ଭୁବନେଶ୍ୱର, ୨।୧୨ (ସମିସ): ଚର୍ଚ୍ଚାରେ ଲିଭ୍ ଟ୍ରେନିଂ ରିଜର୍ଭ (ଏଲ୍‌ଟିଆର୍) ହିନ୍ଦୀ ଶିକ୍ଷକ ନିଯୁକ୍ତି ପାଇଁ ପ୍ରିଲିମିନାରୀ ପରୀକ୍ଷା ଫଳ। ଏଥିରେ ୧୦୦ ନମ୍ବରରୁ ୧ ନମ୍ବର ରଖିଥିବା ପ୍ରାର୍ଥୀମାନେ ମୁଖ୍ୟ ପରୀକ୍ଷା ପାଇଁ ମନୋନୀତ ହେବା ପରେ ଶିକ୍ଷା ବ୍ୟବସ୍ଥାକୁ ନେଇ ସ୍ୱାଭାବିକ ପ୍ରଶ୍ନ ଉଠିଛି। କୌତୂହଳର କଥା ହେଉଛି, କେବଳ ପୂର୍ବତନ ସରକାରୀ ଚାକିରିଆଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବର୍ଗର କଟ୍‌ଅଫ୍ ବା ସର୍ବନିମ୍ନ ମାର୍କ ୩୦ ତଳକୁ ରହିଛି।

ଏଲ୍‌ଟିଆର୍ ହିନ୍ଦୀ ଶିକ୍ଷକ ନିଯୁକ୍ତି ପାଇଁ ଗତ ୧୬ ତାରିଖରେ ହୋଇଥିବା ପ୍ରିଲିମିନାରୀ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ଏଥିରେ ଅନୁସୂଚିତ ଜାତି (ଏସ୍‌ସି) ବର୍ଗର କଟ୍‌ଅଫ୍ ସର୍ବନିମ୍ନ ୧ ମାର୍କ ରହିଛି। ଅର୍ଥାତ୍ ୧୦୦ ନମ୍ବରରୁ ୧ ନମ୍ବର ରଖିଥିବା ପରୀକ୍ଷାର୍ଥୀ ମୁଖ୍ୟ ପରୀକ୍ଷା ଦେବା ପାଇଁ ମନୋନୀତ ହୋଇଛନ୍ତି। ତେବେ ଏସ୍‌ସି ବର୍ଗର ମହିଳା ପ୍ରାର୍ଥୀଙ୍କ

**ପୁରୁଷ-ମହିଳା ପ୍ରାର୍ଥୀଙ୍କ କ୍ଷେତ୍ରରେ ବି ତାରତମ୍ୟ**

**ସର୍ବନିମ୍ନ ମାର୍କ ପାଇଁ ବେଞ୍ଚମାର୍କ ନିର୍ଦ୍ଧାରଣ ଜରୁରୀ: ବିଶେଷଜ୍ଞ**

କଟ୍‌ଅଫ୍ ମାର୍କ ୨.୫ ରଖାଯାଇଛି। ଗୋଟିଏ ବର୍ଗର ପୁରୁଷ ଓ ମହିଳା ପ୍ରାର୍ଥୀଙ୍କ ମଧ୍ୟରେ ଏପରି ପ୍ରଭେଦ ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଅନୁସୂଚିତ ଜନଜାତି ପ୍ରାର୍ଥୀଙ୍କ କଟଅଫ୍ ୨.୭୫ ଯାଇଥିବା ବେଳେ ମହିଳା ପ୍ରାର୍ଥୀଙ୍କ ୩ ରହିଛି। ଏସ୍‌ଇବିସି ପ୍ରାର୍ଥୀଙ୍କ କଟଅଫ୍ ୨୩.୫ ଏବଂ ସାଧାରଣ ବର୍ଗଙ୍କ କଟ୍‌ଅଫ୍ ୨୯ ମାର୍କ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନୂତନ ପ୍ରାର୍ଥୀଙ୍କ ଠାରୁ ପୂର୍ବତନ ସରକାରୀ କର୍ମଚାରୀଙ୍କ କଟଅଫ୍ ଅଧିକ ଅର୍ଥାତ୍ ୩୦ ମାର୍କ ରହିଛି।

ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ସାମାଜିକ ଗଣମାଧ୍ୟମରେ ଏହାର କଟଅଫ୍ ମାର୍କ ଭାଇରାଲ୍ ହେଉଛି। ଅନେକ ଏହାକୁ ସେୟାର କରିବା ସହ ରାଜ୍ୟର ଶିକ୍ଷା ବ୍ୟବସ୍ଥାର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଯେଉଁ ପ୍ରାର୍ଥୀ ୧୦୦ ମାର୍କରେ ମାତ୍ର ୧ ମାର୍କ ରଖି ଚାକିରି ପାଇବେ, ▶ପୃଷ୍ଠା-୭

## ନକଲି ଔଷଧର ଡିପୋ ଓଡ଼ିଶା

**ନାମୀଦାମୀ କମ୍ପାନୀ ନାମରେ ବିକ୍ରି ହେଉଛି ନକଲି**

■ ଭୁବନେଶ୍ୱର, ୨।୧୨ (ସମିସ): ବଜାରରେ ଏବେ ନାମୀଦାମୀ କମ୍ପାନୀର ପୁଳାପୁଳା ନକଲି ଏବଂ ନିମ୍ନମାନର ମେଡିସିନ ଉପଲବ୍ଧ ହେଉଛି। ଔଷଧ ଦୋକାନୀ, ଡ଼ିଲରମାନେ ଏହାକୁ ପ୍ରୋତ୍ସାହିତ କରୁଛନ୍ତି; ସାଧାରଣ ଗରିବ ରୋଗୀଙ୍କୁ ଶୋଷଣ କରୁଛନ୍ତି। ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ ହେଉଥିବାବେଳେ ଖୋଦ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଏହାକୁ ସ୍ୱୀକାର କରିଛନ୍ତି। ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ବିଧାନସଭାରେ ୪ ବର୍ଷରେ ୧୬୮ଟି ନକଲି ଓ ୩୮୮ଟି ନିମ୍ନମାନର ଔଷଧ ଧରା ପଡ଼ିଥିବା ସଂକ୍ରାନ୍ତ ପ୍ରଦାନ କରିଥିବା ସୂଚନା ରାଜ୍ୟବାସୀଙ୍କୁ ହତବାକ୍ କରି ଦେଇଛି। ଭଲ କମ୍ପାନୀର ଦାମୀ ଔଷଧ ମନେକରି ଯେଉଁ ଔଷଧ ଖାଇଛନ୍ତି, ତାହା ଯେ ନକଲି ଓ ନିମ୍ନମାନର ଏ କଥା ଜାଣିବା ପରେ ରୋଗୀ ଓ ସେମାନଙ୍କ ପରିବାର ଚିନ୍ତାରେ ପଡ଼ିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାଜ୍ୟରେ ସରକାର ପରିବର୍ତ୍ତନ ପରେ ମଞ୍ଚର ଧରପଗଡ଼ ଯୋଗୁଁ ରାଜ୍ୟରେ ତୁଳନାତ୍ମକ ଭାବରେ



**୧୬୮ ନକଲି, ୩୮୮ ନିମ୍ନମାନର ଔଷଧ ଜବତ**

**ବିଧାନସଭାରେ ସାଂଘାତିକ ତଥ୍ୟ ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ**

**ଉଦ୍‌ବେଗ ପ୍ରକାଶ କଲେ ଉଭୟ ଶାସକ-ବିରୋଧୀ**

ନକଲି ଓ ନିମ୍ନମାନର ଔଷଧ ଧରାପଡ଼ିଛି।

ବିଧାସଭାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମହାଲିଙ୍ଗଙ୍କ ସୂଚନା ଅନୁସାରେ ୨୦୨୧-୨୨ ମସିହାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ମୋଟ ୭୯ଟି ନକଲି ମେଡିସିନ ଚିହ୍ନଟ କରାଯାଇ ଜବତ ହୋଇଥିଲା ଓ ୮୩ଟି ନିମ୍ନମାନର ମେଡିସିନକୁ ମଧ୍ୟ ଜବତ କରାଯାଇଥିଲା। ୨୦୨୨-୨୩ରେ ୬୪ଟି ନକଲି ମେଡିସିନ ଏବଂ ୧୫୬ଟି ନିମ୍ନ ମାନର ମେଡିସିନ ସରକାର ଜବତ କରିଥିଲେ। ୨୦୨୩-୨୪ରେ ୧୪ଟି ନକଲି ମେଡିସିନ ଓ ୬୯ଟି ନିମ୍ନ ମାନର ମେଡିସିନ ଚିହ୍ନଟ କରାଯାଇ ଜବତ କରାଯାଇଥିଲା। ସେହିପରି ୨୦୨୪- ▶ପୃଷ୍ଠା-୭





90 YEARS TRUST IS TIMELESS | 100% Certified Natural Diamonds | Superior Quality & Excellent Cuts | Free Insurance on Diamonds | Assured Lifetime Maintenance | 100% HUID Hallmarked | 100% Exchange | Non-conflict Diamonds | Lowest Price Per Carat | Lifetime Buyback Guarantee

**BHUBANESWAR:** Janpath | Chandrasekharpur | Samantarapur | Soubhagya Nagar | **ANGUL:** Shankar Cinema Hall Road **BERHAMPUR:** Venkatraju Arcade, Sano Bazar
**CUTTACK:** 558/834, Cantonment Road **JHARSUGUDA:** Sarbahal Road, Marwari Para **PURI:** Opp. Police Line, VIP Road **ROURKELA:** Kesar Bhawan, Main Road **JAJPUR ROAD:** Opening Soon

Follow us on: 1800 3131 777 Khimjijewellers.com

# କୋଟିଏ ଦିଅ, ମୁଁ ତୁମକୁ ୧୧୨୫୦ ଭୋଟ ଦେବି

## ଇଭିଏମ୍ 'ମେସିନ ଡିଲ'ର ଅଡିଓ କ୍ଲିପ୍ ଭାଇରାଲ

ମୁମ୍ବଇ, ୨।୧୨ (ଏଜେନ୍ସି): ମହାରାଷ୍ଟ୍ର, ହରିୟାଣା ଆଦି ନିର୍ବାଚନରେ ଭୋଟ ଚୋରି ହୋଇଛି ବୋଲି ବିରୋଧୀ ଅଭିଯୋଗ କରିଆସୁଛନ୍ତି । ଏହାକୁ ନେଇ ସଡ଼କଠାରୁ ସଂସଦ ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଜାଲିଆତି କରି ନିର୍ବାଚନରେ ବିଜେପି ବିଜୟୀ ହେଉଛି ବୋଲି କହୁଛନ୍ତି । ଏପରି ସମୟରେ ମହାରାଷ୍ଟ୍ର ଚାନ୍ଦୱାଡ ପୌର ପରିଷଦ ନିର୍ବାଚନର କିଛି ଘଣ୍ଟା ପୂର୍ବରୁ ଜାରି ଏକ ଅଡିଓ କ୍ଲିପ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି । ଏହା ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ ହେବାରେ ଲାଗିଛି । ଏଥିରେ କୁହାଯାଉଛି ଯେ 'ଇଭିଏମ ମେସିନ୍ ପରିଚାଳକଙ୍କ ସହ କଥା ହୋଇସାରିଛୁ । କୋଟିଏ ଟଙ୍କା ଦେଲେ ଆମେ ତୁମକୁ ୧୧,୨୫୦ ଭୋଟ ଦେବୁ । ବିଚଳିତ କରିବା ଭଳି ଏହି ଅଫର ସାମ୍ନାକୁ ଆସିବା ପରେ ଚାନ୍ଦୱାଡରେ ରାଜନୀତି ସରଗରମ ହୋଇ ଉଠିଛି । ମେୟର ପଦ ପାଇଁ ଲଢୁଥିବା ସ୍ୱାଧୀନ ପ୍ରାର୍ଥୀ ରାକେଶ ଅହିରେ ମାମଲାର ପର୍ଦ୍ଦାଫାସ କରିଛନ୍ତି । ସେ କହିଛନ୍ତି ଯେ ଶକ୍ତି ବିଳାସ ଢୋମସେ ନାମକ ଜଣେ ବ୍ୟକ୍ତି ତାଙ୍କୁ ଫୋନ୍ କରିଥିଲା । ଟଙ୍କା ବଦଳରେ ଇଭିଏମ୍‌ରେ ଜାଲିଆତି କରି ଭୋଟ ଦେବାର ଲୋଭ ଦେଖାଇ ଥିଲା । ଏହାକୁ ନେଇ ସେ ଥାନାରେ ଅଭିଯୋଗ ଦାଏର କରିଥିଲେ । ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ମଧ୍ୟ ସେ ଏହାର ପ୍ରମାଣ ଦାଖଲ କରିଛନ୍ତି । ଅଡିଓ କ୍ଲିପ୍ ଭାଇରାଲ ହେବା ପରେ ପୁଲିସ ମାମଲାର ତଦନ୍ତ ଆରମ୍ଭ କରିଛି । ମଙ୍ଗଳବାର ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ତା ପୂର୍ବରୁ ଭାଇରାଲ ଏହି ଅଡିଓ ପ୍ରଶାସନ ସାମ୍ନାରେ ବଡ଼ ଆହ୍ୱାନ ସୃଷ୍ଟି କରିଛି । ଭାଇରାଲ ଅଡ଼ିଓରେ ଧୋମସେ ଦାବି କରିଥିଲେ ଯେ ବିଜେପିର ମେୟର ପ୍ରାର୍ଥୀ ବୈଭବ ବାଗୁଲ ନିର୍ବାଚନରେ ଠିକ୍ ୧୩,୬୪୨ ଭୋଟ ପାଇବେ । ରାକେଶ ସନ୍ଦେହ କରିବାରୁ ଧୋମସେ ଉତ୍ତରରେ କହିଥିଲେ ଯେ, ଆମେ ପୂର୍ବରୁ ଇଭିଏମ ପରିଚାଳକଙ୍କ ସହ କଥା ହୋଇସାରିଛୁ । ତେଣୁ ଗଣନା ସମ୍ପୂର୍ଣ୍ଣ ସଠିକ । ସେହି ବ୍ୟକ୍ତି ରାକେଶଙ୍କୁ ମଧ୍ୟ ସମାନ ପ୍ରସ୍ତାବ ଦେଇଥିଲେ । ଯଦି ତୁମେ କୋଟିଏ ଟଙ୍କା ଦେବ ତେବେ ତୁମ ପାଇଁ ୧୧,୨୫୦ ଭୋଟ୍ ସଂଗ୍ରହ କରାଯିବ ।



# ଶ୍ରୀଲଙ୍କାକୁ ଏକ୍ସପାଏରୀ ରିଲିଫ୍ ପଠାଇଲା ପାକିସ୍ତାନ

ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ଶ୍ରୀଲଙ୍କାରେ ବାତ୍ୟା 'ଦିତୱା' ବିପର୍ଯ୍ୟୟ ସୃଷ୍ଟି କରିଛି । ଏହା ୩୫୦ରୁ ଅଧିକ ଲୋକଙ୍କ ଜୀବନ ନେଇଛି । ଶତାଧିକ ନିଖୋଜ ଅଛନ୍ତି । ଭିତ୍ତିଭୂମି ବିପର୍ଯ୍ୟସ୍ତ ହୋଇଯାଇଛି । ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସ୍ଥିତିକୁ ଦେଖି ସରକାର ଏମର୍ଜେନ୍ସି ଘୋଷଣା କରିଛନ୍ତି । ଏପରି ସମୟରେ ଶ୍ରୀଲଙ୍କାକୁ ସହାୟତା କରିବା ପାଇଁ ଅନେକ ରାଷ୍ଟ୍ର ଆଗକୁ ଆସୁଛନ୍ତି । ଏହି କ୍ରମରେ ମାନବିକତା ପ୍ରଦର୍ଶନ କରି ଭାରତ ପାକିସ୍ତାନ ନିମନ୍ତେ ବାୟୁସୀମା ଖୋଲି ଦେଇଛନ୍ତି । ପହଲଗାମ ଆକ୍ରମଣ ପରେ ପ୍ରଥମ ଥର ପାଇଁ ଭାରତ ଏହି ପଦକ୍ଷେପ ନେଇଛି । ଶ୍ରୀଲଙ୍କାକୁ ରିଲିଫ ପଠାଇବା ପାଇଁ ପାକିସ୍ତାନ ସରକାର ଅନୁରୋଧ କରିଥିଲେ । ତେଣୁ ସୋମବାର ଦ୍ୱିପହର ଗୋଟାଏରୁ ୫ ଘଣ୍ଟା ନିମନ୍ତେ ଏଥିପାଇଁ ଅନୁମତି ଦିଆଯାଇଥିଲା । ଅନ୍ୟପଟେ ଶ୍ରୀଲଙ୍କାକୁ ରିଲିଫ୍ ସାମଗ୍ରୀ ପଠାଉଥିବା ପାକିସ୍ତାନ ପୁଣି ଏକ ଘୃଣ୍ୟ କାର୍ଯ୍ୟ କରିଛି । ଶ୍ରୀଲଙ୍କାକୁ ଅବଧି ଶେଷ ହୋଇଯାଇଥିବା (ଏକ୍ସପାଏରି) ରିଲିଫ୍ ସାମଗ୍ରୀ ପଠାଇଛି । ଏହାର ଭିଡିଓ ଏବଂ ଫଟୋ ଖୁବ ଭାଇରାଲ ହେବାରେ ଲାଗିଛି । ପ୍ରଶଂସା ପାଇଁ ପାକିସ୍ତାନ ଏହି ସାମଗ୍ରୀର ଫଟୋ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲା । ମାତ୍ର ଏହା ଇସଲାମାବାଦର ପୋଲ ଖୋଲି ଦେଇଛି । ସୂଚନା ଅନୁଯାୟୀ ହଳଦିଆ ପ୍ୟାକେଟରେ ପ୍ୟାକ୍ ହୋଇଥିବା ରିଲିଫ୍ ସାମଗ୍ରୀ ଅଗଷ୍ଟ ୨୦୨୨ରେ ପ୍ୟାକ୍ ହୋଇଥିଲା । ୨୦୨୪ ଅଗଷ୍ଟରେ ଏହାର ବ୍ୟବହାର ଅବଧି ଶେଷ ହୋଇଥିଲା । ବର୍ଷେରୁ ଅଧିକ ଦିନ ବିତି ଯିବା ପରେ ଶ୍ରୀଲଙ୍କାକୁ ଏହି ପ୍ୟାକେଟ ପଠାଇ ପାକିସ୍ତାନ ପୁଣି ନିଜର ଅନ୍ତର୍ଜାତୀୟ ବେଇଜତି କରିଛି ।



# ପ୍ରଧାନମନ୍ତ୍ରୀଙ୍କ ବାସଭବନ ହେଲା 'ସେବା ତୀର୍ଥ'

ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ)ର ନାମକୁ କେନ୍ଦ୍ର ସରକାର ବଦଳାଇ ଦେଇଛନ୍ତି । ପିଏମଓର ନୂଆ ନାମ ସେବା ତୀର୍ଥ ରଖାଯାଇଛି । ସେହିପରି ସାରା ଦେଶରେ ଥିବା ରାଜ ଭବନ କୋଠାଗୁଡ଼ିକୁ ଏବେ ଲୋକ ଭବନ କୁହାଯିବ । ଏହା ବ୍ୟତୀତ କେନ୍ଦ୍ରୀୟ ସଚିବାଳୟକୁ କର୍ତ୍ତବ୍ୟ ଭବନ ଭାବେ ପରିଚିତ ହେବ । ପିଏମଓ ଅଧିକାରୀଙ୍କ ସୂଚନା ଅନୁଯାୟୀ, ସାର୍ବଜନୀନ ପ୍ରତିଷ୍ଠାନରେ ଏକ ବଡ଼ ପରିବର୍ତ୍ତନ ଘଟୁଛି । ଆମେ କ୍ଷମତାରୁ ସେବାକୁ ଯାଉଛୁ । ଏହି ପରିବର୍ତ୍ତନ ପ୍ରଶାସନିକ ନୁହେଁ, ବରଂ ସାଂସ୍କୃତିକ । ଏହା ପୂର୍ବରୁ କେନ୍ଦ୍ର ସରକାର ରାଜପଥକୁ କର୍ତ୍ତବ୍ୟ ପଥ ନାମରେ ନାମିତ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନକୁ ରେସ କୋର୍ସ ରୋଡ୍ ମଧ୍ୟ କୁହାଯାଉଥିଲା, ଯାହାକୁ ୨୦୧୬ରେ ଲୋକ କଲ୍ୟାଣ ମାର୍ଗ ଭାବରେ ନାମିତ କରାଯାଇଥିଲା ।ଗତବର୍ଷ ରାଜ୍ୟପାଳ ସମ୍ମିଳନୀରେ ହୋଇଥିବା ଆଲୋଚନାକୁ ଉଦ୍ଧୃତ କରି କେନ୍ଦ୍ର ଗୃହ ମନ୍ତ୍ରଣାଳୟ କହିଛି ଯେ ରାଜଭବନ ନାମ ଏକ ଉପନିବେଶବାଦୀ ମାନସିକତାକୁ ପ୍ରତିଫଳିତ କରୁଛି । ତେଣୁ ରାଜ୍ୟପାଳ ଏବଂ ଉପରାଜ୍ୟପାଳଙ୍କ କାର୍ଯ୍ୟାଳୟ ଏବେ ଲୋକଭବନ ଏବଂ ଲୋକନିବାସ ଭାବେ ପରିଚିତ ହେବ ।

# ଦିଲ୍ଲୀ ବିସ୍ଫୋରଣ ଆତଙ୍କୀ ଦାନିଶର ହମାସ ଲିଙ୍କ

ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ଦିଲ୍ଲୀ ବିସ୍ଫୋରଣକୁ ନେଇ ଦିନକୁ ଦିନ ବିସ୍ଫୋରକ ସୂଚନା ସାମ୍ନାକୁ ଆସୁଛି । ପାଲେଷ୍ଟାଇନର ଆତଙ୍କବାଦୀ ସଂଗଠନ ହମାସ ସହ ଆତଙ୍କବାଦୀ ଅଭିଯୁକ୍ତ ଦାନିଶର ସମ୍ପର୍କ ଥିବା ଜଣାପଡ଼ିଛି । ସେ କ୍ରମାଗତ ଭାବେ ଡ୍ରୋନ ଜ୍ଞାନକୌଶଳ ଏବଂ ଅସ୍ତ୍ରଶସ୍ତ୍ର ଉପରେ କାମ କରୁଥିଲା ବୋଲି ହ୍ୱାଟସଆପ୍‌ର ରିକଭରି ଡାଟାରୁ ଜଣାପଡ଼ିଛି । ତା ଫୋନରୁ ବିଭିନ୍ନ ଡ୍ରୋନ୍‌ର ଫଟୋଗ୍ରାଫ୍ ମିଳିଛି । ଏଥିରେ ହମାସ୍ ବ୍ୟବହାର କରୁଥିବା ଡ୍ରୋନ୍‌ର ଡିଜାଇନ୍ ମଧ୍ୟ ସାମିଲ ରହିଛି । ଜେରା ସମୟରେ ଡ୍ରୋନ ଆକ୍ରମଣ ପାଇଁ ପ୍ରସ୍ତୁତ କରୁଥିଲା ବୋଲି ଦାନିଶ ସ୍ୱୀକାର କରିଛି । ୨୫ କିଲୋମିଟର ପର୍ଯ୍ୟନ୍ତ ଆକ୍ରମଣ କରି ପାରୁଥିବା ହାଲୁକା ଡ୍ରୋନ୍ ବିକଶିତ କରିବାକୁ ସେ ପ୍ରୟାସ କରୁଥିଲା । ତା ଫୋନରୁ ଡ୍ରୋନ୍‌ର ଫଟୋଗ୍ରାଫ୍ ସହିତ ରକେଟ୍ ଲଞ୍ଚରର ଅନେକ ଚିତ୍ର ମିଳିଛି । ଅନ୍ୟପକ୍ଷରେ ଫରିଦାବାଦ ଆତଙ୍କବାଦୀ ମଡ୍ୟୁଲରେ ସାମିଲ ମହିଳା ଡାକ୍ତର ସାହିନ ସୈୟିଦ ବିଷୟରେ ନୂଆ ସୂଚନା ମିଳିଛି । ଦିଲ୍ଲୀ ବିସ୍ଫୋରଣ ପରେ ତାକୁ ଗିରଫ କରାଯାଇଥିଲା । ପରବର୍ତ୍ତୀ ସମୟରେ ଅଲ୍-ଫଲାହ ବିଶ୍ୱବିଦ୍ୟାଳୟରେ ପାର୍କିଂ ହୋଇଥିବା ତାର ବ୍ରେଜା କାରରୁ ଏକ କ୍ରିନକୋଭ ଆସଲ୍ଟ ରାଇଫଲ୍ ଏବଂ ବିଦେଶୀ ପିସ୍ତଲ ଉଦ୍ଧାର କରାଯାଇଥିଲା । ନଭେମ୍ବର ୧୩ ତାରିଖରେ ଜବତ ଏହି କାର୍‌କୁ ସେପ୍ଟେମ୍ବର ୨୫ରେ କିଣା ଯାଇଥିଲା । ଏହି ମାମଲାରେ ଏନ୍‌ଆଇଏ ଏ ପର୍ଯ୍ୟନ୍ତ ଅଲ-ଫଲାହର ୩୦ ଡାକ୍ତରଙ୍କୁ ଜେରା କଲାଣି ।

# ବିଜେପିର ପ୍ରେମ କୁମାର ବିହାର ବାଚସ୍ପତି

ପାଟନା, ୨।୧୨ (ଏଜେନ୍ସି): ବିହାରରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଜେଡିୟୁ ବଡ଼ ଝଟ୍‌କା ଲାଗିଛି । ବିଜେପି ବିଧାୟକ ପ୍ରେମ କୁମାର ନିର୍ଦ୍ୱନ୍ଦ୍ୱରେ ବିହାରର ନୂଆ ବାଚସ୍ପତି ନିର୍ବାଚିତ ହୋଇଛନ୍ତି । ସେ ଆଜି ଶପଥ ଗ୍ରହଣ କରିଛନ୍ତି । ଏଥିପାଇଁ ନୀତୀଶ କୁମାର ଏବଂ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ତାଙ୍କୁ ବାଚସ୍ପତିଙ୍କ ଆସନ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ପ୍ରେମ କୁମାର ସୋମବାର ନାମାଙ୍କନ ଦାଖଲ କରିଥିଲେ । ତାଙ୍କ ବିରୋଧରେ ବିରୋଧୀ କାହାକୁ ପ୍ରାର୍ଥୀ କରି ନ ଥିଲେ । ପ୍ରେମ କୁମାର ଦୀର୍ଘ ସମୟ ଧରି ସକ୍ରିୟ ରାଜନୀତିରେ ଅଛନ୍ତି । ସେ ୯ମ ଥର ପାଇଁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି । ଏଥିସହିତ ବିହାର ରାଜନୀତିରେ ବିଜେପିର କ୍ଷମତା ବଢ଼ି ଚାଲିଥିବାବେଳେ ଜେଡ଼ିୟୁର ହ୍ରାସ ପାଇ ଚାଲିଛି । ନୀତୀଶ ମୁଖ୍ୟମନ୍ତ୍ରୀ ହୋଇଥିଲେ ବି ସରକାରର ପ୍ରମୁଖ ପଦପଦବୀ ବିଜେପି ହାତରେ ରହିଛି । ଉପ-ମୁଖ୍ୟମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ ପଦ ପରେ ବାଚସ୍ପତି ବି ବିଜେପି କୋଟାରୁ ହୋଇଛନ୍ତି । ବାଚସ୍ପତିଙ୍କ ପାଖରେ ଅଖଣ୍ଡ କ୍ଷମତା ଥାଏ । ତେଣୁ ଏହି ପଦକୁ ନେଇ ଜେଡିୟୁ ଏବଂ ବିଜେପି ମଧ୍ୟରେ ଟଣାଓଟରା ଜାରି ରହିଥିଲା । ଶେଷରେ ଏହି ପଦ ବିଜେପିକୁ ଦେବାକୁ ଜେଡିୟୁ ରାଜି ହୋଇଥିଲା । ଦଳ ବଦଳ କ୍ଷେତ୍ରରେ ବାଚସ୍ପତିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । କୌଣସି ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିବାର ଅଧିକାର ତାଙ୍କ ପାଖରେ ରହିଛି । ପୂର୍ବରୁ ଅନେକ ଥର ନୀତୀଶ କୁମାର ପଟ୍ଟ ପରିବର୍ତ୍ତନ କରିଥିବାର ନଜର ରହିଛି । ଏହାକୁ ଦେଖିଲେ ବାଚସ୍ପତି ପଦ ବିଜେପି ହାତକୁ ଯିବା ଅନେକ କିଛି ବାର୍ତ୍ତା ଦେଉଛି ।

# ଏବେ 'ସଂଚାର ସାଥୀ' ଝଡ଼

- ଗୁଣ୍ଡାଗିରି ପାଇଁ ସରକାରୀ ଚାଲ: ବିରୋଧୀ
- ବିବାଦ ପରେ ନଇଁଲେ ସରକାର
- ଆପ୍ ହଟାଇ ପାରିବେ ବ୍ୟବହାରକାରୀ

ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ସବୁ ମୋବାଇଲ ଫୋନ୍‌ରେ ସାଇବର ସିକ୍ୟୁରିଟି ଆପ୍ 'ସଞ୍ଚାର ସାଥୀ'କୁ ପ୍ରିଇନଷ୍ଟଲ କରିବା ପାଇଁ କମ୍ପାନୀଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏକ ସଫ୍ଟୱେର ଅପଡେଟ ମାଧ୍ୟମରେ ପୁରୁଣା ଫୋନ୍‌ରେ ମଧ୍ୟ ଏହାକୁ ଇନଷ୍ଟାଲ କରିବାକୁ କହିଛନ୍ତି ।ଏଥିପାଇଁ ୯୦ ଦିନ ସମୟ ଦେଇଥିଲେ । ତେବେ ଏହାକୁ ନେଇ ବିବାଦ ଆରମ୍ଭ ହୋଇଛି । ସରକାରଙ୍କ ଏହି ନିଷ୍ପତ୍ତିକୁ କଂଗ୍ରେସ ସମେତ ସବୁ ବିରୋଧୀ ଦଳଗୁଡ଼ିକ ତୀବ୍ର ବିରୋଧ କରିଛନ୍ତି । ଏହାକୁ ଇସ୍ରାଇଲ ସ୍ପାଇୱେର ପେଗାସସର ଉନ୍ନତ ସଂସ୍କରଣ କହିଛନ୍ତି । ସରକାର ଗୁଇନ୍ଦାଗିରି କରିବାକୁ ଚାହୁଁଥିବା ବିରୋଧୀ ଅଭିଯୋଗ ଲଗାଇଛନ୍ତି । କଂଗ୍ରେସ ସାଂସଦ ପ୍ରିୟଙ୍କା ଭଦ୍ରା କହିଛନ୍ତି ଯେ ଏଭଳି ପଦକ୍ଷେପ ଗୋପନୀୟତା ଉପରେ ପ୍ରତ୍ୟକ୍ଷ ଆକ୍ରମଣ ସହ ସମାନ । ଏହା ଏକ ଗୁଇନ୍ଦା ଆପ୍ । ସରକାର ପ୍ରତ୍ୟେକ ନାଗରିକଙ୍କ ଉପରେ ନଜର ରଖିବାକୁ ଚାହୁଁଛନ୍ତି । ସାଇବର ଠକେଇର ରିପୋର୍ଟିଂ ପାଇଁ ବ୍ୟବସ୍ଥା ଜରୁରୀ । ମାତ୍ର ସରକାରଙ୍କ ନୂଆ ନିର୍ଦ୍ଦେଶ ବ୍ୟକ୍ତିଗତ ଜୀବନରେ ଅନାବଶ୍ୟକ ଦଖଲ ଦେବା ସହ ସମାନ ।

କଂଗ୍ରେସ ନେତା କେସି ବେଣୁଗୋପାଳ ଏହି ନିର୍ଦ୍ଦେଶକୁ ସମାଲୋଚନା କରିଥିବାବେଳେ ସାଂସଦ ରେଣୁକା ଚୌଧୁରୀ ଗୃହରେ ମୁଲତବୀ ନୋଟିସ ଦେଇଛନ୍ତି । ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗରେ ବାହାରେ ନୁହେଁ, ସଂସଦ ଭିତରେ କହିବେ ବୋଲି ଉଲ୍ଲେଖ କରିଛନ୍ତି । କଂଗ୍ରେସ ସାଂସଦ ଶଶୀ ଥରୁର କହିଛନ୍ତି ଯେ ସଞ୍ଚାର ସାଥୀ ଆପର ବ୍ୟବହାର ଇଚ୍ଛାଧୀନ ହେବା ଉଚିତ । ଯାହାର ଆବଶ୍ୟକତା ହେବ ସେ ଏହାକୁ ଡାଉନଲୋଡ କରିପାରିବେ । ଗଣତନ୍ତ୍ରରେ କୌଣସି ବିଷୟକୁ ଜୋର ଜବରଦସ୍ତି ଲାଗୁ କରିବା ଚିନ୍ତାର ବିଷୟ । ଗଣମାଧ୍ୟମ ମାଧ୍ୟମରେ ନିର୍ଦ୍ଦେଶ ଜାରି କରିବା ପରିବର୍ତ୍ତେ ଏହାକୁ ଲାଗୁ କରିବା ପଛରେ କ'ଣ କାରଣ ରହିଛି ତାହା ଲୋକଙ୍କୁ ସରକାର ଜଣାଇବା ଉଚିତ । କେସି ବେଣୁଗୋପାଳ କହିଛନ୍ତି ଯେ ଏହା ସାଧାରଣ ଲୋକଙ୍କ ଗୋପନୀୟତା ଉପରେ ପ୍ରତ୍ୟକ୍ଷ ଆକ୍ରମଣ ସହ ସମାନ । ସହାୟତା ନାମରେ ବିଜେପି ଲୋକଙ୍କ ବ୍ୟକ୍ତିଗତ ସୂଚନା ନେବାକୁ ଚାହୁଁଛି । ଭାରତରେ ଆମେ ପେଗାସସ୍ ଭଳି ମାମଲା ଦେଖିଛୁ । ବର୍ତ୍ତମାନ ଏହି ଆପ ମାଧ୍ୟମରେ ନାଗରିକଙ୍କ ଉପରେ ନଜର ରଖିବାକୁ ଚେଷ୍ଟା କରାଯାଉଛି । କଂଗ୍ରେସ ସାଂସଦ ରେଣୁକା ଚୌଧୁରୀଙ୍କ ଅନୁଯାୟୀ, ଗୋପନୀୟତା ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର । ସିପିଆଇ-ଏମ୍ ସାଂସଦ ଜନ୍ ବ୍ରିଟାସ୍ କହିଛନ୍ତି ଯେ ମୋବାଇଲରେ ଏହି ଆପ୍ ଇନଷ୍ଟଲ ଲୋକଙ୍କ ଗୋପନୀୟତାର ସିଧାସଳଖ ଉଲ୍ଲଙ୍ଘନ ଏବଂ ସୁପ୍ରିମକୋର୍ଟଙ୍କ ୨୦୧୭ ରାୟ ବିରୋଧୀ । ଏହି ଆପକୁ ହଟାଯାଇପାରିବ ନାହିଁ, ଅର୍ଥାତ୍ ୧୨୦ କୋଟି ମୋବାଇଲ ଫୋନରେ ଏହାକୁ ବାଧ୍ୟତାମୂଳକ କରାଯାଉଛି । ଆମେ କ'ଣ କରୁଛୁ ଏବଂ କ'ଣ ଚାହୁଁଛୁ ତାହା ସରକାର ଜାଣିବାକୁ ଚାହାନ୍ତି । କଂଗ୍ରେସ ସାଂସଦ କାର୍ତ୍ତି ଚିଦମ୍ବରମ ଏହାକୁ 'ପେଗାସସ୍ ପ୍ଲସ ପ୍ଲସ' କହିଛନ୍ତି । ବଡ଼ ଭାଇ ଆମ ଫୋନ ଏବଂ ଜୀବନକୁ କବ୍‌ଜା କରିନେବ । ଏହାର କାରଣ କ'ଣ ବୋଲି କାର୍ତ୍ତି ପଚାରିଛନ୍ତି ।

ସଞ୍ଚାର ସାଥୀକୁ ନେଇ ବିବାଦ ବଢ଼ିବା ପରେ କେନ୍ଦ୍ର ପଛଘୁଞ୍ଚା ଦେଇଛି । ଦୂରସଞ୍ଚାର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ ଏହି ଆପ୍‌କୁ ବାଧ୍ୟତାମୂଳକ କରାଯିବ ନାହିଁ । ବ୍ୟବହାରକାରୀ ଚାହିଁଲେ ଏହାକୁ ହଟାଇ ପାରିବେ । ଏହା ଇଚ୍ଛାଧୀନ ରହିବ । ସମସ୍ତଙ୍କୁ ଏହି ଆପ୍ ସହ ପରିଚିତ କରାଇବା ଆମର କର୍ତ୍ତବ୍ୟ । ଏହାକୁ ନିଜ ଫୋନରେ ରଖିବେ କି ନାହିଁ ତାହା ବ୍ୟବହାରକାରୀଙ୍କ ଉପରେ ନିର୍ଭର କରୁଛି ।




## ମେସେଜ, ଓଟିପି ପଢ଼ିପାରିବ ଆପ୍

ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ଏହି ଆପ୍ ମାଧ୍ୟମରେ ସରକାର ସାଇବର ଠକେଇ ଏବଂ ଜାଲିଆତିକୁ ରୋକିବାକୁ ଚାହୁଁଛନ୍ତି । ଏବେ ଏହା ଆପଲ ଏବଂ ଗୁଗୁଲ ପ୍ଲେ ଷ୍ଟୋରରେ ଉପଲବ୍ଧ ରହିଛି । କିନ୍ତୁ ଏବେ ନୂଆ ଫୋନରେ ସରକାର ଏହାକୁ ବାଧ୍ୟତାମୂଳକ କରିଦେଇଛନ୍ତି । ବ୍ୟବହାରକାରୀଙ୍କ କଲ୍, ମେସେଜ ଏବଂ ହ୍ୱାଟସ୍‌ଆପ ଚାଟ୍ ରିପୋର୍ଟ କରିବାରେ ଏହା ସହାୟତା କରିବ । ଆଇଏମଇଆଇ ନମ୍ବର ଚେକ୍ କରି ଚୋରି କିମ୍ବା ହଜି ଯାଇଥିବା ଫୋନକୁ ବ୍ଲକ କରିଦେବ । ଏବେ ଦେଶରେ ୧.୨ ବିଲିୟନରୁ ଅଧିକ ମୋବାଇଲ ବ୍ୟବହାରକାରୀ ଅଛନ୍ତି । କିନ୍ତୁ ଜାଲ୍ ଆଇଏମଇଆଇ ନମ୍ବର ଯୋଗୁଁ ସାଇବର କ୍ରାଇମ ବଢ଼ିବାରେ ଲାଗିଛି । ଆଇଏମଇଆଇନ ନମ୍ବରକୁ କ୍ଲୋନ କରି ଅପରାଧୀ ଟ୍ରାକ୍ ହେବାରୁ ବର୍ତ୍ତି ଯାଉଛନ୍ତି । ସଞ୍ଚାର ସାଥି ଆପ୍ ପୁଲିସକୁ ଡିଭାଇସ ଟ୍ରେସ କରିବାରେ ସହାୟତା ଦେବ । ସେପ୍ଟେମ୍ବର ସୁଦ୍ଧା ଏହା ମାଧ୍ୟମରେ ୨୨.୭୬ ଲକ୍ଷ ଡିଭାଇସ ଟ୍ରେସ କରାଗଲାଣି ବୋଲି ଡିଓଟି ବିଭାଗ ପକ୍ଷରୁ କୁହାଯାଇଥିଲା । ତେବେ ବିଶେଷଜ୍ଞଙ୍କ ଅନୁଯାୟୀ, ସଞ୍ଚାର ସାଥି ଆପ୍ ଫୋନ୍‌ର ମେସେଜ ଏବଂ ଓଟିପି ପଢ଼ି ପାରିବ । ଯେବେ ଚାହିଁବ କଥା ବାର୍ତ୍ତା ଶୁଣି ପାରିବ । ଫୋନରେ ଥିବା ଫଟୋ, ଭିଡିଓ ମଧ୍ୟ ଦେଖିପାରିବ ।

# ଜେଲ୍‌ରେ ଇମ୍ରାନଙ୍କୁ ଭେଟିଲେ ଭଉଣୀ

ଇସାଲାମବାଦ, ୨।୧୨ (ଏଜେନ୍ସି): ହତ୍ୟା ଗୁଜବ ମଧ୍ୟରେ ଦୀର୍ଘ ଦିନ ପରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ଭେଟିବା ପାଇଁ ତାଙ୍କ ଭଉଣୀ ଉଜ୍‌ମା ଖାନଙ୍କୁ ଅନୁମତି ଦିଆଯାଇଛି । ସେ ମଙ୍ଗଳବାର ରାୱଲପିଣ୍ଡିର ଆଦିୟାଲା ଜେଲ୍‌ରେ ଭାଇଙ୍କୁ ଭେଟିଛନ୍ତି । ପ୍ରାୟ ୨୦ ମିନିଟ ପର୍ଯ୍ୟନ୍ତ ଚର୍ଚ୍ଚା କରିଛନ୍ତି । ଏଠାରୁ ବାହାରିବା ପରେ ଭାଇ ସମ୍ପୂର୍ଣ୍ଣ ସୁସ୍ଥ ଥିବା ସୂଚନା ଦେଇଛନ୍ତି । ସେ କହିଥିଲେ ଯେ ଭାଇଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ଠିକ୍ ଅଛି, ମାତ୍ର ସେ ବହୁତ କ୍ରୋଧିତ ଅଛନ୍ତି । ତାଙ୍କୁ ମାନସିକ ଉତ୍ପୀଡ଼ନ ଦିଆଯାଉଛି । ଏହି ସବୁ ପାଇଁ ସେନାମୁଖ୍ୟ ଅସୀମ ମୁନୀର ଦାୟୀ । କାହା ସହ ଯୋଗାଯୋଗ କରିବାକୁ ଇମ୍ରାନଙ୍କୁ ଦିଆଯାଉ ନାହିଁ । ନିଜ ସେଲ୍‌ରେ ତାଙ୍କୁ ବନ୍ଦୀ କରି ରଖାଯାଇଛି । କେବଳ କିଛି କ୍ଷଣ ପାଇଁ ବାହାରକୁ ବାହାରୁଛନ୍ତି । ଭଉଣୀମାନଙ୍କ ସହ ଚର୍ଚ୍ଚା କରି ଏ ବିଷୟରେ ଅଧିକ ସୂଚନା ଦେବେ ବୋଲି ଉଜ୍‌ମା କହିଛନ୍ତି । ସୂଚନାଯୋଗ୍ୟ ଯେ ଦୀର୍ଘ ୨୭ ଦିନ ପରେ ଇମ୍ରାନଙ୍କୁ ପରିବାର ସଦସ୍ୟ ଭେଟିଛନ୍ତି ।



# ମୁନୀରଙ୍କୁ ନେଇ ଆତଙ୍କିତ ଅବସ୍ଥାରେ ଶାହବାଜ

ଇସଲାମାବାଦ, ୨।୧୨ (ଏଜେନ୍ସି): ପାକିସ୍ତାନ ସେନାମୁଖ୍ୟ ତଥା ଫିଲ୍ଡ ମାର୍ଶାଲ ଅସୀମ ମୁନୀରଙ୍କୁ ତିନି ସେନାର ସୁପ୍ରିମ ତଥା ଚିଫ୍ ଅଫ ଡିଫେନ୍ସ ଫୋର୍ସ (ସିଡିଏଫ) କରିବା ପ୍ରକ୍ରିୟା ଅଟକି ଯାଇଛି । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ତାଙ୍କ ବାଟରେ କଣ୍ଟା ସାଜିଛନ୍ତି । ସେ ମୁନୀରଙ୍କୁ ସେନାର ସର୍ବେସର୍ବା କରିବାକୁ ଚାହୁଁ ନାହାନ୍ତି । ସେଥିପାଇଁ ସେ ନିଜକୁ ଏହି ପ୍ରକ୍ରିୟାରୁ ଦୂରେଇ ନେଇଛନ୍ତି । ସିଡିଏଫ ନିଯୁକ୍ତି ନେଇ ଗତ ୨୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥାନ୍ତା । କିନ୍ତୁ ସରିଫ ଏହା ଚାହୁଁ ନ ଥିବାରୁ ନିର୍ଦ୍ଦେଶରେ ଏ ପର୍ଯ୍ୟନ୍ତ ସ୍ୱାକ୍ଷର କରିନାହାନ୍ତି । ଏହା ପୂର୍ବରୁ ଗତ ୨୭ ତାରିଖରେ ମୁନୀର ବାହାରିନ ଗସ୍ତରେ ପଳାଇ ଥିଲେ । ଏଠାରୁ ସେ ବିନା ଘୋଷଣାରେ ଲଣ୍ଡନ ଗସ୍ତ କରିଥିଲେ । ସୂଚନା ଅନୁଯାୟୀ, ଗତ ୧୨ ତାରିଖରେ ସେନାର କ୍ଷମତା ବୃଦ୍ଧି କରିବା ପାଇଁ ପାକିସ୍ତାନ ସଂସଦରେ ୨୭ତମ ସମ୍ବିଧାନ ସଂଶୋଧନ ବିଲ୍ ପାରିତ ହୋଇଥିଲା । ଏହା ଅଧିନରେ ମୁନୀରଙ୍କୁ ସିଡିଏଫ ନିଯୁକ୍ତ କରାଯାଇଥାନ୍ତା । ଏହି ପଦ ସହିତ ତାଙ୍କୁ ପରମାଣୁ କମାଣ୍ଡ ବି ମିଳିଥାନ୍ତା । ସେ ଦେଶର ସବୁଠୁ ଶକ୍ତିଶାଳୀ ବ୍ୟକ୍ତି ହୋଇଯାଇଥାନ୍ତେ । କିନ୍ତୁ ଏବେ ଏହା ଲଟକି ରହିଛି । ପାକିସ୍ତାନ ସାମ୍ବାଦିକ ଫହଦ ହୁସେନଙ୍କ ଅନୁଯାୟୀ, ଏହା ଏକ ଗମ୍ଭୀର ଏବଂ ଗୁପ୍ତ ମାମଲା । ଏଥିପାଇଁ ଏ ପର୍ଯ୍ୟନ୍ତ ବିଜ୍ଞପ୍ତି ଜାରି ହୋଇପାରି ନାହିଁ । ଅନ୍ୟ ବିଶେଷଜ୍ଞମାନେ କହିଛନ୍ତି ଯେ ଆଭ୍ୟନ୍ତରୀଣ ମାମଲାର ସମାଧାନ ହୋଇପାରିନି ବୋଲି ଲାଗୁଛି । ପରଦା ପଛରେ ଟଣାଓଟରା ଲାଗି ରହିଛି । କିଛି ବିଶେଷଜ୍ଞ ଚେତାବନୀ ଦେଇଛନ୍ତି ଯେ ଆନୁଷ୍ଠାନିକ ଭାବେ ବିଜ୍ଞପ୍ତି ଜାରି ନ ହେବା ପର୍ଯ୍ୟନ୍ତ ମୁନୀରଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଛି ବୋଲି ଧରାଯିବ । ଆଇନ ବିଶେଷଜ୍ଞଙ୍କ ଅନୁଯାୟୀ, ଗତ ୨୭ ତାରିଖରେ ପୁରୁଣା ପଦବୀକୁ ରଦ୍ଦ କରିଦିଆଯାଇଥିଲା । ତେଣୁ ୨୮ କିମ୍ବା ୨୯ ତାରିଖ ମଧ୍ୟରେ ନୂଆ ବିଜ୍ଞପ୍ତି ଜାରି ହେବାର ଥିଲା । ୨୦୨୨ ନଭେମ୍ବର ୨୯ରେ ମୁନୀର ସେନା ମୁଖ୍ୟ ହୋଇଥିଲେ ।

# ସିନ୍ଦେ ଗୋଷ୍ଠୀ ଛାଡ଼ିବେ ୩୫ ବିଧାୟକ: ସଞ୍ଜୟ ରାଉତ

## ଭାଙ୍ଗିଯିବ ବିଜେପି-ଶିବସେନା ମେଣ୍ଟ

ମୁମ୍ବଇ, ୨।୧୨ (ଏଜେନ୍ସି): ଉଦ୍ଧବ ଗୋଷ୍ଠୀର ଶିବସେନା ସାଂସଦ ସଞ୍ଜୟ ରାଉତ ବଡ଼ ଦାବି କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଗୋଷ୍ଠୀ ପୁଣି ଭାଗ ଭାଗ ହେବାକୁ ଯାଉଛି ବୋଲି ସେ କହିଛନ୍ତି । ୩୫ ବିଧାୟକ ସିନ୍ଦେ ଗୋଷ୍ଠୀ ଛାଡ଼ିବାକୁ ଯାଉଛନ୍ତି । ଆମ ସହ ବିଜେପି ଯାହା କରିଥିଲା ସେଭଳି ସିନ୍ଦେ ସେନା ସହ ହେବାକୁ ଯାଉଛି । ଡିସେମ୍ବର ପରେ ଏକ ବଡ଼ ରାଜନୈତିକ ଓଲଟପାଲଟ ହେବ । ଦିଲ୍ଲୀର ଦୁଇ ପ୍ରମୁଖ ନେତା ତାଙ୍କ ପଛରେ ଅଛନ୍ତି ବୋଲି ସିନ୍ଦେ ଭାବୁଛନ୍ତି । କିନ୍ତୁ ସେମାନେ କାହା ସହ ନାହାନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସିନ୍ଦେ ଗୋଷ୍ଠୀକୁ ଧ୍ୱଂସ କରିଦେବେ । ଏହା ଶାହାଙ୍କ ପରମ୍ପରା । ସେମାନେ ଆମକୁ ଦୁଇଭାଗ କରିବାକୁ ପ୍ରୟାସ କରିଥିଲେ । କିନ୍ତୁ ଆମେ ବର୍ତ୍ତି ଯାଇଥିଲୁ । ଏବେ ସିନ୍ଦେ ଗୋଷ୍ଠୀକୁ ଭାଙ୍ଗିବା ପାଇଁ ଯୋଜନା ପ୍ରସ୍ତୁତ ହୋଇସାରିଲାଣି । ଡିସେମ୍ବର ପରେ ଏହାର ସ୍ଥିତି ନଜର ଆସିବ । ଏହି କାରଣରୁ ଡୋମ୍ବିଭାଲିର ରବୀନ୍ଦ୍ର ଚଭନଙ୍କୁ ବିଜେପି ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି । ସେ ରାଜନୀତି ଜାଣିଛନ୍ତି । ପଛରୁ ଛୁରା ଭୁସିବା ବିଜେପିର ରେକର୍ଡ ରହିଛି । ବାଲ୍ ଠାକରେଙ୍କ ସହ ସେମାନେ ଏପରି କରିଥିଲେ । ସିନ୍ଦେ ତାଙ୍କ ଆଗରେ କିଛି ନୁହେଁ । ସିନ୍ଦେ ଗୋଷ୍ଠୀ ପତନ ଦ୍ୱାରରେ ପହଞ୍ଚିଛି ।

ସ୍ଥାନୀୟ ନିର୍ବାଚନକୁ ନେଇ ଦୀର୍ଘ ଦିନ ହେଲା ମହାଯୁତି ସରକାରରେ ସାମିଲ ବିଜେପି ଏବଂ ସିନ୍ଦେ ଗୋଷ୍ଠୀର ଶିବସେନା ମଧ୍ୟରେ ବିବାଦ ଲାଗି ରହିଛି । ଚଭନ କହିଥିଲେ ଯେ ଡିସେମ୍ବର ୨ ତାରିଖ ପର୍ଯ୍ୟନ୍ତ ତାଙ୍କୁ ମେଣ୍ଟ ବଜାୟ ରଖିବାକୁ ପଡ଼ିବ । ତାଙ୍କର ଏପରି ମନ୍ତବ୍ୟ ରାଜନୈତିକ ଝଡ଼ ସୃଷ୍ଟି କରିଛି । ବିଜେପି ଏବଂ ଶିବସେନା ମେଣ୍ଟ ଭାଙ୍ଗିଯିବ ବୋଲି କୁହାଯାଉଛି । ମାସେ ହେଲା ସର୍ବସାଧାରଣକୁ ଆସି ନ ଥିବା ସଞ୍ଜୟ ରାଉତ ଏହା ଉପରେ ଚିନ୍ତା ପ୍ରକଟ କରିଛନ୍ତି । ମହାରାଷ୍ଟ୍ରରେ ନିର୍ବାଚନର ସଂସ୍କୃତିକୁ ବିଜେପି ଧ୍ୱଂସ କରି ଅର୍ଥକେନ୍ଦ୍ରିକ କରୁଥିବା ସେ ଦାବି କରିଛନ୍ତି । ରାଉତ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭୀସଙ୍କ ନେତୃତ୍ୱରେ ନିର୍ବାଚନ ସମୟରେ କୋଟି କୋଟି ଟଙ୍କା ବଣ୍ଟା ଯାଇଛି । ଏହା ନିର୍ବାଚନ ସଂସ୍କୃତିକୁ ଧ୍ୱସ୍ତ କରିଦେଇଛି । ମୁଖ୍ୟମନ୍ତ୍ରୀ ଏବଂ ସରକାର ତୃଣମୂଳସ୍ତରର ସହ ଜଡ଼ିତ ହେଉ ନାହାନ୍ତି ।

# 'ବ୍ରେକ୍ ଫାଷ୍ଟ'ରେ ଗଢୁଛି କର୍ଣ୍ଣାଟକ କଂଗ୍ରେସ ରାଜନୀତି

ବେଙ୍ଗାଲୁରୁ, ୨।୧୨ (ଏଜେନ୍ସି): କର୍ଣ୍ଣାଟକ କଂଗ୍ରେସରେ ଭୂକମ୍ପ ସୃଷ୍ଟି କରିଥିବା ମୁଖ୍ୟମନ୍ତ୍ରୀ କଳିର ସମାଧାନ ପାଇଁ ପୁଣି 'ଜଳଖିଆ ରଣନୀତି' ଆପଣା ଯାଇଛି । ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଏବଂ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ମଧ୍ୟରେ କ୍ଷମତାକୁ ନେଇ ଚାଲିଥିବା ଟଣାଓଟରା ଖୁବଶୀଘ୍ର ଶେଷ ହୋଇଯିବ ବୋଲି ଲାଗୁଛି । କାରଣ ଗତ ଚାରି ଦିନରେ ଦ୍ୱିତୀୟ ଥର 'କ୍ଷମତା ପାଇଁ ଜଳଖିଆ ବୈଠକ' ଅନୁଷ୍ଠିତ ହୋଇଯାଇଛି । ଏହି ଥର ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ନିଜ ଡେପୁଟି ଡିକେଙ୍କ ଘରେ ପହଞ୍ଚିଛନ୍ତି । ୨୦୨୩ରୁ ଚାଲିଥିବା ଏହି କଳି ସମାଧାନ କରିବା ପାଇଁ ସିଦ୍ଧରମେୟା କ୍ଷମତା ବଲ୍‌କୁ କଂଗ୍ରେସ ଉପରେ ଛାଡ଼ିଛନ୍ତି । କିନ୍ତୁ ସେ ଦେଇଥିବା ବୟାନକୁ ନେଇ ଅନିଶ୍ଚିତତା ରହିଛି । ସେ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ହାଇକମାଣ୍ଡ ଯେବେ କହିବେ ସେବେ ଶିବକୁମାର ମୁଖ୍ୟମନ୍ତ୍ରୀ ହେବେ । ଆମ ମଧ୍ୟରେ କୌଣସି ମତଭେଦ ନାହିଁ । ଉଭୟେ ଏକାଠି ହୋଇ ରାଜ୍ୟ ସରକାର ଚଳାଉଛୁ । ହାଇକମାଣ୍ଡ ଯେବେ ଡାକିବେ ଦିଲ୍ଲୀ ଯିବି । ବୁଧବାର ଏକ ବୈଠକରେ କଂଗ୍ରେସ ନେତା କେସି ବେଣୁଗୋପାଳଙ୍କୁ ଭେଟିବାକୁ ଯାଉଛି । ଏଠାରେ ଉଭୟଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି । ସେହିପରି ୮ ତାରିଖରେ ନେତାଙ୍କ ବୈଠକ ଡକାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଟିପ୍ପଣୀରୁ ସିଦ୍ଧରମେୟା ବିବାଦର ଅନ୍ତ ଚାହୁଁଥିବା ଜଣାପଡୁଛି । ସେ ନିଜ ଜିଦ୍‌ରୁ ମଧ୍ୟ ପଛଘୁଞ୍ଚା ଦେବାକୁ ଚାହୁଁଛନ୍ତି । ତେବେ କଂଗ୍ରେସ ଦଳ ବିଶେଷ କରି ସାଂସଦ ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ପ୍ରିୟଙ୍କା ଭଦ୍ରା ଏବଂ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଲେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବେ ବୋଲି ସିଦ୍ଧରମେୟା କହିଛନ୍ତି ।

ଅନ୍ୟପକ୍ଷରେ ସିଦ୍ଧରମେୟା ନିଜ ମୁଖ୍ୟମନ୍ତ୍ରୀଙ୍କୁ ସମ୍ମାନ ଦେବାକୁ ପ୍ରୟାସ କରୁଛନ୍ତି । ଡିକେଙ୍କ ଭାଇ ତଥା ପୂର୍ବତନ ସାଂସଦ ଡିକେ ସୁରେଶ ମଧ୍ୟ ଆଜି ସିଦ୍ଧରମେୟାଙ୍କ ପାଦ ଛୁଇଁଛନ୍ତି । ସେ ଗତ ମାସରେ ସିଦ୍ଧରମେୟାଙ୍କ ବିରୋଧରେ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ଥିଲେ । ଆଜି ସକାଳେ ମୁଖ୍ୟମନ୍ତ୍ରୀ ଶିବକୁମାରଙ୍କ ଘରେ ପହଞ୍ଚିବା ପରେ ଭାଇଙ୍କ ସହ ସୁରେଶ ତାଙ୍କୁ ସ୍ୱାଗତ କରିଥିଲେ । ହାଇକମାଣ୍ଡଙ୍କ ନିର୍ଦ୍ଦେଶ ପରେ ଏହି ବୈଠକ ହେଉଛି । ଗତ ୨୨ ଦିନ ହେଲା ଡିକେ ଏବଂ ସିଦ୍ଧରମେୟା ଗୋଷ୍ଠୀର ନେତା ପରସ୍ପର ବିରୋଧରେ ବୟାନ ଦେଇ ଚାଲିଛନ୍ତି । ସେହିପରି ନିଜ ସାମ୍ନାରେ ଅଢ଼େଇ ବର୍ଷର ସରକାର ପାଇଁ ଦିଆଯାଇଥିବା ପ୍ରତିଶ୍ରୁତିକୁ ପାଳନ କରାଯାଉ ବୋଲି କଂଗ୍ରେସ ଅଧ୍ୟକ୍ଷ ଖଡଗେ ଚାହୁଁଛନ୍ତି ।

## ଚେତିଲା ଜେଲ୍ ବିଭାଗ: ଅଘଟଣ ରୋକିବାକୁ ଆଣିଲା ନିୟମାବଳୀ

# ପୂର୍ବରୁ ଫେରାର ଅନ୍ତେବାସୀ ପିନ୍ଧିବେ ନାଲି ଟୋପି

ଭୁବନେଶ୍ୱର,୨।୧୨(ସମିସ): ଜେଲରୁ ଅନ୍ତେବାସୀ ଫେରାର୍ ଓ ଗୋଟିଏ ପରେ ଗୋଟିଏ କଏଦୀଙ୍କ ଆତ୍ମହତ୍ୟା କରିବା ପରେ ଜେଲ୍ ବିଭାଗର ଚେତା ପଶିଛି। ଜେଲରେ ଅଘଟଣ ରୋକିବାକୁ ୧୧ସୂତ୍ରୀ ନିୟମାବଳୀ ଆଣିଛି ଜେଲ୍ ବିଭାଗ। ନିକଟରେ ହୋଇଥିବା ସମୀକ୍ଷା ବୈଠକ ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଏନେଇ ଜେଲ୍ ଡିଆଇଜି ଓ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଚୌଦ୍ୱାର ଜେଲରୁ କଏଦୀ ଫେରାର୍‌ଠାରୁ ଆରମ୍ଭ କରି ନୀଳଗିରି ଜେଲରେ ଅନ୍ତେବାସୀଙ୍କ ମୃତ୍ୟୁ ଘଟଣାକୁ ନେଇ ଜେଲ୍ ବିଭାଗକୁ ବିବାଦ ଘେରକୁ ଟାଣିଆଣିଛି। ଏଥିସହ ଅନେକ ଅଘଟଣରେ ଜେଲ୍ କର୍ମଚାରୀଙ୍କ ସଂପୃକ୍ତି ବିଭାଗକୁ ଆହୁରି ଅଡ଼ୁଆରେ ପକାଇଛି। ଜେଲରେ ଢିଲା ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଆତ୍ମହତ୍ୟାକୁ କିପରି ରୋକା ଯାଇପାରିବ, ସେନେଇ ଜେଲ୍ ରେଞ୍ଜ ଡିଆଇଜି ଓ ଅଧୀକ୍ଷକଙ୍କୁ ନେଇ ଆଲୋଚନା ହୋଇଛି। ସମୀକ୍ଷା ପରେ ସବୁ ପ୍ରକାର ଅଘଟଣକୁ ରୋକିବାକୁ ଜେଲ୍ ବିଭାଗ ପକ୍ଷରୁ ୧୧ସୂତ୍ରୀ ନିୟମାବଳୀ ଅଣାଯାଇଛି।

ବିଭିନ୍ନ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲରେ ଥିବା କଏଦୀଙ୍କୁ ପେରିମିଟର କାନ୍ଥ ନିକଟରେ ନିୟୋଜିତ କରିବା ସହ ସେମାନଙ୍କୁ ହୁଇସିଲ ଯୋଗାଇବାକୁ କୁହାଯାଇଛି। ରାତିବେଳା

- ହୁଇସିଲ୍ ଧରି ଜଗିବେ କଏଦୀ
- ରାତିରେ ୩ ଘଣ୍ଟିଆ ଡ୍ୟୁଟି କରିବେ ୱାର୍ଡର
- ଦିନକୁ ୩ ଥର ଗଣା ହେବେ ଅନ୍ତେବାସୀ

ପ୍ରତ୍ୟେକ ୱାର୍ଡରେ ପର୍ଯ୍ୟାପ୍ତ ରାତ୍ରଜଗୁଆଳି ମୁତୟନ କରିବାକୁ କୁହାଯାଇଛି। ୮ଘଣ୍ଟିଆ ଡ୍ୟୁଟିରେ କର୍ମଚାରୀମାନେ ଶୋଇ ପଡୁଥିବାରୁ ଅଘଟଣ ଘଟୁଥିବାର ନଜିର ରହିଛି। ସେଥିଲାଗି ଆବଶ୍ୟକସ୍ଥଳେ ୩ଘଣ୍ଟିଆ ସିଫ୍ଟ ହିସାବରେ ରାତିରେ ଡ୍ୟୁଟି କରିବାକୁ ଚିଠିରେ ଉଲ୍ଲେଖ ରହିଛି। ଜେଲରେ ଜଗୁଥିବା କର୍ମଚାରୀମାନଙ୍କର ଦିନକୁ ଦୁଇଥର ରୋଲ୍ କଲ୍ ନେବା ସହ ପ୍ରତିଦିନ ସିସିଟିଭି ନୀରିକ୍ଷଣ ଓ ମରାମତିକୁ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ରହିଛି। ଅଧୀକ୍ଷକ ତାରବାଡ଼ ଓ ୱାଇ ଆଙ୍ଗେଲ୍ ଯାଞ୍ଚ କରିବା ସହ ଅନ୍ତେବାସୀମାନେ କିପରି କମ୍ବଳ ପକାଇ ଖସି ନ ପାରିବେ, ତାହା ସୁନିଶ୍ଚିତ କରିବେ। ଏଥିସହ ପ୍ୟାଡ୍ ଲକ୍, ଝରକା, ସ୍କାଏ ଲାଇଟ୍ ଓ ବାର୍‌ଗୁଡ଼ିକୁ ନିୟମିତ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରତିଦିନ ଅନ୍ୟୂନ ୩ଥର ଅନ୍ତେବାସୀମାନଙ୍କୁ ଗଣନା କରିବାକୁ କୁହାଯାଇଥିବା ବେଳେ ଖସିବାକୁ ଉଦ୍ୟମ କରିଥିବା ଓ ପୂର୍ବରୁ ଖସି ଯାଇ ଜେଲରେ ଥିବା କଏଦୀଙ୍କୁ ନାଲି ଟୋପି ପିନ୍ଧାଇବାକୁ କୁହାଯାଇଛି। କ୍ୟାଣ୍ଟିନକୁ ଏକକାଳୀନ ଯିବାକୁ ଅନ୍ତେବାସୀମାନଙ୍କୁ ବାରଣ କରାଯାଇଛି। ଏଥିଲାଗି ୱାର୍ଡ ଅନୁସାରେ ଅନ୍ତେବାସୀଙ୍କୁ କ୍ୟାଣ୍ଟିନକୁ ଛାଡ଼ିବାକୁ ପରାମର୍ଶ ଦିଆଯାଇଛି। ଲକ୍-ଅପ୍ ପରେ କୌଣସି ଅନ୍ତେବାସୀ ବାହାରକୁ ନ ଛାଡ଼ିବାକୁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗୋଟିଏ ସେଲରୁ ଅନ୍ୟ ସେଲକୁ ସ୍ଥାନାନ୍ତର ବା ସୁରକ୍ଷା ସମ୍ପର୍କିତ ପଦକ୍ଷେପ ନେବା ସମୟରେ ଉପରିସ୍ଥ ଅଧିକାରୀଙ୍କ ପରାମର୍ଶ ନେବାକୁ କୁହାଯାଇଛି। ଅଧୀକ୍ଷକ ଗୋଟିଏ ସ୍ୱତନ୍ତ୍ର ଟିମ୍ କରି ଜେଲର ସମ୍ବେଦନଶୀଳ ଅଞ୍ଚଳ ବୁଲି ସୁରକ୍ଷା ଯାଞ୍ଚ କରିବା ସହ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଡିଜି ଦେଇଛନ୍ତି। ଅଧିକାରୀମାନେ ଦିନ, ରାତି ଓ ସାପ୍ତାହିକ ଭାବେ ରାଉଣ୍ଡରେ ଯାଇ ଅନ୍ତେବାସୀଙ୍କ ଅଭିଯୋଗ ଶୁଣିବା ସହ ସୁରକ୍ଷା ବ୍ୟବସ୍ଥାକୁ ନିଶ୍ଚିତ କରିବାକୁ କୁହାଯାଇଛି। ଜେଲର ରେଞ୍ଜ ଡିଆଇଜିମାନେ ପ୍ରତି ସୋମବାର ବୈଠକ କରି ନିୟମାବଳୀଗୁଡ଼ିକ ପାଳନ ହେଉଛି କି ନାହିଁ, ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିୟମଗୁଡ଼ିକର ଅନୁପାଳନ ନ କଲେ, କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି।



କଲମ୍ବୋରେ ଅନୁଷ୍ଠିତ ଆନ୍ତର୍ଜାତିକ ଦୃଷ୍ଟିବାଧିତ ମହିଳା କ୍ରିକେଟ ଟି-୨୦ ବିଶ୍ୱକପ୍ ମ୍ୟାଚ୍‌ରେ ବିଜୟୀ ଭାରତୀୟ ଦଳରେ ଅଂଶଗ୍ରହଣ କରିଥିବା ଚାରି ଓଡ଼ିଆ ମହିଳା କ୍ରିକେଟ୍ ଖେଳାଳିଙ୍କୁ ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଙ୍ଗଳବାର ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି

# ଘଉଡ଼ାଇବା ବେଳେ ଯୁବକଙ୍କୁ ଦଳିଦେଲା ହାତୀ

ତେଲକୋଇ, ୨।୧୨(ସମିସ): କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ବାର୍‌ହାଦେବତା ସେକ୍ସନ ରୁଗୁଡ଼ି ଗ୍ରାମରେ ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ, ସମ୍ବା ମହାରଣାଙ୍କ ପୁଅ ଚକ୍ରଧର ମହାରଣା(୨୧)। ଗୁରୁତର ହେଲେ, ସିନା ମୁଣ୍ଡାଙ୍କ ପୁଅ ବିଜୟ(୨୧)।

ସୂଚନାନୁଯାୟୀ, ଏହି ଅଞ୍ଚଳରେ ୩୯ ଟିକିଆ ହାତୀପଲ ଡେରା ପକାଇଛନ୍ତି। ଦଳଦଳ ହୋଇ ଘୂରି ବୁଲିବା ସହ ବ୍ୟାପକ ଧାନ ଫସଲ କ୍ଷୟକ୍ଷତି କରି ଆତଙ୍କ ସୃଷ୍ଟି କରୁଛନ୍ତି। ଗତକାଲି ବିଳମ୍ବିତ ରାତିରେ ହାତୀପଲ ଧାନବିଲରେ ପଶିଥିବା ବେଳେ ଖବର ପାଇ ଗ୍ରାମବାସୀ ଘଉଡ଼ାଇବାକୁ ଯାଇଥିଲେ। ଏହି ସମୟରେ ଚକ୍ରଧର ଏକ ଦନ୍ତାହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା। ଚକ୍ରଧରଙ୍କୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଭୋର୍ ସମୟରେ ସେହି ଗ୍ରାମର ବିଜୟ ମୁଣ୍ଡା ନିଜ ଘର ଅଗଣାରେ ଛିଡ଼ା ହୋଇଥିବା ବେଳେ ଏକ ଗୋଠଛଡ଼ା ଦନ୍ତା ହଠାତ୍ ମାଡ଼ି ଆସି ତାଙ୍କୁ ଆକ୍ରମଣ କରିଥିଲା। ଖବର ପାଇ ବନ କର୍ମଚାରୀ ସଙ୍ଗେସଙ୍ଗେ ବିଜୟଙ୍କୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ପାରିବାରିକ କଳହ

# ଶଶୁର ଘର ଜାଳିଦେଲା ଜ୍ୱାଇଁ

ଖଲ୍ଲିକୋଟ, ୨।୧୨ (ସମିସ): ପାରିବାରିକ କଳହକୁ ନେଇ ଶଶୁର ଘରେ ନିଆଁ ଲଗାଇଦେଲା ନିଶାସକ୍ତ ଜ୍ୱାଇଁ। ଜ୍ୱାଇଁକୁ ଧରି ନଡ଼ିଆ ଗଛରେ ବାନ୍ଧି ପକାଇଥିବା ବେଳେ ଖବର ପାଇ ଉଦ୍ଧାର କରିଛି ପୁଲିସ। ଏଭଳି ଘଟଣା ଘଟିଛି, ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଚିକିଲି ପଞ୍ଚାୟତ ବାଉଁଶିଆ ଗ୍ରାମରେ। ଗ୍ରାମର ଲକ୍ଷ୍ମଣ



ଦାସଙ୍କ ଚାଳ ଘରେ ସୋମବାର ସନ୍ଧ୍ୟାରେ ନିଆଁ ଲାଗି ଯାଇଥିଲା। ଏହି ସମୟରେ ଘର ଭିତରେ ଲକ୍ଷ୍ମଣ ଦାସଙ୍କ ଝିଅ ଥିବା ବେଳେ ସେ ଜୀବନ ବିକଳରେ ବାହାରକୁ ଦୌଡ଼ି ପଳାଇ ଆସିଥିଲେ। ଖଲ୍ଲିକୋଟ ଅଗ୍ନିଶମବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡ ଫଳରେ ଘରର ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ତେବେ ମଦ୍ୟପାନ କରି ଲକ୍ଷ୍ମଣ ଦାସଙ୍କ ଜ୍ୱାଇଁ ଦେବେନ୍ଦ୍ର ଦାସ ଶଶୁର ଘରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ପାରିବାରିକ କଳହରୁ ସେ ଏପରି କରିଥିବା ଜଣାପଡ଼ିଛି। ଦେବେନ୍ଦ୍ରକୁ ଧରି ଗାଁର ଏକ ନଡ଼ିଆ ଗଛରେ ବନ୍ଧା ଯାଇଥିବା ବେଳେ ପୁଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିବା ଆଇଆଇସି ରମେଶ କୁମାର ପ୍ରଧାନ କହିଛନ୍ତି। ଏନେଇ ତଦନ୍ତ ଚାଲୁ ରହିଛି।

## ଗୌରବିହାର ଆଶ୍ରମରେ ବ୍ୟଞ୍ଜନ ଦ୍ୱାଦଶୀ

# ରାଧାକୃଷ୍ଣଙ୍କୁ ଲାଗି ହେଲା ୮୭୫ ପ୍ରକାର ବ୍ୟଞ୍ଜନ

ପୁରୀ,୨।୧୨(ସମିସ): ମାର୍ଗଶିର ଶୁକ୍ଳ ଦ୍ୱାଦଶୀ ତିଥିରେ ଶ୍ରୀଗୌରବିହାର ଆଶ୍ରମ (ମାତା ମଠ) ରେ ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପବିତ୍ର ତିଥିରେ ଶ୍ରୀରାଧାକୃଷ୍ଣଙ୍କ ନିକଟରେ ବିବିଧ ବ୍ୟଞ୍ଜନ ନୈବେଦ୍ୟ ଅର୍ପଣ କରାଯିବାର ବିଧି ରହିଛି। ଦୀର୍ଘବର୍ଷ ଧରି ମାତା ମଠରେ ବ୍ୟଞ୍ଜନ ଦ୍ୱାଦଶୀ ପାଳନ କରାଯାଇଆସୁଛି। ମଙ୍ଗଳବାର ଭୋରରୁ ସମସ୍ତ ଦେବନୀତି ସମାପ୍ତ ପରେ ମଧ୍ୟାହ୍ନରେ ଶ୍ରୀରାଧାକୃଷ୍ଣଙ୍କୁ ନୈବେଦ୍ୟ ଅର୍ପଣ କରାଯାଇଥିଲା। ମଠ ମହନ୍ତ ସୁବଳ ଚରଣ ଦାସ ମହାରାଜ କହିଛନ୍ତି, ଆଶ୍ରମର ଆରାଧ୍ୟ ଶ୍ରୀରାଧାକୃଷ୍ଣଙ୍କ ନିକଟରେ ୮୭୫ପ୍ରକାର ବ୍ୟଞ୍ଜନ ଲାଗି କରାଯାଇଛି। ୨୦୧୭ରେ ୬୧୧, ୨୦୧୮ ରେ ୬୩୫, ୨୦୧୯ରେ ୬୭୫ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିବା ବେଳେ ୨୦୨୦ରେ କୋଭିଡ୍ କଟକଣା ଯୋଗୁଁ ୧୫୧ ପ୍ରକାର, ୨୦୨୧ରେ ୭୦୧, ୨୦୨୨ରେ ୮୨୧, ୨୦୨୩ରେ ୮୫୧, ୨୦୨୪ରେ ୮୫୧ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା।

ଚଳିତବର୍ଷ ୭୫ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ଠାକୁରଙ୍କ ପାଖରେ ଲାଗି କରାଯାଇଛି। ଗଞ୍ଜାମ, ଗଜପତି, ପୁରୀ ତଥା ପଶ୍ଚିମବଙ୍ଗର ବହୁ ଶ୍ରଦ୍ଧାଳୁ ରାଧାଙ୍କୁ ସ୍ମରଣ କରି ବହୁବିଧି ବ୍ୟଞ୍ଜନ ପ୍ରସ୍ତୁତ କରିବା ସହ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥା'ନ୍ତି। ଏହା ପରେ ସ୍ୱତନ୍ତ୍ର ପତ୍ରରେ ସମ୍ମିଳିତ ଭାବେ ସମସ୍ତେ ପ୍ରସାଦ ସେବନ କରନ୍ତି। ଚଳିତବର୍ଷ ପ୍ରସ୍ତୁତ ୮୭୫ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ ମଧ୍ୟରେ ସାଧା, ମିଠା କାନିକା, ଖେଚେଡି ଓ ଘିଅ ଅନ୍ନ ପରି ୨୦ରୁ ଅଧିକ ପ୍ରକାର ଅନ୍ନ, ୨୫ ପ୍ରକାର ଡାଲି, ୫୦ ତରକାରୀ, ୭୦ ପ୍ରକାରର ଭଜା, ୩୧୫



ପ୍ରକାର ଚଟଣୀ ଓ ବିଭିନ୍ନ ପ୍ରକାର ମିଠା ରହିଥିଲା।

ସୋମବାର ସକାଳୁ ପରିବା ସବୁ ଅମୁଣିଆ ହେବା ପରେ ଆରମ୍ଭ ହୋଇଥିଲା ବ୍ୟଞ୍ଜନ ପ୍ରସ୍ତୁତି। ଉଭୟ ମହିଳା ଓ ପୁରୁଷ ଭକ୍ତ ପରିବା କଟାକଟି ଓ ରୋଷେଇ କାର୍ଯ୍ୟରେ ଲାଗିଥିଲେ। ଓଡ଼ିଶା, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ରାଜ୍ୟର ପାରମ୍ପରିକ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥିଲା। ଏହି ଅବସରରେ ମାତା ମଠରେ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ଭକ୍ତମାନେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଗ୍ରହଣ କରି ନିଜକୁ ଭାଗ୍ୟବାନ ମନେ କରିଥିଲେ। ମଠ ମହନ୍ତ, ସଦସ୍ୟଙ୍କ ଉଦ୍ୟମ ଯୋଗୁ ଏତେ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ ସମ୍ଭବ ହୋଇପାରିଛି ବୋଲି କହିଛନ୍ତି ମାତା ମଠର ମହନ୍ତ।

ବ୍ୟଞ୍ଜନ ଦ୍ୱାଦଶୀକୁ ନେଇ ଏକ ଜନଶ୍ରୁତି ରହିଛି। ମାଆ ଯଶୋଦା ହଠାତ୍ ଦିନେ ଦେଖିଲେ ପୁଅ କାହ୍ନାର ଦେହ ଝଡ଼ିଯାଇଛି। ମା'ଙ୍କ ଆଖିକୁ ସେ ଶୁଖି କଳାକାଠ ପଡିଯାଇଥିବା ଦେଖାଗଲେ। ଏତିକିରେ ମା' ଯଶୋଦା ଉଛନ୍ନ ହୋଇଗଲେ। ଭାବିଲେ ନ ଖାଇ ନ ପିଇ ସେ ଏମିତି ହୋଇଗଲାଣି। ତେଣୁ ଯଶୋଦା ନିଜେ ରୋଷେଇ ଘରକୁ ଯାଇ ନାନାଦି ପ୍ରକାର ପୁଷ୍ଟିକର ତଥା ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରି ଏହି ପବିତ୍ର ତିଥିରେ କୃଷ୍ଣଙ୍କୁ ପରଷି ଦେଇଥିଲେ। ସେହିପରି ଚୈତନ୍ୟ ମହାପ୍ରଭୁ ବାଲ୍ୟକାଳରେ ନିଜ ମା'ଙ୍କ ପରଷା ବହୁବିଧ ବ୍ୟଞ୍ଜନ ଖାଇଥିବା ଶୁଣାକଥା ରହିଛି। ଏହି ଜନଶ୍ରୁତିକୁ ନେଇ ଗୌଡ଼ୀୟ ବୈଷ୍ଣବ ନିଷ୍ଠାର ସହିତ ବ୍ୟଞ୍ଜନ ଦ୍ୱାଦଶୀ ପାଳନ କରିଥାନ୍ତି।

## ମଦ ଭାବି ଫର୍ମାଲିନ୍ ପିଇଦେଲେ

# ଜଣେ ମୃତ; ୨ ଗୁରୁତର

ପାଟଣାଗଡ଼,୨।୧୨(ସମିସ): ମଦ ଭାବି ଫର୍ମାଲିନ୍ ପିଇଦେବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ଥାନା ଓଡ଼ିଆପାଲି ଗ୍ରାମରେ ମଙ୍ଗଳବାର ଏହି ଘଟଣା ଘଟିଛି। ମୃତକ ହେଲେ, ସୁରୁ ମାଝୀ(୬୫)। ଗୁରୁତର ଦୁର୍ଲଭ ନାଏକ(୫୦) ଓ ହରି ମାଝୀ (୪୫)ଙ୍କୁ ପାଟଣାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଖବର ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।



ଗାଁର ବେଲାର ସିଂ ମାଝୀ ତାଙ୍କ କ୍ଷେତରେ ଦେବଦେବୀଙ୍କୁ ଚରୁ ଭୋଗ ଦେଉଥିଲେ। ଏଥିଲାଗି ସେ କ୍ଷେତ ପାଖ ଏକ କୁକୁଡ଼ା ଫାର୍ମରେ ଖାଇବା ବ୍ୟବସ୍ଥା କରିଥିଲେ। ଗ୍ରାମର ଦୁର୍ଲଭ, ହରି ଓ ସୁରୁ ଚରୁ ଅନ୍ନ ଖାଇବା ପାଇଁ ଯାଇଥିଲେ। ସେଠାରେ ଖାଇବା ପୂର୍ବରୁ ଏକ ଧଳା ଜାରରେ ଅଣାଯାଇଥିବା ରନ୍ଧାମଦକୁ ଏକ ଗ୍ଲାସ୍‌ରେ ବେଲାର ଦେଇଥିଲେ। ଦ୍ୱିତୀୟଥର ମଦ ଦେବା ସମୟରେ କୁକୁଡ଼ା ଫାର୍ମରେ ଏକ ଧଳା ଜାର୍‌ରେ ଥିବା ଫର୍ମାଲିନକୁ ମଦ ଭାବି ୩ ଜଣଙ୍କୁ ଦେଇ ଦେଇଥିଲେ। ଏହି କେମିକାଲ ପିଇବା ପରେ ୩ଜଣଙ୍କ ଛାତି, ପେଟ ଓ ମୁଣ୍ଡରେ ପ୍ରବଳ ଜଳାପୋଡ଼ା ହୋଇଥିଲା। ଅବସ୍ଥା ଗୁରୁତର ହେବାରୁ ସଙ୍ଗେସଙ୍ଗେ ୩ଜଣଙ୍କୁ ଦୁଇଟି ଗାଡ଼ି ସାହାଯ୍ୟରେ ପରିବାରଲୋକେ ପାଟଣାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଡାକ୍ତର ସେଠାରେ ସୁରୁଙ୍କୁ ମୃତ ଘୋଷଣା କରିଥିବାବେଳେ ଦୁର୍ଲଭ ଓ ହରି ଚିକିତ୍ସିତ ହେଉଛନ୍ତି। ଘଟଣାର ତଦନ୍ତ ସହ ମୃତ ସୁରୁଙ୍କ ପରିବାରକୁ ଉଚିତ କ୍ଷତିପୂରଣ ଦିଆଯାଉ ବୋଲି ତାଙ୍କ ପୁଅ ରମେଶ ମାଝୀ ଦାବି କରିଛନ୍ତି।

ଏହି ଘଟଣାରେ ପୂର୍ବତନ ବିଧାୟକ ସରୋଜ ମେହେର କହିଛନ୍ତି ଯେ ସରକାର ବେଆଇନ ରନ୍ଧା ମଦକୁ ରୋକି ପାରୁନାହାନ୍ତି। ଫଳରେ ଅପମିଶ୍ରିତ ମଦ ପିଇ ଜଣେ ନିରୀହ ଆଦିବାସୀ ବୃଦ୍ଧଙ୍କ ଜୀବନ ଅକାରଣେ ଚାଲିଗଲା। ଦୁଇଜଣ ଚିକିତ୍ସିତ ହେଉଛନ୍ତି। ରାଜ୍ୟ ସରକାର ଏ ଘଟଣାର ଉଚିତ ତଦନ୍ତ ସହ ମୃତକଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ଅପରପକ୍ଷରେ ଅଣାଯାଇଥିବା ଖୋଲା ରନ୍ଧାମଦ କେଉଁଠୁ ଅଣାଯାଇଥିଲା, ଯଦି ଖୋଲା ମଦ ହୋଇ ନ ଥାନ୍ତା ତେବେ ଅପମିଶ୍ରିତ ହୋଇପାରି ନଥା'ନ୍ତା ଏବଂ ଏଭଳି ଅଘଟଣ ଘଟିନଥା'ନ୍ତା ବୋଲି କୁହାଯାଉଛି। ସେହିପରି ଜାର୍‌ରେ ଥିବା କେମିକାଲକୁ ଜାଣିଶୁଣି ଦିଆଯାଇନାହିଁ ତ ବୋଲି ମଧ୍ୟ ପ୍ରଶ୍ନ ଉଠିଛି। ଏସବୁ ଘଟଣାର ତଦନ୍ତ କଲେ ପ୍ରକୃତ ସତ୍ୟାସତ୍ୟ ଲୋକଲୋଚନକୁ ଆସିବ ବୋଲି ଦାବି ହେଉଛି। ଏନେଇ ଖପ୍ରାଖୋଲ ଥାନା ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ୍ ଉଠାଇନଥିଲେ।

# ୨୦୨୭ ସୁଦ୍ଧା ସବୁ ଘରକୁ ପାନୀୟ ଜଳ

- ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ସଦସ୍ୟଙ୍କ ଚିନ୍ତା
- ସବୁ ବିଧାୟକଙ୍କ ସହଯୋଗ ଲୋଡ଼ିଲେ ମନ୍ତ୍ରୀ
- ପ୍ରକଳ୍ପ ରକ୍ଷଣାବେକ୍ଷଣ ପାଇଁ ଗଠନ ହେବ ମେଗା ବୋର୍ଡ, ଦିଆଯିବ ନିଯୁକ୍ତି

ଭୁବନେଶ୍ୱର, ୨।୧୨(ସମିସ): ରାଜ୍ୟ ସରକାର ସବୁ ଘରକୁ ପାନୀୟ ଜଳଯୋଗାଣ ସଂକଳ୍ପ ଲକ୍ଷ୍ୟରେ ପଦକ୍ଷେପ ଗ୍ରହଣ କରିଛନ୍ତି। ୨୦୨୭ ସୁଦ୍ଧା ରାଜ୍ୟର ସବୁ ଘରକୁ ପାନୀୟ ଜଳ ଯୋଗାଣ କରାଯିବ। ଏଥିପାଇଁ ବିଧାୟକମାନେ ନିଜନିଜ ଅଞ୍ଚଳରେ ସରକାର, ପ୍ରଶାସନକୁ ସହଯୋଗ କରନ୍ତୁ। ବିଧାୟକଙ୍କ ସମ୍ପୂର୍ଣ୍ଣ ସହଯୋଗ ମିଳିଲେ ଧାର୍ଯ୍ୟ ସମୟ ପୂର୍ବରୁ ମଧ୍ୟ ପ୍ରକଳ୍ପ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ରହିଛି ବୋଲି ବିଧାନସଭାରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ମଙ୍ଗଳବାର ବିଧାନସଭା ପ୍ରଶ୍ନକାଳରେ ଉଭୟ ସରକାରୀ ଓ ବିରୋଧୀ ଦଳର ସଦସ୍ୟମାନେ ନିଜ ନିଜ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଏବଂ ପ୍ରକଳ୍ପ କାର୍ଯ୍ୟ ଧାର୍ଯ୍ୟ ସମୟରେ ଶେଷ ନ ହେବା ନେଇ ଆଶଙ୍କା ବ୍ୟକ୍ତ କରିଥିଲେ। ମୂଳ ପ୍ରଶ୍ନକର୍ତ୍ତା ଅରବିନ୍ଦ ମହାପାତ୍ର ନିଜ ନିର୍ବାଚନମଣ୍ଡଳୀରେ ପ୍ରକଳ୍ପ କାର୍ଯ୍ୟ ପାଇଁ ଅଧିକାରୀ ଅଭାବ କଥା ଉଠାଇଥିଲେ। ଏପରିକି, ସଠିକ୍ ସମୟରେ ସମସ୍ତ ପ୍ରକଳ୍ପ କାର୍ଯ୍ୟ ଧାର୍ଯ୍ୟ ସମୟରେ ଶେଷ ହେବା ନେଇ ଆଶଙ୍କା ପ୍ରକାଶ କରିଥିଲେ। ଏହାର ଉତ୍ତର ଦେଇ ମନ୍ତ୍ରୀ କହିଥିଲେ ଯେ ବିଭାଗ ସେଥିପ୍ରତି ସଚେତନ ଅଛି। ବିଭାଗ ନିକଟରେ ପର୍ଯ୍ୟାପ୍ତ ଅଧିକାରୀ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପାଇଁ ଅଛନ୍ତି। ଯେଉଁ ସଂସ୍ଥାଗୁଡ଼ିକ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଦାୟିତ୍ୱ ନେଇଛନ୍ତି, ସେମାନେ ୫ବର୍ଷ ପରେ ଛାଡ଼ିକି ପଳେଇବେ। ତେଣୁ ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ସରକାର ଆଗାମୀ ଦିନରେ ମେଗା ବୋର୍ଡ/ଜଳ ବୋର୍ଡ କମିଟି ଗଠନ କରିବେ। ଏହି ବୋର୍ଡରେ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ବିଧାୟକ ସିଦ୍ଧାନ୍ତ ମହାପାତ୍ର ପ୍ରକଳ୍ପ ପାଇଁ ରାସ୍ତା ଖୋଳା ଏବଂ ସୁନୀଲ ମହାନ୍ତି ନିଜ ଅଞ୍ଚଳରେ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ସମ୍ପର୍କିତ ପ୍ରଶ୍ନ କରିଥିଲେ। ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ଉତ୍ତର ଦେଇ ପୂର୍ବ ସରକାରଙ୍କୁ ସମାଲୋଚନା କରିଥିଲେ। ସେ କହିଥିଲେ ଯେ ୨୦୨୪ ଜୁନ୍ ସୁଦ୍ଧା ରାଜ୍ୟରେ ମାତ୍ର ୩ଟି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିଲା। ଆମେ ୧୭ ମାସରେ ୨୨ ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରିଛୁ। ୨୭୦୨ ସୌର ପ୍ରକଳ୍ପ ଶେଷ କରିବା ସହ ହର ଘର ଜଳ ଯୋଜନାରେ ୪୭୯୧ ପ୍ରକଳ୍ପ ନିର୍ମାଣ କରିଛୁ। ନୂଆ ସରକାର ଗଠନ ହେବା ପରେ ଏଯାବତ୍ ୨୨୯୬୪ ନଳକୂପ ଖନନ କରିଛୁ ବୋଲି ମନ୍ତ୍ରୀ କହିଥିଲେ। ଅତିରିକ୍ତ ପ୍ରଶ୍ନକର୍ତ୍ତା ଭାବେ ବିଧାୟକ ସାରଦା ଜେନା, ସୁଜାତା ସାହୁ, ଅମର ନାୟକ ପ୍ରମୁଖ ପ୍ରଶ୍ନ କରିଥିଲେ।

## 'ଅପରେସନ୍ ହ୍ୱାଇଟ୍ ମେଟାଲ'କୁ ସଫଳତା

# ୩୧ କେଜି ରୁପା, ୧୩୨ ଗ୍ରାମ୍ ସୁନା ଜବତ

**ପୁରୀ,୨।୧୨(ସମିସ):** ପୁରୀ ଜିଲ୍ଲା ପୁଲିସକୁ ବଡ଼ ସଫଳତା ମିଳିଛି। ଗତ ୨୦ ତାରିଖରେ ସମଯାଜପୁର ଓଭରବ୍ରିଜ୍‌ରେ ଘଟିଥିବା ଡକାୟତି ଘଟଣାର ପର୍ଦ୍ଦାଫାସ୍ କରିବା ସହ ୪ଡକାୟତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ପୁଲିସ ୧୩୨ ଗ୍ରାମର ୮ଟି ସୁନାହାର, ୩୧କେଜି ରୁପା, ୬ଲକ୍ଷ ଟଙ୍କା, ଗୋଟିଏ କାର୍, ୬ଟି ମୋବାଇଲ ଫୋନ୍, ଗୋଟିଏ ବନ୍ଧୁକ, ଦୁଇଟି ଗୁଳି ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ, ଚନ୍ଦନପୁର ଥାନା ଦୋଳଗୋବିନ୍ଦପୁରର ଟୁକୁଲା ଓରଫ୍ ଟୁକୁ ନାୟକ, ପୁରୀ ଭିଆଇପି ରୋଡର ଏକ ହୋଟେଲ କର୍ମଚାରୀ ଖୋର୍ଦ୍ଧା ବାଣପୁର ଥାନା ଚିଆଙ୍ଗସାହିର ପ୍ରଶାନ୍ତ ପ୍ରଧାନ ଓରଫ୍ ବାପି, ଆନ୍ଧ୍ର ବିଶାଖାପାଟଣାସ୍ଥିତ ପେଟା ପୁରମ୍ କଲୋନୀର ଏମ୍. ଗୌତମ, ଭୁବନେଶ୍ୱର ପଟିଆରେ ରହି ଏମ୍‌ବିଏ ପଢୁଥିବା ବାଲେଶ୍ୱର ଜଳେଶ୍ୱର ଥାନା ନପା ଗ୍ରାମର ଶୁଭ୍ରଜିତ ମହାନ୍ତି। ରାଧାକାନ୍ତ ଜୁଏଲର୍ସ ମାଲିକ ସଞ୍ଜୟ କୁମାର ଦାସଙ୍କ ଶଳା, ଜଣେ ସୁନା କାରିଗର ଏବଂ କାର୍ ଚାଳକ ଏକ ବ୍ୟାଗ୍‌ରେ ସୁନା, ରୁପା ଅଳଙ୍କାର ଏବଂ ଟଙ୍କା ନେଇ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଅଭିଯୁକ୍ତମାନେ ବନ୍ଧୁକ ମୁନରେ ସେମାନଙ୍କଠାରୁ ସବୁ ଛଡ଼ାଇ ନେଇଥିଲେ।। ଏହି ଘଟଣାରେ ସଂପୃକ୍ତ ଆଉ ୩ଜଣ ଫେରାର୍ ରହିଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ପୁଲିସ କହିଛି। ମଙ୍ଗଳବାର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ ଏବଂ ଏସ୍‌ପି ପ୍ରତୀକ୍ ସିଂ ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଏ ବାବଦରେ ବିସ୍ତୃତ ସୂଚନା ଦେଇଛନ୍ତି।



ପୁଲିସ୍ ସୂଚନାନୁଯାୟୀ, 'ଅପରେସନ୍ ହ୍ୱାଇଟ୍ ମେଟାଲ' ନାମରେ ପୁଲିସ ଏହି ଅଭିଯାନ ଆରମ୍ଭ କରିଥିଲା। ପୁରୀ ଏସ୍‌ପିଙ୍କ ନେତୃତ୍ୱରେ ଦକ୍ଷ ପୁଲିସ ଅଫିସରଙ୍କୁ ନେଇ ୨ଟିମ୍ ଗଠନ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ ଏହି ଡକାୟତି ଘଟଣାରେ ଟୁକୁ ଓ ବାପି ହେଉଛନ୍ତି ମାଷ୍ଟର୍‌ମାଇଣ୍ଡ। ସୁନା

- ୪ ଡକାୟତ ଗିରଫ: କାର୍, ବନ୍ଧୁକ ଓ ଗୁଳି ଜବତ
- ବନ୍ଧୁକ ମୁନରେ ଛଡ଼ାଇ ନେଇଥିଲେ ସୁନା ଓ ଟଙ୍କା ବ୍ୟାଗ୍

ଦୋକାନୀ ସଞ୍ଜୟଙ୍କ ଘର ପାଖରେ ରହୁଥିବା ଟୁକୁ ହିଁ ଏହି ଡକାୟତି ପାଇଁ ଯୋଜନା କରିଥିଲା। ମାସକ ତଳେ ଏହି ଯୋଜନା ଆରମ୍ଭ ହୋଇଥିଲା। ଟୁକୁ ଏଥିପାଇଁ ବାପିକୁ ନିୟୋଜିତ କରିଥିଲା। ପରେ ବାପି ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବା ୫ ଜଣଙ୍କୁ ନିୟୋଜିତ କରିଥିଲା। ଘଟଣା ଦିନ ୪ଜଣ ଏକ ସ୍କୋଡା କାର୍‌ରେ ଓ ବାକି ୩ଜଣ ବାଇକ୍‌ରେ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ସମଯାଜପୁର ଓଭରବ୍ରିଜ୍ ନିକଟରେ ବନ୍ଧୁକ ଦେଖାଇ ଲୁଟ କରିଥିଲେ। ଏଥିପାଇଁ ୭ ଦିନ ପୂର୍ବରୁ ରେକି କରାଯାଇଥିଲା। ଡକାୟତି କେଉଁ ସ୍ଥାନରେ ହେବ, କିଭଳି ହେବ, କେଉଁ ବାଟ ଦେଇ ଆସିବେ ଓ କେଉଁ ବାଟ ଦେଇ ଯିବେ ତାର ସମ୍ପୂର୍ଣ୍ଣ ଯୋଜନା କରାଯାଇ ଘଟଣାକୁ ରୂପ ଦିଆଯାଇଥିଲା। ଏନେଇ ସୁନା ଦୋକାନୀ ମାଲିକ ଚନ୍ଦନପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏଥିପାଇଁ ଗଞ୍ଜାମ ଜିଲ୍ଲା ପୁଲିସ ସହ ରାଜ୍ୟ ପୁଲିସର ମଧ୍ୟ ସହାୟତା ନିଆଯାଇଥିଲା। ଘଟଣାସ୍ଥଳରୁ ସଂଗୃହୀତ ତଥ୍ୟ, ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ, ସିସିଟିଭି ଫୁଟେଜ, ମୋବାଇଲ ଟ୍ରାକିଂ, ବୈଷୟିକ ସହାୟତା ନିଆଯାଇ ୪ ଅଭିଯୁକ୍ତଙ୍କୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଗିରଫ କରାଯାଇଛି।

ଫେରାର୍ ଥିବା ଅନ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ ପାଇଁ ପୁଲିସ ଚଢ଼ଉ ଜାରି ରଖିଛି। ଗିରଫ ଟୁକୁ ଓ ବାପି ଡକାୟତି କରିଥିବା ପୁଲିସ ନିକଟରେ ସ୍ୱୀକାର କରିଛନ୍ତି। ଟୁକୁ, ବାପି ସମେତ ଗିରଫ ଅଭିଯୁକ୍ତଙ୍କ ନାମରେ କେଉଁ କେଉଁ ଥାନାରେ କେତୋଟି ମାମଲା ରହିଛି ଓ କେଉଁ ପ୍ରକାର ଅପରାଧରେ ଏମାନଙ୍କ ସମ୍ପୃକ୍ତି ରହିଛି, ତାର ଯାଞ୍ଚ ଚାଲିଛି ବୋଲି କେନ୍ଦ୍ରାଞ୍ଚଳ ଆଇଜି ଓ ଏସ୍‌ପି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ପ୍ରାଚୁର୍ଯ୍ୟ ମଧ୍ୟରେ ଦାରିଦ୍ର୍ୟ

# ପାଲ ତଳେ ମୁଣ୍ଡ ଗୋଞ୍ଜିଛି ଗିଲ

ଯାଜପୁର,୨।୧୨ (ସମିସ)

ସାରା ରାଜ୍ୟର ଭାତହାଣ୍ଡି କହିଲେ ସୁକିନ୍ଦାକୁ ବୁଝାଏ। ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ରହିଛି କଳ କାରଖାନା ଠାରୁ ଆରମ୍ଭ କରି ଖଣି ଖାଦାନ। ରାତି ପାହିଲେ ଏହି ଅଞ୍ଚଳରୁ ରାଜ୍ୟ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ଆଦାୟ କରିଥାନ୍ତି। ଯେଉଁ ଅଞ୍ଚଳରେ ଧନଧାନ୍ୟରେ ଭର୍ତ୍ତି ହୋଇଛି ସେହି ଅଞ୍ଚଳରେ ଦାରିଦ୍ର୍ୟ ମଧ ଭରିରହିଥିବା ଦେଖିବାକୁ ମିଳିଛି। ସରକାର କିମ୍ବା ପ୍ରଶାସନ ଅଭାବୀ ଲୋକଙ୍କ ପାଖରେ ପହଞ୍ଚିପାରନି। ଫଳରେ ଲୋକେ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି। ଏପରିକି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ରତ୍ନ ଗର୍ଭା ସୁକିନ୍ଦା ଓ ଶିଳ୍ପ ନଗରୀରର ଅନେକ ଏପରି ଦୀପ ତଳ ଅନ୍ଧାର ଗାଁ ରହିଛି ଯେଉଁଠି ସ୍ଥାନୀୟ ଲୋକେ ଆଜି ବି ଅବହେଳିତ ଅଛନ୍ତି। ଦାନଗଦୀ ବ୍ଲକ ଦେଉଳକଣ ପଞ୍ଚାୟତ ବଗପାଟିଆ ବଡଧର ସାହିରେ ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଏଠାରେ ରୁହନ୍ତି ଗିଲ ଦେହୁରୀ (୭୪)। ପାଖରେ ତାଙ୍କ ଝିଅ



ଲକ୍ଷ୍ମୀ ଦେହୁରୀ (୨୯) ଏବଂ ମାନସିକ ଭିନ୍ନକ୍ଷମ ପୁଅ। ପରିଣତ ବୟସରେ ପହଞ୍ଚିଥିବା ଗିଲଙ୍କୁ ଆଉ ଭଲ ଦିଶୁ ନାହିଁ। ଚାଲିବାକୁ ଅଣ୍ଟାରେ ବଳ ନାହିଁ। ଚମ ଧୁଡୁଧୁଡୁ ହୋଇଗଲାଣି। କଥା କହିବାକୁ ବଳ ନାହିଁ। ଏଭଳି ଅବସ୍ଥାରେ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ନାହିଁ। କେଉଁଦିନ ପାଇଲେ ଗଣ୍ଡିଏ ଖାଉଛନ୍ତି ନ ହେଲେ ଉପାସ। ଏଭଳି ପରିବାର ପାଇଁ ଅନେକ ଯୋଜନା ସିନା ସରକାର ଘୋଷଣା କରିଛନ୍ତି; କିନ୍ତୁ ଏହି ଯୋଜନା ଯୋଜନ ଯୋଜନ ଦୂରରେ ରହିଥିବା ପରି ମନେ ହେଉଛି। ମୁଣ୍ଡ ଗୁଞ୍ଜିବାକୁ ଜାଗା ନ ପାଇ ବାଧ ହୋଇ ଜରିପାଲ ପାଲଟିଛି ଏକମାତ୍ର ସାହାରା। ଏଠି ଦିନରେ ଖରା ଓ ରାତିରେ ତାରା ଦେଖାହେଉଛି। ଏହି ଭଳି ଅନେକ ପରିବାର ରହିଥିଲେ ମଧ ଏମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପ୍ରଶାସନ କିମ୍ବା ସରକାରଙ୍କ ପାଖରେ ସମୟ ନାହିଁ। ଏଥିପାଇଁ ବେଳେ ସମାଜସେବୀ ଓ ସ୍ୱେଚ୍ଛାସେବୀ ମାନଙ୍କ ଦୃଷ୍ଟି ପଡିଲେ ଏମାନଙ୍କୁ କିଛି ଲାଭ ମିଳିଥାଏ ତାହା ମଧ ସମୁଦ୍ରକୁ ଶଙ୍ଖେ ସଦୃଶ।

## ଜବାହାର ନବୋଦୟ ବିଦ୍ୟାଳୟରେ ପ୍ରତିମୂର୍ତ୍ତି ଉନ୍ମୋଚନ



ପାଣିକୋଇଲି,୨।୧୨(ସମିସ): ପାଣିକୋଇଲିସ୍ଥିତ ପିଏମ୍‌ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟ ପରିସରରେ ଆଜି ୫ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଅତିଥି ଭାବେ ଯୋଗଦେଇ ଏହାକୁ ଉନ୍ମେଚନ କରିଥିଲେ। ଏଥିରେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ, କର୍ମବୀର ଗୌରୀଶଙ୍କର ରାୟ, ଉତ୍କଳ ଗୌରବ ମଧୁସୂଦନ ଦାସ, ପଣ୍ଡିତ ନିଳମଣି ବିଦ୍ୟାରତ୍ନ, ଜୟକୃଷ୍ଣ ରାଜଗୁରୁ ମହାପାତ୍ରଙ୍କ ପ୍ରତିମୂର୍ତ୍ତି ବିଦ୍ୟାଳୟ ପରିସରରେ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଅତିଥି ଓ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଭା ଆୟୋଜନ କରାଯାଇଥିଲା। ଜବାହାର ନବୋଦୟ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଅଭିମନ୍ୟୁ ଭଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲାପାଳ ଅମ୍ବର କୁମାର କର, ଉତ୍କଳ ସ୍ୱାଭିମାନୀ ମଞ୍ଚ ସଭାପତି ରାଧାକାନ୍ତ ଦାଶ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ବାଦଲ କିଶୋର ମହାପାତ୍ର, ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବରିଷ୍ଠ ଅଧ୍ୟାପକ ପ୍ରଦ୍ୟୁମ୍ନ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ଚିନ୍ତନ ସ୍ଥାନ ଜିଲ୍ଲାପାଳଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ପରେ ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। କୋରେଇ ବିଡିଓ ଅବନୀକାନ୍ତ ସାହୁ, ପାଣିକୋଇଲି ମା' ତାରିଣୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚନ୍ଦ୍ରକାନ୍ତ ମହାନ୍ତିଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ର, ଛାତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଦାନଗଦି, କୋରେଇରୁ ୪ ଶିଶୁ ଶ୍ରମିକ ଉଦ୍ଧାର

ଯାଜପୁର,୨।୧୨(ସମିସ): ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଦାନଗଦି ଓ କୋରେଇରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୪ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛନ୍ତି। ଏନ୍‌ଜିଓ ଓ ଶିଶୁମାନଙ୍କ ସୁରକ୍ଷା ପାଇଁ ଜିଲ୍ଲାସ୍ତରରେ କାର୍ଯ୍ୟ କରୁଥିବା ଶିଶୁ ସୁରକ୍ଷା ୟୁନିଟ୍‌ରୁ ସୂଚନା ପାଇବା ପରେ ଜିଲ୍ଲା ଶ୍ରମ ବିଭାଗ ତରଫରୁ ଦୁଇଟି ଟିମ୍ ସହକାରୀ ଶ୍ରମ ଅଧିକାରୀ ରଚନା ସେଠୀ, ଦେବାଶିଷ ଜେନା ଦାନଗଦି ଏବଂ ସହକାରୀ ଶ୍ରମ ଅଧିକାରୀ ସ୍ମୃତିରଞ୍ଜନ ପଣ୍ଡା କୋରେଇରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଚାଇଲ୍ଡ ଲାଇନ୍ ସଦସ୍ୟ ଏବଂ ସ୍ଥାନୀୟ ପୁଲିସ ସହାୟତାରେ ଚଢ଼ଉ କରିଥିଲେ। ଦାନଗଦି ବ୍ଲକ ସ୍ଥିତ ମିଲିଟାରୀ ଛକରେ ଥିବା ଚନ୍ଦନ ହୋଟେଲରୁ ୨ ଜଣ ଏବଂ କୋରେଇ ବ୍ଲକ ଷଠିପୁର ସ୍ଥିତ ଘୁଷୁରୀ ପାଳନ ସ୍ଥାନରୁ ୨ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କୁ ଶିଶୁ କଲ୍ୟାଣ ସମିତିରେ ଉପସ୍ଥିତ କରିବା ସହିତ ଜିଲ୍ଲା ଶ୍ରମ ବିଭାଗ ତରଫରୁ ସହକାରୀ ଶ୍ରମ ଅଧିକାରୀମାନେ ସମ୍ପୃକ୍ତ ମାଲିକମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଖୁବଶୀଘ୍ର ସମ୍ପୃକ୍ତ ମାଲିକମାନଙ୍କ ବିରୋଧରେ କୋର୍ଟରେ ମାମଲା କରାଯିବ ବୋଲି ଜିଲ୍ଲା ଶ୍ରମ ବିଭାଗ ତରଫରୁ ସୂଚନା ମିଳିଛି।




## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା; ଯୁବକ ଗିରଫ

ଦାନଗଦି/ସୁକିନ୍ଦା,୨।୧୨(ସମିସ): ବିବାହ ପ୍ରଲୋଭନ ଦେଇ ଦୀର୍ଘ ଦୁଇ ବର୍ଷ ଧରି ଜଣେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଓ ପରେ ବିବାହ କରିବାକୁ ମନା କରିଦେବା ଘଟଣାରେ କଳିଙ୍ଗନଗର ପୁଲିସ ସମ୍ପୃକ୍ତ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଢେଙ୍କାନାଳ ଜିଲ୍ଲା ଟାଉନ ଥାନା ଅଞ୍ଚଳ କନ୍ଦର ବଜାରର ପ୍ରଫୁଲ୍ଲ ବେହେରାଙ୍କ ପୁଅ ସୁବାସ ଚନ୍ଦ୍ର ବେହେରା(୨୬)।



ସୂଚନା ମୁତାବକ କଳିଙ୍ଗନଗର ଥାନା କଇଥା ଗ୍ରାମର ଜୈନିକ ଯୁବତୀ ଓ ସୁବାସଙ୍କ ମଧ୍ୟରେ ଦୁଇବର୍ଷ ହେଲା ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ନିକଟରେ ଯୁବତୀଙ୍କୁ ବିବାହ କରିବାକୁ କହି ସୁବାସ ପୁରୀକୁ ନେଇଥିଲା। ସେଠାରେ ଏକ ହୋଟେଲରେ ଉଭୟ ରାତ୍ରୀଯାପନ କରିଥିଲେ। ପରେ ସୁବାସର ପରିବାର ଲୋକେ ଯୁବତୀ ସହ ବିବାହ କରିବାକୁ ଅମଙ୍ଗ ହୋଇଥିଲେ। ଯାହାଫଳରେ ସୁବାସ ଯୁବତୀକୁ ପୁରୀରୁ ଘରକୁ ଯିବାକୁ କହି ବସ୍‌ରେ କଟକକୁ ସାଥିରେ ଧରି ଆସିଥିଲେ। କଟକରେ ଯୁବତୀକୁ ଏକାକୀ ଛାଡ଼ିଦେଇ ସୁବାସ କେଉଁଆଡ଼େ ପଳାଇଯାଇଥିଲେ। ସୋନୀ ସୁବାସକୁ ବହୁ ଖୋଜାଖୋଜି କରି ନ ପାଇବାରୁ ଘରକୁ ପଳାଇ ଆସି ନିଜ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ପରେ କଳିଙ୍ଗନଗର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୁଲିସ କେସ୍ ନମ୍ବର ୪୪୪/୨୦୨୫ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ସୁବାସକୁ ତାର ଗାଁରୁ ଗିରଫ କରିଥିଲେ। ପୁଲିସ ଆଜି ଉଭୟଙ୍କୁ ଡାକ୍ତରୀ ମାଇନା କରିବା ପରେ ସୁବାସକୁ କୋର୍ଟଚାଲାଣ କରିଥିବା କହିଛି।

## ବାଲ୍ୟବିବାହ ମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ




ଯାଜପୁର,୨।୧୨(ସମିସ): ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଏବଂ ରଚିକା ସମାଜ ସେବା ସଂଗଠନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ବାଲ୍ୟବିବାହ ମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମ ଆରମ୍ଭରେ ବାଲ୍ୟ ବିବାହକୁ ବନ୍ଦ କରିବା ପାଇଁ ସାମୂହିକ ଶପଥ ପାଠ କରାଯାଇଥିଲା। ଏହି ସଭାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପାର୍ବତୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଲ୍ୟବିବାହ ଭଳି କୁପ୍ରଥାକୁ କିପରି ଉଚ୍ଛେଦ କରାଯାଇପାରିବ, ସେ ସମ୍ପର୍କରେ ଆଲୋକପାତ କରିଥିଲେ ଏବଂ ଏଦିଗରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ବାଲ୍ୟବିବାହକୁ ରୋକିବା ପାଇଁ ପ୍ରଶାସନ, ସମାଜସେବୀ, ଏନ୍‌ଜିଓ, ନାଗରିକ ସମାଜ ସମସ୍ତଙ୍କ ମିଳିତ ପ୍ରୟାସ ଲୋଡ଼ା ବୋଲି ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଏହି ବିଷୟରେ ଅତିଥିମାନେ ବିସ୍ତୃତ ଆଲୋଚନା କରି ସେମାନଙ୍କ ମତ ବ୍ୟକ୍ତ କରିଥିଲେ। ବାଲ୍ୟ ବିବାହକୁ ରୋକିବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଆଗଧାଡ଼ିର କର୍ମଚାରୀମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବାଲ୍ୟ ବିବାହକୁ ଦୃଢ଼ତାର ସହ ସାମ୍ନା କରିଥିବା ମହିଳାମାନେ ସେମାନଙ୍କ ଅନୁଭୂତି ବାଣ୍ଟିଥିଲେ ଏବଂ ବାଲ୍ୟବିବାହ ପ୍ରଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ପାଇଁ ସଭାରେ ଉପସ୍ଥିତ ମା'ମାନଙ୍କୁ ଅନୁରୋଧ କରିଥିଲେ। ରଚିକା ଅନୁଷ୍ଠାନର କର୍ମଚାରୀମାନେ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନର ସଚେତନତା ବାର୍ତ୍ତାକୁ ନେଇ ଏକ ସୁନ୍ଦର ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷା ରେକ୍ସୋନା ଜେନା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ, ରଚିକା ସମାଜ ସେବା ସଂଗଠନର ସମ୍ପାଦକ ଉମାଶଙ୍କର ଷଡ଼ଙ୍ଗୀ ଓ ନିର୍ଦ୍ଦେଶକ ଆରପି ଦ୍ୱିବେଦୀ, ସିଡିପିଓ ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ରୁଚିକା ସଂଗଠନର ଜିଲ୍ଲା ସଂଯୋଜକ ଦେବପ୍ରସାଦ ପାଠକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ସ୍କୁଲରେ ଗୀତା ଜୟନ୍ତୀ



ଯାଜପୁର,୨।୧୨(ସମିସ): ଯାଜପୁର ଜିଲ୍ଲା ହାଇସ୍କୁଲ ପରିସରରେ ପ୍ରତିବର୍ଷ ପରି ଗୀତା ଜୟନ୍ତୀ ପାଳନ ହୋଇଯାଇଛି। ଏହି ଗୀତା ଜୟନ୍ତୀ ସମାରୋହ ଡିସେମ୍ବର ୧ ତାରିଖରୁ ଆରମ୍ଭ ହୋଇ ଏକ ସପ୍ତାହ ବ୍ୟାପୀ ସମଗ୍ର ଭାରତ ବର୍ଷରେ ପାଳନ କରାଯାଇଥାଏ। ସେହିପରି ଭାବେ ଯାଜପୁର ଜିଲ୍ଲା ସ୍କୁଲରେ ୧୯୮୪ ମସିହା ଠାରୁ ଏହି ଜୟନ୍ତୀ ପୂର୍ବତନ ସଂସ୍କୃତ ଶିକ୍ଷକ ବିଜୟ ଭୂଷଣ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଣ୍ଡିତ ଭୂପତି ଭୂଷଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟନ୍ୟା ସାହିତ୍ୟ ସଂସଦ ସଭାପତି ସନ୍ତୋଷ ନନ୍ଦ, ମୁଖ୍ୟବକ୍ତା ଭାବେ ସାଧୁଗୌଡେଶ୍ୱର ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଡ. ହରିଶ୍ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ଅନ୍ୱେଷଣର ସଂପାଦକ ଅଭିମନ୍ୟୁ ମିଶ୍ର, ଜିଲ୍ଲା ସ୍କୁଲର ଶିକ୍ଷୟିତ୍ରୀ କ୍ଷୀରୋଦମୟୀ ପତି ଯୋଗ ଦେଇ ପିଲାମାନଙ୍କୁ ଗୀତା ଜ୍ଞାନ ସମ୍ବନ୍ଧୀୟ ଆଲୋଚନା କରିଥିଲେ। ସମାରୋହରେ ଗୀତା ଆବୃତ୍ତି ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭାରେ ଶିକ୍ଷୟିତ୍ରୀ ମନିଷା ପତି, ପ୍ରେରଣା ନାୟକ, ସୁଚିସ୍ମିତା ମହାନ୍ତି, ରୂପାଲି ଦେବତା, ସୋଲନା ଦାସ, ସ୍ମିତାରାଣୀ ରାଉତ, ସବିତା ଧଳ, ସୌମ୍ୟରଞ୍ଜନ ନାୟକ, ରାଧାରାଣୀ ମହାରଣା, ପ୍ରଭାଶିନୀ ରାଉତଙ୍କ ସମେତ ଜିଲ୍ଲା ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଦୁଇ ବାଇକ ଧକ୍କାରେ ଜଣେ ମୃତ; ଜଣେ ଗୁରୁତର

ଦାନଗଦି,୨।୧୨(ସମିସ): ଟମକା ଥାନା ଅନ୍ତର୍ଗତ ଟୋଲକାନି ବାଙ୍ଗରକୋଟା ପୂର୍ତ୍ତ ରାସ୍ତାରେ ଦୁଇଟି ମଟର ସାଇକଲ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଡାହାଣୀ ଗଡ଼ିଆ ନିକଟ ଜଙ୍ଗଲିଆ ରାସ୍ତାରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ କେନ୍ଦୁଝର ଜିଲା ଆନନ୍ଦପୁର ନିକଟ ଶୈଳଙ୍ଗ ଗ୍ରାମର ମକରଧ୍ୱଜ ସାହୁ (୫୦)ଙ୍କ ମୃତ୍ୟୁ ଘଟିଛି। ମକର ଓ ସେହି ଗ୍ରାମର ଗଣେଶ୍ୱର ଦେହୁରୀ ଏକ ମଟର ସାଇକଲରେ ଟମକା ଥାନା ଅନ୍ତର୍ଗତ ଫୁଲଝର ଆସି ନିଜ ଗାଁକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ସ୍ଥାନୀୟ ନଛିପୁରା ଗ୍ରାମର ସନ୍ତୋଷ ପଲେଇ (୨୫) ଅନ୍ୟ ଏକ ମଟର ସାଇକଲରେ ଆସୁଥିବା ବେଳେ ଉଭୟ ଗାଡ଼ି ମଧ୍ୟରେ ଜୋର୍‌ରେ ଧକ୍କା ଲାଗିଥିଲା। ମକରଧ୍ୱଜଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ପରେ ଟମକା ପୁଲିସ ଖବର ପାଇ ଆହତମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ। ଶେଷ ସୂଚନା ମୁତାବକ ଆହତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ରହିଛି।

## ପଦ୍ମାକର ଗୁରୁ କଂଗ୍ରେସରୁ ବହିଷ୍କୃତ

ଯାଜପୁର, ୨।୧୨(ସମିସ): ଦଳ ବିରୋଧୀ କାର୍ଯ୍ୟ ପାଇଁ କଂଗ୍ରେସ ଦଳରୁ ଯୁବ ନେତା ପଦ୍ମାକର ଗୁରୁଙ୍କୁ ୬ ବର୍ଷ ପାଇଁ ବହିଷ୍କାର କରାଯାଇଛି। ଶ୍ରୀ ଗୁରୁ ରାଜ୍ୟ କଂଗ୍ରେସର ମୁଖପାତ୍ର ଦାୟିତ୍ୱରେ ଥିଲେ। ନୂଆପଡା ଉପନିର୍ବାଚନ ପରେ ପିସିସି ସଭାପତିଙ୍କ ଉଦ୍ଦେଶ୍ୟରେ ସାମାଜିକ ଗଣମାଧ୍ୟମରେ ଦେଇଥିବା ଟିପ୍ପଣୀ ପାଇଁ ଦଳ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କୁହାଯାଉଛି। ରାଜ୍ୟ କଂଗ୍ରେସ ପକ୍ଷରୁ ଏଆଇସିସିକୁ ଏହି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନୁରୋଧ କରାଯିବା ପରେ ଏଭଳି ନିଷ୍ପତି ନିଆଯାଇଥିବା ଜଣାପଡିଛି। ସେପଟେ ଏ ନେଇ ଶ୍ରୀ ଗୁରୁ ନିଜର ପ୍ରତିକ୍ରିୟା ଦେଇ ଯଦି କଂଗ୍ରେସର ଏଭଳି ପଦକ୍ଷେପ ଦଳକୁ ମଜବୁଦ କରିବ ସେଥିରେ ସେ ଅଧିକ ଖୁସି ହେବେ ବୋଲି ପଦ୍ମାକର କହିଛନ୍ତି।

## କଳାକାରଙ୍କ ସ୍ମୃତିଚାରଣ ସଭା

ବରୁଆଁ,୨।୧୨(ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ସାହସପୁର ପଞ୍ଚାୟତର ଗୋବିନ୍ଦପୁର ଗ୍ରାମର କଳାକାର ବିଜୟ କୁମାର ସାହାଣୀଙ୍କ ଏକାଦଶାହରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ମିହିର ମହାପାତ୍ରଙ୍କ ସଭାପତିତ୍ୱରେ ବିରଜା ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶାନ୍ତ ନାଥ ଶର୍ମା, ତିଲନ କୁମାର ସାହୁ, ମନମୋହନ ପାଢ଼ୀ, ଶରତ କୁମାର ଜେନା, ସଂଗ୍ରାମ କେଶରୀ ସାହାଣୀ, ପ୍ରତୀକ୍ଷା ପ୍ରିୟଦର୍ଶିନୀ ସାହାଣୀ, ଦୀପାଳି ସାହୁ, ବିଜୟ ପାଢ଼ୀ, ଦୀପ୍ତି ଜେନା, ବିଶ୍ୱଭୂଷଣ ଜେନା, ଅଶୋକ କୁମାର ରାଉତ, ଆରତୀ ଦେଓ, ଗଦାଧର ଦାସ, ପଙ୍କଜ କୁମାର ମହାନ୍ତିଙ୍କ ସମେତ ଅନ୍ୟମାନ ଉପସ୍ଥିତ ଥିଲେ।

## ଯାଜପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଯାଜପୁର,୨।୧୨(ସମିସ): ଜିଲ୍ଲା ଓ ଦୌରା ଅଦାଲତ ସମେତ ଯାଜପୁର ଜିଲ୍ଲାର ସମସ୍ତ ଅଦାଲତ ପରିସରରେ ଆସନ୍ତା ୧୩ ତାରିଖରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଲିପା ମହାନ୍ତି ପ୍ରକାଶ କରିଛନ୍ତି। ଉକ୍ତ ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରଧୀନ ମକଦ୍ଦମା ଯଥା-ଫୌଜଦାରି (ସାଲିସଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋସ ସମାଧାନ କରାଯିବ। ଏ ସଂକ୍ରାନ୍ତରେ ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଯାଜପୁର ଓ ତାଲୁକ ଆଇନସେବା କମିଟି ସହିତ ଯୋଗାଯୋଗ କରିବାକୁ ସୂଚନା ଦିଆ ଯାଇଛି।

## ଆର୍‌ଏସ୍‌ଏସ୍‌ର ଗୃହ ସମ୍ପର୍କ ଅଭିଯାନ

ଯାଜପୁର,୨।୧୨(ସମିସ): ଯାଜପୁର ବିରଜାକ୍ଷେତ୍ରରୁ ଆରମ୍ଭ ହେଲା ବିରଜା ନଗର ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘର ଗୃହ ସମ୍ପର୍କ ଅଭିଯାନ। ଅଖିଳ ଭାରତୀୟ ସାହିତ୍ୟ ପରିଷଦ କ୍ଷେତ୍ର ସଂଗଠନ ମନ୍ତ୍ରୀ ନାରାୟଣ ନାୟକଙ୍କ ତତ୍ତ୍ୱାବଧାନରେ ଏହି ଗୃହ ସମ୍ପର୍କ ଅଭିଯାନ ଆରମ୍ଭ ହୋଇଛି। ଏହି ପ୍ରରିପ୍ରେକ୍ଷୀରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ପରେ ଯାଜପୁର ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଘରକୁ ଘର ବୁଲି ଏହି ଅଭିଯାନ ଆରମ୍ଭ ହୋଇଛି। ଓଡ଼ିଶା ପୂର୍ବ ସହ ପ୍ରାନ୍ତ ପ୍ରଚାରକ ଅସିତ କୁମାର ସାହୁ, ଜିଲ୍ଲା ପ୍ରଚାରକ ମନୋଜ କୁମାର ସାହୁ, ବିରଜା ନଗର କାର୍ଯ୍ୟବାହ ଭବାନୀ ଶଙ୍କର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନଗର ଶାରୀରିକ ପ୍ରମୁଖ ରଘୁନାଥ ସେନାପତି, ନଗର ବ୍ୟବସ୍ଥା ପ୍ରମୁଖ ପ୍ରୀତିକାନ୍ତ ଦାସ, ଲମ୍ବୋଧର ସାହୁ, ରାଜା ଗେଡ଼ି, ବିଶ୍ୱନାଥ ଶୁକ୍ଳ, ବ୍ରହ୍ମାନନ୍ଦ ରଣା, ଅନନ୍ତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ସୁକିନ୍ଦା,୨।୧୨(ସମିସ): ସୁକିନ୍ଦା ଅଞ୍ଚଳର ଜଣେ ସୁନାମଧନ୍ୟ ଶିକ୍ଷକ ତଥା ଲେଖକ ଗୋକୁଳ ଚନ୍ଦ୍ର ମହାନ୍ତଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ ଶିକ୍ଷକଙ୍କ ଘର ସୁକିନ୍ଦା ବ୍ଲକ ଅନ୍ତର୍ଗତ ଝୁମ୍ପାଣ ଗ୍ରାମରେ। ଏହି ବ୍ଲକ ଅନ୍ତର୍ଗତ ଆଶୋକଝର ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ଭାବେ କାର୍ଯ୍ୟ କରି ଗତ ୨୦୨୨ରେ ଅବସର ଗ୍ରହଣ କରିଥିଲେ। ଶିକ୍ଷକତା କରିବା ସହ ସେ ଜଣେ ଭଲ ନାଟ୍ୟ ଲେଖକ ଓ ଜଣେ ସୁସଂଗଠକ ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ଜଣାଶୁଣା ଥିଲେ। ଗ୍ରାମ ମଶାଣିରେ ଶେଷକୃତ୍ୟ ସଂପନ୍ନ ହୋଇଛି। ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଅନେକ ଶିକ୍ଷକ, ଛାତ୍ର ଛାତ୍ରୀ ଓ ଆତୀୟ ସୋଜନ ତାଙ୍କ ଝୁମ୍ପାଣ ସ୍ଥିତ ବାସଭବନରେ ପହଂଚି ଶେଷ ଦର୍ଶନ କରିବା ସହ ସୋକସତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ଜିସି କଲେଜରେ ଆଲୋଚନାଚକ୍ର

## 'ବରୀ ମାଟି ତ୍ୟାଗ ଓ ବଳିଦାନର ମାଟି'




ବରୀ,୨।୧୨(ସମିସ): ବରୀ ରାମଚନ୍ଦ୍ରପୁରସ୍ଥିତ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟରେ ଭାରତର ସ୍ୱାଧୀନତା ସଂଗ୍ରାମରେ ବରୀର ଅବଦାନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ସଂସ୍କୃତି ଓ ବିକାଶ ପରିଷଦ, ଭୁବନେଶ୍ୱର ଏବଂ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ ସହଭାଗିତାରେ ଏହି ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ବିଶିଷ୍ଟ ଆଇନଜୀବୀ ନଟବର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ବରିଷ୍ଠ ରାଜନେତା ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ସମ୍ମାନିତ ଅତିଥି ଭାବେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ପ୍ରବୋଧ କୁମାର ସାମଲ ଯୋଗଦାନ କରିଥିଲେ। ଆଲୋଚକ ଭାବେ ବିଶିଷ୍ଟ ଶିକ୍ଷାବିତ ଡ. ବିଜୟ କିଶୋର ସାମଲ, ଡ. ଶରତ କୁମାର ବିଶ୍ୱାଳ, ଡ. ଭାଗବତ ଶୁକ୍ଳ, ପ୍ରମେଶ ମହାନ୍ତି ଯୋଗଦାନ କରିଥିଲେ। ଅଶୋକ କୁମାର ବାରିକ ସ୍ୱାଗତ ଭାଷଣ ପ୍ରଦାନ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ବରୀ ଅଞ୍ଚଳର କିଭଳି ଭୂମିକା ଥିଲା ତା' ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ବରୀ ମାଟି ତ୍ୟାଗ, ବଳିଦାନ ଓ ତିତୀକ୍ଷାର ମାଟି। ଏ ମାଟିର ପଟାନ୍ତର ନାହିଁ। ସେଦିନର ବରୀ ଓ ଆଜିର ବରୀ ମଧ୍ୟରେ ଅନେକ ଫରକ ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କଲେଜର ଅଧ୍ୟକ୍ଷ ପ୍ରଫେସର ପ୍ରବୋଧ କୁମାର ସାମଲ ସ୍ୱାଗତ କରିଥିଲେ। ବିଶିଷ୍ଟ ବୈଜ୍ଞାନିକ ତଥା ଶିକ୍ଷାବିତ ଡ. ଚିତ୍ତରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

## ମା' ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକୀ

ବାଲିଚନ୍ଦ୍ରପୁର, ୨।୧୨ (ସମିସ): ମା' ରମାଦେବୀଙ୍କ ୧୨୫ତମ ଜୟନ୍ତୀ ଉପଲକ୍ଷେ ବର୍ଷବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ପରେ ତିନିଦିନିଆ ରାଜ୍ୟସ୍ତରୀୟ ଉଦ୍‌ଯାପନୀ ଉତ୍ସବର ଶୁଭାରମ୍ଭ ହୋଇଛି। ଯାଜପୁର ଜିଲ୍ଲା ବଡ଼ଚଣା ଅନ୍ତର୍ଗତ ସଂଗ୍ରାମୀ ଗ୍ରାମ ବାଲିପଡିଆସ୍ଥିତ ଠକ୍କର ବାପା ଆଶ୍ରମରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ବିଶିଷ୍ଟ ଗାନ୍ଧୀବାଦୀ, ଶିକ୍ଷାବିତ୍, ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ଏବଂ ଯୁବକମାନେ ସମ୍ମିଳୀତ ହୋଇ ତିନିଦିନିଆ ଉତ୍ସବର ଶୁଭାରମ୍ଭ କରିଛନ୍ତି। ଠକ୍କରବାପା ଆଶ୍ରମର ପରିଚାଳକ ବିଜୟ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ଗାନ୍ଧୀବାଦୀ ତଥା ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ କୃଷ୍ଣା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବଶକ୍ତି ମା' ରମାଦେବୀଙ୍କ ତ୍ୟାଗପୂତ ଜୀବନରୁ ପ୍ରେରଣା ପାଇବା ଦରକାର ବୋଲି ମତ ବ୍ୟକ୍ତ କରିଥିଲେ। ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି ସ୍ୱାଧୀନତା ସଂଗ୍ରାମ ସହିତ ସର୍ବୋଦୟରେ ମା' ରମାଦେବୀଙ୍କ ଅତୁଳନୀୟ ଅବଦାନ ଉପରେ ଅବତାରଣା କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ କେନ୍ଦ୍ରୀୟ ଗାନ୍ଧୀ ସ୍ମାରକ ନିଧିର ଟ୍ରଷ୍ଟି ତଥା ବିଶିଷ୍ଟ ଗାନ୍ଧୀବାଦୀ ଡା. ବିଶ୍ୱଜିତ୍ ବିଗତ ବର୍ଷେ ଧରି ଓଡ଼ିଶାର ବିଭିନ୍ନ ସ୍ଥାନରେ ମା' ରମାଦେବୀଙ୍କର ୧୨୫ତମ ଜୟନ୍ତୀ ଅବସରରେ ଆୟୋଜିତ କରଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଦୁଇଦିନ ଧରି ଭୁବନେଶ୍ୱର ଏବଂ କଟକ ସତ୍ୟଭାମାପୁରରେ ହେବାକୁ ଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ସଭାରେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ମହେଶ୍ୱର ବଳ, ଶିକ୍ଷାବିତ୍ ଉମାକାନ୍ତ ବଳ, ନଟବର ସାମଲ, ଆଇନଜୀବୀ ଦେବରାଜ ବେହେରା, ଚଣ୍ଡିଖୋଲ ବାର ଆସୋସିଏସନ ସମ୍ପାଦକ ଆଇନଜୀବୀ ପ୍ରକାଶ ଦାଶ, ସମାଜସେବୀ ଦିଲୀପ ସାମଲ, ଦିଲୀପ କୁମାର ରାଉତ, ସ୍ୱାଧୀନତା ସଂଗ୍ରାମୀ ଦାୟାଦ କୈଳାସ ମହାନ୍ତି, ଶରତ ଚନ୍ଦ୍ର ପ୍ରଧାନ, ଫନୀନ୍ଦ୍ର ନାଥ ପଣ୍ଡା, ସରସ୍ୱତୀ ଭୂୟାଁ, ଜୀବନ ମହାପାତ୍ର ପ୍ରମୁଖ ଉଦବୋଧନ ଦେଇଥିବା ବେଳେ ଗଣମାଧ୍ୟମର ବ୍ୟକ୍ତିତ୍ୱ, ସଂଗ୍ରାମୀଙ୍କ ଦାୟାଦ ଏବଂ ସଂଗ୍ରାମୀଙ୍କ ସ୍ମୃତିରେ ରକ୍ତଦାନ ଆୟୋଜନ କରିଥିବା ସଂଗ୍ରାମୀ ଏକାଡେମୀ ଓ ଜଗନ୍ନାଥ ମାନ୍ଧାତା ସ୍ମୃତି ପରିଷଦର ସ୍ୱେଚ୍ଛାସେବୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସ୍ୱାଧୀନତା ସଂଗ୍ରାମୀ ଯୁବ ସାମ୍ମୁଖ୍ୟ ଯାଜପୁର ଜିଲ୍ଲା ସଭାପତି ଶ୍ରୀକାନ୍ତ କୁମାର ସାମଲ ସଂଯୋଜନା କରିଥିବା ବେଳେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କେନ୍ଦ୍ରାପଡା ଗାନ୍ଧୀ ସ୍ମୃତି ପରିଷଦର ସମ୍ପାଦକ ରାଜେଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସାମ୍ବାଦିକ ବିମଳ ପତି, ଅବିନେଶ୍ୱର ଶତପଥୀ, ସଞ୍ଜୀବ କୁମାର ସାମଲ, ପ୍ରଭାସ କୁମାର ଦାସ, ହେମନ୍ତ କୁମାର ଦାସ,କିଶୋର କୁମାର ରାଉତ ପ୍ରମୁଖଙ୍କ ସହ ସଂଗ୍ରାମୀଙ୍କ ଦାୟାଦ ଅନ୍ତର୍ଯ୍ୟାମୀ ଜେନା, ପ୍ରବୋଧ କୁମାର ସାମଲ, ଧନଞ୍ଜୟ ତ୍ରିପାଠୀ ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ।



# ବ୍ଲକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ବାରିକପୁର,୨।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ସରସଦା ସରକାରୀ ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ରୀ ଦେବସ୍ମିତା ଷେଣ୍ଢଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେ ଜାତୀୟ ଗ୍ରାମାଟଂ ମେଧାବୃତି ପରୀକ୍ଷାରେ ବ୍ଲକ ଟପ୍ପର ହୋଇଛନ୍ତି। ତେଣୁ ବିଦ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷୟିତ୍ରୀ ଭକ୍ତି ନୈବେଦ୍ୟ ସାମଲ ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ସେହିଭଳି ଅନ୍ୟତମ କୃତି ଛାତ୍ରୀ ହରପ୍ରିୟା ସ୍ୱାଇଁ ଙ୍କୁ ମଧ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ ନାୟକ, ଶିକ୍ଷକ ସଞ୍ଜୟ ନନ୍ଦ, ଶିକ୍ଷୟିତ୍ରୀ ଅର୍ଚ୍ଚନା ସ୍ୱାଇଁ, ମାମା ପ୍ରିୟା ପାଣିଗ୍ରାହୀ, ମମତା ଧଳ, କ୍ଷୀରାବ୍ଧୀ ତନୟା ମହାପାତ୍ର, ବନ୍ଦିଓ୍ୱଣ୍ଟାଳୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# 'ଜ୍ଞାନୀ ଗୁରୁ ଶ୍ରୀଚକ୍ର' ସମ୍ମାନରେ ସମ୍ମାନିତ ହେଲେ ବିଷ୍ଣୁମୋହନ



ବନ୍ତ/ଆଗରପଡ଼ା,୨।୧୨(ସମିସ): ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ (ହାସିନପୁର) ପଣ୍ଡାସାହି ବାଉନଘର ଗ୍ରାମ ନିବାସୀ ଶିକ୍ଷାବିତ୍ ତଥା କର୍ମକାଣ୍ଡ ପୂଜାବିଧିର ବିଭିନ୍ନ ପୁସ୍ତକ ରଚୟତା ବିଷ୍ଣୁ ମୋହନ ପଣ୍ଡା 'ଜ୍ଞାନୀ ଗୁରୁ ଶ୍ରୀଚକ୍ର' ସମ୍ମାନରେ ସମ୍ମାନିତ ହୋଇଛନ୍ତି। ରବିବାର ଦିନ ଯାଜପୁର ଜିଲ୍ଲା ପାଣିକୋଇଲି ବର୍ତ୍ତମଣା ଠାରେ ଆୟୋଜିତ 'ବୟସର କୃଷ୍ଣଚୂଡ଼ା' କମିଟି ଦ୍ୱାରା ଆୟୋଜିତ ପ୍ରଥମ ବାର୍ଷିକ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମରେ ସମ୍ପାଦିକା ଲକ୍ଷ୍ମୀପ୍ରିୟା ମାଇତିଙ୍କ ତତ୍ତ୍ୱାବଧାନରେ ଆନନ୍ଦ ଚନ୍ଦ୍ର ମାଇତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି କୋରେଇ ବିଧାୟକ ତଥା ଚଳଚ୍ଚିତ୍ର ଜଗତର ଜଣାଶୁଣା ଅଭିନେତା ଆକାଶ ଦାସନାୟକ, ମୁଖ୍ୟବକ୍ତା ଉମାକାନ୍ତ ହୋତା ଯୋଗଦେଇ ଶିକ୍ଷାବିତ୍ ତଥା କର୍ମକାଣ୍ଡ ପୂଜାବିଧିର ବିଭିନ୍ନ ପୁସ୍ତକର ରଚୟତା ବିଷ୍ଣୁ ମୋହନ ପଣ୍ଡାଙ୍କୁ ଜ୍ଞାନୀ ଗୁରୁ ଶ୍ରୀଚକ୍ର ସମ୍ମାନରେ ସମ୍ମାନିତ କରିଥିଲେ। ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିବାବେଳେ ଶ୍ରୀ ପଣ୍ଡା ଅଦ୍ୟାବଧି କର୍ମକାଣ୍ଡ ପୂଜାବିଧିର ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ପୁସ୍ତକ ଲେଖିସାରିଛନ୍ତି ବୋଲି ଅତିଥିମାନେ କହିଥିଲେ।

## କାଗଜ କଲମରେ ସୀମିତ ଭିନ୍ନକ୍ଷମ ଦିବସ

# ବଞ୍ଚିବାର ରାହା ଖୋଜୁଛନ୍ତି ଦିବ୍ୟାଙ୍ଗ









ବନ୍ତ/ଆଗରପଡ଼ା,୨।୧୨(ସମିସ):୧୯୯୨ ମସିହା ଠାରୁ ସାରା ବିଶ୍ୱରେ ଡିସେମ୍ବର ମାସ ୩ତାରିଖକୁ ଭିନ୍ନକ୍ଷମ ଦିବସ ରୂପେ ପାଳନ କରାଯାଉଛି। ସରକାରୀ ତଥା ବେସରକାରୀ ଭାବେ ଏହି ଦିବସ ପାଳନ କରାଯାଇ ଭିନ୍ନକ୍ଷମ ମାନଙ୍କୁ ଆତ୍ମ ନିର୍ଭରଶୀଳ କରାଯାଇ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ ପ୍ରୟାସ ଜାରି ରହିଛି। ଏହିପରି ସ୍ଥଳେ ବିଭିନ୍ନ ଆକଳନକୁ ନଜୀରକୁ ନେଲେ ଭିନ୍ନକ୍ଷମଙ୍କ ବିକାଶ କେବଳ କାଗଜ କଲମରେ ସୀମିତ ରହିଯାଇଛି। ବନ୍ତ ଓ ଆଗରପଡ଼ା ତଥା ଏହାର ଆଖପାଖ ଅଞ୍ଚଳରେ ଅନେକ ଭିନ୍ନକ୍ଷମ ରହିଛନ୍ତି କିଏ ବାପା ଉପରେ ତ ପୁଣି କିଏ ମାଆ ଓ ଭାଇ ଉପରେ ନିର୍ଭର କରି ଚଳୁଛନ୍ତି। ମାତ୍ର ଭିନ୍ନକ୍ଷମଙ୍କ ପାଇଁ ଆଜି ବି ସରକାରୀ ସହାୟତା ଅପହଞ୍ଚ ପାଲିଟିଛି। ଚାକିରି ଖଣ୍ଡେ ହେଉ କି ଭତ୍ତା ହେଉ ବା ଟ୍ରାଇସାଇକେଲ୍ ଅବା ପକ୍କାଘର କାହାକୁ ମିଳୁଛି ତ ପୁଣି କାହାକୁ ନାହିଁ। ବନ୍ତ ବ୍ଲକ୍ ରାମଚନ୍ଦ୍ରପୁର ପଞ୍ଚାୟତସ୍ଥିତ ପାନପଦୀ ଗ୍ରାମରେ ଏକ ବଧିର ବ୍ରାହ୍ମଣ ପରିବାର ଯାହାର ସମସ୍ତେ ବଧିର। ପୁରୋହିତ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିବା ସୁରେଶଙ୍କ ବଡ଼ ପୁଅ ବଜ୍ରାଘାତରେ ମୃତ୍ୟୁ ବରଣ କରିଥିଲେ। ତାଙ୍କ ମୃତ୍ୟୁ ପରେ ପରିବାର ସମ୍ପୂର୍ଣ୍ଣ ରୋଜଗାର ଶୂନ୍ୟ ହୋଇପଡ଼ିଥିଲା। ସାନ ପୁଅଟି ମଧ୍ୟ ମଧୁମେୟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ଅଭାବରୁ ମୃତ୍ୟୁ ବରଣ କରିଥିଲା। ସୁରେଶଙ୍କ ଅନ୍ୟତମ ପୁଅ ବିକାଶ ଗ୍ରାଜୁଏସନ ସାରି ଓଡ଼ିଶା ସରକାରଙ୍କ ଦ୍ୱାରା ଭିନ୍ନକ୍ଷମଙ୍କ ପାଇଁ ପ୍ରଦ ଦକ୍ଷତା ଭିତ୍ତିକ ତାଲିମ କମ୍ପ୍ୟୁଟର ଉପରେ ସାରିବା ପରେ ସରକାରୀ ସି.ଟି ସହ ଓଟିଇଟି ପରୀକ୍ଷାରେ ମଧ୍ୟ କୃତକାର୍ଯ୍ୟ ହୋଇଛନ୍ତି। ତାଙ୍କ ଶିକ୍ଷାଗତ ଯୋଗ୍ୟତା ଓ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ୧୩ ବର୍ଷ ବିତିଯାଇଥିଲେ ସୁଦ୍ଧା ସେ ଏଯାବତ କୌଣସି ଠାରେ ଥଇଥାନ ହୋଇପାରି ନାହାଁନ୍ତି। ଅପରପକ୍ଷରେ ବିକାଶଙ୍କ ସ୍ତ୍ରୀ ମେନକା ଯିଏକି ପିଲାଟିଦିନରୁ ବଧିର। ସେ ମଧ୍ୟ ଉଚ୍ଚ ଶିକ୍ଷିତା କିନ୍ତୁ ତାଙ୍କୁ ବି ଆଜି ପର୍ଯ୍ୟନ୍ତ କୋ÷ଣସି ସରକାରୀ ସହାୟତା ମିଳିପାରିନାହିଁ। ସେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଭଦ୍ରକ ସାଂସଦ ଓ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଚିତ୍ର ଆଙ୍କି ସେମାନଙ୍କ ଫଟୋଚିତ୍ର ସହ ନିଜ ପରିବାରର ଦୁଃଖକୁ ପତ୍ର ମାଧ୍ୟମରେ ଜଣାଇ ତାଙ୍କୁ ଓ ତାଙ୍କ ଦିବ୍ୟାଙ୍ଗ ସ୍ୱାମୀଙ୍କୁ ସରକାରୀ ଚାକିରୀଟିଏ ପ୍ରଦାନ ପାଇଁ ନିବେଦନ କରିଥିଲେ ସୁଦ୍ଧା ଅଦ୍ୟାବଧି କୋ÷ଣସି ସୁଫଳ ପାଇପାରିନାହାନ୍ତି। ସେହିପରି ଉକ୍ତ ପଞ୍ଚାୟତ ଅର୍ନ୍ତଗତ ରାମଚନ୍ଦ୍ରପୁର ଗ୍ରାମର ପୂର୍ଣ୍ଣିମା ନାୟକ ଉଠି ବସି ନପାରି ଗତ ୨୧ ବର୍ଷ ଧରି କେବଳ ଶୋଇ ରହୁଥିଲେ। ସରକାରୀ ସହାୟତାକୁ ଅପେକ୍ଷା କରିକରି ଶେଷରେ ସେ ଅକ୍ଟୋବର ମାସରେ ଆଖି ବୁଜି ଥିଲେ। ସରକାରୀ ସ୍ତରରେ ସେ କେବଳ ମାସିକ ୫୦୦ ପରେ ୭୦୦ ଓ ମରିବା ବେଳକୁ ୧୦୦୦ଟଙ୍କା ଭତ୍ତା ପାଉଥିଲେ। ସ୍ୱାମୀ ସ୍ତ୍ରୀଙ୍କ ସଂପର୍କ ଠିକ୍ ନରହିବାରୁ ସେ ବିବାହର ବର୍ଷେ ପରେ ଆସି ନିଜ ବାପଘରେ ରହୁଥିଲେ। ତାଙ୍କ ବାପା,ମା ଓ ଭାଇଙ୍କ ମୃତ୍ୟୁ ଘଟି ସାରିଥିବା ବେଳେ ଅନ୍ୟଏକ ଭାଇ ଜଜମାନ କାମ କରି ଆର୍ଥିକ ଅନାଟନ ମଧ୍ୟରେ ଗତି କରୁଥିଲେ ସୁଦ୍ଧା ପୂର୍ଣ୍ଣିମାକୁ ନିଜ ଘରେ ଆଶ୍ରୟ ଦେଇ ତାଙ୍କ ସେବା ଶୁଶ୍ରୂଷା କରୁଥିଲେ। ଚାରିଗାଁ ପଞ୍ଚାୟତ ଅର୍ନ୍ତଗତ ଚାରିଗାଁର ଗଙ୍ଗାଧର କଟୁଆଳଙ୍କ ପୁଅ ଲକ୍ଷ୍ମୀଧର ୭୭ ପ୍ରତିଶତ ଭିନ୍ନକ୍ଷମ ହୋଇଥିଲେ ସୁଦ୍ଧା ତାଙ୍କୁ ବହୁ ବର୍ଷ ପର୍ଯ୍ୟନ୍ତ ଭତ୍ତା ମିଳି ପାରି ନଥିଲା। କାଦବରାଙ୍ଗ ପଞ୍ଚାୟତ ଅନ୍ତର୍ଗତ ନିମଗଡିଆ ଗ୍ରାମର ଭିନ୍ନକ୍ଷମ ଅଭିମନ୍ୟୁ ଯେନା। ଯାହାଙ୍କ ସ୍ତ୍ରୀ ମଧ୍ୟ ଜଣେ ଭିନ୍ନକ୍ଷମ। ଉଭୟ ଭିନ୍ନକ୍ଷମ ହୋଇଥିବା ବେଳେ ଆର୍ଥିକ ସମ୍ବଳ ନଥିବାରୁ ରହୁଥିବା ଏକ ଛୋଟ ଜାଗାରେ ଥିବା ଭଙ୍ଗା ଦଦରାଘରେ ଜୀବନ ବିତାଇବା ସହ ଅସ୍ୱାସ୍ଥ୍ୟକର ପରିବେଶରେ ରୋଷେଇ କାର୍ଯ୍ୟ ସମ୍ପାଦନା କରୁଛନ୍ତି। ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଗୁହାରି କରି ମଧ୍ୟ ସେ ଖଣ୍ଡେ ଆବାସ ପାଇବାରୁ ବଂଚିତ। ଆଡ଼ିଆ ପଂଚାୟତ ଅର୍ନ୍ତଗତ ଆଡ଼ିଆ ଗ୍ରାମର ଜନ୍ମରୁ ଦିବ୍ୟାଙ୍ଗ ହୋଇଥିବା ସୁମିତ୍ରା ବିଭାଗୀୟ ଅଧିକାରୀଙ୍କ ଭୁଲ ବିବରଣୀ ଯୋଗୁଁ ବହୁ ମାସ ଧରି ପ୍ରକୃତ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିଲେ। ସେହିପରି ଆଗରପଡ଼ାରେ ବସବାସ କରୁଥିବା ବାରିଗାଁର ବିବେକ ଓ ମାତୃପ୍ରସାଦ ୨ ଭାଇଦିବ୍ୟାଙ୍ଗ ଓ ମେଧାବୀ ଛାତ୍ର। ପାଠପଢ଼ାକୁ ଛାଡ଼ି ଦେଲେ ଅନ୍ୟାନ୍ୟ କାର୍ଯ୍ୟ ନିଜେ କିଛି କରିପାରନ୍ତି ନାହିଁ। ତାଙ୍କ ବାପା ଅଧ୍ୟାପକ ଫକୀର ଚରଣ ଶଙ୍ଖୁଆ ପୁଅ ୨ ଜଣ ଙ୍କ ପାଇଁ ଦୁଃଖ କେବେ ବି ପ୍ରକାଶ କରନ୍ତି ନାହିଁ ବରଂ ଏହା ଭଗବାନଙ୍କ ଦାନ ବୋଲି କହିଥାନ୍ତି। ଏହିପରି ଅନେକ ଭିନ୍ନକ୍ଷମଙ୍କ ଜୀବନ ଦୁର୍ବିସହ ପ୍ରାୟ। ସମସ୍ତେ ଗରୀବ ଶ୍ରେଣୀୟ ପରିବାର ସଦସ୍ୟ। ଆର୍ଥିକ ଅନଟନ ସାଙ୍ଗକୁ ଦିବ୍ୟାଙ୍ଗମାନେ ପରିବାରର ବୋଝ ହୋଇପଡ଼ିଛନ୍ତି।

## ଆଜି ବିଶ୍ୱ ଭିନ୍ନକ୍ଷମ ଦିବସ

# ସାଂସଦ ଖେଳ ମହୋତ୍ସବ ନେଇ ପ୍ରସ୍ତୁତି ବୈଠକ




ଧାମନଗର,୨।୧୨(ସମିସ):ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ ସାହୁଙ୍କ ସଂଚାଳନାରେ ଧାମନଗର ନିର୍ବାଚନ ମଣ୍ଡଳୀସ୍ତରୀୟ ସାଂସଦ ଖେଳ ମହୋତ୍ସବ ଆସନ୍ତା ୫ତାରିଖ ଠାରୁ ଆରମ୍ଭ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ବିକଶିତ ଭାରତ ପାଇଁ କ୍ରୀଡ଼ାରେ ଯୁବ ଶକ୍ତିର ଉତଥାନକୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ସାଂସଦ ଖେଳ ମହୋତ୍ସବ ଏଥିପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ୫ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଏବେ ସୁଦ୍ଧା ୧୨ଶହ ସ୍କୁଲ କଲେଜ ଛାତ୍ରଛାତ୍ରୀ ପଞ୍ଜିକରଣ କରିଥିବା ଜଣାପଡ଼ିଛି। ଦୋବଲ କାଳୀ ପଡ଼ିଆ ଏବଂ ଧାମନଗର ଇଣ୍ଡୋର ଷ୍ଟାଡିୟମରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଫୁଟବଲ,କବାଡି,ଖୋଖୋ, ବ୍ୟାଡମିଂଟନ,ସାଇକେଲ ରେସ,ସ୍କିପିଂ,ସର୍ଟ ପୁଟ ଆଦି ଖେଳ ଖେଳାଯିବ। ପ୍ରସ୍ତୁତି ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ଅଶୋକ ପୁହାଣ, ଏବିଓ ସତ୍ୟ ସୁନ୍ଦର ପରିଡ଼ା, ଚତୁର୍ଭୁଜ ନାୟକ, ଅରବିନ୍ଦ ପତି, ବୈକୁଣ୍ଠ ନାଥ ସାହୁ, ବିଜୟ କୁମାର ରାମ, କୃଷ୍ଣଚନ୍ଦ୍ର ଜେନା, ନାରାୟଣ ସାହାଣୀ, କ୍ରୀଡ଼ା ଶିକ୍ଷକ ରବି ନାରାୟଣ ସାହୁ, ସୁଧାକର ମହାନ୍ତି, ସମଜାନ ଶାହା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ମାନସ ରଞ୍ଜନ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏବିଇଓ ଭୀମସେନ ହୋ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀଅରବିନ୍ଦ ପାଠଚକ୍ର

ବାରିକପୁର,୨।୧୨(ସମିସ):ଭଣ୍ଡାରିପୋଖରୀ ସ୍ଥାନୀୟ ଶାରଦା ବିଦ୍ୟାମନ୍ଦିର ଠାରେ ବ୍ଲକ୍‌ସ୍ତରୀୟ ଅଷ୍ଟମ ବାର୍ଷିକ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସ୍ମିତାଞ୍ଜଳି ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦେବଦଦ ଦାଶଙ୍କ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।ଏଥିରେ ହୃଷୀକେଶ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସଂଯୁକ୍ତା ପ୍ରଧାନ, ପବନ ନାୟକ, ସୁଶ୍ରୀ ସସ୍ମିତା ପୋଥାଳ, ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇ ନାରୀ ଶକ୍ତି ଜାଗ୍ରତ ହେଲେ ଦେଶର ଉନ୍ନତି ହେବ ବୋଲି ମତବ୍ୟକ୍ତ କରିଥିଲେ।

# ସାଇ ମନ୍ଦିରରୁ ଚୋରି

ବନ୍ତ/ଆଗରପଡ଼ା,୨।୧୨(ସମିସ):ସାଇ ମନ୍ଦିରରେ ପଶି କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ବନ୍ତ ଥାନା ଅଧୀନ ସିଳନ୍ଦୀ ସାଇ ମନ୍ଦିରରେ ସୋମବାର ରାତିରେ ଦୁର୍ବୃତ୍ତମାନେ ପଶି ଠାକୁରଙ୍କ ୨ଗୋଟି ରୁପା ମୁକୁଟ, ସାଉଣ୍ଡ ମେସିନ୍ ସହ ବିଭିନ୍ନ ପ୍ରକାରର ଜିନିଷ ପତ୍ର ଲୁଟ୍ କରି ନେଇଥିବାର ଜଣାପଡ଼ିଛି। ଆଜି ସକାଳୁ ଏହି ଲୁଟ୍‌ପାଟ୍ ଘଟଣା ଜଣାପଡ଼ିବା ପରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବନ୍ତ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ପୁଲିସ୍ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁରକୁ ନେଇ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ତେବେ ଅଞ୍ଚଳରେ ଦିନକୁ ଦିନ ଚୋରି ବୃଦ୍ଧି ପାଉଥିବା ବେଳେ ଚୋରଙ୍କୁ ଠାବ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।



## ମାଟ୍ରିକ ପରୀକ୍ଷାକୁ ୨ମାସ ବାକି

# ବିଦ୍ୟାଳୟରେ ନାହାନ୍ତି ସଂସ୍କୃତ ଶିକ୍ଷକ

ବାରିକପୁର,୨।୧୨(ସମିସ):



ଭଣ୍ଡାରିପୋଖରୀ ବ୍ଲକର ଅନ୍ୟତନ ସର୍ବ ପୁରାତନ ସରସଦା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ୪ମାସ ହେବ ସଂସ୍କୃତ ଶିକ୍ଷକ ନାହାନ୍ତି। ଏଠାରେ ସଂସ୍କୃତ ପଢ଼ାଉଥିବା ଶିକ୍ଷକ ରାଧାଶ୍ୟାମ ଦାସ ଗତ ସେପ୍ଟେମ୍ବର ମାସରୁ ଅନ୍ୟ ବିଦ୍ୟାଳୟକୁ ବଦଳି ହୋଇଯାଇଛନ୍ତି। ତେଣୁ ଚାରି ମାସ ହେବ ଛାତ୍ରଛାତ୍ରୀ ସଂସ୍କୃତ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ଉକ୍ତ ବିଦ୍ୟାଳୟରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଯାଏଁ ୨୦୦ପିଲା ଅଧ୍ୟୟନ କରୁଥିବା ବେଳେ ନବମ ଓ ଦଶମ ଶ୍ରେଣୀରେ ୧୬୦ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନବମ ଓ ଦଶମ ଶ୍ରେଣୀ ବିଦ୍ୟାର୍ଥୀ ମାନଙ୍କ ମଧ୍ୟରୁ ଶତକଡ଼ା ୭୫ ଭାଗ ଛାତ୍ରଛାତ୍ରୀ ସଂସ୍କୃତ ବିଷୟ ନେଇ ଅଧ୍ୟୟନ କରୁଛନ୍ତି। ଏବେ ଦଶମ ଶ୍ରେଣୀ ପିଲାଙ୍କ ପାଇଁ ଉକ୍ତ ବୈଦିକ ବିଷୟଟି ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ମୁଣ୍ଡ ଉପରେ ପହଞ୍ଚନ ଯାଇଛି ମାଟ୍ରିକ ପରୀକ୍ଷା। ତେଣୁ ସଂସ୍କୃତ ପଢ଼ାଇବା ପାଇଁ ଏଯାବତ ଶିକ୍ଷକ ନିଯୁକ୍ତ ହୋଇନାହାନ୍ତି। ଏପଟେ ଶିକ୍ଷକ ଅଭାବରୁ ଅର୍ଦ୍ଧ ବାର୍ଷିକ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କର ସଂସ୍କୃତ ବିଷୟ ମୂଲ୍ୟାୟନ ହୋଇପାରିନାହିଁ। ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖା ଦେଇଥିବା ବେଳେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିରାଶ ଭାବ ସୃଷ୍ଟି ହୋଇଛି। ଶିକ୍ଷକ ନିଯୁକ୍ତି ପାଇଁ ସ୍କୁଲ କର୍ତ୍ତୃପକ୍ଷ ଓ ପରିଚାଳନା କମିଟି ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା କେହି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏହାଛଡ଼ା ବିଦ୍ୟାଳୟରେ ନିୟମିତ ପ୍ରଧାନ ଶିକ୍ଷକ ପଦବୀଟି ଅଢ଼େଇ ବର୍ଷ ହେବ ଫାଙ୍କା ପଡ଼ିଛି। ତେଣୁ ଏଭଳି ଏକ ଗୌରବ ସମ୍ପନ୍ନ ଶିକ୍ଷାନୁଷ୍ଠାନ ପ୍ରତି ପ୍ରଶାସନର ବୈମାତୃକ ମନୋଭାବକୁ ନେଇ ସାଧାରଣରେ ନାପସନ୍ଦ କରାଯାଇଛି। ମାଟ୍ରିକ ପରୀକ୍ଷାକୁ ଆଉ ଦିନ କେଇଟା ବାକି ଥିବା ବେଳେ ଯଦି ଯଥାଶୀଘ୍ର ସଂସ୍କୃତ ଶିକ୍ଷକ ନିଯୁକ୍ତି ନହୁଅନ୍ତି ତାହେଲେ ବିଦ୍ୟାଳୟ ଆଗରେ ଅଭିଭାବକ ଓ ଛାତ୍ରଛାତ୍ରୀ ଧାରଣା ଦେବେ ବୋଲି ଚେତାବନୀ ଦିଆଯାଇଛି। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁଙ୍କ ମତାମତ ନେବାରୁ ଯଥା ଶୀଘ୍ର ସଂସ୍କୃତ ଶିକ୍ଷକ ଯୋଗାଇ ଦେବେ ବୋଲି କହିଛନ୍ତି।

### ● ସେମାନେ ଯାହା କୁହନ୍ତି...



ସଂସ୍କୃତ ଶିକ୍ଷକ ନିଯୁକ୍ତି ବାବଦରେ ମୁଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଛି। ମାଟ୍ରିକ ପରୀକ୍ଷାକୁ ଆଖି ଆଗରେ ରଖି ଜଣେ ଶିକ୍ଷକଙ୍କୁ ଯୋଗାଇଦେବାକୁ ନିବେଦନ କରିଛି। ଉଚ୍ଚ କର୍ତ୍ତୃପକ୍ଷ ମଧ୍ୟ ଏହା ଉପରେ ଦୃଷ୍ଟି ଦେବେ ବୋଲି କହିଛନ୍ତି

**ଭକ୍ତି ନୈବେଦ୍ୟ ସାମଲ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ**



ଆମ ପିଲାମାନେ ଏବେ ସଂସ୍କୃତ ପଢିପାରୁନାହାନ୍ତି। ଯେଉଁ ବିଷୟଟି ମାଟ୍ରିକ ଫଳାଫଳରେ ଛାତ୍ରଛାତ୍ରୀ ମାନଙ୍କୁ ବେଶ ସହାୟକ ହୋଇଥାଏ। ଉକ୍ତ ସଂସ୍କୃତ ଶିକ୍ଷାରୁ ଏବେ ଆମ ପିଲାମାନେ ବଂଚିତ ହୋଇଛନ୍ତି। ଯଥାଶୀଘ୍ର ଶିକ୍ଷକ ନିଯୁକ୍ତି କରାନଗଲେ ଆମେ ପିଲାମାନଙ୍କୁ ଧରି ବିଦ୍ୟାଳୟ ଆଗରେ ଧାରଣା ଦେବୁ ବୋଲ କହିଛନ୍ତି

**ଅଭିଭାବକ ବିଜୟକେତନ ସ୍ୱାଇଁ**



ସେହିପରି ଆମ ସରସଦା ବିଦ୍ୟାଳୟଟି ବ୍ଲକର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ। ଏଠାରେ ଆଖପାଖ ପ୍ରାୟ ୭ଟି ଗାଁର ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ଏପରିସ୍ଥଳେ ଦୀର୍ଘ ଦିନ ହେବ ସଂସ୍କୃତ ଶିକ୍ଷକ ନିଯୁକ୍ତ ନହେବା ପରିତାପର ବିଷୟ ପାଲଟିଛି ବୋଲି କହିଛନ୍ତି ବିଦ୍ୟାଳୟ ପରିଚାଳନା କମିଟି

**ସଭାପତି ପ୍ରତାପ କୁମାର ନାୟକ**

ସକାଳ
THE SAKALA

# କୀର୍ତ୍ତିରେ କଳଙ୍କ ନ ଲାଗୁ

ଶ୍ରୀକ୍ଷେତ୍ର ପୁରୀରେ ମୋଗଲ୍ ଅମଳରେ ଲାଗୁ ହୋଇଥିବା ତୀର୍ଥଯାତ୍ରୀ କରର ଅଂଶିକ ସଂସ୍କରଣ ପୁଣି ଥରେ କାର୍ଯ୍ୟକାରୀ ହୋଇଥିବା ଅଭିଯୋଗ ହୋଇଛି । ଶ୍ରୀମନ୍ଦିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ଦେୟମୁକ୍ତ ରହିଥିଲେ ହେଁ ବେଢ଼ା ଭିତରେ ଥିବା କୋଇଲିବୈକୁଣ୍ଠ, ରୋଷଘର, ରୋହିଣୀକୁଣ୍ଡ, ନୀଳାଚଳ ଉପବନ ଆଦି ଦର୍ଶନ ପାଇଁ ଟିକେଟ୍ ବ୍ୟବସ୍ଥା କରାଯାଇଛି । ସେହିପରି ଶ୍ରୀମନ୍ଦିର ବେଢ଼ା ବାହାରେ ଥିବା ନରେନ୍ଦ୍ର ପୁଷ୍କରିଣୀ, ବେଡ଼ି ହନୁମାନ, ଲକ୍ଷ୍ମୀଙ୍କ ବାପଘର ମନ୍ଦିର, ଚକ୍ର ନୃସିଂହ ମନ୍ଦିର ଭଳି ଏକାଧିକ ଧାର୍ମିକ ଓ ତୀର୍ଥ ସ୍ଥାନ ଦର୍ଶନ ପାଇଁ ଦର୍ଶନାର୍ଥୀଙ୍କ ପିଛା ୧୦ ଟଙ୍କା ଲେଖାଏଁ ଦେବାକୁ ପଡୁଛି । ଦୀର୍ଘ ଛଅ ବର୍ଷ ପରେ ଖୋଲିବାକୁ ଥିବା ଗୁଣ୍ଡିଚା ମନ୍ଦିର ପାଇଁ ମଧ୍ୟ ଦର୍ଶନାର୍ଥୀ ପିଛା ୧୦ ଟଙ୍କାର ଟିକେଟ୍ ବ୍ୟବସ୍ଥା ହୋଇଥିବା ଘୋଷଣା ହୋଇଛି । ଗତ ୧ ତାରିଖରୁ ଏହି ବ୍ୟବସ୍ଥା ଆରମ୍ଭ ହେବାକୁ ଥିଲେ ମଧ୍ୟ ଅନିର୍ଦ୍ଦିଷ୍ଟ କାରଣ ପାଇଁ ସ୍ଥଗିତ ରହିଛି ।

ଟିକେଟ୍ ପରିମାଣ ଅଧିକ ନ ହେଲେ ମଧ୍ୟ ଏହି ପରମ୍ପରା ଜଗନ୍ନାଥ ସଂସ୍କୃତିର ପରିପନ୍ଥୀ ବୋଲି ଅଭିଯୋଗ ହୋଇଛି । ମୋଗଲ୍ ଶାସନ କାଳରେ ପୁରୀକୁ ଆସୁଥିବା ତୀର୍ଥଯାତ୍ରୀଙ୍କ ଉପରେ ଏଭଳି ଟିକସ ଲଦା ଯାଉଥିବା ବେଳେ ବ୍ରିଟିଶ୍ ଅମଳରେ ଊନବିଂଶ ଶତାବ୍ଦୀରେ ଏହାକୁ ଉଚ୍ଛେଦ କରାଯାଇଥିଲା । ତେଣୁ ଶ୍ରୀକ୍ଷେତ୍ରର ଧାର୍ମିକ ପରମ୍ପରା ପୁଣି ଥରେ ପ୍ରାକ୍ ବ୍ରିଟିଶ୍ ଅମଳକୁ ଚାଲିଯିବ ନାହିଁ ତ ବୋଲି ସ୍ଥାନୀୟ ଅଞ୍ଚଳ ଓ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି ଏବଂ ଉଦ୍‌ବେଗ ପ୍ରକାଶ ପାଇଛି । ଏପରିକି ଶ୍ରୀମନ୍ଦିର ଓ ଜଗନ୍ନାଥ ସଂସ୍କୃତିର ବଜାରୀକରଣ କରାଯିବାର ଉପକ୍ରମ ଆରମ୍ଭ ହୋଇଛି ବୋଲି ଅଭିଯୋଗ ଉଠିଛି ।

ଜଗତର ନାଥ ଜଗନ୍ନାଥ ବିଶ୍ୱନିୟନ୍ତା । ତାଙ୍କ ପାଖରେ ଧନୀ-ଗରିବର ସ୍ଥାନ ନାହିଁ । ତେଣୁ ତ ଶ୍ରୀଜଗନ୍ନାଥ ସଂସ୍କୃତି ଅନନ୍ୟ, ପବିତ୍ର ଓ ସର୍ବୋତ୍ତମ । ଶ୍ରୀକ୍ଷେତ୍ରରୁ କେବେ କେହି ଭୋକରେ ଫେରେନାହିଁ । ଭାରତର ପ୍ରାୟ ମନ୍ଦିର ଓ ତୀର୍ଥସ୍ଥଳରେ ଟିକେଟ୍ ବ୍ୟବସ୍ଥା ରହିଥିଲେ ମଧ୍ୟ କୋଟିଏ ରାଜାର ମଉଡ଼ମଣି ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ତେଣୁ କେବେ ସରକାର କିମ୍ବା ପ୍ରଶାସନ ଶ୍ରଦ୍ଧାଳୁଙ୍କଠାରୁ ପାଉଣା ଆଦାୟ କରିବାର ଉପକ୍ରମ କରିନାହାନ୍ତି । ଅଥଚ ଦୀର୍ଘବର୍ଷ ପରେ ଏହି ମହାନ ପରମ୍ପରା ଭାଙ୍ଗିବାକୁ ଯାଉଛି । ମନ୍ଦିର ଓ ଧାର୍ମିକ ସ୍ଥଳରେ ଟିକେଟ୍ ବ୍ୟବସ୍ଥା ଥିବା ରାଜ୍ୟମାନେ ଓଡ଼ିଶା ତୁଳନାରେ ଧନାଢ଼୍ୟ । ଓଡ଼ିଶା ଦାରିଦ୍ର୍ୟର କଷାଘାତ ସହି ଆସୁଥିଲେ ମଧ୍ୟ ଅତିଥି, ଆଗନ୍ତୁକ କିମ୍ବା ତୀର୍ଥଯାତ୍ରୀଙ୍କଠାରୁ ଅର୍ଥ ଆଦାୟ କରିନାହିଁ । କିନ୍ତୁ ରାଜ୍ୟ ପ୍ରଶାସନ ଏବେ ଯେଉଁ ପରମ୍ପରା ଆରମ୍ଭ କରିଛନ୍ତି ତାହା ଶ୍ରୀଜଗନ୍ନାଥ ସଂସ୍କୃତିର ପରିପନ୍ଥୀ ବୋଲି ମତ ପ୍ରକାଶ ପାଉଛି ।

ଆମର ଅନୁରୋଧ, ଶ୍ରୀମନ୍ଦିର ପ୍ରଶାସନ ଏଭଳି ଉଦ୍ୟମରୁ ବିରତ ରୁହନ୍ତୁ । ତୀର୍ଥସ୍ଥଳୀ ଓ ଦର୍ଶନୀୟ ସ୍ଥାନଗୁଡ଼ିକର ବିକାଶ ଦାୟିତ୍ୱ ଘରୋଇ ସଂସ୍ଥା ହାତକୁ ଟେକି ଦେଇଥିବାରୁ ସେମାନେ ତୀର୍ଥଯାତ୍ରୀଙ୍କଠାରୁ ଅର୍ଥ ଆଦାୟ କରୁଛନ୍ତି । ତେଣୁ ଶ୍ରୀମନ୍ଦିର ପ୍ରଶାସନ ଏଥିପାଇଁ ପ୍ରତ୍ୟକ୍ଷ ଭାବେ ଦାୟୀ ନ ହେଲେ ମଧ୍ୟ ପରୋକ୍ଷ ଉତ୍ତରଦାୟିତ୍ୱମୁକ୍ତ ହୋଇପାରିବେ ନାହିଁ । ଏହି ପରମ୍ପରା ହୁଏତ ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇଁ କାର୍ଯ୍ୟକାରୀ ହୋଇପାରେ । ସମ୍ପ୍ରତି ପାରମାଣବିକ ଦର୍ଶନ ବ୍ୟବସ୍ଥା ରହିଛି ସତ; କିନ୍ତୁ ସାର୍ବଜନିନ ଦର୍ଶନ ଦେୟମୁକ୍ତ ରହିଛି ଏବଂ ତାହା ବଳବତ୍ତର ରହିବା ବାଞ୍ଛନୀୟ । ଏହାର ବ୍ୟତିକ୍ରମ ଘଟିଲେ କୀର୍ତ୍ତିରେ କଳଙ୍କ ଲାଗିବ । ଶ୍ରୀଜଗନ୍ନାଥ କୀର୍ତ୍ତି ଓ ସଂସ୍କୃତି ସଦା ଅମଳିନ ରହୁ । ଜଗନ୍ନାଥଙ୍କ ଓଡ଼ିଶାର ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିବା ଉଭୟ ଶାସନ ଓ ପ୍ରଶାସନର ଦାୟିତ୍ୱ ଓ କର୍ତ୍ତବ୍ୟ ●


# ଯାନ ନିରାପତ୍ତାର ନୂଆ ମାନଦଣ୍ଡ

ସଡ଼କ ସୁରକ୍ଷା ନିଶ୍ଚିତ କରିବା ସହିତ ଦୁର୍ଘଟଣା ସଂଖ୍ୟା ଯଥାସମ୍ଭବ ହ୍ରାସ କରିବା ଲାଗି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ନିକଟରେ 'ଭାରତ ନ୍ୟୁ କାର ଆସେସ୍‌ମେଣ୍ଟ ପ୍ରୋଗ୍ରାମ୍(ଭାରତ ଏନ୍‌ସିଏପି)-୨୦୨୩'ର ସଂଶୋଧିତ ଚିଠା ପ୍ରସ୍ତାବ ଜାରି କରିଛନ୍ତି । ଏହା ଆଇନରେ ପରିଣତ ହେଲେ କାର ନିରାପତ୍ତା ସର୍ତ୍ତାବଳୀ କଡ଼ା ହେବ । କାର ନିର୍ମାତା ଏବଂ ଆମଦାନୀକାରୀମାନେ 'ଅଟୋମେଟିଭ୍ ଇଣ୍ଡଷ୍ଟ୍ରି ଷ୍ଟାଣ୍ଡାର୍ଡ(ଏଆଇଏସ୍) ୧୯୭' ଅନୁଯାୟୀ ନିରାପତ୍ତା ବ୍ୟବସ୍ଥା ନିଶ୍ଚିତ କରିବାକୁ ବାଧ୍ୟ ହେବେ ।

ଭାରତ ଏନ୍‌ସିଏପି ଲାଗୁ ହେଲେ ସୁରକ୍ଷା ବ୍ୟବସ୍ଥା ଆଧାରରେ କାରଗୁଡ଼ିକୁ ସୁରକ୍ଷା ମାନଦଣ୍ଡ ଆଧାରରେ ଏକତାରକାରୁ ଆରମ୍ଭ କରି ସର୍ବୋତ୍ତମ ପାଞ୍ଚତାରକା ପର୍ଯ୍ୟନ୍ତ ଚିହ୍ନିତ କରାଯିବ । ପୁନେସ୍ଥିତ 'ସେଣ୍ଟ୍ରାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରୋଡ୍ ଟ୍ରାନ୍ସପୋର୍ଟ' କର୍ତ୍ତୃପକ୍ଷ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରି ଉପରୋକ୍ତ ତାରକା ଚିହ୍ନିତ କରିବେ । ପ୍ରଚଳିତ ସୁରକ୍ଷା ମାନଦଣ୍ଡ ତୁଳନାରେ ଏହା ଆହୁରି ଅଧିକ ଉତ୍ତମ । ବିଶ୍ୱର ଅନେକ ବିକଶିତ ରାଷ୍ଟ୍ର ଏନ୍‌ସିଏପି ବହୁପୂର୍ବରୁ କାର୍ଯ୍ୟକାରୀ କରିସାରିଥିବାରୁ ଭାରତ ପାଇଁ ଏହା ଏକ ଅପରିହାର୍ଯ୍ୟ ଆବଶ୍ୟକତା ଥିଲା । ଏନ୍‌ସିଏପି ୨୦୨୩ରେ 'ଆଡଲ୍ଟ ଅକ୍ୟୁପାଣ୍ଟ ପ୍ରୋଟେକ୍‌ସନ୍(ଏଓପି) ବା ବରିଷ୍ଠଙ୍କ ପାଇଁ ସୁରକ୍ଷା', 'ଚାଇଲ୍ଡ ଅକ୍ୟୁପାଣ୍ଟ ପ୍ରୋଟେକ୍‌ସନ୍(ସିଓପି) ବା ଶିଶୁଙ୍କ ପାଇଁ ସୁରକ୍ଷା' ଏବଂ 'ସେଫ୍ଟି ଆସିଷ୍ଟ ଟେକ୍‌ନୋଲଜି(ଏସ୍ଏଟି) ବା ବୈଷୟିକ ସୁରକ୍ଷା ବ୍ୟବସ୍ଥା' ଯାଞ୍ଚ କରାଯାଉଥିଲା । ସଂଶୋଧିତ ଚିଠା ପ୍ରସ୍ତାବରେ ଏଥିସହିତ ଅତିରିକ୍ତ ଭାବେ ସୁରକ୍ଷିତ ଗାଡ଼ିଚାଳନା, ଦୁର୍ଘଟଣା ନିବାରଣ, ଆନୁଷଙ୍ଗିକ ସୁରକ୍ଷା, ଖରାପ ସଡ଼କ ଜନିତ ଗାଡ଼ିଚାଳନାର ସୁରକ୍ଷା, ଦୁର୍ଘଟଣା ପରବର୍ତ୍ତୀ ସୁରକ୍ଷା ବ୍ୟବସ୍ଥା ଆଦି ଯାଞ୍ଚ କରାଯିବ । ଏଥିସହିତ ଅନ୍ୟାନ୍ୟ ବୈଷୟିକ ମାନଦଣ୍ଡ ମଧ୍ୟ ବାଧ୍ୟତାମୂଳକ କରାଯାଇଛି । ସେହିଭଳି ପଦଚାରୀଙ୍କୁ ସୁରକ୍ଷା ଦେବାକୁ ମଧ୍ୟ କାରଗୁଡ଼ିକରେ ଆପତ୍‌କାଳୀନ ବୈଷୟିକ ଜ୍ଞାନକୌଶଳ ବାଧ୍ୟତାମୂଳକ କରାଯାଇଛି ।

ଭାରତ ଏନ୍‌ସିଏପି ଅନେକଦୃଷ୍ଟିରୁ ସ୍ୱାଗତଯୋଗ୍ୟ ହେଲେ ମଧ୍ୟରେ ଏଥିରେ ବିକଟାଳ ହର୍ଣ୍ଣକୁ ନିରୁତ୍ସାହିତ କରିବା ପାଇଁ ସର୍ତ୍ତାବଳୀ ଉଦ୍ଦିଷ୍ଟ ନାହିଁ । ଅନେକ ସମୟରେ ଜନଗହଳିପୂର୍ଣ୍ଣ ସ୍ଥାନରେ ବିକଟାଳ ଓ ଉଚ୍ଚଶବ୍ଦଯୁକ୍ତ ହର୍ଣ୍ଣ ମଧ୍ୟ ଦୁର୍ଘଟଣାର କାରଣ ହେଉଛି । ତେଣୁ ସୁରକ୍ଷା ମାନଦଣ୍ଡରେ ଏ ବିଷୟକୁ ସ୍ଥାନିତ କରାଯିବା ଆବଶ୍ୟକ । ଏହାପୂର୍ବରୁ କେନ୍ଦ୍ର ସରକାର ପଥଚାରୀଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ଚିଠା ନିୟମ ଜାରି କରିଥିଲେ । ଆମ ମତରେ ସଡ଼କ ସୁରକ୍ଷା ସମ୍ବନ୍ଧିତ ବିଭିନ୍ନ ନିୟମ ଓ କଟକଣାକୁ ସମନ୍ୱିତ କରାଯିବାର ଆବଶ୍ୟକତା ରହିଛି । ●

# ସମ୍ପାଦକୀୟ



ମତାମତ ଜ୍ଞାନ ଓ ଅଜ୍ଞାନ ମଧ୍ୟରେ ସେତୁ ଭଳି କାର୍ଯ୍ୟ କରେ ।

-ପ୍ଲାଟୋ

# ଖାଦ୍ୟବାହିତ ବ୍ୟାଧି ଓ ଜୀବନ ସୁରକ୍ଷା

**ବିଦ୍ୟାଧର ମହାରଣା**

ଆମେ କ୍ଷୁଧା ନିବାରଣ ଏବଂ ଶରୀରର ପୁଷ୍ଟିସାଧନ ପାଇଁ ନିୟମିତ ବିଭିନ୍ନ ପ୍ରକାରର ଖାଦ୍ୟ ଖାଉ । ଏହି ଖାଦ୍ୟ ଆମେ ନିଜେ କ୍ଷେତରେ ଉତ୍ପାଦନ କରୁ କିମ୍ବା ବଜାରରୁ କିଣିଥାଉ । ଉତ୍ପାଦନ କିମ୍ବା କ୍ରୟ ପରଠାରୁ ଖାଦ୍ୟପ୍ରସ୍ତୁତ କରି ଖାଇବା ପର୍ଯ୍ୟନ୍ତ ବିଭିନ୍ନ ବ୍ୟାଧି ସୃଷ୍ଟି କରୁଥିବା କବକ କିମ୍ବା ବୀଜାଣୁ ଦ୍ୱାରା ଆମ ଶରୀର ଆକ୍ରାନ୍ତ ହୋଇ ବହୁସମୟରେ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଥାଏ; ଏପରିକି ପ୍ରାଣଘାତୀ ମଧ୍ୟ ସାବ୍ୟସ୍ତ ହୋଇପାରେ । ଏଣୁ ବର୍ତ୍ତମାନ ନିରାପଦ ଖାଦ୍ୟ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ଭାରତରେ ଖାଦ୍ୟ ଅପମିଶ୍ରଣ ହେବାର ମୁଖ୍ୟ କାରଣ ହେଉଛି ଚାହିଦା ଓ ଯୋଗାଣ ମଧ୍ୟରେ ଥିବା ବ୍ୟବଧାନ । ଅସାଧୁ ବ୍ୟବସାୟୀ ଅଧିକ ଲାଭ ଆଶାରେ ଏବଂ ଖାଦ୍ୟ ସୁରକ୍ଷା ଆଇନ୍‌ର ଦୁର୍ବଳ ରୂପାୟନ ଅଭାବର ଫାଇଦା ନେଇ ବହୁ ଅପମିଶ୍ରଣ ପାଇଁ ଲାଳାୟିତ ହେଉଛନ୍ତି । ଏହାଦ୍ୱାରା ଅଧିକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବା ସହିତ ଆର୍ଥିକ ଚାପ ମଧ୍ୟ ପଡ଼ିଥାଏ । ରାସ୍ତାକଡ଼ରେ ବିକ୍ରି ହେଉଥିବା ଚଟ୍‌ପଟି ଖାଦ୍ୟରେ ବିଭିନ୍ନ ରଙ୍ଗ ଓ ଅପମିଶ୍ରଣ କରାଯାଏ, ଯାହାକି ଆମ ଶରୀର ପାଇଁ ବିପଦପୂର୍ଣ୍ଣ ।

ଖାଦ୍ୟ ବାହିତ ବ୍ୟାଧି ତିନୋଟି ଉପାୟରେ ଘଟିଥାଏ । ପ୍ରଥମଟି ହେଉଛି ଜୈବିକ ସଂଦୂଷଣ । ଖାଦ୍ୟରେ କେତେକ ବ୍ୟାକ୍ଟେରିଆ, କବକ ଇତ୍ୟାଦି ହାନିକାରକ ତତ୍ତ୍ୱ ମିଶିବା ଫଳରେ ଖାଦ୍ୟ ସଙ୍କଟ ସୃଷ୍ଟି ହୁଏ । ଦ୍ୱିତୀୟଟି ହେଉଛି ରାସାୟନିକ ସଂଦୂଷଣ । କୀଟନାଶକ, ଭାରିଧାତୁ, ମାଇକ୍ରୋଟକ୍ସିନ ଇତ୍ୟାଦି ଖାଦ୍ୟରେ ରହିଲେ ଏହା ବିପଦପୂର୍ଣ୍ଣ ହୋଇଥାଏ । ତୃତୀୟଟି ହେଉଛି ଭୌତିକ ସଂଦୂଷଣ । କେତେକ ବାହ୍ୟ ପଦାର୍ଥ ଖାଦ୍ୟ ସହ ମିଶିଲେ ସେଗୁଡ଼ିକ ଖାଦ୍ୟ ଉପଯୋଗୀ ହୋଇ ନଥାଏ । କେତେକ କ୍ଷତିକାରକ ବ୍ୟାକ୍ଟେରିଆ ଅପମିଶ୍ରଣ ଯୋଗୁଁ ଜ୍ୱର, ମୁଣ୍ଡବ୍ୟଥା, ବାନ୍ତି ଓ ତରଳ ଝାଡ଼ା ରୋଗ ହୋଇଥାଏ । ଖାଦ୍ୟରେ ଭୂତାଣୁ ସଂକ୍ରମଣ ହେଲେ ଆମାଶୟ ରୋଗ ହୋଇଥାଏ । ରାସାୟନିକ ଦ୍ରବ୍ୟ ସଂକ୍ରମଣ ଯୋଗୁଁ ଶରୀରରେ ଦୀର୍ଘ ସମୟ ଧରି ଅସୁସ୍ଥତା ଲାଗି ରହେ ଏବଂ କର୍କଟ ପରି ରୋଗ ମଧ୍ୟ ହୋଇପାରେ ।

ପ୍ରାୟ ସବୁପ୍ରକାରର ଖାଦ୍ୟ ଅପମିଶ୍ରିତ ହୋଇପାରେ । ବର୍ତ୍ତମାନ ସବୁଠାରୁ ବେଶୀ ଅପମିଶ୍ରିତ ହେଉଛି କ୍ଷୀର । ଏଥିରେ ପାଣି, ଡିଟରଜେଣ୍ଟ ଗୁଣ୍ଡ, ଉଡ଼ରିଆ, ଷ୍ଟାର୍ଚ ଇତ୍ୟାଦି ମିଶାଯାଉଥିବାରୁ ଏହା ବୃକକ୍ ପାଇଁ କ୍ଷତିକାରକ ଏବଂ ଅଗ୍ନାଶୟ ରୋଗ ସୃଷ୍ଟି କରେ । ଲଙ୍କା ଓ ହଳଦୀ ପରି ମସଲା ଗୁଣ୍ଡରେ ଚାଉଳ ଗୁଣ୍ଡ, ଇଟା ଗୁଣ୍ଡ, ସୀସା, କ୍ରୋମେଟ ଓ ଇଥିଲିନ ଅକ୍ସାଇଡ ମିଶା ଯାଉଥିବାରୁ ଏହା ବହୁତ ଦୁରାରୋଗ୍ୟ ସୃଷ୍ଟି କରେ । ଖାଇବା ତେଲରେ ଆର୍ଜେମୋନ କିମ୍ବା ମିନେରାଲ ତୈଳ ମିଶ୍ରିତ ହେଉଥିବାରୁ ଏହା ଶରୀର ପ୍ରତି ବିଶେଷ କ୍ଷତିକାରକ । ଚାଉଳ ଓ ଡାଲିରେ ଗୋଡ଼ି, ମାଟି ମିଶାଇବା ସହିତ କୃତ୍ରିମ ଭାବରେ ଚିକ୍କଣ କରାଯାଏ । ମିଠା ପ୍ରସ୍ତୁତ ପାଇଁ ବ୍ୟବହୃତ ଛେନାରେ କାଗଜ ଇତ୍ୟାଦି ମିଶାଯାଏ । ଜିରାରେ ମାଟି, ଚାହା ଗୁଣ୍ଡରେ ଅନ୍ୟାନ୍ୟ ଗୁଣ୍ଡ ସହଜରେ ମିଶାଯାଉଥିବା ଯୋଗୁଁ ବହୁ ସମସ୍ୟା ଦେଖାଯାଉଛି । ଫଳ ଓ ପନିପରିବା ସତେଜ ରଖିବାକୁ ରାସାୟନିକ ପଦାର୍ଥରେ ଉପଚାର କରାଯାଉଛି । ଆମ୍ବ ଓ କଦଳୀ ପଚାଇବା ପାଇଁ ନିଷିଦ୍ଧ କ୍ୟାଲସିୟମ୍ କାର୍ବାଇଡ ମଧ୍ୟ ବ୍ୟବହାର କରାଯାଉଛି । ପୋଟଳ, କଲରା ଓ କାକୁଡ଼ି ସତେଜ ରଖିବାକୁ କପର ସଲଫେଟ୍ ଦ୍ରବଣ ବ୍ୟବହାର କରାଯାଉଛି । ଏପରି ଅପମିଶ୍ରିତ ଖାଦ୍ୟ ଖାଇଲେ ବାନ୍ତି, ଝାଡ଼ା ଓ ବିଷକ୍ରିୟା ଶରୀରରେ ଦେଖାଯାଏ । କ୍ରମାଗତ ଏପରି ଅପମିଶ୍ରିତ ଖାଦ୍ୟ ଖାଇଲେ ଯକୃତ ଓ ବୃକକ କ୍ଷତିଗ୍ରସ୍ତ ହୋଇଥାଏ । କର୍କଟ, ହୃଦରୋଗ, ସ୍ନାୟୁ ରୋଗ ଆଦି ସୃଷ୍ଟି ହୁଏ । ବଜାରରେ ମିଳୁଥିବା ମିଠା ଓ ଝିଲାପି ଇତ୍ୟାଦିରେ ବିପଦପୂର୍ଣ୍ଣ ରଙ୍ଗ ବ୍ୟବହାର କରାଯାଏ, ଯାହାକି ଆମ ସ୍ୱାସ୍ଥ୍ୟ ପ୍ରତି ବିପଦପୂର୍ଣ୍ଣ ।

ଭାରତରେ ଖାଦ୍ୟ ଅପମିଶ୍ରଣ ନିୟନ୍ତ୍ରଣ କରିବା ପାଇଁ ଖାଦ୍ୟ ସୁରକ୍ଷା ଓ ମାନକ ଆଇନ୍ (ଏଫ୍.ଏସ୍.ଏସ୍.ଏ) ୨୦୦୬ କାର୍ଯ୍ୟକାରୀ ହେଉଛି । ଆଗରୁ ପ୍ରଚଳିତ ଖାଦ୍ୟ ଅପମିଶ୍ରଣ ନିରାକରଣ ଆଇନ୍ ୧୯୫୪ ସହିତ ଏହା କାର୍ଯ୍ୟ କରୁଛି । ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ ( ଏଫ୍.ଏସ୍.ଏସ୍.ଏ.ଆଇ) ନାମକ ସରକାରୀ ସଂସ୍ଥା ଦ୍ୱାରା ଏହା କାର୍ଯ୍ୟକାରୀ ହେଉଛି । ଏହାସତ୍ତ୍ୱେ ଏତେବଡ଼ ଦେଶରେ ଏହାକୁ କାର୍ଯ୍ୟକାରୀ କରିବା ନିଶ୍ଚିତ କଷ୍ଟକର । ଏଣୁ ନାଗରିକମାନେ କେତେକ ସାଧାରଣ ନିୟମ ପାଳନ କରିବା ଆବଶ୍ୟକ । ପ୍ରଥମରେ ବିଶ୍ୱସନୀୟ ସଂସ୍ଥାଠାରୁ ଖାଦ୍ୟ କିଣିବା ଆବଶ୍ୟକ । ଫାସାଇ ପ୍ରମାଣିତ ଲେବୁଲ ଦେଖି ଖାଦ୍ୟ ପଦାର୍ଥ କିଣିବା ସହିତ କେତେକ ଛୋଟ ଛୋଟ ପରୀକ୍ଷା ମଧ୍ୟ କରାଯାଇପାରେ । ଫାସାଇ ଅନୁମୋଦିତ କେତେକ ପରୀକ୍ଷା ଘରେ କରାଯାଇ ପାରିବ । ଉଦାହରଣ ସ୍ୱରୂପ ମହୁ ପାଣିରେ ପକାଇଲେ ଏହା ଯଦି ମିଳାଇ ଯାଏ ତେବେ ମହୁ ଅପମିଶ୍ରିତ ବୋଲି ଜଣାପଡ଼େ । ସତେଜ ଦେଖା ଯାଉଥିବା ପନିପରିବା ଓ ଫଳ ପାଣିରେ ବୁଡ଼ାଇଲେ ରଙ୍ଗ ବାହାରିଲେ ଏହା ରଙ୍ଗ ମିଶ୍ରିତ ବୋଲି ଜଣାପଡ଼େ ।

ଖାଦ୍ୟ ବାହିତ ରୋଗ ନିରାକରଣ ପାଇଁ ନିୟମିତ ଆମକୁ ସଜାଗ ରହିବାକୁ ହେବ । ପ୍ରଥମରେ ପରିଷ୍କାର ଓ ପରିଚ୍ଛନ୍ନ ପ୍ରତି ବେଶି ଗୁରୁତ୍ୱ ଦେବାକୁ ହେବ । ରୋଷେଇବାସନଗୁଡ଼ିକ ସର୍ବଦା ସଫା ରଖିବା ଆବଶ୍ୟକ । ଫଳ ଓ ପନିପରିବା ବ୍ୟବହାର କରିବା ପୂର୍ବରୁ ଭଲଭାବେ ପାଣିରେ ଧୋଇବା ଜରୁରୀ । ସର୍ବଦା ରୋଷେଇ କରିବା ପୂର୍ବରୁ ଓ ଖାଇବା ପୂର୍ବରୁ ହାତକୁ ସାବୁନ୍ ପାଣିରେ ଧୋଇ ପରିଷ୍କାର କରିବା ବିଧେୟ । ଦ୍ୱିତୀୟରେ ତଟକା ଓ ରନ୍ଧା ଖାଦ୍ୟକୁ ଅଲଗା ରଖିବା ଆବଶ୍ୟକ । କାରଣ ଏହି ଦୁଇପ୍ରକାର ଖାଦ୍ୟ ଏକାଠି ମିଶିଲେ ପରସ୍ପର ସଂକ୍ରମଣ ହୁଏ । ତୃତୀୟରେ ଖାଦ୍ୟକୁ ରୋଷେଇ କଲା ବେଳେ ନିୟନ୍ତ୍ରିତ ତାପମାତ୍ରାରେ ରୋଷେଇ କରିବା ଆବଶ୍ୟକ । ବଳକା ଖାଦ୍ୟ ପୁନରାୟ ଖାଇବା ପୂର୍ବରୁ ଗରମ କରିବା ନିହାତି ଜରୁରୀ । କାରଣ ଏହାଦ୍ୱାରା ଅପକାରୀ ଅଣୁଜୀବ ନଷ୍ଟ ହୋଇଯାଆନ୍ତି । ଚତୁର୍ଥରେ ପଚନଶୀଳ ଫଳ ଓ ପନିପରିବା ଦୁଇଘଣ୍ଟା ମଧ୍ୟରେ ଫ୍ରିଜ୍ ମଧ୍ୟରେ ସାଇତି ରଖିବା ଆବଶ୍ୟକ । ଏହାଦ୍ୱାରା ଏଥିରେ ଅଣୁଜୀବ ରହିବେ ନାହିଁ ଏବଂ ଖାଦ୍ୟ ଗୁଣ ସୁରକ୍ଷିତ ରହିବ । ଖାଦ୍ୟ ପଦାର୍ଥ ବାହାରୁ କିଣିବା ବେଳେ ଏଗୁଡ଼ିକ କେତେଦୂର ସୁରକ୍ଷିତ, ତାହାକୁ ପରୀକ୍ଷା କରି କିଣନ୍ତୁ ।

ଖାଦ୍ୟ ପଦାର୍ଥ ବ୍ୟବହାର କରିବା ପୂର୍ବରୁ ଭଲ ଭାବରେ ହାତକୁ ପରିଷ୍କାର କରିବା ଉଚିତ । ଅନ୍ତତଃ ପକ୍ଷେ ୨୦ ସେକେଣ୍ଡ ଦୁଇହାତକୁ ସାବୁନ୍ ପାଣିରେ ପରିଷ୍କାର କରାଯିବା କଥା । ପଚନଶୀଳ ଫଳ ଓ ପନିପରିବା ଫ୍ରିଜ୍ ମଧ୍ୟରେ ରଖିବାକୁ ହେଲେ ତାପମାତ୍ରା ୪ ଡିଗ୍ରୀରୁ ବିୟୁକ୍ତ ୧୮ ଡିଗ୍ରୀ ସେଲସିୟସ ମଧ୍ୟରେ ରଖିବା ଆବଶ୍ୟକ । ରନ୍ଧା ଖାଦ୍ୟ ସହିତ ମାଛ, ମାଂସ ଏକାଠି ରଖିଲେ ପରସ୍ପର ସଂକ୍ରମଣ ହେବାର ଆଶଙ୍କା ଥିବାରୁ ଏଗୁଡ଼ିକ ଅଲଗା ଭାବରେ ସାଇତି ରଖିବା ଭଲ । ରୋଷେଇ କଲାବେଳେ ମାଛ, ମାଂସରୁ କ୍ଷତିକାରକ ବ୍ୟାକ୍ଟେରିଆ ବିନାଶ କରିବା ପାଇଁ ମାଂସ ପାଇଁ ୭୧ ଡିଗ୍ରୀ, କୁକୁଡ଼ା ପାଇଁ ୭୪ ଡିଗ୍ରୀ ଓ ମାଛ ପାଇଁ ୬୩ ଡିଗ୍ରୀ ସେଲସିୟସ ତାପମାନରେ ରୋଷେଇ କରିବା ଉଚିତ । ବଜାରରୁ ଆଣିଥିବା ଫଳ ଓ ପନିପରିବା ଖାଇବା ସୋଡ଼ା ବା କ୍ଲୋରିନ୍ ପାଣିରେ ଧୋଇବା ପରେ ପରିଷ୍କାର ପାଣିରେ ଧୋଇ ବ୍ୟବହାର କରିବା ଆବଶ୍ୟକ । ବନ୍ଧାକୋବି କାଟିବା ପୂର୍ବରୁ ଉପର ପତ୍ର ବାହାର କରିଦେବା ଭଲ । ସେଓ ଉପରେ ମହମ ଆବରଣ ଦିଆଯାଉ ଥିବାରୁ ଏହାକୁ ଗରମ ପାଣିରେ ଧୋଇବା ପରେ ଚୋପା ବାହାର କରି ଖାଇବା ଉଚିତ । ବଜାରରୁ ଅଦିନିଆ ଫଳ କିଣିବାଠାରୁ ବିରତ ରହିବା ଆବଶ୍ୟକ । ଏହିସବୁ ନିୟମ ପାଳନ କଲେ ଆମେ ଖାଦ୍ୟ ବାହିତ ବ୍ୟାଧିରୁ ମୁକ୍ତି ପାଇପାରିବା । ●

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ନୀତି ବିହୀନ ରାଜନୀତି

**ଭଗବାନ ଦାଶ**

ଆମ ଦେଶରେ ଗଣତନ୍ତ୍ରର ଶାସନ । ଲୋକପ୍ରତିନିଧି ହିଁ ଶାସନ କର୍ତ୍ତା । ଏଠି ସରକାର ଲୋକଙ୍କ ଦ୍ୱାରା ବଛାଯାଏ । ପ୍ରତ୍ୟେକ ଲୋକର ସମାନ ଭୋଟ ଅଧିକାର । କିନ୍ତୁ ପାର୍ଥକ୍ୟ ଏତିକି ଥରେ ବାଛିଲେ ଆଉ ପାଞ୍ଚବର୍ଷ ପର୍ଯ୍ୟନ୍ତ ବଦଳାଇ ପରିବାର ବ୍ୟବସ୍ଥା ନାହିଁ । ତେଣୁ ଥରେ ଭୋଟ ହାତେଇ ପାରିଲେ ଦଳମାନେ ପାଞ୍ଚବର୍ଷ ଯାଏଁ ସ୍ଥିତିକୁ ସୁଦୃଢ଼ କରିଥା'ନ୍ତି । ମୋହର ବାଡ଼େଇବା ବେଳେ ହେଉ କିମ୍ବା ମେସିନରେ ଟିପ ଦବାଇବା ବେଳେ ସତରେ ଲୋକ ସ୍ୱାଧୀନ । ତା' ହାତକୁ କେହି ଟାଣି ଧରନ୍ତିନି । କିନ୍ତୁ ଭୋଟ କେନ୍ଦ୍ରକୁ ଗଲା ବେଳେ ସେ ପ୍ରଭାବିତ ନୁହେଁ ତ? ଯଦି ହଁ, ତେବେ ସ୍ୱାଧୀନ ଭୋଟର କିପରି କହିବା?

ଭୋଟ ଦେଲା ପୂର୍ବରୁ ବିଭିନ୍ନ ଦଳ ବିଭିନ୍ନ ପ୍ରକାର ପ୍ରଭାବ ନିଜ ଆଡ଼କୁ ଆକର୍ଷିତ କରିବାକୁ ଭୋଟରଙ୍କ ଉପରେ ପକାନ୍ତି । ଭୋଟ ନ ଦେବାକୁ ଚାହୁଁଥିଲେ ବି ସେ ଦିନର ପାରିଶ୍ରମିକ ଆକାରରେ କିଛି ଦେବାର ବ୍ୟବସ୍ଥା ଦେଖିବାକୁ ମିଳେ । ଯାତାୟାତର ବ୍ୟବସ୍ଥା ମଧ୍ୟ ଦେଖି ଚାହିଁ କରା ଯାଇଥାଏ । ଆଉ ଶାସକ ଦଳ କଥାଟା ଟିକିଏ ନିଆରା । ଅନ୍ୟ ଦଳର ସମତୁଲ ପ୍ରଭାବ ବ୍ୟତୀତ ସରକାରୀ ପ୍ରଲୋଭନ ଦେଖାଇ ବୁଝାଇ ଶୁଝାଇ ଏପରିକି ପରିସ୍ଥିତି ଦେଖି ଡରାଇ ଥରାଇ ଆପଣାର କରିବାର ସମସ୍ତ କୌଶଳ ଆପଣେଇ ନିଅନ୍ତି । ଏ ସବୁ ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ ଭିତରେ ଭୋଟରଟି ପେଷି ହୋଇଯାଇ ଭୋଟ ଦେବାକୁ ଯାଏ । ମାନସିକ ଅସ୍ଥିରତାରେ ସେ ବିଚାର କରିପାରେନି । ସବୁ ଦିଗକୁ ଦେଖେ । ନିଜର ସ୍ଥିତିକୁ ବିପଦ ମାଡ଼ି ନ ଆସୁ, ଏହା ଥାଏ ତା'ର ପ୍ରଥମ ପସନ୍ଦ । ପରେ ଦେଶର ପ୍ରଗତିର କଥା । ଏହାରି ଭିତରେ ସେ ଭୋଟ ଦିଏ ।

ଭୋଟଦାନ ପରେ ଫଳାଫଳ ବାହାରେ । ଜିତିଥିବା ପ୍ରାର୍ଥୀ ତାଙ୍କ ଶୋଭାଯାତ୍ରା କରି ସମସ୍ତଙ୍କୁ ଧନ୍ୟବାଦ ଜଣାନ୍ତି । ସେତିକି ପରେ ଆଉ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପ୍ରାର୍ଥୀ ଦେଖାଦେଲେ ଭଲ ନ ଦେଲେ ବି ବିଶେଷ ଅସୁବିଧା ନ ଥାଏ । ଯାହା ଦୁଆରେ ଭୋଟ ବେଳେ ଦିନକୁ ତିନିଥର ଦେଖା ଦେଉଥିଲେ, ସେମାନେ ତାଙ୍କ ଦୁଆରକୁ ତିରିଶ ଥର ଗଲେ ବି ଥରେ ଦେଖା ମିଳିବା ସାତସପନ ହେଇଯାଏ । ବଡ଼ ବିଚିତ୍ର କଥା । ଏଠି ପ୍ରାୟ ସବୁ ନେତାଙ୍କ ଭାଷଣରେ ସେମାନେ ଆସିଲେ ରାମରାଜ୍ୟ ହେବାଟା ସାର । କିନ୍ତୁ ରାମରାଜ୍ୟ କ'ଣ ତାଙ୍କର ଜାଣିବା କ'ଣ ଦରକାର? ରାମରାଜ୍ୟରେ ରାଜ୍ୟ, ରାଜ୍ୟବାସୀ ରାମଙ୍କ ପାଇଁ ପରିବର୍ତ୍ତନୀୟ ନ ଥିଲେ । ତେଣୁ ବଞ୍ଚିଥିବା ଯାଏଁ ସେମାନଙ୍କ ପାଇଁ କିଛି ହିଁ କରିବାକୁ ପଡ଼ିବ । ଏହି ଚିନ୍ତା ସଦାସର୍ବଦା ମନରେ ଥାଏ । କିନ୍ତୁ ଅବଧି ମାତ୍ର ପାଞ୍ଚ ବର୍ଷ । ପରେ ଶାସନ ଆସିବ କି ନାହିଁ । ବହୁ ଅର୍ଥ ବ୍ୟୟରେ ପଦଟି ମିଳିଛି । ତେଣୁ ତା'ର ସଦୁପଯୋଗ କରାଯିବ ନାହିଁ କାହିଁକି?

ଆଗେ ନିଜର ଯାହା ସମ୍ଭବ ଉନ୍ନତି କରିବାରେ ପ୍ରୟାସୀ ହେବାକୁ ପଡ଼ିବ । ଏହା ରହେ ପ୍ରମୁଖ ଚିନ୍ତାଧାରା । ସେ ଦଳ ହେଉ ବା ବ୍ୟକ୍ତି ବିଶେଷ; ବ୍ୟବସ୍ଥା ବା କାର୍ଯ୍ୟଶୈଳୀ - ସେହି ଢାଞ୍ଚାରେ ବଢ଼େ । ଶାସନରେ ସୁଶାସନ, ପକ୍ଷପାତବିହୀନ ବିଚାର, ଆବଶ୍ୟକଭିତ୍ତିକ କାର୍ଯ୍ୟାବଳୀ ପ୍ରାୟ ଦେଖାଯାଏ ନାହିଁ । ଶାସନ ଯେଉଁ ଦଳର, ସେହି ଦଳର ପ୍ରଭାବ ଅଧିକାଂଶ ସ୍ଥାନରେ, ବିଶେଷକରି ସେମାନେ ଆସିଥିବା ସ୍ଥାନମାନଙ୍କରେ ପରିଲକ୍ଷିତ ହୁଏ । ଭୁଲିଯାନ୍ତି ସେ ସମସ୍ତଙ୍କର ନିର୍ବାଚିତ ପ୍ରତିନିଧି । ଫଳରେ କଲ୍ୟାଣମୂଳକ କାର୍ଯ୍ୟଗୁଡ଼ିକ ଗୋଷ୍ଠୀକୈନ୍ଦ୍ରିକ ବା ଦଳଭିତ୍ତିକ ସଦୃଶ ଅନୁଭୂତ ହୁଏ । ଶିକ୍ଷା, ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରଗତି ମଧ୍ୟ ପ୍ରଭାବିତ ହୁଏ । ସମୟେସମୟେ ପୂର୍ବ ଶାସନ କାର୍ଯ୍ୟକୁ ସମୀକ୍ଷା କରାଯାଇ ସୁଧୁରାଯିବା ପରିବର୍ତ୍ତେ ତାହା ଭଲ ଥିଲେ ମଧ୍ୟ ବଦଳାଇ ଦିଆଯାଏ । ଯୋଜନାର ନାମ ପରିବର୍ତ୍ତନ କରାଯାଏ । ଆଉ ସାମାନ୍ୟ ବ୍ୟତିକ୍ରମ ବି ଦେଖାଯାଏ ।

ସରକାରକୁ ଯିଏ ବି ଆସୁ ଯଦି ବିକାଶର ସ୍ୱପ୍ନ ଦେଖାନ୍ତା ଏବଂ କିଛିଟା ଆଖିଦୃଶିଆ ଭାବେ କାର୍ଯ୍ୟକାରୀ କରନ୍ତା, ତେବେ ସେ ଦଳମତ ନିର୍ବିଶେଷରେ ସମସ୍ତଙ୍କର ଆଦରର ପାତ୍ର ସାଜନ୍ତା । କିନ୍ତୁ ଆମ ଦେଶର ଶାସକଙ୍କର କାର୍ଯ୍ୟ ପ୍ରଣାଳୀ ଭିନ୍ନ । ଆଗେଇବା ଅପେକ୍ଷା ପଛେଇବାର ମୁଖ୍ୟ କାରଣ ପୂର୍ବ ଶାସନର ଅବହେଳା କହି ନିଜର ସମୟଟା ସଜାଡ଼ିବାରେ ଚାଲି ଯାଉଛି ବୋଲି ଦର୍ଶାନ୍ତି । ଜିତିଥିବା ପ୍ରାର୍ଥୀଟି ସମଗ୍ର ଅଞ୍ଚଳର । ସମସ୍ତଙ୍କୁ ସେବା ଦେବା ତା'ର କାମ୍ୟ । ତଥାପି ସେ କେତେକଙ୍କର - ଏଇ ଭାବନା ବଳବତ୍ତର ରହେ । ଦଳୀୟ ମନୋଭାବ ଭିତରେ ଗଣତନ୍ତ୍ର ଲୁଚିଯାଏ । ଅନ୍ୟମାନେ ଅବହେଳିତ ହୁଅନ୍ତି । ଦେଶର ସମୂହ ବିକାଶ ସ୍ୱପ୍ନ ହୋଇ ରହିଯାଏ । ଗୋଦର ଗୋଡ଼ଟି ଯେତେ ମୋଟା ହେଲେ ବି ଏହା ସୁନ୍ଦର ସ୍ୱାସ୍ଥ୍ୟର ପରିଚାୟକ କି? ସେହି ଦଶା ପଡ଼େ । ନେତା ସମସ୍ତଙ୍କୁ ନିଜର ଆପଣାର କରିପାରନ୍ତିନି । ବରଂ ମନରେ ବିଦ୍ରୋହ ଭାବର ମଞ୍ଜି ବୁଣି ହେଇଯାଏ । ନିଜ ନିଜ ଭିତରେ ଅସନ୍ତୋଷର ବହ୍ନି ଜଳେ । ଆଉ ଆମ ଦେଶରେ ସରକାରଙ୍କ ଶାସନରେ ପୁଲିସ ନିରପେକ୍ଷ ରହିପାରେନା । ସରକାରୀ ଦଳର ପ୍ରଭାବରେ ବିଶେଷ ପ୍ରଭାବିତ ହୁଏ । ଭାଇଚାରା ପରିବର୍ତ୍ତେ କନ୍ଦଳର ପରିସର ବଢ଼େ । ସ୍ୱାର୍ଥାନ୍ୱେଷୀ କୁଜିନେତା ମାନେ ଏ ସବୁରୁ ଫାଇଦା ଉଠାନ୍ତି । ସରକାରୀ ଅନୁଦାନ ବିତରଣରେ ପାତରଅନ୍ତର କରନ୍ତି । ଅସାଧୁ କର୍ମଚାରୀମାନେ ଲାଞ୍ଚ ନେଇ ହାତ ଚିକ୍କଣ କରନ୍ତି । ଅନ୍ୟାୟ ବଢ଼ିଚାଲେ ।

ଖୁବ କମ ନେତା ଥା'ନ୍ତି, ଯେଉଁମାନେ ଦୂର ଦୃଷ୍ଟିସମ୍ପନ୍ନ । ସେମାନେ ମଧ୍ୟ ଉପରିସ୍ଥ ଦଳୀୟ ନେତାଙ୍କ ପ୍ରଭାବରେ ନିଜସ୍ୱ ହରାନ୍ତି । ନିଜ ରକ୍ଷଣ ପାଇଁ ବଦଳି ଯା'ନ୍ତି । ତଳୁ ହେଉ ବା ଉପରୁ ସବୁଦିଗରୁ ଚାପ ପଡ଼ି ନେତାଙ୍କ ଗତିପଥ ବଦଳି ଯାଏ । ପରିଶେଷରେ ଲୋକମାନେ ସରକାରୀ ସୁବିଧା ସୁଯୋଗରୁ ଆପେ ଆପେ ଅନ୍ୟ ଦଳୀୟ ହୋଇଥିଲେ ପ୍ରତାରିତ ହୁଅନ୍ତି । ତେଲିଆ ମୁଣ୍ଡରେ ତେଲପରି ଅବସ୍ଥା ହୁଏ । ନିରପେକ୍ଷ ଶାସନ, ସୁଶାସନ ସ୍ୱପ୍ନ ହୁଏ । ଅପେକ୍ଷା ରହେ ଆଗାମୀ ନିର୍ବାଚନକୁ । କିନ୍ତୁ କ'ଣ ହେବ । ଅଭାବୀ ଲୋକର ସ୍ୱାଧୀନତା କେତେ ଯେ, ସେ ସ୍ୱାଧୀନଭାବରେ ଭୋଟ ଦେବ । ସାମୟିକ କିଣା ହୋଇ ପୁଣି 'ଯଥା ପୂର୍ବଂ ତଥା ପରଂ' ପରି ନୂଆ ସରକାର ଗଢ଼ି ଚାଲେ । ସମସ୍ତେ ଭାବନ୍ତି ନୂଆ ସରକାରରେ ନୂଆ ସୂର୍ଯ୍ୟାଲୋକର ସ୍ପର୍ଶ ମିଳିବ । କିନ୍ତୁ ମିଳେ ତଦୁପରି ଅସ୍ୱାଭାବିକତା । ଅପେକ୍ଷା ପରେ ଅପେକ୍ଷା ।

ଟିକେ ନିରେଖି ଦେଖିଲେ ଜଣାପଡ଼ିବ ସରକାରୀସ୍ତରରେ ଥିବା ସଂରକ୍ଷଣ ବ୍ୟବସ୍ଥା । ଥିଲା କେତେ ବର୍ଷ ପାଇଁ, କିନ୍ତୁ ବଢ଼ି ଚାଲିଛି । ସଂରକ୍ଷଣ ଲୋକଙ୍କ ପାଇଁ ଯେତିକି ଆବଶ୍ୟକ ନୁହେଁ, ତା' ଠାରୁ ଅଧିକ ଶାସନକୁ ହାତେଇବା ପାଇଁ ଦଳୀୟ ଲୋକ ବା ନେତାଙ୍କର ନିହାତି ଦରକାର । ରାଜନୀତି ରାଜ୍ୟକୁ ସୁଚାରୁ ରୂପେ ଚଳାଇବା ପାଇଁ ଉଦ୍ଦିଷ୍ଟ ହେଲେ ସୁଶାସନ ଅପହଞ୍ଚ ରହନ୍ତାନି । କିନ୍ତୁ ନୀତି ଗର୍ହିତ ହୋଇ କଳୁଷିତ ହେଲେ ଏହାର କ'ଣ କିଛି ଅନ୍ତ ଥାଏ? ●

ପୁରୀ, ମୋ: ୮୨୪୯୦୮୨୪୦୦

# ମହାପ୍ରଭୁଙ୍କ ସୁନାବାଲା ବନ୍ଧକ ପ୍ରସଙ୍ଗ

**ଲୋକକଥାରେ ଲୋକଦେବତା**

**ସ୍ୱପ୍ନେଶ୍ୱର**

ଦିନେ ସକାଳେ ଦାନ୍ତଘଷା ନୀତି ବଢ଼ିବା ପରେ ମହାପ୍ରଭୁଙ୍କ ମନକୁ ଏକ ଅଦ୍ଭୁତ ଖିଆଲ ଆସିଲା । ସେ ଭାବିଲେ ଯେ ସବୁଦିନ ବିମ୍ବସ୍ନାନ କରିକରି ବିରକ୍ତ ଲାଗିଲାଣି । ଆଜି ଯାଇ ଗଙ୍ଗାସ୍ନାନ କରି ଆସିଲେ ଭଲ ହୁଅନ୍ତା । ତା' ପରେ ଭାଇ, ଭଉଣୀ ଓ ଭାରିଯାଙ୍କୁ କିଛି ନ କହି ବାହାରି ଗଲେ ଗଙ୍ଗା କୂଳରେ ଅବସ୍ଥିତ ବଙ୍ଗପ୍ରଦେଶର ମାହେଶ ଗ୍ରାମକୁ । ଏହି ଗ୍ରାମର ଏକ ଅତି ପ୍ରଚୀନ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ଆରାଧିତ ହେଉଛନ୍ତି ଏବଂ ଚୈତନ୍ୟ ମହାପ୍ରଭୁ ସେ ପୀଠକୁ 'ନବନୀଳାଚଳ' ନାମରେ ନାମିତ କରିଥିଲେ । ସେଠାରେ ପହଞ୍ଚି ମହାପ୍ରଭୁ ବ୍ରାହ୍ମଣ ବେଶ ଧାରଣ କରି ଗଙ୍ଗା ନଦୀରେ ମନ ଭରି ସ୍ନାନ କଲେ । ଗାଧୋଇ ସାରି ପାଣିରୁ ଉଠି ଆସୁ ଆସୁ ତାଙ୍କୁ ପ୍ରବଳ ଭୋକ ଲାଗିଲା । ଖାଉଟିଆ ଠାକୁରଙ୍କୁ ସୁଦୂର ବଙ୍ଗ ପ୍ରଦେଶରେ ଛପନ ଭୋଗ ରାନ୍ଧି ବାଢ଼ି ଦେବ ବା କିଏ? ଭୋକ ବିକଳରେ ଏପଟ ସେପଟ ହେଉ ହେଉ ଗୋଟେ ଛୋଟ ଜଳଖିଆ ଦୋକାନରେ ପହଞ୍ଚିଲେ । ଦୋକାନର ମାଲିକ କାଳୀଶଙ୍କର ଗୋଟେ ପତ୍ର ଠୋଲାରେ କିଛି ସନ୍ଦେଶ ଓ ଲଡୁ ରଖି ବ୍ରାହ୍ମଣଙ୍କୁ ଦେଲେ । ସେ ବାବଦ ପଇସା ମାଗିବାରୁ ମହାପ୍ରଭୁ କହିଲେ, 'ସକାଳୁ ଉଠି ଗଙ୍ଗାସ୍ନାନ ପାଇଁ ଚାଲିଆସିଲି । ତେଣୁ ପଇସା ଆଣିପାରିନାହିଁ । ମୋର ସୁନା ବାଲା ଦୁଇଟି ବନ୍ଧା ରଖ, ମୋତେ ମିଠାତକ ଦିଅ । ମୁଁ କାଲିଆଡ଼କୁ ଆସି ପଇସା ଦେଇ ମୋ ବାଲା ନେଇ ଯିବି ।' ଦୋକାନୀ ରାଜି ହେବାରୁ ମହାପ୍ରଭୁ ବାଲା ଦୁଇଟି ବନ୍ଧା ପକେଇ ମିଠା ଖାଇଲେ ଓ ଗଙ୍ଗାଜଳ ପିଇ କ୍ଷେତ୍ରକୁ ଫେରିଗଲେ ।

ତା'ପର ଦିନ ସକାଳେ ସେବକମାନେ ବେଶ ମଇଲମ କଲା ବେଳେ ଦେଖିଲେ ଯେ ମହାପ୍ରଭୁଙ୍କର ସୁନାବାଲା ଦୁଇଟି ନାହିଁ । କଥା ଯାଇ ବଡ଼ପଣ୍ଡାଙ୍କ କାନରେ ପଡ଼ିଲା । ବାଲା ଚୋରି କଥା ରାଜା ଜାଣିଲେ ଦଣ୍ଡ କ'ଣ ମିଳିବ ସେ ଜାଣିଥିଲେ । ସେ ମହାପ୍ରଭୁଙ୍କ ପାଖରେ ଗୁହାରିଆ ପଡ଼ିଲେ । ମହାପ୍ରଭୁ ତାଙ୍କୁ ସବୁକଥା କହିଦେଲେ । ବଡ଼ପଣ୍ଡା ଏହା ଶୁଣି ପାଞ୍ଚଜଣ ବଛାବଛା ସେବକଙ୍କୁ ମାହେଶ ପଠାଇଲେ । ସେମାନେ ସେଠାରେ ପହଞ୍ଚି ସେ ଦୋକାନ ଖୋଜୁଖୋଜୁ ଏକ ଅଲୌକିକ କଥା ଦେଖିଲେ - ଗୋଟିଏ ନିମ ଗଛରେ ଚମ୍ପା ଫୁଲ ଫୁଟିଥିଲା । ସେମାନେ ଜାଣିଗଲେ ଯେ ସେହି ଗଛମୂଳରେ ବସି ଠାକୁର ମିଠା ଖାଇଥିଲେ । ତା' ପାଖରେ ଗୋଟେ ମିଠା ଦୋକାନ ଥିଲା । ସମସ୍ତେ ସେ ଦୋକାନକୁ ଯାଇ ପଚାରିଲେ- 'ତମେ କାଲି ମହାପ୍ରଭୁ ଜଗନ୍ନାଥଙ୍କୁ ମିଠା ଖାଇବାକୁ ଦେଇ ତାଙ୍କ ସୁନାବାଲା ବନ୍ଧକ ରଖିଛ କି?' । କାଳୀଶଙ୍କର କହିଲେ, 'ଜଗନ୍ନାଥ କିଏ ମୁଁ ଜାଣେନି । କାଲି ଜଣେ କାଳିଆ ବ୍ରାହ୍ମଣ ତାଙ୍କ ସୁନା ବାଲା ବନ୍ଧା ଦେଇ ମିଠା ଖାଇଲେ । ଆଜି ଆସି ପଇସା ଦେଇ ବାଲା ନେଇ ଯିବା କଥା । କାହିଁ ଏତେବେଳ ଯାଏଁ ଆସି ନାହାନ୍ତି ତ!' ସେବକମାନେ ବାଲା ଦି ପଟ ଚିହ୍ନି କହିଲେ- 'ସେ ଦି ପଟ ଆମ ସାଆନ୍ତ ମହାପ୍ରଭୁ ଜଗନ୍ନାଥଙ୍କର । ଆମେ ଆସିଛୁ ପଇସା ଦେଇ ସେ ଦିଇଟା ମୁକୁଳେଇ ନେବୁ । ଆମେମାନେ ତାଙ୍କ ସେବକ ।' କିନ୍ତୁ ବାଲା ଯାହାର ସେ ଆସି ପଇସା ନ ଦେଲେ ବାଲା ବନ୍ଧକମୁକ୍ତ କରିବେ ନାହିଁ ବୋଲି କାଳୀଶଙ୍କର ରୋକଠୋକ୍ ଜଣାଇ ଦେଲେ । ସେଇଠୁ ସେବକମାନେ କହିଲେ, 'ଯଦି ଆମକୁ ବିଶ୍ୱାସ ନ କରୁଛ, ଆମ ସାଙ୍ଗରେ ଆସ । ସେଇଠି ମହାପ୍ରଭୁଙ୍କୁ ତାଙ୍କ ବାଲା ଫେରେଇ ଦେବ ।'

କାଳୀଶଙ୍କର ସେମାନଙ୍କ କଥାରେ ରାଜି ହେଲେ । ବାଲା ଫେରେଇବାକୁ ହେବ, ସେହି ବାହାନାରେ ସହଜ ଦର୍ଶନ ମିଳିଯିବ । ସେବକମାନଙ୍କ ସହ ସେ ଯାଇ ଶ୍ରୀକ୍ଷେତ୍ରରେ ପହଞ୍ଚିଲେ । ଗର୍ଭଗୃହରେ ପ୍ରବେଶ କରି ମହାପ୍ରଭୁଙ୍କୁ ପ୍ରାର୍ଥନା କରି କହିଲେ- 'ମହାପ୍ରଭୁ! ଦି ଦିନ ତଳେ ଜଣେ କାଳିଆ ହୃଷ୍ଟପୁଷ୍ଟ ବ୍ରାହ୍ମଣ ତାଙ୍କ ବାଲା ବନ୍ଧା ଦେଇ ମୋ ଦୋକାନରୁ ମିଠା ଖାଇଲେ । ତା' ପର ଦିନ ପଇସା ଦେଇ ବାଲା ନେବେ ବୋଲି କହିଥିଲେ । ହେଲେ ଆପଣଙ୍କ ସେବକମାନେ କହୁଛନ୍ତି ଯେ ଆପଣ ବାଲା ବନ୍ଧା ଦେଇ ମିଠା ଖାଇ ଥିଲେ । ତାଙ୍କୁ ବିଶ୍ୱାସ ନ କରି ମୁଁ ନିଜେ ଆପଣଙ୍କୁ ଫେରେଇବି ବୋଲି ଆସିଛି । ଯଦି ସେ ବାଲା ଆପଣଙ୍କର ତେବେ ନିଜ ହାତରେ ସେ ବାଲା ଦିଟା ଗ୍ରହଣ କରନ୍ତୁ । ଏତିକି ବେଳେ ରତ୍ନସିଂହାସନରୁ ଦୁଇଟି ବଳିଷ୍ଠ ହାତ ଲମ୍ବି ଆସିଲା । କାଳୀଶଙ୍କର ବାଲା ଦୁଇଟି ମହାପ୍ରଭୁଙ୍କ ଶ୍ରୀଭୁଜରେ ଲାଗି କଲେ ଓ ଲମ୍ବ ହୋଇ ପୋଖରୀଆରେ ପଡ଼ିଗଲେ । ●

(ଆଧାର-'ବଙ୍ଗଭୂମିରେ ଶ୍ରୀଜଗନ୍ନାଥ'- କୃଷ୍ଣଚନ୍ଦ୍ର ଭୂୟାଁ)

ମୋ: ୯୯୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।

୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।

୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।

୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।

୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।

୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।

୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ବିଧାନସଭାରୁ

## ପ୍ରବାସୀ ସମସ୍ୟା ସମାଧାନ ପାଇଁ ଟାସ୍କଫୋର୍ସ କରିଛି ୩ ବୈଠକ

ଭୁବନେଶ୍ୱର, ୨।୧୨(ସମିସ): ଦୁରରାଜ୍ୟରେ ଥିବା ପ୍ରବାସୀ ଶ୍ରମିକଙ୍କ ସମସ୍ୟା ସମାଧାନ କ୍ଷେତ୍ରରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କଫୋର୍ସ ଗଠନ କରାଯାଇଛି। ଇତିମଧ୍ୟରେ ଟାସ୍କଫୋର୍ସର ବିଭିନ୍ନ ବିଭାଗ ସହ ତିନିଗୋଟି ବୈଠକ କରାଯାଇଛି। ଶ୍ରମିକଙ୍କୁ କିପରି ନିଜ ଗାଁରେ ବିକଳ୍ପ ଜୀବିକା ଯୋଗାଇ ଦେଇହେବ, ସେ ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଏକ ପ୍ରଶ୍ନରେ ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ସୂଚନା ଦେଇଛନ୍ତି। ମଙ୍ଗଳବାର ବିଧାନସଭାରେ ଏକ ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଜିଲ୍ଲାସ୍ତରରେ ଅନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ (ନିଯୁକ୍ତି ନିୟନ୍ତ୍ରଣ ଓ ସେବା ସର୍ତ୍ତ) ଅଧିନିୟମ, ୧୯୭୯ ଅନୁଯାୟୀ ଠିକାଦାରମାନେ ଅନଲାଇନ୍ ଆବେଦନ ଜରିଆରେ ବାହାର ରାଜ୍ୟରେ ଶ୍ରମିକ ନିଯୋଜନ ନିମନ୍ତେ ଲାଇସେନ୍ସପ୍ରାପ୍ତ ହୋଇଥାନ୍ତି। ଚଳିତବର୍ଷ ଜିଲ୍ଲାସ୍ତରରେ ୧,୦୭୬ ଜଣ ଠିକାଦାରଙ୍କୁ ବାହାର ରାଜ୍ୟରେ ୭୦,୩୭୦ ଜଣ ପ୍ରବାସୀ ଶ୍ରମିକଙ୍କ ନିଯୁକ୍ତି ନିମନ୍ତେ ଲାଇସେନ୍ସ ପ୍ରଦାନ କରାଯାଇଛି।

■ ପଶୁ-ମଣିଷ ଲଢ଼େଇ

## ୧୦ବର୍ଷରେ ୧,୩୯୮ ଜଣଙ୍କ ମୃତ୍ୟୁ

ଭୁବନେଶ୍ୱର,୨।୧୨(ସମିସ): ପଶୁ-ମଣିଷଙ୍କ ଲଢ଼େଇ କାରଣରୁ ଗତ ୧୦ ବର୍ଷରେ ୧,୩୯୮ ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ଏଥିପାଇଁ ସରକାରଙ୍କ ଦ୍ୱାରା ୭୭୬୪.୬୮ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି ବୋଲି ମଙ୍ଗଳବାର ଗୃହରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ତଥ୍ୟ ରଖିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ସମାନ ଅବଧି ମଧ୍ୟରେ ୫,୬୦୧ ସଂଖ୍ୟକ ବନ୍ୟପ୍ରାଣୀ ମଧ୍ୟ ମୃତ୍ୟୁବରଣ କରିଛନ୍ତି। ମୃତ୍ୟୁ ସଂଖ୍ୟାରେ ରୋକ୍ ଲଗାଇବା ପାଇଁ ବିଭାଗ ପକ୍ଷରୁ ବନ୍ୟପ୍ରାଣୀଙ୍କ ବାସସ୍ଥଳୀର ସୁରକ୍ଷା ଓ ସମୃଦ୍ଧି, ଖାଦ୍ୟ ଉପଯୋଗୀ ବୃକ୍ଷରୋପଣ, ଚାରଣଭୂମିର ବିକାଶ, କୃତ୍ରିମ ଜଳାଶୟ ସୃଷ୍ଟି କରାଯାଉଛି। ସେହିପରି ଜଙ୍ଗଲକୁ ନିଆଁରୁ ରକ୍ଷା, ଶିକାର ନିରୋଧକ ଶିବିର, ପକ୍ଷୀ ସୁରକ୍ଷା ଶିବିର, ଜଙ୍ଗଲରେ ପର୍ଯ୍ୟବେକ୍ଷଣ, ବୈଷୟିକ ଜ୍ଞାନକୌଶଳର ଉପଯୋଗିତା ଦ୍ୱାରା ବନ୍ୟପ୍ରାଣୀ ଓ ଶିକାରୀଙ୍କ ଗତିବିଧି ନିରୀକ୍ଷଣ, ଆଣ୍ଟି ପୋଚିଂ ସ୍କ୍ୱାଡର ମୁତୟନ, ଜନ ସଚେତନତା ଇତ୍ୟାଦି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ୨ ବର୍ଷରେ ରାଜ୍ୟରେ ୩୭ଲକ୍ଷ ତାଳ ଚାରାରୋପଣ

ଭୁବନେଶ୍ୱର,୨।୧୨(ସମିସ): ବଜ୍ରପାତରୁ ଜୀବନରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୨ ବର୍ଷରେ ରାଜ୍ୟରେ ମୋଟ ୩୭ ଲକ୍ଷ ତାଳ ଚାରା ରୋପଣ କରାଯାଇଛି। ବିଧାନସଭାରେ ଏନେଇ ତଥ୍ୟ ରଖିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ସେ କହିଛନ୍ତି ଯେ ବଜ୍ରପାତ ରୋକିବାରେ ତାଳଗଛ ଅନ୍ୟତମ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ତାଳଚାରା ରୋପଣ ପାଇଁ ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ୭.୫୯କୋଟି ଅର୍ଥରାଶି ମଞ୍ଜୁର ହୋଇଥିଲା। ୨୦୨୫-୨୬ ଆର୍ଥିକ ବର୍ଷରେ ୫.୯୪କୋଟି ଅର୍ଥରାଶି ମଞ୍ଜୁର ହୋଇଛି। ଆଗାମୀ ବର୍ଷ ପାଇଁ ତାଳଗଛ ରୋପଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଆସିବ ଓ ମଞ୍ଜୁରପ୍ରାପ୍ତ ହେଲେ ସମଗ୍ର ରାଜ୍ୟରେ ତାଳ ଚାରାରୋପଣ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଶୀଘ୍ର ଭଙ୍ଗା ହେବ କଟକର ସମସ୍ତ ବିପଦସଙ୍କୁଳ କୋଠା

ଭୁବନେଶ୍ୱର, ୨।୧୨(ସମିସ): କଟକର ସମସ୍ତ ବିପଦସଙ୍କୁଳ କୋଠାଗୁଡ଼ିକୁ ଶୀଘ୍ର ଭଙ୍ଗା ଯିବ। ମଙ୍ଗଳବାର ବିଧାନସଭାରେ ଏନେଇ ସୂଚନା ରଖିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ବିପଦସଙ୍କୁଳ କୋଠା ଚିହ୍ନଟ ପାଇଁ ବିଶେଷଜ୍ଞ କମିଟି ଗଠନ ହୋଇଛି। କଟକ ମହାନଗର ନିଗମର ସବୁ ୱାର୍ଡରେ କମିଟିର ସଦସ୍ୟମାନେ ସର୍ଭେ କରୁଛନ୍ତି। ସର୍ଭେ ପରେ ଚିହ୍ନଟ ବିପଦସଙ୍କୁଳ କୋଠା ମାଲିକଙ୍କୁ ନୋଟିସ୍ ଦିଆଯିବ। ନିୟମାନୁସାରେ ଭାଙ୍ଗିବା ପାଇଁ ପ୍ରଶାସନ ବିହିତ ପଦକ୍ଷେପ ନେବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି।

## ୫୦୦୮ ରାଜସ୍ୱ ଓ ପଡ଼ା ଗ୍ରାମକୁ ଏବେ ବି ସବୁଦିନିଆ ରାସ୍ତା ନାହିଁ

ଭୁବନେଶ୍ୱର,୨।୧୨(ସମିସ): ରାଜ୍ୟର ୫୦୦୮ ରାଜସ୍ୱ ଓ ପଡ଼ା ଗ୍ରାମକୁ ଏବେ ବି ସବୁଦିନିଆ ରାସ୍ତା ନାହିଁ। ଯେତେ କମ ସମୟରେ ସମ୍ଭବ ସମସ୍ତ ରାଜସ୍ୱ ଗ୍ରାମ ଓ ପଡ଼ାଗ୍ରାମଗୁଡ଼ିକରେ ସବୁଦିନିଆ ରାସ୍ତା ନିର୍ମାଣ କରାଯିବ ବୋଲି କହିଛନ୍ତି ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ। ବିଧାୟକ ଅରୁଣ କୁମାର ସାହୁଙ୍କ ଏକ ଅଣତାରକା ପ୍ରଶ୍ନରେ ମନ୍ତ୍ରୀ କହିଛନ୍ତି ଯେ ଗ୍ରାମସଭା ଓ ପଞ୍ଚାୟତ ସମିତି ଅଧିକାରୀଙ୍କ ଦ୍ୱାରା ସର୍ବେକ୍ଷଣ କରାଯାଇ ଅସଂଯୋଜିତ ରାଜସ୍ୱ ପଡ଼ା ଗ୍ରାମଗୁଡ଼ିକୁ ଚିହ୍ନଟ କରାଯାଉଛି। ରାଜସ୍ୱ ଗ୍ରାମ ଓ ପଡ଼ା ଗ୍ରାମଗୁଡ଼ିକରେ ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ଯଥା ବିକଶିତ ଗାଁ, ବିକଶିତ ଓଡ଼ିଶା, ଏସ୍ଏଫ୍ସି ମାଧ୍ୟମରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଯେତେ କମ୍ ସମୟରେ ସମ୍ଭବ ସମସ୍ତ ରାଜସ୍ୱ ଗ୍ରାମ ଓ ପଡ଼ା ଗ୍ରାମଗୁଡ଼ିକରେ ସବୁଦିନିଆ ରାସ୍ତା ନିର୍ମାଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଅପରପକ୍ଷେ ଚଳିତ ଆର୍ଥିକ ବର୍ଷରେ ୨୬୪୩ କି.ମି. ରାସ୍ତା ସରକାର ନିର୍ମାଣ କରିଛନ୍ତି ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି।

## କ୍ଷତିରେ ଚାଲୁଛି ୪୧ ଇକୋ ଟୁରିଜିମ ପ୍ରକଳ୍ପ

ଭୁବନେଶ୍ୱର, ୨।୧୨(ସମିସ): ରାଜ୍ୟର ୫୧ଟି ବନଖଣ୍ଡ ଅଧୀନରେ ୫୧ଟି ଇକୋ ଟୁରିଜିମ ପ୍ରକଳ୍ପ ସ୍ଥାପନ କରାଯାଇଛି। ତନ୍ମଧ୍ୟରୁ ୧୦ଟି ଲାଭରେ ଚାଲୁଥିବା ବେଳେ ବାକି ସବୁ କ୍ଷତିରେ ଚାଲୁଛି। ମଙ୍ଗଳବାର ପ୍ରଶ୍ନକାଳରେ ଉପରୋକ୍ତ ତଥ୍ୟ ରଖିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ରାଜ୍ୟରେ ବିଭିନ୍ନ ସ୍ଥାନରେ ଇକୋ-ଟୁରିଜିମ୍ ପ୍ରକଳ୍ପ ସ୍ଥାପନ ପାଇଁ ମଙ୍ଗଳବାର ପ୍ରଶ୍ନକାଳରେ ଏକାଧିକ ବିଧାୟକ ଦାବି ଉଠାଇଥିଲେ। ଏନେଇ ଉତ୍ତର ରଖିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ। ବିଧାୟକମାନେମାନେ ବିଭାଗକୁ ଏନେଇ ଲିଖିତ ଭାବେ ଦିଅନ୍ତୁ। ବିଭାଗର ବୈଷୟିକ ଟିମ୍ ପ୍ରସ୍ତାବଗୁଡ଼ିକର ଫିଜିବିଲିଟି ସର୍ଭେ କରିବ। ପ୍ରକଳ୍ପ ପାଇଁ ସ୍ଥାନ ଉପଯୁକ୍ତ ହୋଇଥିଲେ ସରକାର ଏନେଇ ପଦକ୍ଷେପ ଗ୍ରହଣ କରିବେ ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଥିଲେ। ମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ରାଜ୍ୟ ସରକାର ପର୍ଯ୍ୟଟନର ବିକାଶକୁ ଗୁରୁତ୍ୱ ଦେଉଛନ୍ତି। ଗତବର୍ଷ ଏଥିନିମନ୍ତେ ୮୦ କୋଟି ଖର୍ଚ୍ଚ ହୋଇଥିବା ବେଳେ ଚଳିତ ଅତିରିକ୍ତ ବଜେଟରେ ମଧ୍ୟ ୮୦ କୋଟି ରଖାଯାଇଛି। ମୂଳ ପ୍ରଶ୍ନକର୍ତ୍ତା ଉପାସନା ମାହାପାତ୍ର ପ୍ରବାସୀ ପକ୍ଷୀଙ୍କ ସୁରକ୍ଷା ପାଇଁ ନଳବଣ ଓ ସାତପଡ଼ାରେ ଉନ୍ନତ ଜ୍ଞାନକୌଶଳ ସମ୍ପନ୍ନ ୱାଚ୍ ଟାୱାର୍ ନିର୍ମାଣ କରିବାକୁ ଦାବି କରିଥିଲେ। ବିଧାୟକ ଗୌତମବୁଦ୍ଧ ଦାସ ଉଦୟପୁର ଓ ତାଳସାରୀରେ ନାଲି କଙ୍କଡ଼ାଙ୍କ ସଂଖ୍ୟା କମୁଥିବା ବେଳେ ଏହାର ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଦାବି କରିଥିଲେ।

## ନଷ୍ଟ ହେଉଛି ଭିତରକନିକା ଜୈବ ବିବିଧତା

ଭୁବନେଶ୍ୱର,୨।୧୨(ସମିସ): କେନ୍ଦ୍ରାପଡ଼ା ବୈତରଣୀ ନଦୀପଠାର ନଳିତାପାଟି ଆନିକଟ ନିକଟବର୍ତ୍ତୀ ଶାରଦାପ୍ରସାଦ ଗ୍ରାମରେ ବେଆଇନ ଖନନ କରାଯାଇ ହୋଟେଲ ନିର୍ମାଣ ଚାଲିଛି। ଫଳରେ ଭିତରକନିକାର ଜୈବବିବିଧତା ନଷ୍ଟ ହେଉଛି। ବିଭାଗୀୟ ମନ୍ତ୍ରୀ ଏନେଇ ତଦନ୍ତ ଆଦେଶ ଦେଇଥିବା ବେଳେ ବେଆଇନ ନିର୍ମାଣକୁ ସ୍ୱୀକାର କରିଛନ୍ତି। ମାତ୍ର ଏହି ବେଆଇନ ନିର୍ମାଣ ଏଯାବତ୍ ବନ୍ଦ ହୋଇନାହିଁ। ଏହା କେବେ ବନ୍ଦ ହେବ ବୋଲି ମଙ୍ଗଳବାର ପ୍ରଶ୍ନକାଳରେ ପ୍ରଶ୍ନ କରିଥିଲେ ବିଜେଡି ବିଧାୟକ ଧ୍ରୁବଚରଣ ସାହୁ। ଉତ୍ତରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଥିଲେ ଯେ ଘଟଣାର ତଦନ୍ତ ହୋଇଛି। ଜିଲ୍ଲା ପ୍ରଶାସନ ବେଆଇନ ନିର୍ମାଣ ବନ୍ଦ କରିଛନ୍ତି। ଆଗକୁ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ, ସେ ଦିଗରେ ବିଭାଗ ଖୁବ୍ଶୀଘ୍ର ନିଷ୍ପତ୍ତି ନେବ ବୋଲି ସେ ଗୃହରେ ଉତ୍ତର ରଖିଥିଲେ।

# 'ବିଜୁଳି' ନେଇ ବିଧାନସଭାରେ ବିଜେଡି ଗରମ

## ଓଡ଼ିଶାରୁ ୮ ବର୍ଷରେ ଅଧିକ ଆଦାୟ ୭୧୪୫ କୋଟି

■ ଭୁବନେଶ୍ୱର, ୨।୧୨ (ସମିସ): ଆନ୍ଧ୍ର ପ୍ରଦେଶରେ ବିଦ୍ୟୁତ୍ ବିତରକ କମ୍ପାନୀମାନେ ଉପଭୋକ୍ତାଙ୍କଠାରୁ ୯୨୪ କୋଟି ଟଙ୍କାର ବିଦ୍ୟୁତ୍ ବିଲ୍ ଆଦାୟ କରିଥିଲେ। ମାତ୍ର ଆନ୍ଧ୍ର ପ୍ରଦେଶ ବିଦ୍ୟୁତ୍ ନିୟାମକ ଆୟୋଗ ଉପଭୋକ୍ତାଙ୍କଠାରୁ ଆଦାୟ ହୋଇଥିବା ଅଧିକ ବିଲକୁ ସୁଧ, ମୂଳ ସହ ଫେରସ୍ତ ପାଇଁ ନିର୍ଦ୍ଦେଶ ଦେଲେ। ମାତ୍ର ଓଡ଼ିଶାରେ ୮ ବର୍ଷ ହେଲାଣି ଉପଭୋକ୍ତାଙ୍କଠାରୁ ବିତରକ କମ୍ପାନୀଗୁଡ଼ିକ ୭୧୪୫ କୋଟି ଟଙ୍କା ଅଧିକ ନେଇଛନ୍ତି। ମାତ୍ର ଓଇଆରସି ଏ ସମ୍ପର୍କରେ ମୁହଁ ଖୋଲୁ ନାହାନ୍ତି। ତେଣୁ ଓଇଆରସି ତୁରନ୍ତ ପଦକ୍ଷେପ ଗ୍ରହଣ ସହ ସୁଧ ସହ ମୂଳ ପ୍ରଦାନ ନିମନ୍ତେ ବିତରକ କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ବିଧାନସଭାରେ ଦାବି କରିଛନ୍ତି ବିଜେଡିର ବିଧାୟକଗଣ।



**ସୁଧ ସହ ମୂଳ ଫେରାଉ ବିଜୁଳି ବିତରକ କମ୍ପାନୀ**

**ଆନ୍ଧ୍ର ଖାଉଟି ଫେରସ୍ତ ପାଇଲେ, ଓଡ଼ିଶାରେ କେବେ**

ଆଦାୟ ହୋଇଥିବା ଟଙ୍କା ଫେରାଇବା ପାଇଁ ବିଦ୍ୟୁତ୍ ନିୟାମକ ଆୟୋଗ ଗୁଡ଼ିକୁ ନିର୍ଦ୍ଦେଶ ରହିଛି। ମାତ୍ର ରାଜ୍ୟରେ ବିତରକ କମ୍ପାନି ମାନେ ଆଦାୟ କରିଥିବା ଅଧିକ ବିଲ୍ ଅର୍ଥ ଫେରାଇବାକୁ ଓଇଆରସି କୌଣସି ନିର୍ଦ୍ଦେଶ ଦେଇନାହିଁ। ଆନ୍ଧ୍ର ପ୍ରଦେଶ ବିଦ୍ୟୁତ୍ ନିୟାମକ ଆୟୋଗ ଉପଭୋକ୍ତାଙ୍କଠାରୁ ଆଦାୟ ହୋଇଥିବା ଅଧିକ ଟଙ୍କାକୁ ସୁଧ ମୂଳ ସହ ୧୨ ଟି କିସ୍ତିରେ ଫେରସ୍ତ କରିବାକୁ ବିଦ୍ୟୁତ୍ କମ୍ପାନିକୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଓଇଆରସି ସମାନ ଢଙ୍ଗରେ ରାଜ୍ୟର ଉପଭୋକ୍ତଙ୍କ ଠାରୁ ଆଦାୟ ହୋଇଥିବା ଅଧିକ ୭୧୪୫ କୋଟି ଟଙ୍କା ସୁଧ ମୂଳ ସହ ଫେରସ୍ତ କରିବାକୁ ବିତରକ କମ୍ପାନିକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଶ୍ରୀ ବେହେରା ଦାବି କରିଥିଲେ।

ବିଧାୟକ ଗଣେଶ୍ୱର ବେହେରା ଉପରୋକ୍ତ ପ୍ରସଙ୍ଗ ଉଠାଇ କହିଲେ ଯେ ୧୯୯୫ରେ ରାଜ୍ୟରେ ବିଦ୍ୟୁତ୍ ସଂସ୍କାର ହୋଇଥିଲା। ମାତ୍ର ଯେଉଁ ଲକ୍ଷ୍ୟରେ ସଂସ୍କାର ହୋଇଥିଲା, ତାହା ଏଯାବତ୍ ପୂରଣ ହେଲାନାହିଁ। ଓଇଆରସିଙ୍କ ଉଦାସୀନତା ଏଥିରେ ପ୍ରଧାନ ପ୍ରତିବନ୍ଧକ ସାଜିଛି। ଗତ ଆଠବର୍ଷ ହେବ ରାଜ୍ୟରେ ଓଇଆରସି ଧାର୍ଯ୍ୟ କରିଥିବା ହାରାହାରି ଦର ଠାରୁ ଅଧିକ ବିଲ ଆଦାୟ କରାଯାଉଛି। ରାଜ୍ୟର ବିଦ୍ୟୁତ ବିତରକ କମ୍ପାନୀମାନେ ଅଧିକ ୭୧୪୫ କୋଟି ଟଙ୍କା ଆଦାୟ କରିଛନ୍ତି। ବିଦ୍ୟୁତ ଆଇନ୍ ୨୦୦୩ ଅନୁଯାୟୀ ଅଧିକ କରିଥିଲେ। ବିଧାୟକ ବ୍ୟୋମକେଶ ରାୟ କହିଥିଲେ ଯେ ରାଜ୍ୟରେ ଉପଭୋକ୍ତା ଶୋଷିତ ହେଉଥିବା ବେଳେ ବିତରକ କମ୍ପାନୀ ଅଧିକ ୭୧୪୫ କୋଟି ଟଙ୍କା ଆଦାୟ କରିଛନ୍ତି। ଆନ୍ଧ୍ର ନିୟାମକ ଆୟୋଗ ଭଳି ଓଇଆରସି ମଧ୍ୟ ସମାନ ନିର୍ଦ୍ଦେଶ ଦିଅନ୍ତୁ। ସରକାର ଏହାକୁ ଗୁରୁତର ଭାବେ ଗ୍ରହଣ କରନ୍ତୁ ବୋଲି ସେ ଦାବି କରିଥିଲେ। ବିଧାୟକ ତୁଷାରକାନ୍ତି ବେହେରା ମଧ୍ୟ ସମାନ ଦାବି କରିବା ସହ ତୁରନ୍ତ ବିତରକ କମ୍ପାନୀମାନେ ଟଙ୍କା ଫେରସ୍ତ କରିବା ଦିଗରେ ସରକାର ହସ୍ତକ୍ଷେପ କରିବାକୁ ଦାବି କରିଥିଲେ।

# ଧରଣୀଧର ବିଶ୍ୱବିଦ୍ୟାଳୟ କୁଳପତି ଓ କୁଳସଚିବଙ୍କୁ ହାଇକୋର୍ଟଙ୍କ ପୁଲିସ ନୋଟିସ୍

କଟକ, ୨।୧୨(ସମିସ): ଏକ ଅଦାଲତ ଆଦେଶ ଅବମାନନା ମାମଲାରେ କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ କୁଳପତି ଓ କୁଳସଚିବଙ୍କୁ ପୁଲିସ ନୋଟିସ୍ ଜାରି କରିଛନ୍ତି ହାଇକୋର୍ଟ। ପ୍ରତିପକ୍ଷଙ୍କୁ ପୁଲିସ ମାଧ୍ୟମରେ ଏହି ନୋଟିସ୍ ପ୍ରଦାନ କରାଯିବ ବୋଲି ନାରାୟଣଚନ୍ଦ୍ର ସାମଲଙ୍କ ତରଫରୁ ଦାୟର ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଡିସେମ୍ବର ୧୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାରୁ ପ୍ରକାଶ ଯେ ଧରଣୀଧର ବିଶ୍ୱବିଦ୍ୟାଳୟରେ ଏମ୍ବିଏ, ଏମବିଏ (ଏଫଏମ) ଓ ବିବିଏ ବିଭାଗରେ ଅଧ୍ୟାପକ ନିଯୁକ୍ତି କ୍ଷେତ୍ରରେ ବ୍ୟାପକ ଅନିୟମିତା ହୋଇଥିବା ଅଭିଯୋଗ ହୋଇଥିଲା। ଆବେଦନକାରୀ ଏହି ପଦରେ ନିଯୁକ୍ତି ପାଇଁ ଦରଖାସ୍ତ ଦାଖଲ କରିଥିଲେ। ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ନଥିବା ପ୍ରାର୍ଥୀଙ୍କୁ ଚୟନ ତାଲିକାରେ ସ୍ଥାନ ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଆବେଦନକାରୀଙ୍କ ସ୍ମାରକପତ୍ର ଉପରେ ୮ସପ୍ତାହ ଭିତରେ ନିଷ୍ପତ୍ତି ନେବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ, ଏହି ନିର୍ଦ୍ଦେଶ ପାଳନ କରାଯାଇନଥିଲା। ଏହି ପ୍ରସଙ୍ଗରେ ନିର୍ଦ୍ଦେଶ ଉଲ୍ଲଂଘନ ଅଭିଯୋଗ ନେଇ ଆବେଦନକାରୀ ଉପରୋକ୍ତ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ଆବଦେନକାରୀଙ୍କ ତରଫରୁ ଆଇନଜୀବୀ ସପନ କୁମାର ପାଲ ମାମଲା ପରିଚାଳନା କରୁଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶେଷରେ ରାଜିହେଲେ...

ଆଲୋଚନା ସମୟ ବଢ଼ାଇପାରିବ। ସର୍ବଦଳୀୟ ବୈଠକରେ ସବୁ ଦଳର ନେତା ଆଲୋଚନା ଏବଂ ସମୟକୁ ନେଇ ସହମତି ପ୍ରକାଶ କରିଥିଲେ। ଏବେ ସଂସଦ କାର୍ଯ୍ୟରେ ପୂର୍ଣ୍ଣ ରୂପେ ସହଯୋଗ କରିବା ଲାଗି ସଂସଦୀୟ ବ୍ୟାପାର ମନ୍ତ୍ରୀ ସମସ୍ତ ସଭ୍ୟଙ୍କୁ ଅନୁରୋଧ କରିଥିଲେ। ସେ କହିଥିଲେ ଯେ ଗଠନମୂଳକ ଆଲୋଚନା ଗଣତନ୍ତ୍ର ଓ ସଂସଦୀୟ ବ୍ୟବସ୍ଥାକୁ ସମୃଦ୍ଧ କରିବ।

ସୂଚନାଯୋଗ୍ୟ ଯେ ପ୍ରଥମ ପର୍ଯ୍ୟାୟରେ ବିହାରରେ ଏସ୍ଆଇଆର୍ ଶେଷ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଚାଲିଛି। ଭୋଟର ତାଲିକା ସଂଶୋଧନ ନାମରେ ଅନେକ ଯୋଗ୍ୟ ଭୋଟରଙ୍କ ନାମ କାଟି ଦିଆଯାଉଛି ବୋଲି ବିରୋଧୀ ଦଳ ଅଭିଯୋଗ କରିଥିବା ବେଳେ ନିର୍ବାଚନ କମିସନ ଏହାକୁ ଅସ୍ୱୀକାର କରିଛନ୍ତି। ତେବେ ଏବେ ଯେଉଁ କଥାଟି ବେଶି ବ୍ୟଥିତ କରିଛି, ତାହାହେଲା ଏସ୍ଆଇଆର୍ ପ୍ରକ୍ରିୟାରେ ନିଯୋଜିତ ବୁଥ ସ୍ତରୀୟ ଅଧିକାରୀ ବା ବିଏଲ୍ଓଙ୍କ ମୃତ୍ୟୁ। ଭୋଟର ତାଲିକା ସଂଶୋଧନ ପାଇଁ ଘର ଘର ବୁଲି ସେମାନେ ଫର୍ମ ପୂରଣ କରୁଛନ୍ତି। କାର୍ଯ୍ୟ ଚାପ ଯୋଗୁଁ ଅନେକ ବିଏଲଓ ଆତ୍ମହତ୍ୟା କରିଥିବା ବେଳେ କେତେକ ବିଏଲଓଙ୍କର ହୃଦଘାତରେ ମୃତ୍ୟୁ ଘଟୁଛି। ଏଭଳି ୭୦ରୁ ଅଧିକ ବିଏଲଓଙ୍କ ମୃତ୍ୟୁକୁ ନେଇ ବିରୋଧୀ ଦଳ ଉଦବେଗ ପ୍ରକାଶ କରିଛନ୍ତି। ଏହିସବୁ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ବିରୋଧୀ ଦାବି କରିଥିବା ବେଳେ ସରକାର ରାଜି ହେଉନଥିଲେ। ସରକାରଙ୍କର ଯୁକ୍ତି ଥିଲା ଯେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ନିର୍ବାଚନ କମିସନଙ୍କ ପ୍ରଶାନିକ ମାମଲା ହୋଇଥିବାରୁ ସରକାର କିଛି କରିପାରିବେ ନାହିଁ।

### ଆଉ ଜେଲ୍ ଯିବେନି...

ବିରୋଧୀ ବିଜେଡି ପକ୍ଷରୁ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ବିଲକୁ ବିରୋଧ କରିଛନ୍ତି। ଜୁଆ ଖେଳ ଦଣ୍ଡ ହ୍ରାସ ଓ ମହୁଲ ଫୁଲ ପାନୀୟ ଉପରେ ଦଣ୍ଡ ବୃଦ୍ଧିକୁ ସେ ସମାଲୋଚନା କରିଛନ୍ତି। ସେହିପରି ବିଦ୍ୟୁତ୍ ଶୁଳ୍କ କ୍ଷେତ୍ରରେ କରାଯାଇଥିବା ପରିବର୍ତ୍ତନ କମ୍ପାନୀ ଗୁଡ଼ିକୁ ମୁନଫାଖୋର୍ କରିବ ଓ ଏଭଳି ବିଲ ଆଣି ସରକାର ଜନସାଧାରଣଙ୍କୁ ଭୟଭୀତ କରିବାକୁ ଚାହୁଁଛନ୍ତି ବୋଲି ସେ କହିଛନ୍ତି। ସେହିପରି ଧ୍ରୁବ ସାହୁ ଏହି ବିଲ ଗୃହୀତ ହେଲେ ସାମାଜିକ ଶୃଙ୍ଖଳା ଭୁଶୁଡ଼ି ପଡ଼ିବ ବୋଲି ଚେତାବନୀ ଦେଇଛନ୍ତି। ଜୁଆ ଖେଳ ସମାଜର ଏକ ବ୍ୟାଧି। ଏହି ଆଇନ ଦ୍ୱାରା ମାତ୍ର ୫ ହଜାର ଦେଇ ଜୁଆ ଖେଳ ହୋଇପାରିବ ବୋଲି ବ୍ୟବସ୍ଥା ହୋଇଛି। ଦେଶୀ ମଦ ବେପାରୀଙ୍କ ପାଇଁ ମଧ୍ୟ ଜୋରିମାନା ବ୍ୟବସ୍ଥା କରାଯାଇଛି। ସେମାନେ ଜୋରିମାନା ଦେଲେ ତାଙ୍କୁ ଛାଡ଼ିଦିଆଯିବ। ଏଥିପାଇଁ ଗାଁ ଗଣ୍ଡାରେ ପରିବାର ଉଜୁଡ଼ି ଯିବ ବୋଲି ଧ୍ରୁବ କହିଛନ୍ତି। ଅନୁରୂପ ଭାବରେ କଂଗ୍ରେସ ବିଧାୟକ ସିଏସ୍ ରାଜନ୍ ଏକ୍କା କହିଛନ୍ତି ଯେ ଜୁଆ ଖେଳ ସର୍ବଦା ବର୍ଜନୀୟ। ମାତ୍ର ବିଲ୍‌ରେ କେବଳ ଫାଇନ ବ୍ୟବସ୍ଥାଥିବାରୁ ଏହା ଲୋକଙ୍କ ଭୟ ହ୍ରାସ କରିବ ଓ ମହୁଲ ଫୁଲ ସଂକ୍ରାନ୍ତରେ ବିଲ୍‌ରେ ନୂତନ ବ୍ୟବସ୍ଥା ଆଦିବାସୀଙ୍କ ଅଧିକାର କ୍ଷୁର୍ଣ୍ଣ କରିବ ବୋଲି ରାଜନ୍ କହିଛନ୍ତି। ବିଧାୟକ ଗୌତମ ବୁଦ୍ଧ ଦାସ ବିଲକୁ ବିରୋଧ କରି ଦିଲ୍ଲୀରୁ ଏହି ବିଲର ନକ୍ସା ପ୍ରସ୍ତୁତ ହୋଇଛି ଓ ଧନୀ ଲୋକଙ୍କ ପାଇଁ ଏହି ବିଲ ପ୍ରସ୍ତୁତ କରାଯାଇଛି। ।ଶିଳ୍ପ ସଂସ୍ଥା ପାଇଁ ପଥ ପରିଷ୍କାର ହେଉଛି। ଜନପ୍ରତିନିଧି ଭାବେ ଆମେ ଚୁପ୍ ରହିଲେ ଇତିହାସ ଆମକୁ କ୍ଷମା ଦେବନି ବୋଲି ସେ କହିଛନ୍ତି। ସେହିଭଳି ବିଧାୟକ ଗଣେଶ୍ୱର ବେହେରା ବିଲକୁ ବିରୋଧ କରିବା ସହ ଦେଶର ୧୯ ଟି ରାଜ୍ୟ ଏହାକୁ ଗ୍ରହଣ କରି ନାହାନ୍ତି ବୋଲି କହିଛନ୍ତି। ଏଥିରେ ବିଜେପି ଶାସିତ ରାଜ୍ୟମନେ ମଧ୍ୟ ଅଛନ୍ତି; କିନ୍ତୁ ଓଡ଼ିଶା ସରକାର ଏହି ବିଲ ପରିତ କରିବା ପାଇଁ କାହିଁକି ତରବର ହେଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ବିଧାୟିକା ସୋଫିଆ ଫିର୍ଦ୍ଦୋସ ବିଲରେ ଅପରାଧିକ ମାମଲା ପାଇଁ ଜରିମାନା ବ୍ୟବସ୍ଥା କରିବାକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ୫ ହଜାର ଜରିମାନା ଦ୍ୱାରା ଲୋକେ ଖୁସିରେ ଜୁଆ ଖେଳିବେ। ଶାସକ ଦଳ ପକ୍ଷରୁ ବିଲ ସପକ୍ଷରେ ଯୁକ୍ତି ବାଢ଼ି ବିଧାୟକ ଇରାଶିଷ ଆଚାର୍ଯ୍ୟ କହିଛନ୍ତି, ଏହି ବିଲ କେବଳ ଇଜ୍ ଅଫ ଡୁଇଂ ବିଜନେସ ନୁହେଁ ଲୋକଙ୍କ ଜୀବନରେ ମଧ୍ୟ ପରିବର୍ତ୍ତନ ଆଣିବ। ପୂର୍ବରୁ ଏଭଳି ମାମଲାରେ ମାତ୍ର ଦୁଇ ରୁ ତିନି ମାସ ଜେଲ ଦଣ୍ଡ ଥିବାରୁ ତାକୁ ଲୋକମାନେ ଡ଼ରୁ ନ ଥିଲେ। ୫୦୦୦ ଟଙ୍କା ଜରିମାନା ଦ୍ୱାରା ସେମାନେ ଡରିବେ ଆଉ ଜୁଆ ଖେଳରୁ ଦୂରେଇ ରହିବେ ବୋଲି ସେ କହିଛନ୍ତି। ଶାସକ ଦଳ ପକ୍ଷରୁ ଫକୀର ମୋହନ ନାୟକ, ବାବୁ ସିଂ, ସନ୍ତୋଷ ଖଟୁଆ, ଦୁଷ୍ମନ୍ତ ସ୍ୱାଇଁ ପ୍ରମୁଖ ବିଲ ସପକ୍ଷରେ ଯୁକ୍ତି ରଖିଥିଲେ। ବିଭାଗୀୟ ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ଆଇନ ସହ ସମନ୍ୱୟ ରକ୍ଷା କରି ଓଡ଼ିଶା ଜନ ବିଶ୍ୱାସ ବିଲ ପ୍ରସ୍ତୁତ କରାଯାଇଛି। କ୍ଷୁଦ୍ର ପ୍ରକ୍ରିୟାଗତ ଅପରାଧ ଅଧୀନରେ ଛୋଟ ଛୋଟ ଅପରାଧ ଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି। ୩ ମାସ ଜେଲ ଦଣ୍ଡ ଥିଲେ ୫ ରୁ ୨୫ ହଜାର ପର୍ଯ୍ୟନ୍ତ ଜରିମାନା, ୬ ମାସରୁ ୧ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡକୁ ୨୫ ରୁ ୧ ଲକ୍ଷ ପର୍ଯ୍ୟନ୍ତ, ୧ ରୁ ୩ ବର୍ଷ ଭିତରେ ୧ ରୁ ୨ ଲକ୍ଷ ଏବଂ ୩ ବର୍ଷରୁ ଅଧିକ ଜେଲ ଦଣ୍ଡକୁ ଉଚ୍ଚ ସ୍ତରୀୟ ଜରିମାନା ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଅନାବଶ୍ୟକ ଅନୁପାଳନ ବୋଝ ହଟିବ। ଇଜ୍ ଅଫ ଡୁଇଂ ବିଜନେସକୁ ଗତି ମିଳିବ। ୯ ଟି ବିଭାଗର ୧୬ଟି ଆଇନକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ଅପରାଧକୁ କ୍ଷୁଦ୍ର ପ୍ରକ୍ରିୟାଗତ ଅପରାଧ ଓ ବୈଷୟିକ ଅପରାଧରେ ବିଭକ୍ତ କରାଯାଇଛି। ମନ୍ତ୍ରୀଙ୍କ ଉତ୍ତରରେ ବିରୋଧୀ ଅସନ୍ତୁଷ୍ଟ ହୋଇ କକ୍ଷ ତ୍ୟାଗ କରିଥିବା ବେଳେ ଏହି ବିଲ୍ ବିରୋଧୀଙ୍କ ଅନୁପସ୍ଥିତିରେ ଗୃହରେ ପାରିତ ହୋଇଛି।

### ଶହେରୁ ୧ ରଖିଲେ...

ସେମାନେ ଛାତ୍ରଛାତ୍ରୀଙ୍କୁ ପାସ୍ କରିବା ପାଇଁ ସର୍ବନିମ୍ନ ୩୦ ମାର୍କ ରଖିବାରେ କିପରି ସହାୟତା କରିବେ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି । ଏ ସମ୍ପର୍କରେ ପ୍ରତିକ୍ରିୟା ରଖି ପୂର୍ବତନ ମୁଖ୍ୟ ସଚିବ ବିଜୟ ପଟ୍ଟନାୟକ କହିଛନ୍ତି ଯେ, ପାଠପଢ଼ିଲା ବେଳେ ପାସ୍ କରିବା ପାଇଁ ଯେପରି ସର୍ବନିମ୍ନ ମାର୍କର ଆବଶ୍ୟକ ହୋଇଥାଏ ଠିକ୍ ସେହିପରି ନିଯୁକ୍ତି ପରୀକ୍ଷାରେ ମଧ୍ୟ ନୂତନ ବ୍ୟବସ୍ଥା କରିବା ଆବଶ୍ୟକ। ସମନ୍ୱୟ ରଖିବା ପାଇଁ ସାଧାରଣ ବର୍ଗ ତୁଳନାରେ ଅନ୍ୟ ବର୍ଗଙ୍କ ମାର୍କ କମ୍ କରାଯାଇ ପାରେ, ହେଲେ ଏକ ଯୋଗ୍ୟତା ଅର୍ଜନ କରିବା ପାଇଁ ଏକ ବେଞ୍ଚମାର୍କ ଆବଶ୍ୟକ। ଏ ସମ୍ପର୍କରେ ଚିନ୍ତନ କରିବାର ସମୟ ଆସିଛି। ଏହାର ସମୀକ୍ଷା କରି ତ୍ୱରିତ ପଦକ୍ଷେପ ନିଆ ନଗଲେ ବ୍ୟବସ୍ଥା କ୍ରମାଗତ ଭାବେ ଭୁଷୁଡ଼ି ପଡ଼ିବ ବୋଲି ଶ୍ରୀ ପଟ୍ଟନାୟକ ଆଶଙ୍କା ପ୍ରକାଶ କରିଛନ୍ତି।

### ନକଲି ଔଷଧର...

୨୫ରେ ୧୧ଟି ନକଲି ମେଡିସିନ ଓ ୮୦ଟି ନିମ୍ନମାନର ମେଡ଼ିସିନକୁ ସରକାର ଜବତ କରିଛନ୍ତି। ଏହି ମେଡ଼ିସିନଗୁଡ଼ିକ ମଧ୍ୟରେ ଟେଲ୍ମା ୪୦, ପାନ୍ ୪୦, ଜିରୋଡଲ ଏସ୍ପି, ରାନିଟିନ, ପାରାସିଟାମଲ, ପେଡିଆଟ୍ରିକ ସିରପ, ଆଲମୋକାଇଣ୍ଡ, ପାଣ୍ଟପ-୪୦, କ୍ଲାଭାମ ୬୨୫ ପରି ନାମିଦାମୀ ମେଡିସିନ ରହିଛି। ଗୃହ ବାହାରେ ପ୍ରତିକ୍ରିୟା ରଖି ଏନେଇ ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ କ୍ଷତିକାରକ ମେଡିସିନ ଖାଇ ଲୋକେ ଯେ ରୋଗଗ୍ରସ୍ତ ନ ହୁଅନ୍ତୁ, ମୃତ୍ୟୁମୁଖରେ ନପଡ଼ନ୍ତୁ, ତାହା ଦେଖିବା ସରକାରଙ୍କ ଦାୟିତ୍ୱ। ସରକାର ଏନେଇ ତନଖି କଡ଼ାକଡ଼ି କରିବା ଆବଶ୍ୟକ। ସେହିପରି ଅନ୍ୟତମ ବିଜେଡି ବିଧାୟକ ଅଶ୍ୱିନୀ ପାତ୍ର କହିଛନ୍ତି ଯେ ନକଲି ମେଡିସିନ ମାନେ ଲୋକେ ବିଷ ଖାଉଛନ୍ତି। ଯେଉଁମାନେ ଏହାକୁ ବ୍ୟବହାର କରୁଛନ୍ତି, ସେମାନେ ଏହା ନକଲି କି ଅସଲି ତାହା ଜାଣିପାରୁ ନାହାନ୍ତି। ତେଣୁ ସ୍ୱାସ୍ଥ୍ୟ ବିଭାଗ ଏହାପ୍ରତି ସର୍ବାଧିକ ସଚେତନ ରୁହନ୍ତୁ ବୋଲି ସେ କହିଛନ୍ତି। କଂଗ୍ରେସ ମଧ୍ୟ ନକଲି ଔଷଧ ନିର୍ମାତା ଏବଂ ବିକ୍ରେତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଶାସକ ଦଳ ବିଧାୟକମାନେ ମଧ୍ୟ ସମାନ କଥା ଦୋହରାଇଛନ୍ତି। ଶରୀରକୁ ଠିକ୍ କରିବା ପାଇଁ ଆମେ ଔଷଧ ଖାଉଥିବା ବେଳେ ପ୍ରକାରନ୍ତରେ ଅଜ୍ଞାତରେ ଶରୀରକୁ ଖରାପ କରୁଛନ୍ତି। ସରକାର ଅଧିକ ଏକ୍ଷେତ୍ରରେ ଯତ୍ନବାନ ହୋଇ ତ୍ୱରାନ୍ୱିତ ଭାବେ ଚଢଉ, ତନଖି କରିବାର ଆବଶ୍ୟକତା ରହିଛି ବୋଲି ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ କହିଛନ୍ତି।

ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱାସ୍ଥ୍ୟ ବିଭାଗ ବର୍ତ୍ତମାନ ଆକ୍ସନ ମୋଡ଼ରେ ଅଛି। ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ପକ୍ଷରୁ ନିୟମିତ ଚଢ଼ଉ କରାଯାଉଛି। ନକଲି ଔଷଧ ଜବତ କରାଯାଉଛି। ଆଗାମୀ ଦିନରେ ଏହାକୁ ବ୍ୟାପକ ସରକାର ଆହୁରି ବ୍ୟାପକ କରିବେ। ବିଭିନ୍ନ ସମୟରେ ନକଲି ମେଡ଼ିସିନ ବଜାରକୁ ଛାଡିକୁ ଚକ୍ରାନ୍ତ ହୋଇଥାଏ। ସ୍ୱାସ୍ଥ୍ୟ ବିଭାଗ,ଡ୍ରଗ୍ସ କଣ୍ଟ୍ରୋଲର ଓ ପୋଲିସ ବିଭାଗ ମିଳିତ ଭାବେ ଚଢଉ ସହ ଏହାର ଉତ୍ସକୁ ଖୋଜୁଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

**JAI JAGANNATH HIGHER SECONDARY SCHOOL**
AT/PO-R.BADMAL ,DIST: SAMBALPUR 768105
Non- Govt. Aided H.S.School(662 Category)
Email id: jaijagannathcollege@gmail.com

WANTED LECTURER

Interested candidates having at least 55% of marks in PG level may apply with Biodata and Testimonials for the post of Lecturer in Sanskrit within 07(seven) days from the date of advertisement.

**NB: Women candidate may be given weightage .**

Sd- Principal I/C Cum Secretary
9861149632
93377 69885

**WALK-IN-INTERVIEW**

**REJUVENE URO NEPHRO HOSPITAL,** Mangalabag, Cuttack required GDMO (Negotiable Salary),OT Technician, OT Incharge, GNM ICU Incharge (15k TO 20K and above Negotiable) ANM, Receptionist, GJAY Executive, OPD Staff (12K TO 15K) and above Negotiable. Minimum Experience-2Yrs

**1st walk in interview on 7th December 2025**
**2nd walk in interview on 27th December 2025**
**Walk in interview timing-10:30AM TO 2:30PM**

Interview Venue- **REJUVENE URO NEPHRO HOSPITAL**
**Ring Road, Mangalabag, Cuttack-753001, M-8763145837/ 9124948026, Mail ID-rejuveneuronephro@gmail.com**

**ଖୋର୍ଦ୍ଧା ଜିଲ୍ଲାରେ ୨୦୨୫-୨୬ (ରବି) ଆଳୁ ଚାଷ ନିମନ୍ତେ ବିଶେଷ ସୂଚନା**

L-122 ଏତଦ୍ୱାରା ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଅବଗତ କରାଯାଉଛି ଯେ, ଚଳିତ ରବି ଋତୁରେ ଆଳୁ ଚାଷ ପାଇଁ ଉନ୍ନତ କିସମର ବିହନ କୁଫ୍ରି ଜ୍ୟୋତି । କୁଫ୍ରି ପୋଖରାଜ । କୁଫ୍ରି ଖ୍ୟାତି । ନଭେମ୍ବର ମାସ ୧୪ ତାରିଖ ପରଠାରୁ ବର୍ତ୍ତମାନ ବିଭିନ୍ନ ବ୍ଲକସ୍ଥିତ ସହକାରୀ ଉଦ୍ୟାନକୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେଉଅଛି । ଉନ୍ନତ ଆଳୁ ବିହନର ଦାମ କିଲୋ ପ୍ରତି ଟ.୪୨.୨୪ ଥିବାବେଳେ ଚାଷୀଙ୍କୁ କିଲୋପ୍ରତି ଟ. ୨୦.୦୦ ଦାଖଲ କରିବାକୁ ପଡ଼ିବ ଏବଂ ଚାଷୀ ଆଳୁ ଲଗାଇବା ସମୟର ଜିଓ ଟ୍ୟାଗ୍ ଫଟୋ ଦାଖଲ ହେବା ପରେ ଉକ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟ କୁ କିଲୋପ୍ରତି ଟ.୧୦.୦୦ ହିସାବରେ ଅନୁଦାନ ରାଶି ଫେରସ୍ତ ଦିଆଯିବ । ହେକ୍ଟର ପ୍ରତି ୧୫ କୁଇଣ୍ଟାଲ୍ ଆଳୁ ମଞ୍ଜିର ଆବଶ୍ୟକତା ରହିଥିବାବେଳେ ଜଣକୁ ସର୍ବନିମ୍ନ ୦.୧ ହେକ୍ଟର ପାଇଁ ୧୫୦ କିଗ୍ରା ଓ ସର୍ବୋଚ୍ଚ ୦.୫ ହେକ୍ଟର ପାଇଁ ୭୫୦ କିଗ୍ରା ଆଳୁ ବିହନ ମିଳିବ । ଆଳୁ ବିହନକୁ ଗଜା କରି ଓ ବିଶୋଧନ କରି ଲଗାଇବା ଆବଶ୍ୟକ ।

ଅମଳ ପରବର୍ତ୍ତୀ ପରିଚାଳନା ଅନ୍ତରଗତ ଆଳୁ ଅମଳ ପରେ ସୁଲଭ ଦରରେ ଖୋର୍ଦ୍ଧା ଜିଲ୍ଲାରେ ଥିବା ଶୀତଳ ଭଣ୍ଡାର ମାନଙ୍କରେ ଚାଷୀ ମାନେ ଆଳୁ କୁ ସାଇତି ରଖିପାରିବାର ବ୍ୟବସ୍ତା ରହିଅଛି ।

ଆଳୁ ଚାଷ କରିବା ପାଇଁ ଇଚ୍ଛୁକ ଚାଷୀଭାଇ ମାନେ ସେମାନଙ୍କ ଆଧାର, ଜମିପଟ୍ଟା, ବ୍ୟାଙ୍କ ଜମାଖାତାର ନକଲ ଏବଂ ପାସପୋର୍ଟ ଫଟୋ ସହିତ ଆଳୁ ବିହନ ବାବଦରେ ଧାର୍ଯ୍ୟ ମୂଲ୍ୟ ଯଥାଶୀଘ୍ର ବ୍ଲକ୍‌ସ୍ତରୀୟ ଉଦ୍ୟାନକୃଷି କାର୍ଯ୍ୟାଳୟରେ ଦାଖଲ କରିବାକୁ ଅନୁରୋଧ ।

ସୌଜନ୍ୟ
ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ଖୋର୍ଦ୍ଧା
OIPR-01419/11/0004/2526

**AFFIDAVIT**

By virtue of an Affidavit before Notary Public, Malkangiri, I, **Irme Kabasi,** aged about 24 years, W/o.: Ajay Kumar Kabasi, D/o.: Padia Madi resident of Village: Koyagiri, PO.: Matapaka, P.S./Dist.: Malkangiri, Odisha, declare by this Affidavit No.: 1881/2025, Dated: 01.12.2025 that I have changed my name from **Irme Madi** to **Irme Kabasi**. Henceforth I shall be known as **Irme Kabasi** for all future purposes.

**AFFIDAVIT**

By Virtue of an affidavit C.F.No.- 7, Dated 01.12.2025 before the Executive Magistrate,Bhawanipatna At Sambhunagarpada, PO/PS- Bhawanipatna, Dist Kalahandi Odisha, I, Nityananda Panda have changed my name from Nityanand Panda to Nityananda Panda . Henceforth I Shall be Known as Nityananda Panda for all purposes.

Sd/- Nityananda Panda

**AFFIDAVIT**

By virtue of an affidavit before the Executive Magistrate, Titilagarh, on dated- 02/12/2025. I, **Dasharatha Rana,** aged about 38 years, S/o- Kartika Rana, permanent resident of ATPO- Katarkela, PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my minor son's name from **Pusparaj Rana** (old name) to **Papu Rana** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he shall be known as **Papu Rana** (new name) for all future purposes.

**Dasharatha Rana**

**LOST**

I, **Tankadar Tandi,** S/o- Bhima Tandi, residence of AT/PO/PS: Titilagarh (Sargiguda), Dist: Balangir, PIN- 767033, Odisha do hereby declared that, on 24.10.2025 while I was roaming around the main road of Titilagarh somewhere my carry bag was misplaced, wherein I have kept the Migration Certificate of my son **Nikhil Kumar Tandi** issued by Revenshaw University, Cuttack on his completion of Graduate in BA (Hons.) Economics bearing Regd. No. 21 DEC-054 & others necessary documents. If anyone finds it kindly contact to my address & my mobile number: 8249803611.

**Tankadar Tandi**

**AFFIDAVIT**

I, Sagar Kumar Thatoi, aged about 27 years, S/o-sushanta Kumar Thatoi, resident of At-Juania (hadua), Po-Govindpur, Ps-Aul, Dist-Kendrapara, Odisha, Pin- 755061 declare by this affidavit No. 2432, dtd-01.12.2025, that now onwards I shall be known as **SAGAR THATOI** for all future purposes.

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
• **B. Pharm** *Rs. 58,000/- P.A.* Eligibility: +2 Sc. (PCB/M & OJEE Appeared)
• **D. Pharm** *Rs. 48,000/- P.A.* Eligibility: +2 Sc. (PCB/M)
• **B.M.L.T.** *Rs. 58,000/- P.A.* Eligibility: +2 Sc. (PCB/M with 50 % Mark)
• **D.M.L.T.** *Rs. 48,000/- P.A.* Eligibility: +2 Sc. Pass (PCB/M)
• **M.P.H.** *Rs. 42,000/- P.A.* Eligibility: Any Graguate
ALL COURSE FEES ARE EXCLUDING HOSTEL

## ସ୍କୁଲରୁ ଚାଉଳ ହଡ଼ପ ଉଦ୍ୟମ; ତଦନ୍ତ କଲେ ଏବିଇଓ

**ଦୋଳସାହି, ୨।୧୨(ସମିସ):** ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ବିଦ୍ୟାଧରପୁର ପ୍ରାଥମିକ ବିଦ୍ୟାଳୟର ଗତ ସପ୍ତାହରେ ଘଟିଥିବା ଚାଉଳ ହଡ଼ପ ଘଟଣାରେ ଗ୍ରାମବାସୀଙ୍କ ପକ୍ଷରୁ ଭଦ୍ରକ ଜିଲ୍ଲାପାଳଙ୍କଠାରେ ଅଭିଯୋଗ ହୋଇଥିଲା ବେଳେ ଏହି ଘଟଣାରେ ତିହିଡ଼ି ବ୍ଲକ ଅତିରିକ୍ତ ଶିକ୍ଷାଧିକାରିଣୀ ଲକ୍ଷ୍ମୀପ୍ରିୟା ମାଝୀ ଓ ଏମ୍‌ଡିଏମ ଏକାଉଣ୍ଟାଣ୍ଟ କରୁଣାକର ଓଝା ମଙ୍ଗଳବାର ତଦନ୍ତ କରିଥିବା ଜଣାପଡ଼ିଛି। ବିଦ୍ୟାଧରପୁର ପ୍ରାଥମିକ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ବାବଦୀୟ ଚାଉଳ ଏକ ଅଟୋରେ ହଡ଼ପ କରାଯାଉଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ଏହି ଅଟୋରୁ ଚାଉଳ ବାହାରକରି ବିଦ୍ୟାଳୟରେ ଗଚ୍ଛିତ ରଖିବା ସହ ପ୍ରଧାନଶିକ୍ଷକ ଆଲୋକ ପାଢ଼ୀଙ୍କ ନାମରେ କାହ୍ନୁ ବେହେରା, ସବ୍ୟସାଚୀ ପଣ୍ଡା, ଭାରତୀ ପଣ୍ଡା, କନକଲତା ପଣ୍ଡା ପ୍ରମୁଖ ତିହିଡ଼ି ବିଇଓଙ୍କ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ। ସେହିପରି ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ କୁବେରା ପଞ୍ଚାୟତର ଏକ ବିଦ୍ୟାଳୟକୁ ବଦଳି କରିବା ନେଇ ଚର୍ଚ୍ଚା ହେଉଛି।

# ନିମ୍ନମାନର ଛତୁଆ ଯୋଗାଣ ନେଇ ଜନଅସନ୍ତୋଷ



**ଅସୁରାଳି, ୨।୧୨(ସମିସ)**

ଧାମନଗର ବ୍ଲକର ବିଭିନ୍ନ ପଞ୍ଚାୟତର ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଯୋଗାଯାଉଥିବା ଛତୁଆର ଗୁଣମାନ ନେଇ ଗୁରୁତର ଅଭିଯୋଗ ଉଠିଛି। ଅଭିଭାବକଙ୍କ କହିବାନୁସାରେ, ଶିଶୁଙ୍କ ପାଇଁ ନିର୍ଦ୍ଦିଷ୍ଟ ଛତୁଆ ବାସ୍ତବରେ ଗୃହପାଳିତ ପଶୁଙ୍କୁ ଖାଇବାକୁ ଦିଆଯାଉଛି। ଛତୁଆରେ ବୁଟ, ବାଦାମ, ଗହମ ଆଦି ଆବଶ୍ୟକ ପରିମାଣରେ ମିଶାଯାଉ ନଥିବା ସହ ଯାହା ମିଶାଯାଉଛି ତାହାର ମାନ ଅତ୍ୟନ୍ତ ଖରାପ। ଛତୁଆରୁ ଦୁର୍ଗନ୍ଧ ବାହାରୁଛି। ଫଳରେ ଅଭିଭାବକମାନେ ଶିଶୁଙ୍କୁ ଦେବାରୁ ଅନୁଚିତ ମଣି ପଶୁଙ୍କୁ ଦେବାକୁ ବାଧ ହେଉଛନ୍ତି। ଶିଶୁମାନଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ଯେଉଁ ଖାଦ୍ୟ ଦିଆଯିବାକୁ ଥିଲା, ସେହିଟି ବିକାଶରୁ ବିନାଶର ଆଶଙ୍କା ସୃଷ୍ଟି କରୁଛି। ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀମାନେ ଏଥିରେ ଅସହାୟତା ପ୍ରକାଶ କରି କହିଛନ୍ତି, କେନ୍ଦ୍ରକୁ ଯେଉଁ ଛତୁଆ ଯୋଗାଯାଉଛି ତାକୁ ଶିଶୁଙ୍କୁ ଦେବାକୁ ବାଧ ହେଉଛନ୍ତି। ଟେଣ୍ଡର ନେଇଥିବା ସଂସ୍ଥାଗୁଡ଼ିକ ଷ୍ଟକ୍ ଯାଞ୍ଚରେ ଅବହେଳା କରୁଥିବାରୁ

### ପଶୁଙ୍କୁ ଦିଆଯାଉଛି ଛତୁଆ

ଅପମିଶ୍ରଣକୁ ପ୍ରୋତ୍ସାହିତ କରାଯାଉଛି। ଏହି ବ୍ଲକର ୩୫୩ଟି ଅଙ୍ଗନବାଡ଼ିକୁ ବମକୁରାର ଆଇଡିଏଲ୍ ଓମେନ୍ ଏସଏଚଜି ଗ୍ରୁପ ଛତୁଆ ଯୋଗାଉଛି। ସୁପରଭାଇଜର ଓ ସିଡିପିଓଙ୍କ ଭୂମିକା ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଇଛି। ଏନେଇ ଅନୁକମ୍ପା ମହିଳା ସଂଗଠନ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ସେମାନେ ଚେତାବନୀ ଦେଇଛନ୍ତି ଯେ ଯଦି ଶୀଘ୍ର ପଦକ୍ଷେପ ନ ନିଆଯାଏ, ସେମାନେ ଜିଲ୍ଲାପାଳ ଅଫିସ ଘେରଉ କରିବେ।

### ସେମାନେ ଯାହା କହନ୍ତି..



ଅଙ୍ଗନବାଡ଼ିରେ ଯାହା ଯୋଗାଯାଉଛି, ସେହିଟି ଶିଶୁଙ୍କ ପାଇଁ ଯୋଗ୍ୟ ନୁହେଁ। ଏହାରେ ଅପମିଶ୍ରଣ ଓ ଅବହେଳା ସ୍ପଷ୍ଟ। ଆମେ ଶିଶୁମାନଙ୍କ ଭବିଷ୍ୟତ୍ ସୁରକ୍ଷା ପାଇଁ ଲଢ଼ିବୁ। ଯଦି ପ୍ରଶାସନ ଚୁପ୍ ରହିବ, ତେବେ ଆମେ ରାସ୍ତାରେ ନାମିବାକୁ ବାଧ ହେବୁ।

**- ବିମଳା ନାଥ, ଉପସଭାପତି,** ଅନୁକମ୍ପା ମହିଳା ସଙ୍ଗଠନ



ଶିଶୁମାନଙ୍କ ପୋଷଣ ଓ ସ୍ୱାସ୍ଥ୍ୟ ସହିତ ଖେଳ କରାଯାଉଛି। ଯେଉଁ ଛତୁଆ ଶିଶୁଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ଦିଆଯିବାକୁ ଥିଲା, ସେହିଟିକୁ ଗୋରୁଗାଈଙ୍କ ଆହାରରେ ପରିଣତ କରାଯାଇଛି। ଯଦି ଶୀଘ୍ର ପଦକ୍ଷେପ ନ ନିଆଯାଏ, ଆମେ ଜିଲ୍ଲାପାଳ ଅଫିସ ଘେରିବୁ।

**- ସସ୍ମିତା ଦାସ, ସହସମ୍ପାଦିକା,** ଅନୁକମ୍ପା ମହିଳା ସଂଗଠନ

## ପୃଥକ ଚେକ୍ ବାଉନ୍ସ ମାମଲା: ୨ ଅଭିଯୁକ୍ତଙ୍କୁ ୫ ମାସ ଜେଲ୍ ଦଣ୍ଡାଦେଶ

**ଭଣ୍ଡାରିପୋଖରୀ, ୨।୧୨(ସମିସ):** ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ବିଶୋଳ ଗାଁର ପ୍ରଶାନ୍ତ ସାହୁଙ୍କୁ ଚେକ ବାଉନସ ମାମଲାରେ ୩ ମାସ ଜେଲ ଦଣ୍ଡାଦେଶ ହୋଇଥିବା ଜଣାଯାଇଛି। ତେସିଙ୍ଗା ସେବା ସମବାୟ ସମିତିକୁ ଋଣ ପରିଶୋଧ କରିବା ପାଇଁ ପ୍ରଦାନ କରିଥିବା ଚେକ ବାଉନ୍ସ ହୋଇଥିବା ମାମଲାର ବିଚାର କରି ଭଦ୍ରକ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ-୨ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ସୁମନ୍ତ ଗତ ୨୦୦୮ ଅପ୍ରେଲ ୩୦ରେ ତେସିଙ୍ଗା ସମିତିରୁ ୪ଲକ୍ଷ ୫୦ ହଜାର ଟଙ୍କା ଋଣ ନେଇଥିଲେ। ଋଣ ଆଂଶିକ ପରିଶୋଧ ପାଇଁ ଅଭିଯୁକ୍ତ ୮୦ ହଜାର ୫୦୦ ଟଙ୍କା ମୂଲ୍ୟର ୧୭୭୪୬୬ନଂ ଚେକ ଯୋଗେ ବିବିସିସି ବ୍ୟାଙ୍କ ଭଣ୍ଡାରିପୋଖରୀ ଶାଖାକୁ ୨୦୨୨ ଡିସେମ୍ବର ୨୨ ତାରିଖରେ ପ୍ରଦାନ କରିଥିଲେ। ଅର୍ଥ ଉଠାଣ ପାଇଁ ଏହି ଚେକ ସମ୍ପୃକ୍ତ ବ୍ୟାଙ୍କ ଶାଖାରେ ପରଦିନ ଦାଖଲ ହୋଇଥିଲା। ମାତ୍ର ବ୍ୟାଙ୍କ ଜମାଖାତାରେ ଅର୍ଥ ନଥିବାରୁ ସମ୍ପୃକ୍ତ ଚେକ ଯୋଗେ ଅର୍ଥ ଉଠାଣ ହୋଇପାରି ନଥିଲା। ଏ ସମ୍ପର୍କରେ ଅଭିଯୁକ୍ତଙ୍କୁ ୨୦୧୩ ଜାନୁୟାରୀ ୧୭ ତାରିଖରେ ଓକିଲ ନୋଟିସ ଯୋଗେ ଜଣାଇ ଦିଆଯାଇ ଅର୍ଥ ପୈଠ ପାଇଁ ସୁଯୋଗ ଦିଆଯାଇଥିଲା। ଅଭିଯୁକ୍ତ ଏହାକୁ କର୍ଣ୍ଣପାତ କରିନଥିଲେ। ନାଆମୀ ସେବା ସମବାୟ ସମିତି ପକ୍ଷରୁ ଭଦ୍ରକ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ-୨ନଂଙ୍କ ଅଦାଲତରେ କେସ ନଂ୧୯୧/୨୦୧୩ ଦାୟର କରାଯାଇଥିଲା। ଏହାର ବିଚାର କରି ଗତ ନଭେମ୍ବର ୧୮ ତାରିଖରେ ଚେକ ବାଉନ୍ସ ମାମଲାରେ ଦୋଷୀ ସାବ୍ୟସ୍ତ କରି ୨ ମାସ ଜେଲ ଦଣ୍ଡାଦେଶ ଶୁଣାଇଥିବା ଜଣାଯାଇଛି। ସେହିପରି ନାଆମୀ ସମିତିର ଋଣ ଖିଲାପି ଛଞ୍ଚଛଣା ଗାଁର ଅରୁଣ ମାଝୀଙ୍କୁ ଅନୁରୂପ ଭାବେ ୨ ମାସ ଜେଲ ଦଣ୍ଡାଦେଶ ହୋଇଛି। ୨୦୦୭ ଜୁନ ୬ ତାରିଖରେ ଅରୁଣ ନାଆମୀ ସମିତିରୁ ୮୫ ହଜାର ଋଣ ନେଇ ଆଉ ଧରାଛୁଆଁ ଦେଇ ନଥିଲେ। ଏଥିପାଇଁ ନୋଟିସ ହେବା ପରେ ୨୦୧୩ ଜୁନ ୫ତାରିଖରେ ସେ ସମିତିକୁ ୧ ଲକ୍ଷ ୧୦ ହଜାର ୦୯୦ଟଙ୍କା ୦୮୧୫୨୨ନଂ ଚେକ ଋଣ ପରିଶୋଧ ପାଇଁ ପ୍ରଦାନ କରିଥିଲେ। ମାତ୍ର ଜମାଖାତାରେ ଅର୍ଥ ଅଭାବରୁ ତାହା ଉଠାଣ ହୋଇ ପାରି ନଥିଲା। ଏଥିପାଇଁ ୧୪୩୩/୨୦୧୪ନଂ କମ୍ପ୍ଲେଟ କେସ ଦାୟର ହୋଇଥିଲା। ଏହାର ବିଚାର କରି ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଗତ ନଭେମ୍ବର ୧୩ ତାରିଖରେ ୧ମାସ ଜେଲ ଦଣ୍ଡାଦେଶ ଶୁଣାଇଥିବା ଜଣାଯାଇଛି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକଙ୍କ ଆନ୍ଦୋଳନ



**ଭଦ୍ରକ, ୨।୧୨(ସମିସ):** ଭଦ୍ରକ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସେମାନଙ୍କ ଦାବି ପୂରଣ ପାଇଁ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଆଜି ପର୍ଯ୍ୟନ୍ତ ସେମାନଙ୍କ ନିଯୁକ୍ତି, ସୁରକ୍ଷା, ପଦୋନ୍ନତି, ସମାନ ଦରମା, ପେ–ମ୍ୟାଟ୍ରିକ୍ସ ଆଦି ସମସ୍ୟା ସମାଧାନ କରାଯାଇନି। ଏହି ସମସ୍ୟାଗୁଡିକୁ ସରକାର ଗୁରୁତ୍ୱ ଦେଉନାହିଁ ବୋଲି ସେମାନେ ଅଭିଯୋଗ କରି ଆନ୍ଦୋଳନ ଆରମ୍ଭ କରିଛନ୍ତି। ପ୍ଲାକାର୍ଡ ଧରି ବିଦ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି। ଯଦି ସେମାନ ଦାବି ଶୀଘ୍ର ପୂରଣ ନହୁଏ ସେମାନେ ଆନ୍ଦୋଳନକୁ ଆହୁରି କଠୋର କରିବେ ବୋଲି ସୂଚନା ଦେଇଛନ୍ତି।

## ରାମଚନ୍ଦ୍ର ଦାଶ ସ୍ମାରକୀ ଜାତୀୟ କ୍ରିକେଟ ପ୍ରତିଯୋଗିତା ପ୍ରସ୍ତୁତି

**ଦୋବଲ, ୨।୧୨(ସମିସ):** ଆନନ୍ଦପୁର ହାଇସ୍କୁଲ ପଡ଼ିଆରେ ଜାନୁଆରୀ ଶେଷ ଓ ଫେବୃଆରୀ ପ୍ରଥମ ସପ୍ତାହରେ ଭଗବତୀ ଯୁବକ ସଂଘ ଓ ରାମଚନ୍ଦ୍ର ଦାଶ ସ୍ମୃତି ସଂସଦ ଆନୁକୂଲ୍ୟରେ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥର ରାଜ୍ୟ ତଥା ରାଜ୍ୟ ବାହାରୁ ୮ଟି ଟିମ୍ ଅଂଶଗ୍ରହଣ କରିବେ। ପ୍ରଥମ ୪ଦିନ କ୍ୱାର୍ଟର ଫାଇନାଲ ଖେଳାଯିବ। ତା' ପରେ ୨ ଦିନ ସେମିଫାଇନାଲ ଓ ଶେଷରେ ଫାଇନାଲ୍ ଖେଳାଯିବ। ବାହାର ରାଜ୍ୟରୁ ଆସିବାକୁ ଥିବା ଖେଳାଳିଙ୍କ ରହିବା, ଖାଇବା ପିଇବା ବ୍ୟବସ୍ଥା ଆୟୋଜକ ବହନ କରିବେ। ବିଜୟୀ ଟିମ୍ ପାଇଁ ଆକର୍ଷଣୀୟ ପୁରସ୍କାର ବ୍ୟବସ୍ଥା ହୋଇଥିବା ରାମଚନ୍ଦ୍ର ଦାଶ ସ୍ମୃତି ସଂସଦର କାର୍ଯ୍ୟକର୍ତ୍ତା ବୃନ୍ଦାବନ ମହାନ୍ତି କହିଛନ୍ତି। ବୈଠକରେ ପୂର୍ବତନ ସରପଞ୍ଚ ବିଜୟ ଦାସ, ଶିକ୍ଷକ ମାନସ ମିଶ୍ର, ଅରୁଣ ପରିଡ଼ା, ସମାଜସେବୀ ନାରାୟଣ ଦାସ, ନଗେନ ସୂତାର, ଦାମୋଦର ପଣ୍ଡା, ହିମାଂଶୁ ଭୂଷଣ ଦାଶ, ତ୍ରିଲୋଚନ ବେହେରା, ମାନଗୋବିନ୍ଦ ଦାସ, ସରୋଜ ଦାସ, ମଦନମୋହନ ପାଣିଗ୍ରାହୀ, ବାସୁଦେବ ପାଗଳ, ହରିହର ପାଗଳ ପ୍ରମୁଖ ଉପସ୍ଥିତ ଥିଲେ।

## ଭଦ୍ରକ ଏସ୍‌ବିଡି ସ୍କୁଲରେ କୁଇଜ୍ ପ୍ରତିଯୋଗିତା



**ଭଦ୍ରକ, ୨।୧୨(ସମିସ):** ଭଦ୍ରକ ଏସବିଡି ଅନ୍ତର୍ଜାତୀୟ ବିଦ୍ୟାଳୟରେ ସାଧାରଣ ଜ୍ଞାନ କୁଇଜ ପ୍ରତିଯୋଗିତାରେ ସପ୍ତମ ଶ୍ରେଣୀର ୧୭୬ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସ୍କୁଲ ଅଧ୍ୟକ୍ଷ ଦେବାଶିଷ ଦୀକ୍ଷିତ ଓ ସ୍କୁଲ ପ୍ରିନ୍ସିପାଲ ଯୁଧିଷ୍ଠିର ଦେବତାଙ୍କ ତତ୍ତ୍ୱାବଧାନରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ଦ୍ୱାରା ପରିଚାଳିତ ପ୍ରତିଯୋଗିତାରେ ୩ କୃତୀ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ସ୍ଥାନରେ ନିତିନଜିତ ସାହୁ ଯିଏକି ପୁସ୍ତକ ଲେଖି ଗିନିଜ ବୁକରେ ସ୍ଥାନ ପାଇସାରିଛନ୍ତି, ଦ୍ୱିତୀୟ ସ୍ଥାନରେ ଅର୍ପିତା ସାମଲ ଓ ତୃତୀୟ ସ୍ଥାନରେ ନାଇସା ଦୀକ୍ଷିତ କୃତିତ୍ୱ ହାସଲ କରିଥିଲେ। ସମସ୍ତଙ୍କୁ ସ୍କୁଲ ପ୍ରିନସିପାଲ ଯୁଧିଷ୍ଠିର ଦେବତା ଓ ଅଧକ୍ଷ ମ୍ୟାଡମ ଆଶାବରୀ କର ପୁରସ୍କାର ଉପହାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ।

## ଏବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଧାମନଗର, ୨।୧୨(ସମିସ):** ଧାମନଗର ମାଟିର ଝିଅ ତଥା ଯାଜପୁର ଜିଲ୍ଲା ରସୁଲପୁର ବ୍ଲକର କାର୍ଯ୍ୟରତ ଏବିଇଓ ଶାନ୍ତିଲତା ରାଉତଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ଶ୍ରୀମତୀ ରାଉତଙ୍କୁ ବିପୁଳ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ଶିକ୍ଷକ ସଂଘର କର୍ମକର୍ତ୍ତା ଓ ସମାଜସେବୀ, ଶିକ୍ଷାବିତ, ଜନସାଧାରଣଙ୍କ ପକ୍ଷରୁ ଏନଏସି ଅଧୀନ ବିଜୁ ପଟ୍ଟନାୟକ ଛକଠାରୁ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ବାସଭବନ ପର୍ଯ୍ୟନ୍ତ ନିଆଯାଇଥିଲା। ସେଠାରେ ଏବିଇଓ ହେମେନ୍ଦ୍ର ନାଥ ମହାନ୍ତିଙ୍କ ସଞ୍ଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଶିକ୍ଷକ ସଂଘ ମହାସଚିବ ଚାରୁଲତା ମହାପାତ୍ର, ହାଇକୋର୍ଟ ଓକିଲ ଦେବାଶିଷ ସାମଲ, ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, କୃଷ୍ଣଚନ୍ଦ୍ର ଜେନା, ସେକ ଜାଫର ଅଲ୍ଲୀ, ପ୍ରଦୀପ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ସ୍ୱାଇଁ, ଭାବଗ୍ରାହୀ ଖୁଣ୍ଟିଆ, ସନ୍ତୋଷ ଲେଙ୍କା, ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ସେଠୀ, ମନୋଜ ସିଂ, ସିଆରସିସି ସେକ ମୋଜାଫର ହୋସେନ, ଶିକ୍ଷକ ମନ୍ମଥ କୁମାର ରାଉତ, ଅଶୋକ ନାୟକ, ପ୍ରଶାନ୍ତ ବେହେରା, ଅଧାପକ ଚିତରଞ୍ଜନ ଦାଶ, ପଦ୍ମନାଭ ତ୍ରିପାଠୀଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶୁଭେଚ୍ଛୁ ପ୍ରମୁଖ ଯୋଗ ଦେଇଥିଲେ। ସମାଜସେବୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ

## 'ନିରପେକ୍ଷ ସମ୍ବାଦ ଓ ସାମ୍ବାଦିକତା ସୁସ୍ଥ ସମାଜ ଗଠନର ମାଧ୍ୟମ'

**ଧାମନଗର, ୨।୧୨(ସମିସ):** ଧାମନଗର ଏନଏସି କଲ୍ୟାଣ ମଣ୍ଡପରେ ଧାମନଗର ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ପରିଷଦର ବାର୍ଷିକ ଉତ୍ସବ ଓ ପ୍ରଦ୍ୟୁମ୍ନ ବଳ ସ୍ମୃତି ପରିଷଦର ୨୭ତମ ଜିଲ୍ଲାସ୍ତରୀୟ ବାର୍ଷିକ ସମାରୋହ, ଦୈନିକ ପ୍ରଗତିବାଦୀର ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳଙ୍କ ୯୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏକ ସୁସ୍ଥ ସମାଜ ଗଠନରେ ନିରପେକ୍ଷ ସମ୍ବାଦ ଏବଂ ବଳିଷ୍ଠ ସାମ୍ବାଦିକତାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏ, ବିଶିଷ୍ଟ ଅତିଥି ଅମୃତ ଦର୍ଶନର ସମ୍ପାଦନ ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା ଓ ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ସଭାପତି ଆଇନଜୀବୀ ଦେବାଶିଷ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅଧାପିକା ଡ.ମମତା ସାହୁ ସଞ୍ଚାଳନ କରିଥିବା ବେଳେ ପରିଷଦର ସାଧାରଣ ସମ୍ପାଦକ ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର ବାର୍ଷିକ ବିବରଣୀ ପାଠ ଓ ପ୍ରଭଞ୍ଜନ ରାଉଳ ବେଦପାଠ କରିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ଅନିଲ ବାରିକ, ଅଶୋକ ପୁହାଣ, କୈଳାସଚନ୍ଦ୍ର ମହାପାତ୍ର, ପ୍ରମୋଦ ରାଉତ, ପ୍ରଭାତ ଧଳ, ଭୋଳାନାଥ ସାହୁ, ରୀନାରାଣୀ ପଣ୍ଡା, ସୀତାକାନ୍ତ ମିଶ୍ର, ବିଦ୍ୟାଧର ରାଉତ, ନୃସିଂହ ଚରଣ ନାୟକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଏବିଇଓ ହେମେନ୍ଦ୍ର ନାଥ ମହାନ୍ତି, ଜୟନ୍ତୀ ଜେନା, ସୁରତୀ ନାୟକ, କୃଷ୍ଣଚନ୍ଦ୍ର ଜେନା, କୁଳମଣି ବେହେରା, ସୁଧାକର ଦାଶ, ସେକ ହମିଦ, ପ୍ରଶାନ୍ତ ସାହୁ, ଶ୍ରୀଧର ସାହୁ ପ୍ରମୁଖ ସହଯୋଗ କରିଥିଲେ। ପରିଷଦର ଉପସଭାପତି ସ୍ତମ୍ଭକାର ହୃଦାନନ୍ଦ କର ଧନ୍ୟବାଦ ଅର୍ପଣ କରିଥିଲେ। ରବିବାର ସକାଳେ ପରିଷଦ ପକ୍ଷରୁ ଚାରା ରୋପଣ କରାଯାଇଥିଲା। ଧାମନଗର ପ୍ରେସ କ୍ଲବ, ସାମ୍ବାଦିକ ସଂଘ, କାନ୍ତ ସାହିତ୍ୟ ପରିଷଦ, ବରିଷ୍ଠ ନାଗରିକ ପରିଷଦ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ମେଡିକାଲ ବିପିଏମ୍‌ଙ୍କ ବଦଳି କାର୍ଯ୍ୟକାରୀ ନୋହିଲା

**ଭଣ୍ଡାରିପୋଖରୀ, ୨।୧୨(ସମିସ):** ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବ୍ଲକ ପ୍ରୋଗ୍ରାମ ମ୍ୟାନେଜରଙ୍କ ରାତି ଅଧିଆ ବଦଳି ବିଫଳ ହୋଇଛି। ଗତ ନଭେମ୍ବର ୨୯ ତାରିଖରେ ଭଦ୍ରକ ସିଡିଏମଓ ୧୬୦୫୬ ଅନୁଯାୟୀ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ରଶ୍ମିରେଖା ପୃଷ୍ଟିଙ୍କୁ ତିହିଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରିବା ସହ ତିହିଡିର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଶାନ୍ତିଲତା ମିଶ୍ରଙ୍କୁ ଭଣ୍ଡାରିପୋଖରୀ ବଦଳି କରିଥିଲେ। ବଦଳି ଆଦେଶ ଜାରିହେବା ପରଦିନ ଶ୍ରୀମତୀ ପୃଷ୍ଟି ତିହିଡି ଯାଇ ରିପୋର୍ଟ କରିଥିଲେ। ହେଲେ ତାଙ୍କ ରିପୋର୍ଟକୁ ତହିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଗ୍ରହଣ କରି ନଥିଲେ। କେତେକ ଆଶା କର୍ମୀ ଶ୍ରୀମତୀ ପୃଷ୍ଟିଙ୍କ ବାପଘର ଓ ଶାଶୂ ଘର ତିହିଡିର ହୋଇଥିବାରୁ ତାଙ୍କ ଯୋଗଦାନକୁ ବିରୋଧ କରିଥିଲେ। ଅନ୍ୟପକ୍ଷରେ ତିହିଡିରେ ଦୀର୍ଘ ବର୍ଷ କାର୍ଯ୍ୟ କରୁଥିବା ଶ୍ରୀମତୀ ମିଶ୍ର ତିହିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ପୀରହାଟରେ ବାପଘର ଓ ଶାଶୂ ଘର ହୋଇଥିଲେ ବି ତିହିଡି ଛାଡିବାକୁ ଅମଙ୍ଗ ହୋଇଥିଲେ। ଫଳରେ ଶ୍ରୀମତୀ ପୃଷ୍ଟି ସିଡିଏମଓଙ୍କୁ ମଙ୍ଗଳବାର ଏଥିନେଇ ରିପୋର୍ଟ କରିଥିବା ଜଣାଯାଇଛି। ଅନ୍ୟପକ୍ଷରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ପଦ ଖାଲି ହୋଇଯାଇଛି।

## ପରିଚୟ ଦେଉଛି ମାଣ୍ଡିଆ ସ୍ନାକ୍ସ

**ବାରିକପୁର, ୨।୧୨(ସମିସ):** ମିଶନ ଶକ୍ତି ଗ୍ରାମାଞ୍ଚଳର ମହିଳାଙ୍କୁ ଆତ୍ମନିର୍ଭରଶୀଳତାର ନୂଆ ବାଟ ଦେଖାଇଥିବା ବେଳେ ଆଜି ଅନେକ ମହିଳା ଆର୍ଥିକ ଭାବେ ସଶକ୍ତ ହୋଇପାରିଛନ୍ତି। ବର୍ତ୍ତମାନ ଉପଯୁକ୍ତ ଭିତ୍ତିଭୂମି ଓ ପର୍ଯ୍ୟାପ୍ତ ସରକାରୀ ସହାୟତା ଅଭାବରୁ ସେମାନେ ଏଦିଗରେ ଆଶାନୁରୂପ ସଫଳତା ପାଇପାରୁ ନାହାନ୍ତି ସତ ହେଲେ ସେମାନଙ୍କ ମନୋବଳ ଭାଙ୍ଗି ନାହିଁ। ଏମିତି ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟଶୈଳୀ ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ରାଢୋଠାରେ। ଗ୍ରାମର କଳା ଠାକୁର କୃଷକ ଉତ୍ପାଦିକା ସଂସ୍ଥାର ପରିଚାଳନା ନିର୍ଦ୍ଦେଶିକା ମମତା ସାମଲଙ୍କ ତତ୍ତ୍ୱାବଧାନରେ ବିଶ୍ୱେଶ୍ୱର ମହିଳା ସ୍ୱୟଂସହାୟକ ଗୋଷ୍ଠୀ କ୍ରିୟାଶୀଳ ହୋଇଛି। ଏଠାରେ ଉକ୍ତ ଗୋଷ୍ଠୀର ମହିଳାମାନେ ମାଣ୍ଡିଆରୁ ବିଭିନ୍ନ ପ୍ରକାରର ଲଡ୍ଡୁ ଏବଂ ଅନ୍ୟାନ୍ୟ ସ୍ନାକ୍ସ ତିଆରି କରୁଛନ୍ତି। କେବଳ ସରକାରୀ ଭାବେ କିଛି ଖାଦ୍ୟ ମେଳାରେ ଏଗୁଡ଼ିକ ବିକ୍ରିବଟା ହେଉଥିବା ବେଳେ ବ୍ୟବସାୟ ଭିତ୍ତିରେ ଏହି ପାରମ୍ପରିକ ଖାଦ୍ୟର ବଜାର ସୃଷ୍ଟି ହୋଇନାହିଁ। ତେଣୁ ମହିଳାମାନେ ବେଳେ ବେଳେ ନିରୁତ୍ସାହିତ ହେଉଛନ୍ତି। କିଛି ଦିନ ପୂର୍ବରୁ ସ୍କୁଲଗୁଡ଼ିକରେ ଲଡ୍ଡୁ ବଣ୍ଟନ ପାଇଁ ସରକାର ଘୋଷଣା କରିଥିବା ବେଳେ ସଦସ୍ୟାମାନେ ଏଦିଗରେ ମଧ୍ୟ କାର୍ଯ୍ୟ କରିଛନ୍ତି। ଏହା କିନ୍ତୁ ଆଶାନୁରୂପ ହଇନାହିଁ। ପ୍ରତିକୂଳ ପରିସ୍ଥିତି ଭିତରେ ସରକାର ଯଦି ଏଭଳି ଗୋଷ୍ଠୀଙ୍କୁ ଉପଯୁକ୍ତ ସହାୟତା ଯୋଗାଇ ଦିଅନ୍ତି ତା'ହେଲେ ମହିଳାମାନେ ଶତ ପ୍ରତିଶତ ଆତ୍ମନିର୍ଭରଶୀଳ ହୋଇପାରନ୍ତେ ବୋଲି ମତ ପ୍ରକାଶ ପାଇଛି।



## ରାସ୍ତାକୁ ଛାଡୁଛନ୍ତି ଘରୋଇ ଆବର୍ଜନା ପାଣି, ଜିଲ୍ଲାପାଳଙ୍କୁ ଫେରାଦ

**ଭଦ୍ରକ, ୨।୧୨(ସମିସ):** ଭଦ୍ରକ ବ୍ଲକ କୋର୍କରା ପଞ୍ଚାୟତ କେନ୍ଦ୍ରୀୟ ବିଦ୍ୟାଳୟ ସମ୍ମୁଖ ୩୫ ନମ୍ବର ରାଜ୍ୟ ରାଜପଥ (ଭଦ୍ରକ-ଆରଡି) ପାର୍ଶ୍ୱରେ ଏକ ୩ ମହଲା ବିଶିଷ୍ଟ କୋଠାର ମାଲିକ ବିରୋଧରେ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଫେରାଦ ହୋଇଛନ୍ତି। ଖାତା ନଂ-୮୪୩/୪୨୩, ପ୍ଲଟ ନଂ-୯୦୭/୩୩୨୧, ୯୦୮/୩୩୨୨ରେ ଏକାଧିକ ଭଡ଼ାଟିଆ ରହିଛନ୍ତି। ଭଡ଼ାଟିଆମାନେ ଘରର ଆବର୍ଜନା ତଥା ଅପରିଷ୍କାର ପାଣିକୁ ସର୍ବସାଧାରଣ ଯାତାୟାତ କରୁଥିବା ୩୫ ନମ୍ବର ରାଜ୍ୟ ରାଜପଥ ଉପରକୁ ପ୍ରତିଦିନ ନିଷ୍କାସିତ କରୁଛନ୍ତି। ଯାହାଦ୍ୱାରା ରାସ୍ତାରେ ପାଣି ଜମି ରହୁଥିବା ଯୋଗୁଁ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଛି। ବହୁ ସମୟରେ ଗାଡିଗୁଡିକ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ରାସ୍ତା ପାର୍ଶ୍ୱରେ ଭଦ୍ରକ କେନ୍ଦ୍ରୀୟ ବିଦ୍ୟାଳୟ ରହିଛି। ସେଠାରେ ଅନେକ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ତୁରନ୍ତ ଏହାର ସମାଧାନ ନକରାଯାଏ, ତେବେ ଆଗକୁ ବହୁତ ଦୁର୍ଘଟଣା ନଘଟିବ ତାକୁ କିଏ କହିବ ? ଗ୍ରାମବାସୀ ତାଙ୍କୁ ବୁଝାଇବା କରିବା ସତ୍ତ୍ୱେ କଥାକୁ ଭ୍ରୂକ୍ଷେପ ନକରି ଓଲଟା ଧମକ ଦେଉଥିବାରୁ ପ୍ରକାଶ ରାଉତ, କମଳାକାନ୍ତ ଜେନା, ଲକ୍ଷ୍ମୀକାନ୍ତ ଜେନା, ମନୋରଞ୍ଜନ ମହାପାତ୍ର, ଅଶ୍ୱିନୀ ଦଳାଇ ପ୍ରମୁଖ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।



# 'ତ୍ୟାଗଭୂମି ଏକ ଜାତୀୟ ଧୃତି ଓ ଜୀବନ୍ତ ଜାଗୃତି'

**ଭଦ୍ରକ, ୨।୧୨(ସମିସ)**

ତ୍ୟାଗଭୂମି ଭଦ୍ରକ ହେଉଛି ଶକ୍ତି, ଧୃତି ଓ ଜାଗୃତିର ନାମ ମାହାତ୍ମ୍ୟ। ସଂଗ୍ରାମ ଓ ସମର୍ପଣର ଗରିମାକୁ ନୂତନ ପିଢ଼ି ପାଖରେ ସଞ୍ଚାର କରିବା ହେଉଛି ତ୍ୟାଗଭୂମି ଜିଲ୍ଲା ମହୋତ୍ସବର ଆଦ୍ୟସୌରଭ ଏବଂ ଆଦିମନ୍ତ୍ର। ଭୂମିର ବନ୍ଦନାରେ ରହିଛି ଅସରନ୍ତି ବଳିଦାନର ଗାଥା ଏବଂ ଏହା ଦେଶ ଓ ଜାତି ପ୍ରତି ଅଟଳ ସଂକଳ୍ପର ସନ୍ଦେଶ ବୋଲି ନବମଦିନ ବ୍ୟାପୀ ଚାଲିଥିବା ତ୍ୟାଗଭୂମି ମହୋତ୍ସବର ଉଦଯାପନୀ ସନ୍ଧ୍ୟାରେ ଅତିଥି ମତ ବ୍ୟକ୍ତ କରିଛନ୍ତି। ଆଜିର ମଞ୍ଚ ଜାତୀୟକବି ବାଞ୍ଛାନିଧି ମହାନ୍ତି ନାମରେ ଥିଲା ଉତ୍ସର୍ଗୀକୃତ। ତ୍ୟାଗଭୂମି କାର୍ଯ୍ୟକାରୀ ସଭାପତି ଇ. ଅମ୍ବିକାବଲ୍ଲଭ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉଦଯାପନ ସନ୍ଧ୍ୟାରେ 'ସଂଗ୍ରାମ ଭୂମି ଭଦ୍ରକ' ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସହକାରୀ ଜିଲ୍ଲାପାଳ କାର୍ତ୍ତିକନାଥ ମଣ୍ଡଳ, ଶ୍ରୀଅରବିନ୍ଦ ଦର୍ଶନ ପ୍ରବକ୍ତା ଡ.ଗୋଲକବିହାରୀ ସାହୁ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସମ୍ମାନିତ ବକ୍ତା ଭାବରେ ଅଧାପକ ନାସିର ବକ୍ସ, ବରେଣ୍ୟ ଅତିଥି ଭାବେ ବେଷ୍ଟ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଜେନା, କୃଷିକବି ଇଂ ଅରୁଣ କୁମାର ପାତ୍ର ଓ ପୂର୍ତ୍ତବିଭାଗ ସଚିବ ନନ୍ଦନନ୍ଦନ ଦାସ ପ୍ରମୁଖ ଭଦ୍ରକ ଭୂମିର ଉଜ୍ଜ୍ୱଳ ପରମ୍ପରାକୁ ସ୍ମରଣ ପୂର୍ବକ ଏହାକୁ କେବଳ ଐତିହ୍ୟର ଗାଥା ଭାବେ ସୀମିତ ନରଖି ଦୈନନ୍ଦିନ କର୍ତବ୍ୟର ଅଙ୍ଗୀକାର ବିବେଚନା କରିବାକୁ



### ତ୍ୟାଗଭୂମି ମହୋତ୍ସବର ଉଦଯାପନୀ ସନ୍ଧ୍ୟା

ପରାମର୍ଶ ଦେଇଥିଲେ। ତ୍ୟାଗଭୂମିର ସଦସ୍ୟ ବାବୁଲାଲ ଦାସ ମଞ୍ଚ ଆହ୍ୱାନ କରିଥିବା ବେଳେ ଅନ୍ୟତମ ସଦସ୍ୟ କବି ଚର୍ଚ୍ଚିକା ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ମହୋତ୍ସବ ପୀଠରେ ସ୍ଥାପିତ ଶହୀଦ ମଶାଲ ସ୍ମୃତିସ୍ତମ୍ଭରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ତ୍ୟାଗଭୂମି ସଭାପତି ଅଜୟ ନାୟକ, ସମ୍ପାଦକ ଗଦାଧର ବଳ, ସଂଗଠନ ସମ୍ପାଦକ ସୁଧାକର ରାଉତ, ସାଂସ୍କୃତିକ ସମ୍ପାଦକ ବସନ୍ତ ମହାନ୍ତି, ମୁଖପତ୍ର ସମ୍ପାଦକ ଡ.ବିଶ୍ୱରଞ୍ଜନ ଦାସ, ଅଧିବକ୍ତା ମନୋରଞ୍ଜନ ଦାସ, ସଦସ୍ୟ ଅଶୋକ ଦ୍ୱିବେଦୀ, ଶିକ୍ଷୟତ୍ରୀ ମନୋରମା ଆଚାର୍ଯ୍ୟ, ସାହିତ୍ୟିକ କୈଳାଶ ପଣ୍ଡା, ଚକ୍ଷୁ ଚିକିତ୍ସକ ମୁକ୍ତିକାନ୍ତ ନାୟକ, ସଦସ୍ୟା ବସୁମିତ୍ରା ସାହୁ, ସାମାଜିକ କର୍ମୀ ଚୈତାଳୀ ଖିଲାର, ଅଧିବକ୍ତା ସଞ୍ଜୟ ମାଝୀ, ରାମଚନ୍ଦ୍ର ନାୟକ, ଶିକ୍ଷାବିତ୍ ଗୟାଧର ପଣ୍ଡା, ପ୍ରାଧାପକ ମନୋଜ କୁମାର ସ୍ୱାଇଁ, ସଙ୍ଗୀତଶିଳ୍ପୀ ସୁଧାଂଶୁ ନାୟକ, ଯୁବନେତା ଦେବଦର୍ଶନ ଦାସ, ନାରାୟଣ ପାଢ଼ୀ, ରାମଚନ୍ଦ୍ର ନାୟକ, ସଂଯୁକ୍ତା ଯାଦବ, କବି କାଳନ୍ଦୀ ମଲ୍ଲିକ, ପଦ୍ମନ ରାୟ, ଅଭୟ ପଣ୍ଡା, ଡ. ନିତ୍ୟାନନ୍ଦ ମିଶ୍ର, ଡକ୍ଟର ଅଭୟ କୁମାର ଦାସ, ସ୍ୱଦେଶ ପଣ୍ଡା, ରୂପକ ବିହାରୀ ରାୟ, ଶଶୀକଳା ମିଶ୍ର, ପ୍ରାକ୍ତନ ଅବକାରୀ ବିଭାଗ ଅଧିକାରୀ ଶ୍ରୀହର୍ଷ ସ୍ୱାଇଁ, ବାଦଲ କିଶୋର ମହାପାତ୍ର, କବି ଦେବେନ୍ଦ୍ରନାଥ ମହାଳିକ, ରାଜେନ୍ଦ୍ର ବିଶ୍ୱାଳ, ଦୁଃଶାସନ ମହାନ୍ତି ଅଂଶଗ୍ରହଣ କରିଥିଲେ। ଲକ୍ଷ୍ମୀକାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଭୁବନେଶ୍ୱର 'ସାଇ ସମ୍ରାଟ ମେଲୋଡ଼ି' ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

ଦୁର୍ଘଟଣାରେ କଲେଜ ଛାତ୍ରର ମୃତ୍ୟୁକୁ ନେଇ ଲଙ୍କାକାଣ୍ଡ

# ପ୍ରତିବାଦରେ ୪ ହାଇୱାରେ ଲଗାଇଦେଲେ ନିଆଁ



ଜେନାପୁର/କବାଟବନ୍ଧ,୨।୧୨(ସମିସ):

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କୁରିକଣା-ଡଙ୍କାରୀ ନିକଟରେ ହାଇୱା ଧକ୍କାରେ ଜଣେ କଲେଜ ଛାତ୍ରର ମୃତ୍ୟୁ ହୋଇଛି। ଏହାକୁ କେନ୍ଦ୍ରକରି ସେଠାରେ ଲଙ୍କାକାଣ୍ଡ ଘଟିଛି। ଉତ୍ତ୍ୟେକ୍ତ ଲୋକେ ପ୍ରତିବାଦରେ ୪ଟି ହାଇୱାରେ ନିଆଁ ଲଗାଇ ଦେଇଛନ୍ତି।

ସୂଚନା ଅନୁଯାୟୀ, ଜେନାପୁର ଥାନା ଅନ୍ତର୍ଗତ ରମ୍ପେଇ ଗ୍ରାମର ଶତ୍ରୁଘ୍ନ ନାୟକଙ୍କ ପୁଅ ସଞ୍ଜିବ ନାୟକ(୧୭) ସକାଳୁ ବାଇକ୍ ଯୋଗେ କଲେଜ ଯାଉଥିବା ବେଳେ କୁରିକଣା ଓ ଡଙ୍କାରୀ ଛକ ମଝିରେ ଥିବା ହମ୍ପସ୍ ପାଖରେ ଭାରସାମ୍ୟ ହରାଇ ରାସ୍ତାରେ ଛିଟିକି ପଡ଼ିଥିଲେ। ସେହି ସମୟରେ ପଛପଟୁ ଆସୁଥିବା କଳାପଥର ବୋଝେଇ ଟ୍ରକ୍‌ଟି ତାଙ୍କ ମୁଣ୍ଡ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ସଞ୍ଜିବଙ୍କ ମୃତ୍ୟୁ ହୋଇଯାଇଥିଲା। କିଛିଦିନ ପୂର୍ବରୁ ଦୁର୍ଘଟଣାରେ ସଞ୍ଜିବର ମାଆଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁର୍ଘଟଣାରେ ପୁଅର ମୃତ୍ୟୁ ସମସ୍ତଙ୍କୁ ବ୍ୟଥିତ କରିଥିଲା। ଘଟଣା ପ୍ରଘଟ ହେବା ପରେ ସ୍ଥାନୀୟ କିଛି ଲୋକେ ଘଟଣାସ୍ଥଳରେ ପହଞ୍ଚିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଶବକୁ ରାସ୍ତା ଉପରେ ରଖି ଅବରୋଧ କରିବା ସହ ଦୁର୍ଘଟଣା ଘଟାଇ ଥିବା ଗାଡ଼ିକୁ ନିଆଁ ଲଗାଇ ଦେଇଥିଲେ। ଯେଉଁ କମ୍ପାନୀର ଗାଡ଼ିଟି ଦୁର୍ଘଟଣା ଘଟାଇଥିଲା ସେହି କମ୍ପାନୀର ପଛକୁ ପଛ ଆସୁଥିବା ଆଉ ୩ଟି ହାଇୱାକୁ ମଧ୍ୟ କିଛି ଲୋକ ନିଆଁ ଲଗାଇ ଦେଇଥିଲେ। ଏହି ସୁଯୋଗରେ କମ୍ପାନୀ ସହ ଶତ୍ରୁତା ଥିବା କିଛି ଲୋକମଧ୍ୟ ସାମିଲ ହୋଇ ଦୀର୍ଘ ସମୟ ରାସ୍ତାକୁ ଅବରୋଧ କରିଥିଲେ। ୪ରୁ ଅଧିକ ମୋବାଇଲ ଭାଙ୍ଗିବା ସହ ଏକାଧିକ ଲୋକଙ୍କୁ ଧକ୍କା ମାରି ତଡ଼ି ଦେଇଥିବା ଦେଖାଯାଇଥିଲା। ରହାଡ଼ପୁର ଠାରେ ଥିବା କ୍ରସର ପରିସର ମଧ୍ୟରେ ପଶି ଆତଙ୍କରାଜ ଚଳାଇ ମେସିନ, ସେଠାରେ ଥିବା ଗାଡ଼ି ପ୍ରଭୃତି ଭାଙ୍ଗି ରୁଜି ଦେଇଥିଲେ। ଖବର ପାଇ କିଛି ଗଣମାଧ୍ୟମ ପ୍ରତିନିଧି ସେଠାରେ ପହଞ୍ଚି ଦୃଶ୍ୟ ଉତ୍ତୋଳନ କରିବା ପାଇଁ ଉଦ୍ୟମ କରିବାରୁ ଉକ୍ତ ଦୁର୍ବୃତ୍ତମାନେ ସାମ୍ବାଦିକମାନଙ୍କ ମୋବାଇଲ ଛଡ଼ାଇ ନେବା ସହ ସେମାନ ବା ସହ ମାଡ଼ ମାରିବା ପାଇଁ ପଛାଇ ନଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଚୁପ୍ ରହି କେବଳ ଦେଖଣାହାରି ସାଜିଥିଲେ। ପରେ ଦୁଇ ପ୍ଲାଟୁନ ପୁଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିଥିଲା। ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଜେନାପୁର ପୁଲିସ ସମେତ ଯାଜପୁର ରୋଡ୍ ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ, ବାଲିଚନ୍ଦ୍ରପୁର, ବଡ଼ଚଣା ଥାନା ଅଧିକାରୀ ପହଞ୍ଚିଥିଲେ। ଦୀର୍ଘ ପ୍ରାୟ ୫ ଘଣ୍ଟା ପରେ ଧର୍ମଶାଳା ଅତିରିକ୍ତ ତହସିଲଦାର ଭବେଶ କୁମାର ମାଝୀ ପହଞ୍ଚି ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ଦୀର୍ଘ ସମୟ ଆଲୋଚନା ପରେ ମୃତଦେହକୁ ବ୍ୟବଚ୍ଛେଦ କରିବା ପାଇଁ ଦିଆଯାଇଥିଲା। ଏନେଇ ସଞ୍ଜୀବଙ୍କ ବାପା ଶତ୍ରୁଘ୍ନ ନାୟକ ଜେନାପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ କରିବା ପାଇଁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ଜଣାପଡିଛି। ଘଟଣାସ୍ଥଳରେ ଉତ୍ତେଜନା ଆଶଙ୍କା କରି ଜେନାପୁର ପୁଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଛି।

## ଶିକ୍ଷକ ସଂଘ ପକ୍ଷରୁ ଦୁଇ ଦଫା ଦାବିପତ୍ର

ସିଂହପୁର,୨।୧୨(ସମିସ): ପ୍ରାଥମିକ ଶିକ୍ଷକମାନଙ୍କ ମୂଳ ପଦବୀକୁ ଅପଗ୍ରେଡ୍ କରି ଲେବୁଲ-୯ ଅନୁଯାୟୀ ମୂଳ ବେତନ ୩୫,୪୦୦ ଟଙ୍କା ପ୍ରଦାନ କରିବା ଓ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଥା ଉଚ୍ଛେଦ କରି ୨୦୦୧ ମସିହା ଠାରୁ ଅଦ୍ୟାବଧି କାର୍ଯ୍ୟରତ ସମସ୍ତ ଶିକ୍ଷକମାନଙ୍କ ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ସହ ନ୍ୟାସନାଲ ଇକ୍ରିମେଣ୍ଟ ପ୍ରଦାନ କରି କରି ବିଞ୍ଝାରପୁର ଏନ୍‌ପିଏସ୍ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ବିଞ୍ଝାରପୁର ଏନ୍‌ପିଏସ୍ ଶିକ୍ଷକର ସଭାପତି ମନୋରଞ୍ଜନ ଧଳ, ସମ୍ପାଦକ ମୁକ୍ତିଶ୍ୱର ଯେନା, ଉପଦେଷ୍ଟା କ୍ଷୀରୋଦ ଚନ୍ଦ୍ର ମଲ୍ଲିକ, ବୈଦ୍ୟନାଥ ପରିଡ଼ା, ଅନିରୁଦ୍ଧ ରାଉଳଙ୍କ ସମେତ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ବିଇଓ ସତ୍ୟବ୍ରତ ମିଶ୍ରଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଶିକ୍ଷକମାନଙ୍କ ଦାବି ପୂରଣ ନହେଲେ ଆଗାମୀ ଦିନରେ ରାଜ୍ୟ ସଂଘ ନେତୃତ୍ୱରେ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି।

## ବିଞ୍ଝାରପୁର ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା



ବିଞ୍ଝାରପୁର,୨।୧୨(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ତଳବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ଶିକ୍ଷକ ସଂଘର ସମ୍ପାଦକ ବ୍ରହ୍ମାନନ୍ଦ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ ସତ୍ୟବ୍ରତ ମିଶ୍ର, ସମ୍ମାନିତ ଅତିଥି ଭାବେ ସମାଜସେବୀ ଶିଶିର କୁମାର ନାୟକ, ପ୍ରଧାନ ଶିକ୍ଷକ ଅନାଦି ଚରଣ ସାମଲ, ପଦାର୍ଥ ବିଜ୍ଞାନର ଅବସରପ୍ରାପ୍ତ ପ୍ରାଧ୍ୟାପକ ଦୈତାରୀ ରାଉତ, ଅଳକୁଣ୍ଡ ଥାନାଧିକାରୀ ଦେବାଶିଷ ଶତପଥୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବଳରାମ ପତି, ଏସକେ ନିଜାମୁଦ୍ଦିନ, ଯୋଗଦାନ କରିଥିଲେ। ଏହି ବିଜ୍ଞାନ ମେଳାରେ ୨୪୫ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିବା ବେଳେ ୧୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରିଦର୍ଶନ କରିଥିଲେ। ବିଚାରକ ଭାବେ ନାରାୟଣ ଚନ୍ଦ୍ର ଦାସ, ଚିତ୍ତରଞ୍ଜନ ଦସ, ରାଜେଶ କୁମାର ମିଶ୍ର, ଲକ୍ଷ୍ମୀ ନାରାୟଣ ବେହେରା, ଲଲାଟେନ୍ଦୁ କେଶରୀ ମହାପାତ୍ର, କଳ୍ପନା ସାମାଦାର, ରତିରଞ୍ଜନ ସାହୁ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଭାସ୍କର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀନବନ୍ଧୁ ସାହୁ ସଂଯୋଜନା କରିଥିବା ବେଳେ ବିସିଜେ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରଶ୍ମୀରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

● ସାଂସଦ ଖେଲୋଇଣ୍ଡିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ଗୋଆ ଓ ଛତିଶଗଡ଼

ଧର୍ମଶାଳା,୨।୧୨(ସମିସ): ଧର୍ମଶାଳା ଷ୍ଟାଡିୟମରେ ଖେଲୋଇଣ୍ଡିଆ-୨୦୨୫ ଆନୁକୂଲ୍ୟରେ ଚାଲିଥିବା ଭିନ୍ନକ୍ଷମ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ଚତୁର୍ଥ ଦିବସର ପ୍ରଥମ ସେମିଫାଇନାଲ ମ୍ୟାଚ ଗୋଆ ଓ ଗୁଜୁରାଟ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଗୋଆ ଦଳ ପ୍ରଥବେ ବ୍ୟାଟିଂ କରି ୫ ୱିକେଟ ହରାଇ ୧୨୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ନିଖିଲେଶ ୩୧ ଓ ଶୁରେଶ ୨୮ ରନ ସଂଗ୍ରହ କରିଥିଲେ। ବିପକ୍ଷ ଗୁଜୁରାଟ ଦଳର ସୁବାସ ୨ଟି ଓ ବିଷ୍ଣୁ ୧ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଗୁଜୁରାଟ ଦଳ ବ୍ୟାଟିଂ କରି ୧୪ ଓଭରରେ ୯୯ ରନ ସଂଗ୍ରହ କରି ସମସ୍ତ ୱିକେଟ ହରାଇ ପରାଜୟ ହୋଇଥିଲା। ଦଳ ପକ୍ଷରୁ ହିତେଶ ୩୪ ଓ ଭିମା ୨୦ ରନ ସଂଗ୍ରହ କରିଥିଲେ। ବିପକ୍ଷ ଗୋଆ ଦଳର ନିଖିଲେଶ ଓ ମହେଶ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଆଜିର ଦ୍ୱିତୀୟ ମ୍ୟାଚ ଫ୍ଲଡ୍‌ଲାଇଟରେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଛତିଶଗଡ଼ ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଆଜିର ଉଭୟ ମ୍ୟାଚକୁ ସୁରଥ ପାତ୍ର ଓ ଗୌରୀ ଶଙ୍କର ଜେନା ପରିଚାଳନା କରିଥିଲେ। ସ୍କୋରରେ ଶିବସୁନ୍ଦର ଦାସ ସହାୟତା କରିଥିବା ବେଳେ ବୁବୁ ସିହ୍ନା ଭାଷ୍ୟକାର ଭାବେ ରହିଥିଲେ। ଆସନ୍ତାକାଲି ୩ ତାରିଖରେ ଗୋଆ ଓ ଛତିଶଗଡ଼ ମଧ୍ୟରେ ଫାଇନାଲ ମ୍ୟଚ ଅନୁଷ୍ଠିତ ହେବ ବୋଲି ଅୟୋଜକମାନେ ସୂଚନା ଦେଇଛନ୍ତି।

## ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ଅଭିଯୋଗ

କୁଆଖିଆ,୨।୧୨(ସମିସ): କୁଆଖିଆ ଥାନା ଅନ୍ତର୍ଗତ ବ୍ରାହ୍ମଣବାଡ଼ ଗାଁରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଗୋଟିଏ ପରିବାର ଉପରେ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ କୈଳାସ ବେହେରାଙ୍କ ସହିତ ପଡ଼ୋଶୀ ଭୀମସେନ ବେହେରା, ବିଶ୍ୱଜିତ୍ ବେହେରା, ରଞ୍ଜିତ ବେହେରା ସମେତ ଅନ୍ୟମାନଙ୍କ ସହିତ ବିବାଦ ରହିଥିଲା। ଗତକାଲି ଭୀମସେନଙ୍କ ସମେତ ଅନ୍ୟ ପଡ଼ୋଶୀ ମାନେ ଏକତ୍ରିତ ହୋଇ ଆସି କୈଳାସଙ୍କ ଘର ସାମ୍ନାରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହି ସମୟରେ କୈଳାସଙ୍କ ଝିଅ ନିଜ ମୋବାଇଲରେ ଭିଡିଓ ରେକର୍ଡ କରୁଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିବା ସହିତ ସେଠାରେ କାର୍ଯ୍ୟ କରୁଥିବା ମିସ୍ତ୍ରିମାନଙ୍କୁ ମଧ୍ୟ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଜଣାପଡିଛି।

## ସାପ କାମୁଡ଼ା ସଚେତନତା କାର୍ଯ୍ୟକ୍ରମ

ସିଂହପୁର,୨।୧୨(ସମିସ): ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ଅଗ୍ରଣୀ ଅନୁଷ୍ଠାନ ମା' ଯଶୋଦା କଳା ପରିଷଦ ଓ ଅର୍ଚ୍ଚନା ନୃତ୍ୟ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ସିଂହପୁର, ଫତେପୁର, ଘଣ୍ଟିଆଳି ଓ ସାଶନ୍ଦା ଗ୍ରାମରେ ସାପ କାମୁଡ଼ିବାକୁ ନେଇ ପାରମ୍ପରିକ ଲୋକକଳା ନୃତ୍ୟ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୁରୁ ତଥା ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ ଓ ଗାୟିକା ଅରୁପମା ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ଶଶାଙ୍କ ଶେଖର ଖିଲାର, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ମଲ୍ଲିକ, ସରପଞ୍ଚ କାର୍ତ୍ତିକଚନ୍ଦ୍ର ଧଳ, ସରପଞ୍ଚ କାମେଶ୍ୱର ଧଳ, ସରପଞ୍ଚ ତରଙ୍ଗ ସାହୁ, ବ୍ଲକ୍ କଳା ସଂସ୍କୃତି ସଂଘର ଉପସଭାପତି ଅର୍ଜୁନ ଚରଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ନୃତ୍ୟ କରୁଥିବା କଳାକାରଙ୍କ ମଧ୍ୟରେ ସେହ୍ନାରାଣୀ ବିଶ୍ୱାଳ, ଗାୟତ୍ରୀ ଦାସ, ଦେବସ୍ମିତା ଜେନା, ବନିତା ମଲ୍ଲିକ, ସାଲୋନୀ ଜେନା, ବିସ୍ମୃତି ମଲ୍ଲିକ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ତଥା ବରିଷ୍ଠ ଗୀତିକାର ନଳିନୀ ପ୍ରଭା ଦାସ ଗୀତ ଗୁଡ଼ିକୁ ରଚନା କରିଥିଲେ।

## ସଂସ୍କୃତ ଓ ଇଂରାଜୀ ବିଭାଗର ଆଲୋଚନାଚକ୍ର

କୟାଁଗୋଲା/ମଙ୍ଗଳପୁର,୨।୧୨(ସମିସ): ଦଶରଥପୁର ବ୍ଲକ ମଙ୍ଗଳପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଇଂରାଜୀ ଓ ସଂସ୍କୃତ ବିଭାଗ ତରଫରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ମିନାକ୍ଷୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶାରଦ ଭାବେ ଅଳକୁଣ୍ଡ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ବଳରାମ ପଣ୍ଡା ଏବଂ ଖରସ୍ରୋତା ମହାବିଦ୍ୟାଳୟର ଡ. ସ୍ମୃତିରଞ୍ଜନ ସେନାପତି ଯୋଗଦେଇ "ଆଧ୍ୟାତ୍ମିକତା ଏବଂ ମାନବବାଦ: ଇଂରାଜୀ ଏବଂ ସଂସ୍କୃତରେ ଏକ ତୁଳନାତ୍ମକ ଅଧ୍ୟୟନ' ବିଷୟ ଉପରେ ଆଲୋକପାତ କରିଥିଲେ। ଇଂରାଜୀ ବିଭାଗର ଅଧ୍ୟାପିକା ପ୍ରମିଳା ବାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ସୁଷମା ସାହୁ, ରଶ୍ମି ଦଳାଇ, ବ୍ରଜକିଶୋର ସାହୁ, କୁସେନ୍ଦ୍ର ପ୍ରଧାନ, ଚିତ୍ତରଞ୍ଜନ ବାରିକ ପ୍ରମୁଖ ସହଯୋଗ କରିଥିଲେ। ଏହି ପାଠଚକ୍ରରେ ଯୁକ୍ତ ୩ର ସଂସ୍କୃତ ଏବଂ ଇଂରାଜୀ ବିଭାଗର ସମସ୍ତ ଛାତ୍ରୀମାନେ ଉପସ୍ଥିତ ଥିଲେ। ଶେଷରେ ସଂସ୍କୃତ ବିଭାଗର ଅଧ୍ୟାପିକା ଶୁଭସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

## ଶ୍ରୀମଦ୍ ଭଗବଦ୍ ଗୀତା ଜୟନ୍ତୀ




ପ୍ରୀତିପୁର,୨।୧୨(ସମିସ): ବିଞ୍ଝାରପୁର ବ୍ଲକ ଫତେପୁର ପଞ୍ଚାୟତ ନଛିପୁରଠାରେ ଥିବା ନୀଳାଦ୍ରି ବିହାରରେ ଶ୍ରୀମଦ୍ ଭଗବଦ୍ ଗୀତା ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ପରିଚାଳନା ସମିତିର ସଭାପତି ରତନଲାଲ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହର ମୁଖ୍ୟଅତିଥି ଭାବରେ କଟକସ୍ଥିତ ଚିନ୍ମୟ ମିଶନର ଆଚାର୍ଯ୍ୟ ଓଁକାରାନନ୍ଦ ସରସ୍ୱତୀ ଅତିଥି ଭାବେ ଯୋଗଦେଇଥବଲେ। ସମ୍ମାନିତ ଅତିଥି ଭାବରେ ଔପନ୍ୟାସିକ ଜଗନ୍ନାଥ ଧଳ, ପ୍ରାଧ୍ୟାପକ ଅଜୟ ଓଝା, ସମାଜସେବୀ ପଦ୍ମାକର ଗୁରୁ, ଶିକ୍ଷାବିତ୍ ଗଦାଧର ପଢିହାରୀ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ପଣ୍ଡିତ ଗୁଣନିଧି ଦାଶଙ୍କୁ ଭକ୍ତ ନିରଞ୍ଜନ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଗୀତାଜ୍ଞାନ ପ୍ରତିଯୋଗିତା କମିଟିର ଅଧ୍ୟକ୍ଷ ସୁଧୀର କୁମାର ଆଚାର୍ଯ୍ୟ ଅତିଥି ପରିଚୟ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପୂର୍ବରୁ ହୋଇଥିବା ଗୀତାଜ୍ଞାନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀ ତନିସା ନାଥ, ଶଉଲକ୍ଷ୍ମୀ ପଣ୍ଡା, ଆଦିତ୍ୟ ସାହୁ, ଗାୟତ୍ରୀ ବାରିକ, ପୂଜାରାଣୀ ସାହୁ ଓ ରାଜଲକ୍ଷ୍ମୀ ମିଶ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଶୋକ ଆଚାର୍ଯ୍ୟ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗଗନ ବିହାରୀ ଆଚାର୍ଯ୍ୟ, ରମାକାନ୍ତ ନାୟକ, ଅମ୍ବରୀଶ ଆଚାର୍ଯ୍ୟ, ଦେବାଶିଷ ଆଚାର୍ଯ୍ୟ, ତ୍ରିଲୋଚନ ପତି, ସୁରେଶ ଚନ୍ଦ୍ର ବାରିକ, ବନମାଳି ପତି, ଇଂ. ବିଜୟ କୁମାର ସେନାପତି, ଭକ୍ତହରି ବିଶ୍ୱାଳ, ବ୍ରଜକିଶୋର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୁବ ରେଡ୍‌କ୍ରସ୍ ସଂଯୋଜକ ସମ୍ମାନିତ



ପ୍ରୀତିପୁର,୨।୧୨(ସମିସ): ବରୁଣେଶ୍ୱର ମହାବିଦ୍ୟାଳୟରେ ଆୟୋଜିତ ହୋଇଥିବା ଜିଲ୍ଲାସ୍ତରୀୟ ଯୁବ ରେଡ୍‌କ୍ରସ ସ୍ୱେଚ୍ଛାସେବୀ କର୍ମଶାଳାରେ ଲଛମନ ବାଲାଜୀଉ ସ୍ନାତକ ମହାବିଦ୍ୟାଳୟର ସଂଯୋଜକ ସୁଶାନ୍ତ କୁମାର ସାହୁଙ୍କୁ ଶ୍ରେଷ୍ଠ (ପୁରୁଷ) ସଂଯୋଜକ ହିସାବରେ ସମ୍ମାନିତ କରାଯାଇଛି। ଏହା ସହିତ ଶ୍ରୀ ସାହୁଙ୍କୁ ମାନପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଛି। ଏଥିପାଇଁ ଶ୍ରୀଯୁକ୍ତ ସାହୁ ବରୁଣେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷା, ରାଜା ସାର, ବଟକୃଷ୍ଣ ସାର, ଦାଶରଥି ସାର, ଦେବୀ ସାର ଏବଂ ନିଜ ମହାବିଦ୍ୟାଳୟର ଅଧ୍ୟକ୍ଷ ଜୟଦେବ ଥାଟୋଇଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଅବସରକାଳୀନ ସମ୍ବର୍ଦ୍ଧନା

ବିଞ୍ଝାରପୁର,୨।୧୨(ସମିସ): ବିଞ୍ଝାରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟର କର୍ମଚାରୀ ରବିନାରାୟଣ ବଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଡିଓ ହିତାଂଶୁ ଶେଖର ସାମଲ, ସମାଜସେବୀ କୈଳାସ ସେଠୀ, ଏବିଡିଓ ସତ୍ୟଭୂଷଣ ବିଶ୍ୱାଳ, ସହକାରୀ ଯନ୍ତ୍ରୀ ଅନନ୍ତ ଚରଣ ସେଠୀ, ମୁଖ୍ୟକିରାଣି ପ୍ରଶାନ୍ତ କୁମାର ନାୟକ, କନିଷ୍ଠ ଯନ୍ତ୍ରୀ ଅନୀଲ ସାମଲ, ସୁବୋଧ ସାମଲ, ସୁବାସ ନାୟକ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ବଳଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ଭାଗବତ ଗୀତା ପ୍ରଦାନ କରାଯାଇ ସେବା ନିବୃତ୍ତ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

ବିଭିନ୍ନ ସ୍ଥାନରେ ଏଡ୍‌ସ ଦିବସ

# 'ସଚେତନତା ଓ ସତର୍କତା ହିଁ ଏଡ୍‌ସରୁ ମୁକ୍ତି ଦେଇଥାଏ'











ଦାନଗଦି,୨।୧୨(ସମିସ):

ଦାନଗଦି ବ୍ଲକ ଟୋଲକାନୀ ସ୍ଥିତ ଝାଡେଶ୍ୱର ଜୁନିୟର କଲେଜରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦିଲ୍ଲୀ ସଚିବାଳୟର ସହରୀ ବିକାଶ ବିଭାଗର ନିର୍ଦ୍ଦେଶକ ତଥା ସ୍ୱାସ୍ଥ୍ୟ ବିଭାଗର ପ୍ରାକ୍ତନ ଯୁଗ୍ମ ସଚିବ ପ୍ରେମାନନ୍ଦ ପୃଷ୍ଟି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଗୋବର୍ଦ୍ଧନପୁର ମେଡିକାଲର ମେଡିକାଲ ଅଫିସର ଡା. ସଂଜୀବ କୁମାର ବେହେରା ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଡ. କ୍ଷୀରୋଦ ଚନ୍ଦ୍ର ବେହେରା, ଅଧ୍ୟାପିକା ମୀରାମ୍ବିକା ସାହୁ, ଅଧ୍ୟାପକ ଖଗେଶ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଯୁବ ରେଡ୍‌କ୍ରସ କାଉନସେଲର ଅଧ୍ୟାପକ ଗୋବର୍ଦ୍ଧନ ସାହୁ ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଖଗେଶ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଇତିଶ୍ରୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

■ **ବରୀ:** ଯାଜପୁର ଜିଲ୍ଲା ବରୀ ବ୍ଲକ୍ ଅନ୍ତର୍ଗତ ଅଭିମନ୍ୟୁ ସାମନ୍ତସିଂହାର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ନିରୋଦ କୁମାର ଜେନା ଆନୁଷ୍ଠାନିକ ଭାବରେ ଅଭିଭାଷଣ ରଖିଥିଲେ। ଏଥିରେ ଅନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ତଥା ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଗଣ ଅଂଶଗ୍ରହଣ କରିଥିଲେ। ମୁଖ୍ୟବକ୍ତା ଭାବରେ ପ୍ରାଣୀବିଜ୍ଞାନ ବିଭାଗର ଅଧ୍ୟାପକ ବିକାଶ ଚନ୍ଦ୍ର ସାହୁ ଯୋଗଦେଇ ଏଡ୍‌ସ୍‌ର କାରଣ, ନିରାକରଣ ଉପରେ ପିଲାମାନଙ୍କୁ ସଚେତନ କରାଇଥିଲେ। ଅଧ୍ୟାପକ ଶୁଭ୍ରାଂଶୁ ଶେଖରଷଡ଼ଙ୍ଗୀ, ଅଧ୍ୟାପିକା ସରୋଜିନୀ ପୃଷ୍ଟି, ଅଧ୍ୟାପିକା ଶୃତି ପଟ୍ଟନାୟକ, ଅଧ୍ୟାପିକା ଇତିଶ୍ରୀ ଦାସ ଓ କର୍ମଚାରୀ ସୁକାନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳତାରେ ସହଯୋଗ କରିଥିଲେ। ଜାତୀୟ ସେବା ଯୋଜନାର ଅଧିକାରୀ ଅଧ୍ୟାପକ ପ୍ରଦୀପ କୁମାର ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମାଜ ବିଜ୍ଞାନର ଅଧ୍ୟାପିକା ମନ୍ଦାକିନୀ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

■ **କୋରେଇ:** କୋରେଇ ସ୍ଥିତ କାହ୍ନୁଚରଣ ଜୁନିଅର କଲେଜରେ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସ୍ମୃତିରଞ୍ଜନ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସ୍ୱାଲେହାନାଜ୍ ଅକତାରୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବିରଞ୍ଚି ନାରାୟଣ ଦାସ ଯୋଗଦେଇଥିଲେ। ଯୁବ ରେଡ୍‌କ୍ରସ ୟୁନିଟର ସଂଯୋଜକ ଅଧ୍ୟାପକ କୈଳାସ ଚନ୍ଦ୍ର ରାଉତ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଅଧ୍ୟାପକ ମାୟାଧର ଜେନା ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କ ଦ୍ୱାରା ଏକ ଶୋଭାଯାତ୍ରା ସ୍ଥାନୀୟ ବଟିରା ବଜାର ଏବଂ ଗ୍ରାମ ପରିକ୍ରମା କରିଥିଲା।

■ **ଧର୍ମଶାଳା:** ଧର୍ମଶାଳା ବ୍ଲକ କୋଟପୁରସ୍ଥିତ ବଜ୍ରଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଜି ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଭାସ ଚନ୍ଦ୍ର ଚୋଲ୍ ସଭାପତିତ୍ୱରେ ଏଡସ ସଚେତନତା ସୃଷ୍ଟି ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ୱାଇଆର୍‌ସି କାଉନସେଲର ସନ୍ତୋଷ କୁମାର ଦାଶ ଯୋଗଦେଇଥିଲେ। ଅର୍ଥନୀତି ବିଭାଗ ମୁଖ୍ୟପ୍ରଶାନ୍ତ କୁମାର ପାତ୍ର ଛାତ୍ରଛାତ୍ରୀ ଙ୍କୁ ସଞ୍ଜମ ରକ୍ଷା କରି ନିଜ ପାଠରେ ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ। ସନ୍ତୋଷ କୁମାର ଦାଶ ଓ ଏନଏସ୍‌ଏସ ପ୍ରୋଗ୍ରାମ କୋର୍ଡିନେଟର ଲକ୍ଷ୍ମୀଧର ନାୟକ ଗ୍ରାମ ପରିକ୍ରମା କରି ସଚେତନତା ବାର୍ତ୍ତା ଦେଇଥିଲେ।

■ **ପ୍ରୀତିପୁର:** ବିଞ୍ଝାରପୁର ଥାନା ତଥା ବରୀ ବ୍ଲକର ଅଙ୍ଗାଲୋ ଅନ୍ତର୍ଗତ ଲଛମନ ବାଲାଜୀଉ ସ୍ନାତକ ମହାବିଦ୍ୟାଳୟ ତରଫରୁ ଯୁବ ରେଡକ୍ରସ ଏବଂ ରେଡ୍ ରିବନ କ୍ଲବ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହାକୁ ଆନୁଷ୍ଠାନିକ ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଜୟଦେବ ଥାଟୋଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଭରତ ଚନ୍ଦ୍ର ବେହେରା, ଦିଲ୍ଲୀପ କୁମାର ରାଉତ, ମଦନ ମୋହନ ପରିଡା, ମୋନାଲିସା ପରିଡା, ରମାକାନ୍ତ ବେହେରା, ସୁଶ୍ରୀ ରଥ, ସୁବ୍ରତ ଓଝା, ଅନୁପମା ସାମଲ, ପୁଷ୍ପାଞ୍ଜଳି ପରିଡ଼ା, ଅତସୀ ରାଉତରାୟ, ମାନିନୀ ବେହେର ପ୍ରମୁଖ ଯୋଗଦେଇଥିଲେ। ଛାତ୍ରଛାତ୍ରୀ ପ୍ଲାକାର୍ଡ ଧରି ଏକ ବିରାଟ ଶୋଭାଯାତ୍ରାରେ ବାହାରି ଅଙ୍ଗାଲୋ ଓ ମଧୁସୂଦନପୁର ଗ୍ରାମ ପରିକ୍ରମା କରି ସାଧାରଣ ଲୋକମାନଙ୍କୁ ଏଡ୍‌ସ ଏବଂ ଏହାର ନିରାକରଣ ଉପରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଏହା ସହିତ ପିଲାମାନଙ୍କ ମଧ୍ୟରେ ଏଡ୍‌ସ ଏବଂ ଏହାର ନିରାକରଣ ଉପରେ ଏକ ତର୍କ ପ୍ରତିଯୋଗିତା ହୋଇଥିଲା ଏବଂ କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟିକୁ ଯୁବ ରେଡକ୍ରସର ସଂଯୋଜକ ସୁଶାନ୍ତ କୁମାର ସାହୁ ପରିଚାଳନା କରିଥିଲେ।

■ **କବାଟବନ୍ଧ:** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ମୁକୁନ୍ଦପାତ୍ର ଡିଗ୍ରୀ ମହାବିଦ୍ୟାଳୟ ବଳରାମପୁର ପକ୍ଷରୁ ଏଡ୍‌ସ ଦିବସ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯାଜପୁରର ରେଡକ୍ରସ ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାକୁ ମହାବିଦ୍ୟାଳୟର ଅଧ୍ୟକ୍ଷା କବିତା ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ସୋମବାର ସକାଳୁ ମହାବିଦ୍ୟାଳୟ ପରିସରରୁ ଏହି ଶୋଭାଯାତ୍ରା ବାହାରି ୫୩ ନମ୍ବର ଜାତୀୟ ରାଜପଥର କନ୍ତପଡ଼ା ଛକ ପର୍ଯ୍ୟନ୍ତ ଯାଇଥିଲା। ପ୍ରାଣୀବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ଶୁଭ୍ରାଂଶୁ ଶେଖର ପଣ୍ଡା ଓ ଅଧ୍ୟାପକ ସତ୍ୟବ୍ରତ ସାହୁ ଲୋକମାନଙ୍କୁ ସଚେତନ କରାଇଥିଲେ। ଅଧ୍ୟକ୍ଷା କବିତା ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲା ରେଡକ୍ରସର ସଂଯୋଜକ ତଥା ଏସ୍‌ଜି କଲେଜର ପ୍ରାଣୀବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଦେବୀ ପ୍ରସାଦ ସାହୁ ଯୋଗ ଦେଇଥିଲେ। ସେହିପରି ଅନ୍ୟତମ ଅତିଥି ତଥା ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ଶ୍ରୀକାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସୁଦାମ ଚରଣ ଧଳ, ପ୍ରସନ୍ନ କୁମାର ସ୍ୱାଇଁ ଯୋଗ ଦେଇ ବହୁ ମୂଲ୍ୟବାନ ମତ ରଖିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ରେଡକ୍ରସ କାଉନସେଲର ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ଏଡ୍ସ ଦିବସ ଓ ସଚେତନତା କାର୍ଯ୍ୟକ୍ରମ

କୁଆମରା, ୨।୧୨(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ସାରସ୍ୱତ ଡିଗ୍ରୀ କଲେଜ ଓ ଖୁଣ୍ଟା ଡିଗ୍ରୀ କଲେଜରେ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ଖୁଣ୍ଟା କଲେଜର ଯୁବ ରେଡକ୍ରସ୍, ରେଡ ରିବନ କ୍ଲବ୍ ଓ ଜାତୀୟ ସେବା ଯୋଜନା ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏଡ୍ସ ଦିବସରେ ଅଧ୍ୟକ୍ଷ ସରୋଜ ତ୍ରିପାଠୀଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡଃ ନିର୍ମଳ ଦାସ, ମହାବିଦ୍ୟାଳୟର ଯୁବ ରେଡକ୍ରସ୍ କାଉନସିଲର ଗୋପା ସିଂହ, ଜାତୀୟ ସେବା ଯୋଜନା ଅଧିକାରୀ ଶୁଭମ ସାସମଲ, ଅଧ୍ୟାପିକା ସୁଷମା ହାଁସଦା, ଆମ ଗୌରବ ଆମ କଲେଜର ଅଧିକାରୀ ପ୍ରଦୀପ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ଛାତ୍ରଛାତ୍ରୀ କଲେଜ ପରିସରରୁ ସଚେତନତା ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିଥିଲେ। ସେହିପରି କୁଆମରା ଡିଗ୍ରୀ କଲେଜ ଅଧ୍ୟକ୍ଷ ସୁବଳ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ପ୍ରଭାତ ସେନାପତି, ଛତିଶ ଦାସ, ଯୁବ ରେଡକ୍ରସ୍ ଅଧିକାରୀ ବିଶ୍ୱନାଥ ବେହେରା, ଜାତୀୟ ସେବା ଯୋଜନା ଅଧିକାରୀ ଗୋପୀନାଥ ପଣ୍ଡା, ଅଧ୍ୟାପିକା ମିତାରାଣୀ ଦ୍ୱିବେଦୀ, ରଶ୍ମିତା ମହାରଣା ପ୍ରମୁଖ ଯୋଗ ଦେଇଥିଲେ।

**ବେତନଟୀ:** ବେତନଟୀ ମହାବିଦ୍ୟାଳୟରେ ଯୁବ ରେଡ୍କ୍ରସର ପକ୍ଷରୁ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତ ସଭାପତିତ୍ୱ କରିଥିବାବେଳେ ଅତିଥି ଭାବେ ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ କଳ୍ପଲତା ବେହେରା,




ସଂସ୍କୃତ ବିଭାଗ ପ୍ରାଧ୍ୟାପକ ପ୍ରାଣକୃଷ୍ଣ ପାଣିଗ୍ରାହୀ, ଓଡ଼ିଆ ବିଭାଗ ଅଧ୍ୟାପିକା ଭାନୁପ୍ରିୟା ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ବିଷୟ ବିଶେଷଜ୍ଞ ଭାବେ ପ୍ରାଣୀ ବିଜ୍ଞାନ ଅଧ୍ୟାପକ ଅଭିଜିତ ମହାନ୍ତି ଯୋଗ ଦେଇଥିଲେ। ଏହି ମାରାତ୍ମକ ରୋଗ ଓ ଏହାର ନିରାକରଣ ବିଧି ସମ୍ପର୍କରେ ଆଲୋଚନା କରିଥିଲେ ପ୍ରାଧ୍ୟାପକ ପ୍ରାଣକୃଷ୍ଣ ପାଣିଗ୍ରାହୀ। ତର୍କ, ଚିତ୍ରାଙ୍କନ, କୁଇଜ୍ ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୁବ ରେଡ୍କ୍ରସ କାଉନସେଲର ରାଜନ ମିଶ୍ର ଓ ମନୀଷାରାଣୀ ଅଗ୍ରୱାଲଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ଯାଇ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ।

**ଶୁଳିଆପଦା/ମୋରଡ଼ା:** ଚକଶୁଳିଆପଦାସ୍ଥ ଉତ୍କଳ ବନାନୀ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ ପକ୍ଷରୁ ଏଡ୍ସ ଦିବସ ପାଳିତ ହୋଇଯାଇଛି। ରେଡ୍କ୍ରସ କାଉନସିଲର ନାରାୟଣୀ ନାଥ ଓ ଏନ୍ଏସଏସ କାର୍ଯ୍ୟକ୍ରମ ଅଧିକାରୀ ହରମୋହନ ମହାନ୍ତଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଅଧ୍ୟକ୍ଷ ସଞ୍ଜୟ ସେନାପତି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସଚେତନତା ରାଲି ମହାବିଦ୍ୟାଳୟରୁ ବାହାରି ଚକଶୁଳିଆପଦା ଗ୍ରାମ ପରିଭ୍ରମଣ କରିଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ସ୍ଲୋଗାନ, କୁଇଜ୍ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଦୁଷ୍ମନ୍ତ ସି, ଅଧ୍ୟାପିକା ଜ୍ୟୋତିର୍ମୟୀ ପାତ୍ର, ସ୍ମୃତିପ୍ରଭା ମହାନ୍ତ, ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

**ବଡ଼ସାହି:** ମାଣତ୍ରୀସ୍ଥ ବାବା କଖାରୁଆ ବୈଦ୍ୟନାଥ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ ପକ୍ଷରୁ ଏଡ୍ସ ଦିବସ ପାଳିତ ହୋଇଯାଇଛି। ରେଡକ୍ରସ ପରାମର୍ଶଦାତା ଅଧ୍ୟାପିକା ସଂଘମିତ୍ରା ନାୟକଙ୍କ ନେତୃତ୍ୱରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସଚେତନତା ଶୋଭାଯାତ୍ରାରେ ମାଣତ୍ରୀ ବଜାର ପରିକ୍ରମା କରିଥିଲେ। ମାଣତ୍ରୀ ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡାକ୍ତର ରୋହିତ ସାହୁ ପତାକା ଦେଖାଇ ଶୋଭାଯାତ୍ରାକୁ ଉଦଘାଟନ କରିଥିଲେ। ଶୋଭାଯାତ୍ରା ପରେ ବିଦ୍ୟାଳୟରେ ଅଧ୍ୟକ୍ଷା ଅମିତା ପଣ୍ଡାଙ୍କ ସଭାପତିତ୍ୱରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା।

**କରଞ୍ଜିଆ:** କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁବ ରେଡକ୍ରସ ପକ୍ଷରୁ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଛି। ୩୦୦ରୁ ଅଧିକ ଛାତ୍ରଛାତ୍ରୀ କଲେଜରୁ ଶୋଭାଯାତ୍ରାରେ ବାହାରି କରଞ୍ଜିଆର ଏନଏସସି ଛକ ଓ ୧୫ନଂ ୱାର୍ଡ ଅଞ୍ଚଳରେ ପରିକ୍ରମା କରିଥିଲେ। ଅଧ୍ୟକ୍ଷ ମନୋଜ ସାହୁଙ୍କ ଅନୁପସ୍ଥିତିରେ ବରିଷ୍ଠ ପ୍ରାଧ୍ୟାପକ ଅବନୀକାନ୍ତ ଦାସ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସଂଯୋଜିକା ସନ୍ଧ୍ୟାରାଣୀ ନାୟକ ଓ ରଞ୍ଜିତ ସାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଚନ୍ଦଭାନୁ ମହାନ୍ତ, ଶ୍ରାବଣୀ ବଳ, ସ୍ୱର୍ଣ୍ଣମୟୀ ବେହେରା, ସୌମ୍ୟରଞ୍ଜନ ମଲ୍ଲିକ, ପିଙ୍କି ଦେହୁରୀ, ଅଭିପ୍ସା ମିଶ୍ର, ହରେକୃଷ୍ଣ ସେଠୀ, ରୋଶନ ମୁଣ୍ଡା, ସୋନାଲି ନାଏକ ସହଯୋଗ କରିଥିଲେ।

**କରଞ୍ଜିଆ:** ଭାରପ୍ରାପ୍ତ ଅଧ୍ୟକ୍ଷ ସଞ୍ଜିତ କରଙ୍କ ସଭାପତିତ୍ୱରେ ରେଡ୍ ରିବନ କ୍ଲବ ଓ ଯୁବ ରେଡକ୍ରସ ସହଯୋଗରେ ଯୁବ ରେଡକ୍ରସ ପରାମର୍ଶଦାତା




ଶୁଭଦର୍ଶିନୀ ଶ୍ୱେତପଦ୍ମାଙ୍କ ନେତୃତ୍ୱରେ ସଚେତନତା ଶୋଭାଯାତ୍ରା ଉଚ୍ଚମାଧ୍ୟମିକ ବିଦ୍ୟାଳୟରୁ ବାହାରି ଟେଣ୍ଟୋପୋଷି, ଚତୁରିସାହି, ନୂଆସାହିରେ ଲୋକଙ୍କୁ ସଚେତନ କରାଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ପ୍ରିୟରଞ୍ଜନ ତନ୍ତୀ, ଖେଳ ପ୍ରଶିକ୍ଷିକା ସେହନାଜ ବେଗମ, ରାଜନୀତି ବିଜ୍ଞାନ ଅଧ୍ୟାପିକା ରୀମା ସେଠୀ, ଓଡ଼ିଆ ଅଧ୍ୟାପକ ଜୟ ସାହା, ଇତିହାସ ଅଧ୍ୟାପିକା ଯଶୋମତି ମହାନ୍ତ, ପିଜିଟି ଓଡ଼ିଆ ତନିସା ନାଏକ, ପିଜିଟି ସଂସ୍କୃତ ଦେବଯାନୀ ନାଏକ, ପିଜିଟି ଗୃହ ବିଜ୍ଞାନ ସ୍ମୃତିମୟୀ ସ୍ୱାଇଁ, ପିଜିଟି ଇତିହାସ ଯମୁନା ହେମ୍ବ୍ରମ ପ୍ରମୁଖ ଯୋଗ ଦେଇଥିଲେ।

**ରାଇରଙ୍ଗପୁର/ବିଜାତଳା:** ବିଜାତଳା ବ୍ଲକ ଅନ୍ତର୍ଗତ ଲୁହାଶିଳାସ୍ଥିତ ଆର୍କେ କନିଷ୍ଠ ମହାବିଦ୍ୟାଳୟରେ ଯୁବ ରେଡ୍କ୍ରସ ଓ ରେଡ୍ ରିବନ ପକ୍ଷରୁ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଛି। କଲେଜ ପରିସରରେ ଅଧ୍ୟକ୍ଷ କବି ସଂଗ୍ରାମ ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଲୁହାଶିଳା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଡା. ପଙ୍କଜ କୁମାର ଗିରି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ଅଜୟ କୁମାର ଗିରି, ରେଡ୍କ୍ରସ ପରାମର୍ଶଦାତା ସଞ୍ଜୀବ କୁମାର ଗିରି, ଅଧ୍ୟାପକ ଶଶିକାନ୍ତ ନନ୍ଦ, ଅନୀଲ କୁମାର ଗିରି, ରୂପ ନାରାୟଣ ମାଝୀ, ରମାକାନ୍ତ ପାତ୍ର, ଯୋଗେଶ୍ୱର ତୁଂ, ସୁଦୀପ ସରକାର, ମାୟାଧର ସିଂ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଏଡ୍ସ ସଚେତନତା ନେଇ ଅଭିଭାଷଣ ଦେଇଥିଲେ। ଏନେଇ ଆୟୋଜିତ ବକ୍ତୃତା, କୁଇଜ୍, ଚିତ୍ରାଙ୍କନ, ସ୍ଲୋଗାନ ଆଦି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି।

**ବାରିପଦା:** ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁବ ରେଡ୍କ୍ରସ ପକ୍ଷରୁ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଉଦ୍ଘାଟନ କରିଥିଲେ। ଏହି ଅବସରରେ କଲେଜ ପ୍ରାଙ୍ଗଣରୁ ସଚେତନତା ପଦଯାତ୍ରା କରାଯାଇଥିଲା। କାଉନ୍ସିଲର ଡ. ହରପ୍ରସାଦ ମହାପାତ୍ର, ସୁପ୍ରିମ୍ ମଣ୍ଡଳ, ଦୀପିକା ରଣା, ଡ. ଅନାମ ରାଉଳ ଓ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଉପସ୍ଥିତ ଥିଲେ।

**ବାରିପଦା/ଶ୍ୟାମାଖୁଣ୍ଟା:** ବିଶ୍ୱ ଏଡ୍ସ ଦିବସ ଅବସରରେ 'ମୟୂରଭଞ୍ଜ ଆକ୍ସନ ଆଣ୍ଡ ରିସର୍ଚ୍ଚ ଗ୍ରୁପ୍ (ମାର୍ଗ) ଏବଂ କେନ୍ଦୁଆସ୍ଥିତ ଚୈତନ୍ୟ ପ୍ରସାଦ ଉଚ୍ଚ ମାଧ୍ୟମିକ ସ୍କୁଲର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏକ ବିଶାଳ ଏଡ୍ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ଏଡ୍ସ ରୋଗର କାରଣ, ଲକ୍ଷଣ ଓ ନିରାକରଣ ସମ୍ପର୍କରେ ସଚେତନ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଜ୍ଞାନେନ୍ଦ୍ର ନାଥ ଦତ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଶ୍ୟାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ସଂଯୋଜକ ଡ. ସଂଘମିତ୍ରା ପଟ୍ଟନାୟକ, ଶ୍ୟାମାଖୁଣ୍ଟା ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଜୟ କୁମାର ବେହୁରୀ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଶାନ୍ତନୁ ଦାସ ଏବଂ ବରିଷ୍ଠ ସାମ୍ବାଦିକ ଦୀପକ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ୫ ଦିବ୍ୟାଙ୍ଗ ପିଲାଙ୍କୁ ସହାୟତା ଦାବି



ଖୁଣ୍ଟା, ୨।୧୨(ସମିସ): ଖୁଣ୍ଟା ବ୍ଲକ ଅନ୍ତର୍ଗତ ଡେଙ୍ଗାମ ପଞ୍ଚାୟତ (ବିପ୍ରଚରଣ) ଲୁକୁଇଦା ଗ୍ରାମର ୫ ଜଣ ଦିବ୍ୟାଙ୍ଗ ପିଲାଙ୍କୁ ସରକାରୀ ସହାୟତା ନ ଥିବାରୁ ଦୁର୍ବିସହ ଜୀବନ ଅତିବାହିତ କରୁଛନ୍ତି। ଏ ନେଇ ଖବର ପ୍ରସାରଣ ପରେ ବିଜେପି ରାଜ୍ୟ ସମ୍ପାଦକ ରାମଚନ୍ଦ୍ର ହାଁସଦାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସେମାନଙ୍କୁ ଭେଟିଛନ୍ତି। ଲିଟା ମୁର୍ମୁଙ୍କ ୫ ଜଣ ପିଲା ଦିବ୍ୟାଙ୍ଗ ଅଟନ୍ତି। ଜନ୍ମର ୩ରୁ ୪ ବର୍ଷ ପରେ ମାନସିକ ବିକାରଗ୍ରସ୍ତ ରହିଛନ୍ତି। ଚିକିତ୍ସା ପାଇଁ ଡାକ୍ତର ପାଖରେ ଦେଖାଇଛନ୍ତି, କିନ୍ତୁ ଡାକ୍ତର ମସ୍ତିଷ୍କ ଅପରେସନ ପାଇଁ କହିଛନ୍ତି। ଅର୍ଥ ଅଭାବରୁ ଚିକିତ୍ସା ହୋଇ ନ ପାରି ପରିବାର ଅସୁବିଧାରେ ରହିଛନ୍ତି। ବୃଦ୍ଧ ବାପାମା ବି କାମ କରି ପରିବାର ପ୍ରତିପୋଷଣ କରିବା ଅସମ୍ଭବ ହେଉଛି। ତେଣୁ ସରକାର ସହାୟତା ତୁରନ୍ତ ଯୋଗାଇବାକୁ ପ୍ରତିନିଧି ଦଳ ଭେଟିଛନ୍ତି। ୫ ଜଣ ଦିବ୍ୟାଙ୍ଗ ପିଲାଙ୍କ ଆଧାର କାର୍ଡ ନ ଥିବାରୁ ସରକାରୀ ସହାୟତା ମିଳୁନାହିଁ। ତାହାକୁ ତୁରନ୍ତ କରିବା ପାଇଁ ଖୁଣ୍ଟା ବିଡିଓଙ୍କ ସହ ଶ୍ରୀ ହାଁସଦା ଆଲୋଚନା କରିଛନ୍ତି। ଏଥିସହିତ ଦିବ୍ୟାଙ୍ଗ ପ୍ରମାଣ ପତ୍ର, ଆବାସ ଗୃହ, ଭତ୍ତା, ବିଦ୍ୟୁତ ବ୍ୟବସ୍ଥା ଆଦି କରିବାକୁ ମଧ୍ୟ ଆଲୋଚନା କରିଛନ୍ତି। ବିଡିଓ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ପ୍ରତିନିଧି ଦଳରେ ଶ୍ରୀ ହାଁସଦା ସମେତ ଖୁଣ୍ଟା ମଣ୍ଡଳ ସଭାପତି ଚାକୁଆମ ସୋରେନ, ଯୁବ ମୋର୍ଚ୍ଚା ମଣ୍ଡଳ ସଭାପତି ଶୁଭମ ପାତ୍ର, ସୁଶାନ୍ତ ମଣ୍ଡଳ, ପାରାଓ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ରକ୍ତଦାନ ଶିବିର; ୨୨ ୟୁନିଟ୍ ସଂଗୃହୀତ

ବାରିପଦା, ୨।୧୨(ସମିସ): ସାମ୍ବାଦିକ ହିମାଂଶୁ ଶେଖର ପ୍ରହରାଜଙ୍କ ପୁଅ ସୁନନ୍ଦନ ପ୍ରହରାଜଙ୍କ ଜନ୍ମଦିନକୁ ପାରମ୍ପାରିକ ରୀତିରେ ପାଳନ ନ କରି ନାରାୟଣ ସେବା ଟ୍ରଷ୍ଟ ସହଯୋଗରେ ଓଡ଼ିଶା ରକ୍ତ କେନ୍ଦ୍ର ବାରିପଦା ପରିସରରେ ରକ୍ତଦାନ ଶିବିରର ଆୟୋଜନ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ ଗୋଚ୍ଛାୟତ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଏହି ଶିବିରରେ ୨୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସମାଜସେବୀ ତଥା ରକ୍ତଦାତା ଡ ନିରୋଜ ପୋଥାଳ, ସୋମନାଥ ସିଂହ, ପ୍ରତାପେଶ୍ୱର ଦାଶ, ଜୟ ପ୍ରକାଶ ମହାନ୍ତ, ସୁମିତା ଚୌବେ, ଭାସ୍ୱତୀ ପଣ୍ଡା, ରାଜଲକ୍ଷ୍ମୀ ମିଶ୍ର, ଡଃ ଅସୀମ ଚକ୍ରବର୍ତ୍ତୀ, ଗୌରଦାସ ଗିରି, ଅଜିତ ଦାସ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏ ଅବସରରେ ନାରାୟଣ ସେବା ଟ୍ରଷ୍ଟ ପକ୍ଷରୁ ଶ୍ରୀ ପ୍ରହରାଜଙ୍କ ସମେତ ୨୦ ଜଣ ରକ୍ତଦାତା ଓ ସମାଜସେବୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଉତ୍କଳ ବନାନୀ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଶୁଳିଆପଦା, ୨।୧୨(ସମିସ): ଚକଶୁଳିଆପଦାସ୍ଥ ଉତ୍କଳ ବନାନୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶୋଭାକର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦାୟୀ କର୍ମଚାରୀ ସଚିନ ସାଓଙ୍କ ଦୀର୍ଘ ୩୬ ବର୍ଷର ଅନୁଭୂତିକୁ ସମସ୍ତଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସୋମନାଥ ସେନାପତି, ଶାନ୍ତନୁ ସି, ଅଧ୍ୟାପିକା ବବିତା ସିଂ, ଅର୍ଚ୍ଚନା ଦାସ, କରୁଣାମୟୀ ପୃଷ୍ଟି, ପୂର୍ଣ୍ଣିମା ସିଂ, ସୁପ୍ରୀତି ପଣ୍ଡା, ରଶ୍ମିରେଖା ଧୀର, ମୁକ୍ତି ମରିୟାନା ମାଝୀ ପ୍ରମୁଖ ଯୋଗଦେଇ କର୍ମଚାରୀଙ୍କ ପ୍ରଶଂସା କରିଥିଲେ। କମଳଲୋଚନ ସେନାପତି, ଲକ୍ଷ୍ମଣ ହାସଦା, ଧରଣୀ ସେଠୀ, ସାଧୁ ଜେନା ଶ୍ରୀ ସାଓଙ୍କ ଭବିଷ୍ୟତ ଜୀବନ ସୁଖମୟ ପ୍ରାର୍ଥନା କରିଥିଲେ।

## ଓଡ଼ିଶା କୃଷକ ସଭାର ଦାବିପତ୍ର ପ୍ରଦାନ

ରାସଗୋବିନ୍ଦପୁର, ୨।୧୨(ସମିସ): ସୋମବାର ରାସଗୋବିନ୍ଦପୁର ବ୍ଲକ ଓଡ଼ିଶା କୃଷକ ସଭା କମିଟି ଓ ଅମରଦା ଲ୍ୟାମ୍ପସ ଅଧୀନସ୍ଥ ଚାଷୀ ୬ ଦଫା ଦାବି ନେଇ ଉପନବନ୍ଧକ ସମବାୟ ସମିତି ସମୂହଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ରାସଗୋବିନ୍ଦପୁର ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ରଞ୍ଜନ ସାହୁଙ୍କ ଜରିଆରେ ପ୍ରେରଣ କରିଛନ୍ତି। ଧାନମଣ୍ଡି ଅହେତୁକ ବିଳମ୍ବ ନ କରି ଧାନ ଅମଳ ସମୟରେ ଖୋଲିବା, ଚାଷୀଙ୍କ ସୁରକ୍ଷା ପାଇଁ ଅମରଦା ଲ୍ୟାମ୍ପସରେ ଗୋଦାମ ଗୃହ ନିର୍ମାଣ, ରବିଋତୁରେ ଅମଳ ଧାନ କ୍ରୟ କରିବା ସହ କଟନି ଛଟନି ବନ୍ଦ କରିବା, ଅମରଦା ଲ୍ୟାମ୍ପସ ପାଇଁ ଧାର୍ଯ୍ୟ ହୋଇଥିବା ଧାନ କ୍ରୟ ପରିମାଣକୁ ବୃଦ୍ଧି କରିବା, ପ୍ରତି ପଞ୍ଚାୟତରେ ଧାନ ମଣ୍ଡି ଖୋଲିବା, ପ୍ରତି ଧାନ କ୍ରୟ କେନ୍ଦ୍ରରେ ବିଶ୍ରାମ ସ୍ଥାନ, ପାନୀୟଜଳ ଓ ଶୌଚାଳୟ ବ୍ୟବସ୍ଥା କରାଇବା ଆଦି ୬ ଦଫା ଦାବିକୁ ନେଇ ଓଡ଼ିଶା କୃଷକ ସଭା କମିଟି ସଭାପତି ପ୍ରଶାନ୍ତ ପରିଡ଼ା, ଲକ୍ଷ୍ମୀନାରାୟଣ ପରିଡ଼ା, ଗଦାଧର ସାହୁ, ବଂଶୀଧର ମଣ୍ଡଳ, ଜୟରାମ ମଣ୍ଡଳ ଓ ଅମରଦା ଲ୍ୟାମ୍ପସ ଅଧୀନସ୍ଥ ଚାଷୀ ରାସଗୋବିନ୍ଦପୁର ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକକୁ ପ୍ରଦାନ କରିଥିଲେ।

## ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନର ବାର୍ଷିକ ଉତ୍ସବ

ରାଇରଙ୍ଗପୁର, ୨।୧୨(ସମିସ): ସ୍ଥାନୀୟ ବ୍ଲକ ପଡ଼ିଆରେ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ପକ୍ଷରୁ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଯୋଗଦେଇ ଉଦଘାଟନ କରିଥିଲେ। ଉକ୍ତ ବାର୍ଷିକ ଉତ୍ସବ ଧୂମଧାମରେ ଅନୁଷ୍ଠିତ ହୋଇଥିବାବେଳେ ହଜାର ହଜାର ଆଦିବାସୀ ଛାତ୍ରଛାତ୍ରୀଙ୍କ ସହ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ସମସ୍ତଙ୍କୁ ଆଦିବାସୀ ପରମ୍ପରାରେ ସ୍ୱାଗତ କରାଯାଇଥିଲା। ଶେଷରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆଦିବାସୀଙ୍କ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା।

## ଅଭିନେତା ସ୍ୱପ୍ନ ଦେଖୁଛନ୍ତି ଶିଶୁ କଳାକାର ଆୟୁଷ



ବାରିପଦା, ୨।୧୨(ସମିସ): ଓଡ଼ିଶା ସରକାରଙ୍କ ଭାଷା ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ନାଟ୍ୟ ସଙ୍ଘର ମିଳିତ ଆନୁକୂଲ୍ୟ ଓ ବାରିପଦା କଳାକାର ପରିବାର ସହଯୋଗରେ ବାରିପଦାରେ ୧୫ଦିନିଆ ନାଟ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଓ ଅଭିନେତା ଧୀର ବସାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାରେ ତାଲିମ ନେଇଥିବା ୨୦ ଜଣ ଯୁବକ/ଯୁବତୀଙ୍କୁ ନେଇ ନାଟକ ସହିଦ ଭବନରେ ମଞ୍ଚସ୍ଥ ହୋଇଥିଲା। ତେବେ ଏହି କର୍ମଶାଳାରେ ସର୍ବକନିଷ୍ଠ ଶିକ୍ଷା ନବିଶ ଆୟୁଷ କୁମାର ଗିରି ଜୀବନରେ ପ୍ରଥମଥର ଅଭିନୟ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରବର୍ତ୍ତୀ ସମୟରେ ଆଦର୍ଶ ଦୁର୍ଗାବତୀ ରାଷ୍ଟ୍ରଭାଷା ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏକକ ଅଭିନୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ହାତରେ ପୁରସ୍କୃତ ହୋଇଥିଲେ। ଆୟୁଷ ସର୍ବପ୍ରଥମେ ନାଟ୍ୟ କର୍ମଶାଳାରେ ହିଁ ନାଟକ ଦେଖିଲେ ଓ ନାଟକ ପ୍ରତି ଆଗ୍ରହୀ ହେଲେ। ଏହି ପୁରସ୍କାର ପାଇବା ପରେ ସେ ଜଣେ ଅଭିନେତା ହେବାର ସ୍ୱପ୍ନ ଦେଖୁଛନ୍ତି। ଅଭିରାମ ଗିରି ଓ ମିନିସ୍ମିତା ଗିରିଙ୍କ ପୁତ୍ର ବର୍ତ୍ତମାନ ବାରିପଦାସ୍ଥ ଦେଉଳସାହି ପ୍ରାଥମିକ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢ଼ୁଛନ୍ତି। ତାଙ୍କ ଅଭିନୟ ଦେଖି ନାଟ୍ୟ କର୍ମଶାଳାର ନିର୍ଦ୍ଦେଶକ ନବୀନ ପରିଡ଼ା, ସଂଯୋଜକ ଧୀର ବସା, କର୍ମକର୍ତ୍ତା ଜ୍ଞାନରଞ୍ଜନ ପଣ୍ଡା, ସନ୍ତୋଷ ମହାନ୍ତି, ପ୍ରସନ୍ନ ମହାନ୍ତି, ସୋମନାଥ ସିଂହ ପ୍ରମୁଖ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

## ଭେଙ୍କଟେଶ୍ୱର ବିଦ୍ୟାଳୟ ଆଥଲେଟିକ ମିଟ୍ ଉଦ୍ଯାପିତ

ବାରିପଦା, ୨।୧୨(ସମିସ): ସ୍ଥାନୀୟ ଅମ୍ବିକା ମନ୍ଦିର ନିକଟସ୍ଥ ଭେଙ୍କଟେଶ୍ୱର ବିଦ୍ୟାଳୟର ଆଥଲେଟିକ ମିଟ୍ ବାରିପଦା ଷ୍ଟାଡ଼ିୟମରେ ଉଦଯାପିତ ହେଇଯାଇଛି। ଉଦଯାପନୀ ଉତ୍ସବରେ ବିଭିନ୍ନ ଶ୍ରେଣୀର ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ମାର୍ଚ୍ଚପାଷ୍ଟ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସେନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ମିଟ୍ର ଉଦଯାପନୀ ଉତ୍ସବରେ ମ୍ୟାନେଜମେଣ୍ଟ କମିଟି ମୁଖ୍ୟ ସ୍ୱରୂପ ଦାସଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଆଥ୍ଲେଟିକ ଆସସିଏସନର ସାଧାରଣ ସମ୍ପାଦକ ବିଜୟ ଦାସ, ମ୍ୟାନେଜମେଣ୍ଟ ସଦସ୍ୟ ସୌମେନ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମ୍ୟାନେଜମେଣ୍ଟ ସଦସ୍ୟ ଅମିତ ବେହେରା, ଦୀପାୟନ ସେନ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ପ୍ରତିଷ୍ଠାତା ସ୍ୱରୂପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସତ୍ୟସାଇ ବିଦ୍ୟାଳୟର ବିଜ୍ଞାନ ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ



ବୈଶିଙ୍ଗା, ୨।୧୨(ସମିସ):ସତ୍ୟସାଇ ଉଚ୍ଚବିଦ୍ୟାଳୟ ଅଷ୍ଟମ ଶ୍ରେଣୀ ଛାତ୍ରୀ ରାଜଶ୍ରୀ ପଣ୍ଡିତଙ୍କ ପ୍ରସ୍ତୁତ ବିଜ୍ଞାନ ପ୍ରକଳ୍ପ 'କଦଳୀ ପାଟୁକାରୁ ସାନିଟାରୀ ପ୍ୟାଡ୍' ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ପାଇଁ ମନୋନୀତ ହୋଇଛି। ଏହି ପ୍ରକଳ୍ପ ନିର୍ମାଣରେ ବିଜ୍ଞାନ ଶିକ୍ଷୟିତ୍ରୀ ତୃଷ୍ଣା ଦାଶ ମାର୍ଗଦର୍ଶନ କରିଥିବାବେଳେ ଶୁଭସ୍ମିତା ସାମନ୍ତରାୟ, ରାଧୁ ସିଂ ଓ ସୌଭଦ୍ର ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହି ସଫଳତା ପାଇଁ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର ଛାତ୍ରୀ ରାଜଶ୍ରୀ ପଣ୍ଡିତ ଓ ତାଙ୍କ ଗାଇଡ୍ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁକୁନ୍ଦ ସେନାପତି, ଜ୍ୟୋସ୍ନାରାଣୀ ଜେନା, ବିଜୟ ସେଠୀ, ସ୍ନିଗ୍ଧା ଲେଙ୍କା, ଶୁଭଲକ୍ଷ୍ମୀ ମାଝୀ, କୃଷ୍ଣପ୍ରିୟା ରାଉତ ଓ କାମିନୀକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସର୍ପାଘାତଜନିତ ମୃତ୍ୟୁ ରୋକିବାକୁ ସଚେତନତା ଶିବିର

ବାରିପଦା, ୨।୧୨(ସମିସ): ଭଞ୍ଜପୁରସ୍ଥ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ସର୍ପାଘାତଜନିତ ମୃତ୍ୟୁ ରୋକିବାକୁ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ଡ. ପ୍ରବୋଧ ଦେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ଜଗବନ୍ଧୁ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସର୍ପାଘାତଜନିତ ମୃତ୍ୟୁ ଓ ତତ୍ଜନିତ ବିଭିନ୍ନ ସମସ୍ୟାକୁ ସମ୍ମୁଖୀନ ହେବା ନେଇ ଅବଗତ କରିଥିଲେ। ଯୁବ ରେଡକ୍ରସ ଅଧିକାରୀ ସଞ୍ଜୀବ କୁମାର ଓ ଜାତୀୟ ସେବା ଯୋଜନା ଅଧିକାରୀ ସରୋଜ ବେହେରା ସଭା ପରିଚାଳନା କରିଥିବାବେଳେ ଜ୍ୟୋସ୍ନାରାଣୀ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର
## ୧୧ଟି ଅଭିଯୋଗର ତତ୍କାଳ ସମାଧାନ

ବାରିପଦା, ୨।୧୨(ସମିସ): ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସୋମବାର ମୟୂରଭଞ୍ଜ ଜିଲ୍ଲା ସଦର ମହକୁମାରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଯାଇଛି। ଉକ୍ତ ଜନଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ, ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ ୨୨୭ଟି ଅଭିଯୋଗର ଶୁଣାଣି କରିଥିଲେ। ଏଥିରୁ ୧୧ଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ। ଉକ୍ତ ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡ ଓ ୧୦ଟି ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଶୁଣାଣିରେ ବାରିପଦା ଉପଖଣ୍ଡର ୨୨୭ଟି ଅଭିଯୋଗପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା। ତନ୍ମଧ୍ୟରେ ୨୦୯ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ ୧୮ ଟି ସାମୂହିକ ସମସ୍ୟା ସମ୍ବଳିତ ଥିଲା। ୧୧ଟି ଆପତ୍ତିର ତତ୍କାଳ ସମାଧାନ ହୋଇଥିଲା। ଅଭିଯୋଗର ଗୁରୁତ୍ୱକୁ ବିଚାର କରି ଜିଲ୍ଲାପାଳ ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୫, ୦୦୦ ଟଙ୍କା ଓ ରେଡକ୍ରସରୁ ୬ ଜଣଙ୍କୁ ୩୫, ୦୦୦ ଟଙ୍କା ମଞ୍ଜୁର କରିଛନ୍ତି। ଜନଅଭିଯୋଗ ଶୁଣାଣିରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

## ବାରିପଦା ବ୍ଲକ୍ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



ବାରିପଦା, ୨।୧୨(ସମିସ): ସ୍ଥାନୀୟ ଏମପିକେ ବାଳିକା ଉଚ୍ଚବିଦ୍ୟାଳୟରେ ବାରିପଦା ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ପ୍ରାଥମିକ ସ୍ତରରୁ ୩୫ଟି, ଉଚ୍ଚବିଦ୍ୟାଳୟ ସ୍ତରରୁ ୧୪୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଗୋଷ୍ଠୀ ଶିକ୍ଷାଧିକାରୀ ଡଃ ଅଭିମନ୍ୟୁ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ ଭବିଷ୍ୟରେ ଦେଶର ପ୍ରଗତିରେ କୁନି ବୈଜ୍ଞାନିକ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଡଃ ସରୋଜ ନାୟକ, ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନଳିନୀକାନ୍ତ ଚୌଧୁରୀ ଓ ସୁଦର୍ଶନ ପଣ୍ଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତପସ୍ୱିନୀ ଦାଶ ଓ ବ୍ରଜମୋହନ ମୁର୍ମୁ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଲଳିତ ମହାନ୍ତ ଉପସ୍ଥିତ ଥିଲେ। ରାଣୀଭୋଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବିବେକ ସାଓ, ଏମପିକେ ଉଚ୍ଚବିଦ୍ୟାଳୟର ଆଦ୍ୟାଶା ଦାସ, ଏମଟିକେ ଉଚ୍ଚପ୍ରାଥମିକ ବିଦ୍ୟାଳୟର ମାମୁନି ମୁର୍ମୁ, କେସିପୁର ଉଚ୍ଚବିଦ୍ୟାଳୟର ଜୟଶ୍ରୀ ମହାନ୍ତ, ପିଏମଶ୍ରୀ ଏମକେସି ଉଚ୍ଚବିଦ୍ୟାଳୟର ରୀତିଶା ନାଏକ, କମଳା ନେହେରୁ ଉଚ୍ଚବିଦ୍ୟାଳୟର ନିଶିସ୍ୱପ୍ନା ଦାସ ଓ ଭଞ୍ଜପୁର ବାଳିକା ଉଚ୍ଚବିଦ୍ୟାଳୟର ମୌସୁମୀ ପାତ୍ରଙ୍କ ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇଥିଲା। ବିଚାରକ ଭାବେ ଜଗନ୍ନାଥ ସାହୁ, ଦିଲ୍ଲୀପ ମିଶ୍ର, ରବୀନ୍ଦ୍ର ସେଠୀ ଓ ସୁବୋଧ ସାହୁ ଯୋଗ ଦେଇଥିଲେ। ଉଦ୍ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଡ. ସେଠୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀମତୀ ଦାଶ ଓ ଶ୍ରୀ ମୁର୍ମୁ ଉପସ୍ଥିତ ରହି କୃତୀ ପ୍ରତିଭାଙ୍କୁ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ସଞ୍ଜୟ କଳିଆ ଓ ବିଶେଶ୍ୱର ଦ୍ୱିବେଦୀ, ମନୋଜ ପରିଡ଼ା, ଗୌତମ ଦାସ, ନାରାୟଣ ଦତ୍ତ, ରତ୍ନା ବାନାର୍ଜୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ମାଟିଫୁଲ'ର ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ

କପ୍ତିପଦା, ୨।୧୨(ସମିସ): ଗାଁ ଗହଳିର ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିଲେ ଭାବୁକ ମଣିଷ ମନରେ କବିତା ଝରେ, କାହାଣୀ ଉଙ୍କିମାରେ ଓ ଓଠରେ ଭାଷାର ତରଙ୍ଗ ଖେଳେ। ବାସ୍ତବରେ କହିବାକୁ ଗଲେ ଗ୍ରାମୀଣ ପରିବେଶରେ ସାହିତ୍ୟ ସୃଷ୍ଟି ଥିଲା ଆଦ୍ୟ ରଙ୍ଗମଞ୍ଚ। ଆମ ଗ୍ରାମାଞ୍ଚଳର ଲୋକ ହିଁ ଓଡ଼ିଆ ଭାଷାରେ କଥା ହୁଅନ୍ତି ଓ ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ପିଲା ପିଲାଙ୍କୁ ପାଠ ପଢ଼ାନ୍ତି। ଓଡ଼ିଆ ସାହିତ୍ୟର ବିଶାଳ ଗନ୍ତାଘର ସୃଷ୍ଟି ଏହି ଗାଁ ମାଟିରୁ ସମ୍ଭବ ହୋଇପାରିଛି ବୋଲି କପ୍ତିପଦା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ 'ମାଟିଫୁଲ' ତ୍ରୈମାସିକ ସାହିତ୍ୟ-ସଂସ୍କୃତି-ଶୈକ୍ଷିକ ପତ୍ରିକାର ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହରେ ଅତିଥିମାନେ ମତବ୍ୟକ୍ତ




କରିଛନ୍ତି। ଗାଳ୍ପିକ ବସନ୍ତ ରାଉଳ ପୌରୋହିତ୍ୟ କରିଥିବାବେଳେ ବିଚ୍ଛିନ୍ନାଞ୍ଚଳ ଚାଇଁବସା-ଇଟା ନିବାସୀ ସାହିତ୍ୟିକ ବିଷ୍ଣୁପଦ ସିଂଦେଓ ମୁଖ୍ୟଅତିଥି, ଗଡ଼ିଆ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ରାଜେନ୍ଦ୍ର ସାମଲ ମୁଖ୍ୟବକ୍ତା, ଭେଷଜ ବିଶେଷଜ୍ଞ ଡାକ୍ତର ଭାଗବତ ବେହେରା ବିଶିଷ୍ଟ ଅତିଥି, ଝାଡ଼ଖଣ୍ଡ ଉତ୍କଳ ସମ୍ମିଳନୀ କଳାବାଡିଆ ଶାଖା ସଭାପତି ଅଜିତ ରାଉତ, ଶିକ୍ଷାବିତ ଓ ସାହିତ୍ୟିକ ହିମାଂଶୁ ଶେଖର ଦାସ, ସ୍ତମ୍ଭକାର ଭାସ୍କର ବାରିକ ଓ ଶିକ୍ଷାବିତ ଶରତ ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସହସମ୍ପାଦକ ଜୟଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଔପନ୍ୟାସିକ କୃଷ୍ଣଚନ୍ଦ୍ର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏ ଅବସରରେ ସାହିତ୍ୟିକ ନରସିଂହ ବାରିକଙ୍କ ଉପନ୍ୟାସ 'ରିତାର ଭାଗ୍ୟ' ଓ ବର୍ଷୀୟାନ ଶିକ୍ଷାବିତ ଯୁଗଳ ସାହୁଙ୍କ କବିତା ସଙ୍କଳନ 'କବିତା ବିଚିତ୍ରା' ଉନ୍ମୋଚିତ ହୋଇଥିଲା। ମାଟିଫୁଲର ଲେଖକ ଡାକ୍ତର ଭାଗବତ ବେହେରା, ଅଜିତ ରାଉତ, ହିମାଂଶୁ ଦାସ, ଭାସ୍କର ବାରିକ, ଶରତ ମହାନ୍ତ ଓ ଶିଶୁ କିଶୋର ପ୍ରତିଭା ପ୍ରଣତି ସାହୁ, ଲିଜା ପାତ୍ର, ଓ ସରୋଜ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହସମ୍ପାଦକ ରାଜକିଶୋର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ ଅତିବାହିତ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହୋଇପାରେ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ।। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଲୋକ ସମ୍ପର୍କ ବୃଦ୍ଧି ପାଇବ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ଆୟ ଓ ବ୍ୟୟ ସମାନ ରହିବ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ। ଦୀର୍ଘ ଦିନ ଅପେକ୍ଷାର ଅନ୍ତ ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୨୯: ଲର୍ଡ ୱିଲିୟମ୍ ବେଣ୍ଟିକ୍ ସତୀଦାହ ପ୍ରଥା ଉପରେ ରୋକ୍ ଲଗାଇଥିଲେ।
- ୧୮୮୯: ସ୍ୱାଧୀନତା ସଂଗ୍ରାମୀ ଖୁଦିରାମ ବୋଷଙ୍କ ଜନ୍ମ।
- ୧୯୬୭: ଥୁମ୍ବାରୁ ଭାରତର ପ୍ରଥମ ରକେଟ୍ (ରୋହିଣୀ ଆର୍ ଏଚ୍ ୭୫) ଉତ୍କ୍ଷେପଣ କରାଯାଇଥିଲା।
- ୧୯୭୯: ପ୍ରସିଦ୍ଧ ହକି ଖେଳାଳି ମେଜର୍ ଧ୍ୟାନ ଚାନ୍ଦଙ୍କ ଦେହାନ୍ତ।
- ୨୦୧୧: ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ଦେବ ଆନନ୍ଦଙ୍କ ପରଲୋକ।

# ମା' ରମାଦେବୀ

ତ୍ୟାଗ, ସେବା ଓ ସମର୍ପଣର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ରମାଦେବୀ ଚୌଧୁରୀ । ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଅତୁଳନୀୟ ଥିଲା । ସ୍ୱାଧୀନୋତ୍ତର ଭାରତରେ ସନ୍ଥ ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନ ଓ ଗ୍ରାମଦାନ ଆନ୍ଦୋଳନରେ ତାଙ୍କ ଭୂମିକା ଅବିସ୍ମରଣୀୟ। ୧୮୯୯ ମସିହା ଆଜିର ଦିନରେ କଟକ ନିକଟସ୍ଥ ସତ୍ୟଭାମାପୁର ଗ୍ରାମରେ ବସନ୍ତ କୁମାରୀ ଦେବୀ ଏବଂ ଗୋପାଳ ବଲ୍ଲଭ ଦାସଙ୍କ ଔରସରୁ ରମାଦେବୀ ଜନ୍ମଗ୍ରହଣ କରିଥିଲେ। ସେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଝିଅାରୀ ଥିଲେ। ଏକ ସଂଭ୍ରାନ୍ତ ଓ ଉଚ୍ଚଶିକ୍ଷିତ ପରିବାରରେ ଜନ୍ମିତ ରମାଦେବୀ ଜଗତସିଂହପୁର ଜିଲ୍ଲାର ଖେରସ ଗାଁର ବିଶିଷ୍ଟ ଜମିଦାର ଗୋକୁଳାନନ୍ଦ ଚୌଧୁରୀଙ୍କ ପୁଅ ଗୋପବନ୍ଧୁ ଚୌଧୁରୀଙ୍କୁ ବିବାହ କରିଥିଲେ। ୧୯୨୧ ମସିହାରେ ସ୍ୱାମୀ ଗୋପବନ୍ଧୁ ଚୌଧୁରୀଙ୍କ କଂଗ୍ରେସରେ ଯୋଗଦାନ ପରେ ସେମାନଙ୍କ ଜୀବନର ଗତିପଥ ବଦଳି ଯାଇଥିଲା। ୧୯୨୧ ମସିହା ମାର୍ଚ୍ଚ ୨୪ତାରିଖରେ କାଠଯୋଡ଼ି ନଦୀପଠାରେ ଅନୁଷ୍ଠିତ ଗାନ୍ଧିଜୀଙ୍କ ଓଜସ୍ୱିନୀ ଭାଷଣ ରମାଦେବୀଙ୍କୁ ସତ୍ୟାଗ୍ରହୀ କରିଥିଲା। ଅଳଙ୍କାର ଏବଂ ମୂଲ୍ୟବାନ ପାଟବସ୍ତ୍ର ସ୍ୱାଧୀନତା ସଂଗ୍ରାମ ପାଇଁ ସେ ଦାନ କରିଦେଇଥିଲେ। ସେ ଆଇନ ଅମାନ୍ୟ ଆନ୍ଦୋଳନ,ଲବଣ ସତ୍ୟାଗ୍ରହ ଆଦି ସଂଗ୍ରାମରେ ଯୋଗଦେଇ ବହୁବାର କାରାବରଣ କରିଥିଲେ। ଆଜୀବନ ପାଦରେ ଚପଲଟିଏ ନ ପିନ୍ଧି ଏବଂ ସୂତା ଖଦଡ଼ ଲୁଗାକୁ ପିନ୍ଧି ଦୁଃଖୀ, ଦରିଦ୍ର, ହରିଜନ, କୃଷକ, ମହିଳା ଓ ଶିଶୁ ଆଦି ସମସ୍ତଙ୍କ ପାଇଁ କାର୍ଯ୍ୟ କରୁଥିଲେ ରମାଦେବୀ। ତାଙ୍କର ଜୀବନଶୈଳୀ ଥିଲା ସରଳ ଓ ସାବଲୀଳ। ବନ୍ୟା ହେଉ କି ବାତ୍ୟା ହେଉ, କି ମରୁଡ଼ି ହେଉ ପ୍ରପୀଡ଼ିତ ଲୋକମାନଙ୍କର ସେବା କରି ସେ ଅପାର ଆନନ୍ଦ ପାଉଥିଲେ। ବରୀ ଆଶ୍ରମ ଗଢ଼ି ସେଠାରେ ନାରୀ ଜାଗରଣ, ମୌଳିକ ଶିକ୍ଷା, ଗୋସେବା, ପୌଢ଼ଶିକ୍ଷା, ରୋଗୀସେବା, ଅସ୍ପୃଶ୍ୟତା ନିବାରଣ, ଗାଁ ସଫେଇ, ଲୁଗା ବୁଣିବା ଇତ୍ୟାଦି କାର୍ଯ୍ୟରେ ସର୍ବଦା ବ୍ୟସ୍ତ ରହୁଥିଲେ ମା' ରମାଦେବୀ। ଓଡ଼ିଶାରେ ଭୂଦାନ ଆନ୍ଦୋଳନର ସଫଳତା ପଛରେ ରମାଦେବୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ୧୯୬୨ ଚୀନ୍ ଭାରତ ଯୁଦ୍ଧ ସମୟରେ ନିଜେ ସେବାଦଳ ଧରି ଅସୁବିଧା ଭୋଗୁଥିବା ଭାରତୀୟ ଯବାନମାନଙ୍କ ସେବା କରିଥିଲେ। ଇନ୍ଦିରା ଗାନ୍ଧୀଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ଜରୁରିକାଳୀନ ପରିସ୍ଥିତିର ମୁକାବିଲା କରିଥିବା ଜୟପ୍ରକାଶ ନାରାୟଣଙ୍କୁ ସମର୍ଥନ କରି ଭୁବନେଶ୍ୱରରେ ଏକ ବିଶାଳ ସମାବେଶ କରାଇଥିଲେ । ବହୁ ଜନନାୟକ ଜେଲ୍ ଗଲେ, ମାତ୍ର ମା' ରମାଦେବୀଙ୍କୁ ଗିରଫ କରିବାକୁ କେହି ସାହସ କରି ନ ଥିଲେ। ତାଙ୍କର ଉଲ୍ଲେଖନୀୟ ସେବା କାର୍ଯ୍ୟ ପାଇଁ ତାଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ଡକ୍ଟରେଟ୍ ଉପାଧି ଓ ସମର୍ପିତ ସେବା ଲାଗି ସମ୍ମାନଜନକ ଯମୁନାଲାଲ ବଜାଜ ପୁରସ୍କାର ମିଳିଥିଲା। ପ୍ରକୃତରେ ମା, ରମାଦେବୀ ଥିଲେ ସେବା, ମମତା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ। ୧୯୮୫ ମସିହା ଜୁଲାଇ ୨୨ ତାରିଖରେ ଏହି ମହୀୟସୀ ମହିଳାଙ୍କ ତିରୋଧାନ ହୋଇଥିଲା।



ଆଜି ଆସିଥିଲେ

# ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ



ଆଜି 'ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ' । ଜାତିସଂଘ ଆନୁକୂଲ୍ୟରେ ୧୯୯୨ ମସିହାରୁ ଡିସେମ୍ବର ୩ ତାରିଖକୁ 'ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ' ଭାବରେ ପାଳନ କରାଯାଉଛି। ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସମ୍ମାନ, ସମର୍ଥନ ଦେବା ଓ ସ୍ୱାବଲମ୍ବୀ କରିବା ସହ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ସମାଜର ସାଧାରଣ ବର୍ଗର ଲୋକଙ୍କ ଭଳି ରାଜନୈତିକ, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଆଦି ସମସ୍ତ କ୍ଷେତ୍ରରେ ଭିନ୍ନକ୍ଷମଙ୍କର ସମାନ ଅଧିକାର ଉପରେ ଏହି ଦିବସ ସଚେତନ କରେ। ସାଧାରଣତଃ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପ୍ରତି ଲୋକେ ଦୟା କିମ୍ବା ହୀନ ଦୃଷ୍ଟି ରଖିଥାନ୍ତି। ଯଦି ଜଣେ ବ୍ୟକ୍ତି ଅକ୍ଷମ, ଏହାର ଅର୍ଥ ସେ ନିଶ୍ଚିତ ଭାବରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ବୋଲି ସାଧାରଣତଃ ଲୋକଙ୍କ ମଧ୍ୟରେ ଏକ ଧାରଣା ଥାଏ। ବାସ୍ତବରେ କିନ୍ତୁ ଏପରି ହୋଇ ନ ଥାଏ । ଟିକିଏ ପ୍ରୟାସ ଦ୍ୱାରା ଜଣେ ଭିନ୍ନକ୍ଷମ ବ୍ୟକ୍ତି ସାଧାରଣ ଜୀବନଯାପନ କରିପାରନ୍ତି । ସମାଜରେ ସଚେତନତା ଜାଗ୍ରତ କରିବା, ଭିନ୍ନକ୍ଷମତାକୁ ବୁଝିବା, ଗ୍ରହଣ କରିବା, ସେମାନଙ୍କର ସଫଳତା ଏବଂ ଯୋଗଦାନକୁ ମାନିବା, ମନେଇବା ଓ ସେମାନଙ୍କର ଆତ୍ମବଳ ଏବଂ ଆତ୍ମବିଶ୍ୱାସକୁ ବୃଦ୍ଧି କରିବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଭିନ୍ନକ୍ଷମମାନଙ୍କର ଅଧିକାରର ସୁରକ୍ଷା, ଅନ୍ତର୍ନିହିତ ଶକ୍ତିର ଉଦ୍ରେକ କରିବା, ସମାଜରେ ଏକ ଭେଦଭାବ ବିହୀନ ସମନ୍ୱୟ ସ୍ଥାପନ କରିବା ଏବଂ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ମଧ୍ୟ ଏ ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଆଜି ବି ସମାଜରେ ଶାରୀରିକ ଅକ୍ଷମତାକୁ ଏକ ସାମାଜିକ କଳଙ୍କ ଭାବରେ ଦେଖାଯାଉଛି ଯାହାକୁ ସୁଧାରିବାର ଆବଶ୍ୟକତା ରହିଛି। ଅନେକ ଭିନ୍ନକ୍ଷମ ବ୍ୟକ୍ତି ଶାରୀରିକ ଦୁର୍ବଳତା ପାଇଁ ଅନ୍ୟ ଉପରେ ନିର୍ଭରଶୀଳ ହୋଇଥାନ୍ତି। ଏଥିସହ ସାଧାରଣ ମଣିଷଙ୍କ ତୁଳନାରେ ନିଜକୁ ସମକକ୍ଷ ନ କରି ପାରି କିଛି ଭିକ୍ଷାବୃତ୍ତିକୁ ଆପଣାଇ ନେଇଥାନ୍ତି। ସମାଜରେ ଏଭଳି ବି ମଣିଷ ରହିଛନ୍ତି ଯେଉଁମାନେ ଭିନ୍ନକ୍ଷମ ହୋଇ ମଧ୍ୟ ଆତ୍ମସମ୍ମାନର ସହ ବଞ୍ଚିବା ପାଇଁ ସଂଘର୍ଷ କରି ସଫଳ ହୋଇଛନ୍ତି। ଏହି ଦିନ ଭିନ୍ନକ୍ଷମମାନଙ୍କୁ ରାଜନୈତିକ, ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ଜୀବନର ମୁଖ୍ୟସ୍ରୋତରେ ସାମିଲ କରିବା ନେଇ ପ୍ରୟାସ କରାଯାଏ। ୧୯୭୬ ମସିହାରେ ମିଳିତ ଜାତିସଂଘ ୧୯୮୧ ମସିହାକୁ 'ଅନ୍ତର୍ଜାତୀୟ ଭିନ୍ନକ୍ଷମ ବର୍ଷ' ଭାବେ ପାଳନ କରିବାକୁ ଘୋଷଣା କରିଥିଲା। ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ବିଭିନ୍ନ ସରକାରୀ ତଥା ବେସରକାରୀ ଅନୁଷ୍ଠାନ ପକ୍ଷରୁ ମଧ୍ୟ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇ ଭିନ୍ନକ୍ଷମମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ କରିବା ପାଇଁ ଆହ୍ୱାନ କରାଯାଏ।

## 'ତେରେ ଇସ୍କ ମେଁ'

# ଧନୁଷ ନେଇଛନ୍ତି ୧୫ କୋଟି

ବାର ବର୍ଷ ପୂର୍ବରୁ ଆନନ୍ଦ. ଏଲ୍ ରାୟଙ୍କ ରୋମାଣ୍ଟିକ୍ ଡ୍ରାମା 'ରାଞ୍ଝଣା' ରିଲିଜ୍ ହୋଇଥିଲା। ଏହି ଫିଲ୍ମକୁ ସେତେବେଳେ ଦର୍ଶକୀୟ ଆଦୃତି ମିଳିଥିଲା। ଏବେ ୧୨ ବର୍ଷ ପରେ ଆନନ୍ଦ ଏହାର ସିକ୍ୱେଲ ଆଣିଛନ୍ତି। 'ତେରେ ଇସ୍କ ମେଁ' ନଭେମ୍ବର ୨୮ ତାରିଖରେ ରିଲିଜ୍ ହୋଇଛି। ଫିଲ୍ମରେ ଧନୁଷ୍‌ଙ୍କ ବିପକ୍ଷରେ କ୍ରିତି ସାନନ୍ ନଜର ଆସିଛନ୍ତି। ଫିଲ୍ମର ଟ୍ରେଲର୍ ରିଲିଜ୍ ହେବା ପରେ ଏହା ଓପନିଂ ଡେ'ରେ ଭଲ ବିଜିନେସ୍ କରିବ ନାହିଁ ବୋଲି ଅନୁମାନ କରାଯାଉଥିଲା। ଏତେଦିନ ପରେ ବଲିଉଡ୍‌କୁ ଧନୁଷ ଫେରିବା କଥା କିନ୍ତୁ ଟ୍ରେଡ୍ ଆନାଲିଷ୍ଟମାନଙ୍କର ସବୁପ୍ରକାରର ସମୀକରଣକୁ ବଦଳାଇ ଦେଇଛି। ତେବେ ଏହା ଓପନିଂ ଡେ'ରେ କେବଳ ଭାରତରୁ ହିଁ ୧୬ କୋଟି ଟଙ୍କା ଆୟ କରିଛି। ଏହା ପ୍ରଥମ ସପ୍ତାହରେ ହିଁ ସର୍ବ ଭାରତୀୟସ୍ତରରେ ୫୧.୭୫ କୋଟି ଟଙ୍କାର ବିଜିନେସ୍ କରିଛି। ଧନୁଷ୍ ଏହି ଫିଲ୍ମ ପାଇଁ ପାରିଶ୍ରମିକ ବାବଦରେ ୧୫ କୋଟି ନେଇଛନ୍ତି। ଧନୁଷଙ୍କ ତୁଳନାରେ କ୍ରିତି ସାନନ୍‌ଙ୍କୁ ବହୁତ କମ୍ ପାରିଶ୍ରମିକ ମିଳିଛି। କ୍ରିତିଙ୍କୁ ଏହି ଫିଲ୍ମ ପାଇଁ ୫ କୋଟି ମିଳିଛି।



# ଏଆଇ ମାଧ୍ୟମରେ ଆୟ

**ବର୍ତ୍ତମାନ ଅଧିକାଂଶ କମ୍ପାନି ଏଆଇକୁ ଉପଯୋଗ କରୁଛନ୍ତି। ସେହିପରି ଚାଟ୍‌ଜିପିଟି ଭଳି ଅନ୍ୟ ଏଆଇ ଟୁଲ୍‌କୁ ଉପଯୋଗ କରାଯାଇ ରୋଜଗାର କରି ହେବ। ଏ ଲାଗି ବଡ଼ ବଜେଟ୍ କିମ୍ବା ଟେକ୍ନିକାଲ ଡିଗ୍ରୀର ଆବଶ୍ୟକତା ନାହିଁ। ତେବେ କିଭଳି ଏଆଇ ମାଧ୍ୟମରେ ଆୟ କରାଯାଇପାରିବ, ସେ ସମ୍ପର୍କରେ ଜାଣିବା।**



**ପ୍ରମପ୍ଟ ବିକ୍ରି:** ଏଆଇ ଟୁଲ୍‌ର କ୍ୱାଲିଟି ଏହାର ପ୍ରମପ୍ଟ (ନିର୍ଦ୍ଦେଶ) ଉପରେ ନିର୍ଭର କରେ। ପ୍ରମପ୍ଟକୁ ପ୍ରମପ୍ଟବେସ୍ ଭଳି ପ୍ରଭାବୀ ୱେବସାଇଟ୍ ଏବଂ ଇକମର୍ସ ପ୍ଲାଟଫର୍ମରେ ଡିଜିଟାଲ ପ୍ରଡକ୍ଟ ଭାବେ ବିକ୍ରି କରି ହେବ। ଏହା ମାଧ୍ୟମରେ ବାରମ୍ବାର ରୋଜଗାର ସମ୍ଭବ।

**ଏଆଇ ଆର୍ଟ ଏବଂ ପ୍ରିଣ୍ଟ:** ମିଡ୍‌ଜର୍ଣ୍ଣି ବା ଡିଏଏଲ-ଇ ଭଳି ଟୁଲ୍‌କୁ ବ୍ୟବହାର କରି କିଛି ସମୟ ମଧ୍ୟରେ ସୁନ୍ଦର ଡିଜିଟାଲ ଆର୍ଟ, ୱାଲପେପର, ଟି-ସାର୍ଟ ଡିଜାଇନ ଏବଂ ସୋସିଆଲ ମିଡିଆ ଗ୍ରାଫିକ୍ସ ତିଆରି କରିପାରିବେ। ଏହି ଡିଜାଇନକୁ ପ୍ରିଣ୍ଟ ଅନ ଡିମାଣ୍ଡ ବେସା ମାଧ୍ୟମରେ ବିକ୍ରି କରି ଭଲ ଆୟ କରିବା ସମ୍ଭବ। ଏହି କାମରେ ଦିନକୁ ଦୁଇ ଘଣ୍ଟାରୁ କମ୍ ମସୟ ଦେଲେ ଚଳିବ।

**ଏଆଇ ଚାଟବଟ୍ ସେଟ୍‌ଅପ୍:** ଅନେକ କ୍ଷୁଦ୍ର ବ୍ୟବସାୟୀ ଗ୍ରାହକଙ୍କ ପ୍ରଶ୍ନର ଉତ୍ତର ଦେବା ପାଇଁ ସେତେ ବେଶି ସକ୍ଷମ ହୋଇ ନ ଥାନ୍ତି। ତେଣୁ ଏହି ଫ୍ଲୋବୋଟ୍ ବା ଚାଟବଟ୍ ବିଲଡରକୁ ବ୍ୟବହାର କରି ବେସିକ୍ ଏଆଇ ଚାଟବଟ୍ ସ୍ଥାପନା କରି ସେବା ପ୍ରଦାନ କରିପାରିବେ। ତେବେ ଗ୍ରାହକ ପଚାରୁଥିବା ପ୍ରଶ୍ନରେ ଚାଟ୍‌ବଟ୍‌କୁ ପ୍ରଶିକ୍ଷଣ ଦେଇପାରିବେ।

**କଣ୍ଟେଣ୍ଟ ରିପରପୋଜିଂ:** ନିଜ ପାଖରେ ପୂର୍ବରୁ ଥିବା ବ୍ଲଗ୍ ପୋଷ୍ଟ, ପଡକାଷ୍ଟ ଟ୍ରାନ୍ସକ୍ରିପ୍ଟ ଏବଂ ଲମ୍ବା ଭିଡିଓ କଣ୍ଟେଣ୍ଟର ସୋସିଆଲ ମିଡିଆ କ୍ଲିପ୍, ଇନଫୋଗ୍ରାଫିକ୍ସ ବା ଇମେଲ ନ୍ୟୁଜଲେଟରକୁ ବଦଳାଇବାରେ ସେବା ପ୍ରଦାନ କରିପାରିବେ। ଏ ଲାଗି ଡେସକ୍ରିପ୍ଟ ଭଳି ଏଆଇ ଟୁଲ୍ ବ୍ୟବହାର କରିପାରିବେ । ଅବଶ୍ୟ ଏହା ଅତ୍ୟନ୍ତ ମୂଲ୍ୟବାନ ସେବା।

**ଏଆଇ ଟୁଲ୍ ଟ୍ୟୁଟରିଂ:** ଅନେକ ଲୋକ ଏଆଇ ବ୍ୟବହାର ଶିଖିବାକୁ ଚାହୁଁଛନ୍ତି। ହେଲେ ସେମାନଙ୍କୁ ଏହା କଷ୍ଟକର କାମ ଲାଗେ। ତେବେ ଅନଲାଇନ୍ ଟ୍ୟୁଟର ତଥା କନସଲଟର ଭାବେ ଛୋଟ ଗ୍ରୁପ୍ ତଥା ବ୍ୟକ୍ତିଙ୍କୁ ଚାଟ୍‌ଜିପିଟି ଭଳି ଅନ୍ୟ ପ୍ରଡକ୍ଟିଭିଟି ଟୁଲ୍‌କୁ ଉତ୍ତମ ଉପାୟରେ ବ୍ୟବହାର କରିବା ଶିଖାଇପାରିବେ।

## ସମ୍ଭାବନା



# ନକାରାତ୍ମକ ପ୍ରତିକ୍ରିୟାକୁ ସାମ୍ନା କରୁଥିଲେ

**ସବୁ କାମର ଉଭୟ ସକାରାତ୍ମକ ଓ ନକାରାତ୍ମକ ପ୍ରତିକ୍ରିୟା ଅଛି। ବିଶେଷକରି କାର୍ଯ୍ୟକ୍ଷେତ୍ରରେ କେତେକଙ୍କୁ ନକାରାତ୍ମକ ପ୍ରତିକ୍ରିୟା ବା ନେଗେଟିଭ୍ ଫିଡ୍‌ବ୍ୟାକ୍ ସାମ୍ନା କରିବାକୁ ପଡ଼ିଥାଏ।**




- ନକାରାତ୍ମକ ପ୍ରତିକ୍ରିୟା ଦ୍ୱାରା ମାନସିକ ଚାପ ବୃଦ୍ଧି ପାଏ ଓ ତା'ର ପ୍ରଭାବ ସିଧାସଳଖ କାମ ଉପରେ ପଡ଼ିଥାଏ। ଏଥିରେ ଭାଙ୍ଗି ପଡ଼ିବା ଅନୁଚିତ। ଏଭଳି କ୍ଷେତ୍ରରେ ନିଜ ଭିତରେ ଆତ୍ମବିଶ୍ୱାସ ଓ ସାହସ ବଜାୟ ରଖିବା ଜରୁରି।
- ପ୍ରତ୍ୟେକ ପରିସ୍ଥିତିରୁ ମଣିଷ କିଛି ନା କିଛି ଶିଖିଥାଏ। କ'ଣ ପାଇଁ ଏଭଳି ଫିଡ୍‌ବ୍ୟାକ୍ ମିଳିଲା, ସେ ସମ୍ପର୍କରେ ପ୍ରଥମେ ଜାଣିବାକୁ ଚେଷ୍ଟା କରନ୍ତୁ। ସେହି ପ୍ରତିକ୍ରିୟା କ'ଣ ଶିକ୍ଷା ଦେଲା ତାହା ବି ବୁଝନ୍ତୁ। ସେଥିପାଇଁ ଭାଙ୍ଗି ନ ପଡ଼ି ମନୋବଳ ଦୃଢ଼ କରନ୍ତୁ।
- ଚାହିଁଲେ ନକାରାତ୍ମକ ପ୍ରତିକ୍ରିୟା ଦେଉଥିବା ବ୍ୟକ୍ତିଙ୍କ ସହ ସମସ୍ୟାର ସମାଧାନ କରିପାରିବେ। ଏହା ଦ୍ୱାରା ଏଭଳି ପରିସ୍ଥିତିକୁ ହୁଏତ ଭବିଷ୍ୟତରେ ସାମ୍ନା କରିବାକୁ ନ ପଡ଼ି ପାରେ। କୌଣସି ଏକ ଭୁଲ୍ ପାଇଁ ନକରାତ୍ମକ ପ୍ରତିକ୍ରିୟା ମିଳିଥିଲେ, ତାହାକୁ ଧୈର୍ଯ୍ୟର ସହ ସ୍ୱୀକାର କରନ୍ତୁ।
- କମ୍ପାନିରେ ଏଭଳି ସମସ୍ୟା ବାରମ୍ବାର ଉପୁଜୁଥିଲେ ଦକ୍ଷ ପିଆର୍ ପ୍ରତିନିଧିଙ୍କୁ ନିଯୁକ୍ତ କରାନ୍ତୁ।
- ପ୍ରଫେସନାଲ୍ ପିଆର୍‌ଙ୍କ ସହାୟତାରେ କମ୍ପାନୀର କାର୍ଯ୍ୟପ୍ରଣାଳୀରେ ପରିବର୍ତ୍ତନ ଆଣି ଅନେକଗୁଡ଼ିଏ ନକାରାତ୍ମକ ପରିସ୍ଥିତିକୁ ଏଡ଼ାଇ ଦିଆଯାଇପାରିବ।

# କ୍ରିଏଟିଭ୍ ରାଇଟିଂର କୌଶଳ

**ସୃଜନଶୀଳ ଲେଖା ହେଉଛି ଏକ କୌଶଳ। ନିରନ୍ତର ଅଭ୍ୟାସ, ପଢ଼ାପଢ଼ି ଏବଂ ସଂପାଦନ କରିବା ଦ୍ୱାରା ଲେଖିବାର କଳା ଅଧିକ ବିକଶିତ ହୋଇପାରିବ।**

- ପ୍ରତିଦିନ କିଛି ସମୟ ଲେଖାଲେଖି ପାଇଁ ବାହାର କରନ୍ତୁ।
- ଲେଖାଲେଖି ପାଇଁ ଶାନ୍ତ ଓ ସୁରକ୍ଷିତ ସ୍ଥାନ ବାଛନ୍ତୁ।
- ନିଜ ରୁଚି ହିସାବରେ ବିଷୟ ଚୟନ କରନ୍ତୁ।
- କୌଣସି ନୂଆ ଚିନ୍ତାଧାରା ମନକୁ ଆସିଲେ ତୁରନ୍ତୁ ତା'କୁ ଲେଖି ରଖନ୍ତୁ। ଏଭଳି କରିବା ଦ୍ୱାରା ନିଜ ପାଖରେ ସବୁବେଳେ ନୂଆ କଣ୍ଟେଣ୍ଟ ରହିବ।
- ଲେଖା ଆରମ୍ଭ କରିବା ପୂର୍ବରୁ ଏକ ରୂପରେଖ ପ୍ରସ୍ତୁତ କରନ୍ତୁ। ଏହାଦ୍ୱାରା ଲେଖା ଅଧିକ ସ୍ପଷ୍ଟ ଓ ମାର୍ଜିତ ହୋଇପାରିବ।
- ସରଳ ଓ ନିର୍ଭୁଲ ଭାଷାରେ ଲେଖିବାକୁ ଚେଷ୍ଟା କରନ୍ତୁ। ଜଟିଳ ଶବ୍ଦର ବ୍ୟବହାର ଯଥାସମ୍ଭବ କମ୍ କରନ୍ତୁ।
- ବିବିଧ ତଥା ନୂତନ ଶବ୍ଦ ବ୍ୟବହାର ଉପରେ ଗୁରୁତ୍ୱ ଦିଅନ୍ତୁ।
- ନିଜ ଲେଖାକୁ ପରିବାର ତଥା ସାଙ୍ଗସାଥୀଙ୍କ ସହ ସେୟାର୍ କରି ମତାମତ ନିଅନ୍ତୁ।



# ଟ୍ରେଣ୍ଡରେ ଥ୍ରୀଡି-କ୍ୟାରିକେଚର ଫଟୋ

**ସାମାଜିକ ଗଣମାଧ୍ୟମରେ ଏବେ ଏକ ନୂଆ ଭିଜୁଆଲ ଟ୍ରେଣ୍ଡ ଭାଇରାଲ ହେଉଛି। ଏଥିରେ ଲୋକମାନେ ନିଜ ସାଧାରଣ ଫଟୋକୁ କାର୍ଟୁନ ଭଳି ଥ୍ରୀଡି କ୍ୟାରିକେଚର ଫଟୋରେ ରୂପାନ୍ତରିତ କରୁଛନ୍ତି। ଏହି ଫଟୋରେ ମୁହଁ ଟିକେ ବଡ଼, ହାବଭାବ ଅଧିକ ଦେଖାଯିବା ସହିତ ପୂରା ଫଟୋରେ ଏକ ଗ୍ଲସି ଥ୍ରୀଡି ଲୁକ୍ ଦେଖିବାକୁ ମିଳୁଛି। ଏହି ଟ୍ରେଣ୍ଡ ବିଶେଷକରି ଇନଷ୍ଟାଗ୍ରାମ ଏବଂ ଏକ୍ସରେ ଅଧିକ ଭାଇରାଲ ହେଉଛି। ଏହାର ସବୁଠୁ ବଡ଼ କାରଣ ହେଉଛି ଗୁଗଲର ନୂଆ ମଡେଲ ଜେମିନି ନାନୋବାନାନା ପ୍ରୋ। ଏଥିରେ ପ୍ରମପ୍ଟ ଲେଖିବା ପରେ ଯେକୌଣସି ଫଟୋ ଥ୍ରୀଡି ଷ୍ଟାଇଲରେ ରୂପାନ୍ତରିତ ହେଉଛି।**



କିଛି ଏଆଇ କ୍ରିଏଟର ନିଜର ଏଡିଟ୍ ହୋଇଥିବା ଫଟୋକୁ ଅନଲାଇନ୍‌ରେ ସେୟାର କରିବା ପରେ ଏହି ଥ୍ରୀଡି କ୍ୟାରିକେଚର ଷ୍ଟାଇଲ ଲୋକଙ୍କ ଦୃଷ୍ଟିଆକର୍ଷଣ କଲା। ଏହା ପରେ ଅନେକ କ୍ରିଏଟର ସେଲିବ୍ରିଟିଙ୍କ ଫଟୋ ମଧ୍ୟ ଏଡିଟ୍ କରିବା ଆରମ୍ଭ କଲେ। ସେହିପରି ଅଲଗା ଅଲଗା ଲାଇଟିଂ, ଫନି ଏକ୍ସପ୍ରେସନ, ଷ୍ଟାଇଲ ପୋଜ ସହିତ କ୍ୟାରିକେଚର ଫଟୋ ସେୟାର୍ କରାଯିବାରୁ ଲୋକେ ଏହାକୁ ଅଧିକ ଆପଣାଇବା ଆରମ୍ଭ କଲେ। ଏହି ଷ୍ଟାଇଲ ମଜାଦାର ଓ ନିଆରା ଲାଗୁଥିବାରୁ ଲୋକେ ଏହାକୁ ବେଶି ପସନ୍ଦ କରୁଛନ୍ତି। ଅନ୍ୟପଟେ ଏହି ଫଟୋକୁ ପ୍ରୋଫାଇଲ ପିକଚର, ରିଆକସନ ଇମେଜ, ଥମ୍ବନେଲ ଏବଂ ସର୍ଟ ଭିଡିଓ କଣ୍ଟେଣ୍ଟ ପାଇଁ ଖୁବ୍ ବ୍ୟବହାର କରାଯାଉଛି। ବ୍ୟବହାରକାରୀ ଏହାକୁ ସହଜରେ ବ୍ୟବହାର କରିପାରୁଛନ୍ତି।

### ୬ ଦିନ ପରେ ବାରବାଟୀ ମୁକାବିଲା

## ଆଜି ଟିକଟ କିଣିବେ ଅନୁବନ୍ଧିତ ୟୁନିଟ



କଟକ,୨।୧୨(ସମିସ): ଭାରତ-ଦକ୍ଷିଣଆଫ୍ରିକା ଟି-୨୦କୁ ଆଉ ୬ଦିନ ବାକି। ଏଥି ପାଇଁ ଓସିଏର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଲାଣି। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସହ ଅନୁବନ୍ଧିତ ୟୁନିଟଗୁଡ଼ିକ ବୁଧବାର ଟିକଟ କିଣିବେ। ବାରବାଟୀ ଷ୍ଟାଡିୟମ ପରିସରକୁ କଡ଼ା ସୁରକ୍ଷାବଳୟ ଭିତରକୁ ନିଆଯାଇଥିବା ବେଳେ ଓସିଏ ସମ୍ମିଳନୀ କକ୍ଷରେ ଟିକଟ ବିକ୍ରି ପାଇଁ ବ୍ୟବସ୍ଥା କରାଯାଇଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏଥର ଟିକଟ ବିକ୍ରି କରିବ। ଅନୁବନ୍ଧିତ ୟୁନିଟ ସଂଖ୍ୟା ୭୩ ଥିବା ବେଳେ ଓସିଏ କାର୍ଯ୍ୟାଳୟ ସଦସ୍ୟ ଟିକଟ କ୍ରୟରେ ସାମିଲ ହେବେ। ମୋଟ ୧୧ହଜାର ଟିକଟ ବୁଧବାର ବିକ୍ରି କରାଯିବ। ଅନ୍ୟପକ୍ଷରେ କିଛି କ୍ଲବ ସଦସ୍ୟଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି। ବିକ୍ରି ନିମନ୍ତେ ନିର୍ଦ୍ଧାରଣ ହୋଇଥିବା ମୋଟ୍ ଟିକଟ ଭିତରୁ ଓସିଏ ଗ୍ୟାଲେରୀ ଟିକଟ୍ ସଂଖ୍ୟାକୁ ପୂର୍ବାପେକ୍ଷା କମାଇ ଦେଇଥିବାରୁ କ୍ଲବ ସଦସ୍ୟ ଅସନ୍ତୋଷ ଜାହିର କରିଛନ୍ତି। ଅପରପକ୍ଷରେ ମଙ୍ଗଳବାରଠାରୁ ବାରବାଟୀର ସମସ୍ତ ଫ୍ଲଡ ଲାଇଟ୍‌ଗୁଡ଼ିକ ପରୀକ୍ଷା କରାଯାଉଥିବା ନେଇ ସୂଚନା ମିଳିଛି। ଫ୍ଲଡ୍‌ଲାଇଟ୍ ତ୍ରୁଟିକୁ ଏଡାଇବା ନିମନ୍ତେ ଆଗାମୀ ମ୍ୟାଚ୍‌ରେ ସ୍ୱତନ୍ତ୍ର ରୂପେ ଏକ ସଫ୍ଟୱେୟାର ବ୍ୟବହାର କରାଯିବ। ବାରବାଟୀରେ ଫ୍ଲଡଲାଇଟ୍ ସଂଖ୍ୟା ୮। ପ୍ରତ୍ୟେକ ଖୁଣ୍ଟିରେ ୪୮ଟି ଲାଇଟ୍‌କୁ ମିଶାଇ ସମୁଦାୟ ୩୮୪ଟି ଯାକ ଲାଇଟ୍‌କୁ ଏବେ ଯାଞ୍ଚ କରାଯାଉଛି। ତେବେ ପ୍ରତ୍ୟେକ ଖୁଣ୍ଟିକୁ ସଫ୍ଟୱେୟାର ଜରିଆରେ ମନିଟରିଂ କରାଯିବ ବୋଲି ପୂର୍ବରୁ ଓସିଏ ପକ୍ଷରୁ ସୂଚନା ଦିଆଯାଇଥିଲା। ସଫ୍ଟୱେୟାର ବ୍ୟବହାର ଦ୍ୱାରା ଯେକୌଣସି ସ୍ଥାନରେ ତ୍ରୁଟି ରହିଥିବ ତାହାର ସୂଚନା ଆଗୁଆ ମିଳିପାରିବ। ଏକ ନିର୍ଦ୍ଦିଷ୍ଟ ସଂସ୍ଥା ଦ୍ୱାରା ସଫ୍ଟୱେୟାର ମନିଟରିଂ ପ୍ରକ୍ରିୟା ଖୁବଶୀଘ୍ର କରାଯିବ ବୋଲି ଓସିଏ ପକ୍ଷରୁ କୁହାଯାଇଛି।

### ଆଇପିଏଲ୍-୧୯ ମିନି ନିଲାମୀ ୧୬ରେ

## ୧୩୫୫ ଖେଳାଳି କଲେ ନାମ ପଞ୍ଜୀକରଣ

ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୧୯ତମ ସଂସ୍କରଣ ଲାଗି ଡିସେମ୍ବର ୧୬ରେ ଆବୁଧାବିରେ ମିନି ନିଲାମୀ ଅନୁଷ୍ଠିତ ହେବ। ରିପୋର୍ଟ ଅନୁଯାୟୀ, ଏହି ମିନି ନିଲାମୀ ଲାଗି ଦେଶ ବିଦେଶର ମୋଟ୍ ୧,୩୫୫ଜଣ ଖେଳାଳି ନାମ ପଞ୍ଜିକରଣ କରିଛନ୍ତି। ଯେଉଁଥିରେ ୧,୦୬୨ଜଣ ଭାରତୀୟ ଓ ୨୯୩ଜଣ ବିଦେଶୀ ଖେଳାଳି ରହିଛନ୍ତି। ଭାରତୀୟଙ୍କ ମଧ୍ୟରେ ୯୨୮ ଜଣ 'ଅନକ୍ୟାପଡ୍' ଓ ୧୯୬ଜଣ କ୍ୟାପଡ୍ ତଥା ଇଣ୍ଟରନ୍ୟାସନାଲ ଖେଳାଳି ନାମ ପଞ୍ଜିକରଣ କରିଛନ୍ତି। ୭୩ଜଣ ବିଦେଶୀ ଖେଳାଳି ଅନ୍ତର୍ଜାତୀୟ କ୍ରିକେଟ୍ ଖେଳି ନାହାନ୍ତି। ଏଥର ମିନି ନିଲାମୀ ଲାଗି ମୋଟ୍ ୭୭ଟି ସ୍ଥାନ ଫାଙ୍କା ପଡ଼ିଛି। ୧୦ଟି ଯାକ ଫ୍ରାଞ୍ଚାଇଜ ଯଦି ସର୍ବାଧିକ ୩୧ ଜଣିଆ ଦଳ ଚୂଡ଼ାନ୍ତ କରନ୍ତି ତେବେ ଏହି ୭୭ଟି ସ୍ଥାନ ପୂରଣ ହେବ। ଏଥର ମିନି ନିଲାମୀ ଲାଗି ୨ କୋଟି ମୂଳଦର ଥିବା ତାଲିକାରେ ୪୫ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ଭାରତରୁ ରବି ବିଷ୍ଣୋଇ ଓ ଭେଙ୍କଟେଶ ଆୟର ରହିଛନ୍ତି। ସେହିଭଳି ବିଦେଶୀ ଖେଳାଳିଙ୍କ ମଧ୍ୟରେ ଷ୍ଟିଭ ସ୍ମିଥ, ମୁସ୍ତାଫିଜୁର ରେହମାନ, ଟମ୍ କୁରାନ, ଲିଆମ ଲିଭିଂଷ୍ଟୋନ, ଟାଇମଲ୍ ମିଲ୍ସ, ଡେଭନ କନୱେ, ଫିନ୍ ଆଲେନ, ଡେଭିଡ୍ ମିଲର, ଲୁନଗି ଏନଗିଡି, ରିଲି ରୁଷୋ, ୱାନିନ୍ଦୁ ହାସରଙ୍ଗା, ମଥିଶା ପଥିରାଣା, ମହୀଷ ଥିକସାନା, ଜାସନ ହୋଲ୍ଡର, ସାଇ ହୋପ୍ ପ୍ରମୁଖଙ୍କ ମୂଳଦର ୨ କୋଟି ରହିଛି ।ଅପରପକ୍ଷରେ ଦୀର୍ଘ ୧୩ ବର୍ଷ ପରେ ପ୍ରଥମଥର ଲାଗି ଅଷ୍ଟ୍ରେଲୀୟ ବିସ୍ଫୋରକ ବ୍ୟାଟର୍ ଗ୍ଲେନ ମ୍ୟାକ୍ସୱେଲଙ୍କୁ ଆଇପିଏଲ୍‌ରେ ଦେଖିବାକୁ ମିଳିବନି। ୩୭ ବର୍ଷୀୟ ମ୍ୟାକ୍ସୱେଲ ଏଥର ଆଇପିଏଲ୍ ନ ଖେଳିବା ଲାଗି ନିଷ୍ପତ୍ତି ନେଇ ନାମ ପଞ୍ଜୀକରଣ କରି ନ ଥିଲେ। ସେହିଭଳି ଏଥର ପଞ୍ଜିକରଣ କରିଥିବା୧୩୫୫ ଖେଳାଳିଙ୍କ ମଧ୍ୟରେ ଓଡ଼ିଶାର ୧୪ଜଣ କ୍ରିକେଟର୍ ରହିଥିବା ଜଣାପଡ଼ିଛି।

**ଖେଳିବେନି ମ୍ୟାକ୍ସୱେଲ**

### ଜୁନିଅର ପୁରୁଷ ହକି ବିଶ୍ୱକପ୍

## କ୍ୱାର୍ଟରରେ ନେଦରଲାଣ୍ଡସ, ସ୍ପେନ

ଚେନ୍ନାଇ, ୨।୧୨ (ଏଜେନ୍ସି): ଚଳିତ ଜୁନିଅର ପୁରୁଷ ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣରେ ସଦ୍ୟତମ ଦଳ ଭାବେ ନେଦରଲାଣ୍ଡସ ଓ ସ୍ପେନ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଉଭୟ ଦଳ ନିଜ ନିଜର ଶେଷ ପୁଲ୍ ମ୍ୟାଚରେ ବିଜୟ ସହିତ ଅପରାଜେୟ ରହି ନକ୍‌ଆଉଟ୍‌ରେ ପହଞ୍ଚିଛନ୍ତି। ପୁଲ୍-ଡି'ରେ ସ୍ଥାନ ପାଇଥିବା ସ୍ପେନ ଶେଷ ମ୍ୟାଚରେ ୧୩-୦ ଗୋଲ୍‌ରେ ନାମିବ୍ୟାକୁ ହରାଇ ହ୍ୟାଟ୍ରିକ ବିଜୟ ଲାଭ କରିଥିଲା। ୯ ପଏଣ୍ଟ ସହ ସ୍ପେନ ଏହି ପୁଲ୍‌ରେ ଶୀର୍ଷରେ ରହିଛି। ସେହିଭଳି ନେଦରଲାଣ୍ଡସ ଶେଷ ପୁଲ୍ ମ୍ୟାଚରେ ୧୧-୦ ଗୋଲ୍‌ରେ ଅଷ୍ଟ୍ରିଆକୁ ହରାଇଥିଲା। ଏଥିସହ ୩ ମ୍ୟାଚରୁ ୩ ବିଜୟ ସହ ନେଦରଲାଣ୍ଡସ ୯ ପଏଣ୍ଟ ପାଇ ପୁଲ୍-ଇ'ରେ ଶୀର୍ଷ ସ୍ଥାନ ଲାଭ କରିଛି। ଆୟୋଜକ ଭାରତ ଓ ସୁଇଜରଲାଣ୍ଡ ମଧ୍ୟରେ ପୁଲ୍-ବି'ର ଶେଷ ମ୍ୟାଚ୍ ଖେଳ ଜାରି ରହିଛି। ଉଭୟ ଦଳ ପ୍ରଥମ ଦୁଇଟି ମ୍ୟାଚରେ ବିଜୟୀ ହୋଇ ୬ ପଏଣ୍ଟ ପାଇଛନ୍ତି। ଏହି ନିର୍ଣ୍ଣାୟକ ଲଢ଼େଇରେ ବିଜୟୀ ଦଳ କ୍ୱାର୍ଟର ଫାଇନାଲ ଟିକଟ୍ ହାସଲ କରିବ।

### ଦ୍ୱିତୀୟ ଦିନିକିଆରେ ବଭୁମା, ମହାରାଜ ଖେଳିବା ସମ୍ଭାବନା

# ସିରିଜ୍ କବ୍‌ଜା ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

ରାୟପୁର,୨।୧୨(ଏଜେନ୍ସି)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ଦ୍ୱିତୀୟ ମୁକାବିଲା ଏଠାରେ ଆସନ୍ତାକାଲି ଖେଳାଯିବ। ଏହା ପୂର୍ବରୁ ରାଞ୍ଚିରେ ଖେଳାଯାଇଥିବା ରୋମାଞ୍ଚକ ପ୍ରଥମ ଦିନିକିଆ ମୁକାବିଲାରେ ଭାରତ ମାତ୍ର ୧୨ ରନ୍‌ରେ ଭ୍ରମଣକାରୀ ଦଳକୁ ପରାସ୍ତ କରିଛି। ଏହା ଫଳରେ ଭାରତ ୧-୦ରେ ଆଗୁଆ ରହିଛି। ଆସନ୍ତାକାଲି ଖେଳାଯିବାକୁ ଥିବା ଏହି ମୁକାବିଲାରେ ବିଜୟ ହାସଲ କରି ଭାରତ ଗୋଟିଏ ମ୍ୟାଚ୍ ବାକିଥାଇ ଆଗୁଆ ସିରିଜ୍ କବ୍‌ଜା ଲକ୍ଷ୍ୟରେ ରହିଛି। ଅନ୍ୟ ପକ୍ଷରେ ଦକ୍ଷିଣ ଆଫ୍ରିକା ଭାରତର ଏହି ଲକ୍ଷ୍ୟକୁ ପରାହତ କରି ସିରିଜ୍‌କୁ ବରାବର ସ୍ଥିତିକୁ ଆଣିବା ଲାଗି ଜୋର୍‌ଦାର ଉଦ୍ୟମ କରିବ ବୋଲି ଅଭ୍ୟାସରୁ ସ୍ପଷ୍ଟ ହୋଇଛି। ଟେଷ୍ଟ ସିରିଜ୍‌କୁ ୦-୨ ମୁକାବିଲାରେ ହାରିଯିବା ପରେ ଭ୍ରମଣକାରୀ ଦଳ ଯେଉଁ ମନୋବଳ ବୃଦ୍ଧି କରିଥିଲା ତାହା ରାଞ୍ଚିରେ ପ୍ରଥମ ଧକ୍କା ଲାଗିଥିଲା। ଏବେ ଉଭୟ ଦଳ ସମାନସ୍ଥିତିରେ ଥିଲାବେଳେ ରାୟପୁରରେ ଯେ ଆଉ ଏକ ରୋମାଞ୍ଚକର ମୁକାବିଲା ଦେଖିବାକୁ ମିଳିବ ଏହା ନିଃସନ୍ଦେହରେ କୁହାଯାଇପାରେ। କିନ୍ତୁ ଭାରତୀୟ ଦଳରେ ଦୁଇ ସର୍ବକାଳୀନ ଶ୍ରେଷ୍ଠ ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ଥିବାରୁ ଘରୋଇ ଦଳ ଆତ୍ମବିଶ୍ୱାସର ସହ ଅବଶିଷ୍ଟ ମ୍ୟାଚ୍‌ରେ ମୁକାବିଲା କରିବ ବୋଲି ସ୍ପଷ୍ଟ ହୋଇଛି।

କ୍ରମାଗତ ୧୯ଟି ଟସ୍ ହାରିଥିଲେ ମଧ୍ୟ ଭାରତ ଉପରେ ତାହାର କୌଣସି ପ୍ରଭାବ ପଡ଼ିନାହିଁ। ଘରୋଇ ଦଳ ୨୦୨୫ରେ ୧୨ଟି ମ୍ୟାଚ୍ ଖେଳି ୧୦ଟିରେ ଜିତିଥିଲାବେଳେ ୨ଟିରେ ପରାଜିତ ହୋଇଛି। ରାଞ୍ଚିରେ ଏହାର ପ୍ରମାଣ ମିଳିଛି। ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରି ଭାରତ ୮ ୱିକେଟରେ ୩୪୯ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଓଭରରେ ଦୁଇ ଟପ୍ ଅର୍ଡର ଓ ୧୫ ରନ୍‌ରେ ତୃତୀୟ ୱିକେଟ ହରାଇବା ପରେ ମଧ୍ୟ ପାୱାର ହିଟରଙ୍କ ସହାୟତାରେ ଦଳ ବିଜୟର ନିକଟବର୍ତ୍ତୀ ହୋଇପାରିଥିଲା। ଏଭଳି ଖେଳ ଶେଷ ଦୁଇଟି ଦିନିକିଆ ଓ ଏହା ପରେ ଖେଳାଯିବାକୁ ଥିବା ୫ମ୍ୟାଚ୍ ବିଶିଷ୍ଟ ଟି-୨୦ରେ ମଧ୍ୟ ଦେଖିବାକୁ ମିଳିବ। ଏଣୁ ଆସନ୍ତାକାଲି ଆଉ ଏକ ଧମାକାଦାର ମୁକାବିଲା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଭାରତ ଲାଗି ଏହି ମ୍ୟାଚ୍ ଖେଳିଥିବା ଯଶସ୍ୱୀ ଜୟସ୍ୱାଲ, ଋତୁରାଜ ଗାଏକ୍ୱାଡ ପ୍ରଥମ ଦିନିକିଆରେ ଫେଲ ମାରିଛନ୍ତି। କିନ୍ତୁ ସେମାନଙ୍କୁ ପରିବର୍ତ୍ତନ କରିବାର ଆଶା କମ୍। ସେମିତି କିଛି ପରିସ୍ଥିତି ହେଲେ ଗାଏକ୍ୱାଡ୍‌ଙ୍କ ସ୍ଥାନରେ ଋଷଭ ପନ୍ତଙ୍କୁ ସାମିଲ କରିବାର କିଛିଟା ସମ୍ଭାବନା ରହିଛି। ବୋଲିଂରେ ସେପରି କିଛି ବଦଳିବ ନାହିଁ। ଦଳର ସମସ୍ତ ବୋଲର ଦକ୍ଷତା ଅନୁଯାୟୀ ପ୍ରଦର୍ଶନ କରିଛନ୍ତି। କେବଳ ୱାଶିଂଟନ ସୁନ୍ଦରଙ୍କୁ ଅଳ୍ପ ବୋଲିଂ କରିବାର ସୁଯୋଗ ମିଳିଥିଲା। ଏହାକୁ ବାଦ୍ ଦେଲେ ଅନ୍ୟ ସବୁ ସମୀକରଣ ଠିକ୍ ରହିଛି ଓ ପ୍ରାୟତଃ ଅପରିବର୍ତ୍ତିତ ଦଳ ନେଇ ଖେଳିବାର ସମ୍ଭାବନା ରହିଛି।





ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଦଳ ପ୍ରାରମ୍ଭିକ ବିପର୍ଯ୍ୟୟ ସତ୍ତ୍ୱେ ଏକତରଫା ଭାବେ ମ୍ୟାଚ୍ ହାରିନାହିଁ। ଏପରିକି ଦଳ ୧୩୧ ରନ୍‌ରେ ୬ ୱିକେଟ ହରାଇ ମଧ୍ୟ ୩୩୨ ରନ୍ କରିବାକୁ ସମର୍ଥ ହୋଇଥିଲା। ଟେଲ ଏଣ୍ଡ ବ୍ୟାଟର ଟପ୍ ଅର୍ଡରଙ୍କ ଭଳି ଖେଳିଥିଲେ। ଶେଷ ବ୍ୟାଟରଙ୍କ ସଫଳତା ଯୋଗୁଁ ଦକ୍ଷିଣ ଆଫ୍ରିକାର ଆତ୍ମବିଶ୍ୱାସ ବଢ଼ିଛି। ଦଳ ପ୍ରଥମ ମ୍ୟାଚ୍‌ରେ ନିୟମିତ ଅଧିନାୟକ ତେମ୍ବା ବଭୁମା ଓ ସ୍ପିନର କେଶବ ମହାରାଜଙ୍କୁ ବିଶ୍ରାମ ଦେଇଥିଲା। କିନ୍ତୁ ଦ୍ୱିତୀୟ ମ୍ୟାଚ୍‌ରେ ଏମାନେ ଖେଳିବାର ସମ୍ଭାବନା ରହିଛି। ପ୍ରେନ୍‌ଲାନ୍ ସୁବ୍ରାୟେନ୍‌ଙ୍କ ସ୍ଥାନରେ ମହାରାଜ ଖେଳିବେ। କିନ୍ତୁ ବଭୁମା ଖେଳିଲେ ପ୍ରଥମ ଦିନିକିଆରେ ଖାତା ଖୋଲି ପାରି ନ ଥିବା ରିୟାନ ରିକେଲଟନ କିମ୍ବା କ୍ୱିଣ୍ଟନ ଡି କକ୍‌ଙ୍କ ମଧ୍ୟରୁ ଜଣଙ୍କୁ ବାହାରେ ରହିବାକୁ ହେବ। ଏହା ବ୍ୟତୀତ ଦଳରେ ଆଉ କିଛି ପରିବର୍ତ୍ତନ ହେବାର ଆଶା କମ୍।

■ **ଖେଳାଯାଇଛି ଗୋଟିଏ ମ୍ୟାଚ୍**

ରାୟପୁରର ଶହୀଦ୍ ବୀର ନାରାୟଣ ସିଂ ଅନ୍ତର୍ଜାତୀୟ ଷ୍ଟାଡିୟମ୍ ନିର୍ମାଣ ହେବା ପରଠାରୁ ଗୋଟିଏ ମାତ୍ର ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଇଛି। ଭାରତ ବିପକ୍ଷ ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୧୦୮ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଏଠାରେ ପେସ୍ ବୋଲରଙ୍କ ପ୍ରଭାବ ରହିଥିଲା। କିନ୍ତୁ ଏହି ମ୍ୟାଚ୍‌ଟି ପାଖାପାଖି ୩ ବର୍ଷ ପୂର୍ବେ ଖେଳାଯାଇଥିଲା। ଏବେ ପିଚ୍ ସେଭଳି ବ୍ୟବହାର କରିବ ତାହାର ସମ୍ଭାବନା ନାହିଁ। ଏଣୁ ମ୍ୟାଚ୍ ହାଇସ୍କୋରିଂ ହେବ ଓ ଦର୍ଶକମାନେ ଏହି ମ୍ୟାଚ୍‌କୁ ଉପଭୋଗ କରିବେ ବୋଲି ଆଶା କରାଯାଉଛି। ଯଦି ପୂର୍ବପରି ପିଚ୍ ପ୍ରଦର୍ଶନ କରେ ତେବେ ପ୍ରଥମେ ବ୍ୟାଟିଂ କରିଥିବା ଦଳଲାଗି ରନ୍ ସଂଗ୍ରହ କରିବା କଷ୍ଟକର ହେବ। ୪ଜଣ ଫାଷ୍ଟ ବୋଲରଙ୍କୁ ନେଇ ଖେଳୁଥିବା ଦକ୍ଷିଣ ଆଫ୍ରିକା ଏହି ମ୍ୟାଚ୍‌ରେ ଫାଇଦାରେ ରହିବ।

**ସମ୍ଭାବ୍ୟ ଖେଳାଳି ଦଳ**

**ଭାରତ** : ଯଶସ୍ୱୀ ଜୟସ୍ୱାଲ, ରୋହିତ ଶର୍ମା, ବିରାଟ କୋହଲି, ଋତୁରାଜ ଗାଏକ୍ୱାଡ୍/ ଋଷଭ ପନ୍ତ, ଲୋକେଶ ରାହୁଲ, ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା, ହର୍ଷିତ ରାଣା, କୁଲଦୀପ ଯାଦବ, ଅର୍ଶଦୀପ ସିଂହ ଓ ପ୍ରସିଦ୍ଧ କ୍ରିଷ୍ଣା। ବେଞ୍ଚ- ଧ୍ରୁବ ଜୁରେଲ, ନୀତୀଶ ରେଡ୍ଡୀ ଓ ତିଳକ ବର୍ମା।

**ଦକ୍ଷିଣ ଆଫ୍ରିକା** : ଆଇଡେନ୍ ମାରକ୍ରମ, କ୍ୱିଣ୍ଟନ ଡି କକ୍/ ରିୟାନ ରିକେଲଟନ, ତେମ୍ବା ବଭୁମା (ଅଧିନାୟକ), ମାଥ୍ୟୁ ବ୍ରିଜ୍‌କେ, ଟୋନି ଡି ଜୋର୍ଜି, ଡିୱାଲ୍ଡ ବ୍ରେଭିସ୍, ମାର୍କୋ ଜାନ୍‌ସେନ, କର୍ବିନ ବୋଶ୍, କେଶବ ମହାରାଜ, ନାନ୍ଦ୍ରେ ବର୍ଗର, ଓଟ୍‌ନିଲ ବାର୍ଟମ୍ୟାନ୍। ବେଞ୍ଚ- ରୁବିନ୍ ହର୍ମନ, ଲୁଙ୍ଗି ଏନ୍‌ଗିଡି, ପ୍ରେନ୍‌ଲାନ ସୁବ୍ରାୟେନ୍।

**ଖେଳ ଆରମ୍ଭ : ଦିନ ୧ଟା ୩୦**

**ପ୍ରସାରଣ : ଷ୍ଟାର୍‌ସ୍ପୋର୍ଟ୍ସ ନେଟ୍‌ୱର୍କ**

**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

## ସୂର୍ଯ୍ୟବଂଶୀ, ପାଣ୍ଡ୍ୟା, ଅର୍ଜୁନଙ୍କ କମାଲ

ନୂଆଦିଲ୍ଲୀ,୨।୧୨(ଏଜେନ୍ସି): ସୟଦ ମୁସ୍ତାକ ଅଲି ଟି-୨୦ କ୍ରିକେଟ ଇତିହାସରେ ବିହାରର ବୈଭବ ସୂର୍ଯ୍ୟବଂଶୀ ସର୍ବକନିଷ୍ଠ ଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ମଙ୍ଗଳବାର ବୈଭବ ମହାରାଷ୍ଟ୍ର ବିପକ୍ଷରେ ୬୧ ବଲରେ ୧୦୮ ରନ କରିଥିଲେ। ୧୪ ବର୍ଷ ଓ ୨୫୦ ଦିନରେ ବୈଭବ ଏହି ଶତକ ମାରିଛନ୍ତି। ତେବେ ପୃଥ୍ୱୀ ଶ' (୩୦ ବଲରେ ୬୬ ରନ)ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ମହାରାଷ୍ଟ୍ର ଏହି ମ୍ୟାଚକୁ ଜିତିନେଇଥିଲା।

● **ପାଣ୍ଡ୍ୟାଙ୍କ ସଫଳ ପ୍ରତ୍ୟାବର୍ତ୍ତନ**

ଆହତ ସମସ୍ୟାରୁ ମୁକୁଳି ଥିବା ହାର୍ଦ୍ଦିକ ପାଣ୍ଡ୍ୟା ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ୍‌କୁ ଫେରିଛନ୍ତି। ନିଜ ଘରୋଇ ରାଜ୍ୟ ବରୋଦା ପକ୍ଷରୁ ଖେଳି ପାଣ୍ଡ୍ୟା ୪୨ ବଲରେ ୭୭ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି। ଫଳରେ ବରୋଦା ୭ ୱିକେଟରେ ପଞ୍ଜାବକୁ ମାତ୍ ଦେଇଛି। ପାଣ୍ଡ୍ୟା ଏବେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ ଲାଗି ଦାବି ଉପସ୍ଥାପନା କରିଛନ୍ତି।

**ଅର୍ଜୁନଙ୍କ ଅଲ୍‌ରାଉଣ୍ଡ ସଫଳତା** : ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ତେନ୍ଦୁଲକର ଅଲ୍‌ରାଉଣ୍ଡର ପ୍ରଦର୍ଶନ କରି ନିଜ ଦଳ ଗୋଆକୁ ବିଜୟୀ କରାଇଛନ୍ତି। ବୋଲିଂରେ ୩ଟି ୱିକେଟ୍ ନେଇଥିବା ଅର୍ଜୁନ ଓପନିଂ କରିବାକୁ ଆସି ୧୦ ବଲ୍‌ରେ ୧୬ ରନ କରିଥିଲେ। ଫଳରେ ଗୋଆ ୭ ୱିକେଟରେ ରଜତ ପଟିଦାରଙ୍କ ମଧ୍ୟପ୍ରଦେଶ ଦଳକୁ ହରାଇଦେଇଛି।

**ତ୍ରିପୁରାର ଐତିହାସିକ ବିଜୟ** : ସୟଦ ମୁସ୍ତାକ ଅଲି ଟ୍ରଫିର ଏକ ମ୍ୟାଚରେ ଦୁର୍ବଳ ତ୍ରିପୁରା ୧୨ ରନରେ ନୀତୀଶ ରାଣାଙ୍କ ଦିଲ୍ଲୀ ଦଳକୁ ପରାସ୍ତ କରିଛି। ଫଳରେ ଭାରତୀୟ ଘରୋଇ କ୍ରିକେଟ୍‌ର ଯେକୌଣସି ଫର୍ମାଟ୍‌ରେ ତ୍ରିପୁରା ପ୍ରଥମଥର ଲାଗି ଦିଲ୍ଲୀକୁ ହରାଇବାର ସୌଭାଗ୍ୟ ଲାଭ କରିଛି।

### ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ

## ପ୍ରି-କ୍ୱାର୍ଟରରେ ତନ୍‌ଭି ପତ୍ରୀ

ଭୁବନେଶ୍ୱର,୨।୧୨(ସମିସ): ଓଡ଼ିଆ ଖେଳାଳି ତଥା ଟାଇଟଲ ଆଶାୟୀ ତନ୍‌ଭି ପତ୍ରୀ ଆଇକନିକ୍ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା 'ଦ ସଟ୍ଟଲ'ରେ ଚାଲିଥିବା ୩୭ତମ ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ୧୫ ବର୍ଷରୁ କମ୍ ବାଳିକା ବିଭାଗ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଆଜି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ସେ ୨୧-୧୧, ୨୧-୧୧ ସେଟ୍‌ରେ ଗୁଜରାଟର ଅନଭି ପଟେଲଙ୍କୁ ହରାଇ ଏହି ସଫଳତା ହାସଲ କରିଛନ୍ତି। କର୍ଣ୍ଣାଟକର ସାଇନା ମଣିମୁଥୁ, ତାମିଲନାଡୁର ଜିଏସ୍ ଅନୁଶ୍ରୀ, ହିମାଚଳ ପ୍ରଦେଶର ତାଶଭି ଗୁପ୍ତା, ରାଜସ୍ଥାନର ଅନଭି ରାଠୋର ଓ ତେଲଙ୍ଗାନାର ହମଦସିନୀ ଚନ୍ଦରମ୍ ମଧ୍ୟ ପ୍ରି-କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ ରଖିଛନ୍ତି।




ସେହିପରି ୧୭ ବର୍ଷରୁ କମ୍ ବାଳକ ବିଭାଗରେ ବାପୁନ ରାଉତ ୨-୧ ସେଟ୍‌ରେ ରାଜସ୍ଥାନର ଅଂଶୁମାନ ଚୌଧୁରୀଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଏହି ବିଭାଗରେ ଟପ୍ ସିଡ ଜଗଶେର ସିଂହ ଖାଙ୍ଗୁରା, ଦିଲ୍ଲୀର ଇଆନ ଚୋପ୍ରା, ଆସାମର ବର୍ଣ୍ଣିଲ ଆକାଶ, ଏମ୍‌ପିର ସୌର୍ଯ୍ୟ ମିଶ୍ର ଓ ୟୁପିର ସାର୍ଥକ ସୋମ ରାଉଣ୍ଡ ୩୨ରେ ପ୍ରବେଶ କରିଛନ୍ତି। ୧୫ ବର୍ଷରୁ କମ୍ ବାଳକ ବିଭାଗରେ ପଞ୍ଜାବର ୱାଜିର ସିଂହ, ଦିଲ୍ଲୀର ସଞ୍ଚିତ ଜାଙ୍ଗ୍ରା, ମହାରାଷ୍ଟ୍ରର ଏମ୍ ଭୁତକି, ତେଲଙ୍ଗାନାର ଶ୍ରୀଚୈତନ ସୌର୍ଯ୍ୟ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### ବିପିନା ମେମୋରିଆଲ କ୍ରିକେଟ

## ଦାରୁଠେଙ୍ଗଗଡ ଚାମ୍ପିଅନ

ଭୁବନେଶ୍ୱର,୨।୧୨(ସମିସ): ଦାରୁଠେଙ୍ଗଗଡ କ୍ରିକେଟ ଟିମ୍ ପ୍ରଥମ ବିପିନା ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଫାଇନାଲରେ ଦଳ ୫ ୱିକେଟରେ ବମ୍ପକୁଦ କ୍ରିକେଟ ଟିମ୍‌କୁ ପରାସ୍ତ କରିଥିଲା। ଗଡସାହିର ଏରାଇଜ୍ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଅନ୍ଧାରୁଆର ଜଗନ୍ନାଥପ୍ରସାଦ କ୍ରିକେଟ ଷ୍ଟାଡିୟମ୍‌ରେ ୧୬ଟି ଦଳକୁ ନେଇ ୧୬ ଦିନ ଧରି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଫାଇନାଲରେ ୧୭ ରନ୍ ଦେଇ ୩ଟି ୱିକେଟ ନେଇଥିବା ବିଜୟୀ ଦାରୁଠେଙ୍ଗଗଡର ଚପି ଓ ଟୁର୍ଣ୍ଣାମେଣ୍ଟରେ ୧୩୬ ରନ୍ କରିବା ସହ ୫ଟି ୱିକେଟ ଓ ୫ଟି କ୍ୟାଚ୍ ନେଇଥିବା କହ୍ନେଇଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।



ଚାମ୍ପିଅନ ଦଳକୁ ଟ୍ରଫି ସହ ୨୫,୦୦୦ ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୧୫,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ଖେଳ ଶେଷରେ ଭୁବନେଶ୍ୱର କ୍ଲବ୍ ଭାଇସ୍ ଚେୟାରମ୍ୟାନ୍ ଅଜିତ ଶ୍ରୀଚନ୍ଦନ, ଦାରୁଠେଙ୍ଗ ସରପଞ୍ଚ ତପନ ଚକ୍ରବର୍ତ୍ତୀ, ଅନ୍ଧାରୁଆ ସରପଞ୍ଚ ସ୍ୱର୍ଣ୍ଣଲତା ବଳିୟାର ସିଂ, ଜ୍ଞାନରଞ୍ଜନ ପ୍ରଧାନ, ଚଗଲା ପ୍ରଧାନ ଆଦି ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ରାଜା ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ।

### ଜାତୀୟ ଜୁନିଅର ଫୁଟବଲ

## ଓଡ଼ିଶା ମହିଳା ଦଳ ବିଦା

ଭୁବନେଶ୍ୱର,୨।୧୨(ସମିସ): ଜାତୀୟ ଜୁନିଅର ବାଳିକା ଫୁଟବଲ ଚାମ୍ପିଅନସିପ୍‌ର ଗ୍ରୁପ୍ ପର୍ଯ୍ୟାୟରୁ ବିଦା ହୋଇଛି ଓଡ଼ିଶା। ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଝାଡଖଣ୍ଡ ୨-୦ ଗୋଲରେ ଓଡ଼ିଶାକୁ ପରାସ୍ତ କରିଛି। ଏହା ଫଳରେ ଓଡ଼ିଶା ଦଳ ଗ୍ରୁପ୍‌ରେ ୩ଟି ମୁକାବିଲାରୁ କ୍ରମାଗତ ପରାଜୟ ସହ ପ୍ରତିଯୋଗିତାର ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଛି।

### ସୟଦ ମୁସ୍ତାକ ଅଲି ଟି-୨୦

## ଓଡ଼ିଶାକୁ ପ୍ରତୀକ୍ଷିତ ବିଜୟ ଦେଲେ ବିପ୍ଳବ-ରାଜେଶ

ଭୁବନେଶ୍ୱର, ୨।୧୨ (ସମିସ):

ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ସୟଦ ମୁସ୍ତାକ ଅଲି ଟି-୨୦ ଟୁର୍ଣ୍ଣାମେଣ୍ଟରେ ହ୍ୟାଟ୍ରିକ ପରାଜୟବରଣ ପରେ ଶେଷରେ ଓଡ଼ିଶା ଦଳ ବିଜୟ ସ୍ୱାଦ ଚାଖିଛି। ମଙ୍ଗଳବାରେ ଲକ୍ଷ୍ନୌ ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୨୭ ରନରେ ଛତିଶଗଡ଼କୁ ପରାସ୍ତ କରିଛି। ଅଧିନାୟକ ବିପ୍ଳବ ସାମନ୍ତରାୟଙ୍କ ଅର୍ଦ୍ଧଶତକ ଓ ଦ୍ରୁତ ବୋଲର ରାଜେଶ ମହାନ୍ତିଙ୍କ ୫ ୱିକେଟ୍ ସଫଳତା ଶେଷରେ ଓଡ଼ିଶାକୁ ପ୍ରଥମ ବିଜୟ ଭେଟି ଦେଇଥିଲା। ଏଲିଟ୍ ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ୪ ମ୍ୟାଚରୁ ୪ ପଏଣ୍ଟ ସହ ସର୍ବନିମ୍ନ ୮ମ ସ୍ଥାନରେ ରହିଛି। ଓଡ଼ିଶା ପରବର୍ତ୍ତୀ ମ୍ୟାଚରେ ଗୁରୁବାର ରେଳବାଇକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।

ଏହି ମ୍ୟାଚରେ ଟସ୍ ଜିତି ଛତିଶଗଡ଼ ଅଧିନାୟକ ଅମନଦୀପ୍ ଖାରେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୩୫ ରନ ମଧ୍ୟରେ ଅଧା ବ୍ୟାଟରଙ୍କୁ ହରାଇ ସାଂଘାତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର୍ ଗୌରବ ଚୌଧୁରୀ (୧୨ ରନ), ସନ୍ଦୀପ ପଟ୍ଟନାୟକ (୦), ଶୁଭ୍ରାଂଶୁ ସେନାପତି (୭), ସମ୍ବିତ ବରାଳ (୬) ଓ ସୌମ୍ୟ ରଞ୍ଜନ ଲେଙ୍କା (୬ ରନ) ନିରାଶ କରିଥିଲେ। ତେବେ ରଣଜୀ ଟ୍ରଫିରେ ଅଣଦେଖାର ଶିକାର ହୋଇଥିବା ବିପ୍ଳବ ଅଧିନାୟକ ପାଳି ଖେଳି ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ସେ ୪ଟି ଲେଖାଏ ଚୌକା ଓ ଛକା ବଳରେ ୪୧ ବଲ୍‌ରୁ ୬୧ ରନ କରିବା ଫଳରେ ଓଡ଼ିଶା ୮ ୱିକେଟରେ ୧୩୫ ରନର ସମ୍ମାନଜନକ ସ୍କୋର କରିଥିଲା। ୬ଷ୍ଠ ୱିକେଟ୍ ଭାଗୀଦାରିରେ ସୌମ୍ୟ (୨୭ ରନ)ଙ୍କ ସହ ବିପ୍ଳବ ୭୮ ରନ ସଂଗ୍ରହ କରିଥିଲେ। ପୂର୍ବରୁ ବିପ୍ଳବ କେରଳ ବିପକ୍ଷରେ ମଧ୍ୟ ୫୩ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଶୀର୍ବାଦ ସ୍ୱାଇଁ ୧୧ ଓ ରାଜେଶ ମହାନ୍ତି ୧ ରନ କରି ଅପରାଜିତ ରହିଥିଲେ।





ଏହାପରେ ୧୩୬ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଛତିଶଗଡ଼ ରାଜେଶଙ୍କ ବୋଲିଂକୁ ସାମ୍ନା କରି ନ ପାରି ୨ଟି ବଲ୍ ପୂର୍ବରୁ ୧୦୮ ରନରେ ସୀମିତ ରହିଥିଲା। ୫୦ ରନରେ ୭ ୱିକେଟ୍ ହରାଇଥିବା ଛତିଶଗଡ଼ ପାଇଁ ଅଧିନାୟକ ଅମନଦୀପ୍ ସର୍ବାଧିକ ୪୬ ଓ ସଞ୍ଜିତ ଦେଶାଇ ୩୩ ରନ କରିଥିଲେ। ରାଜେଶ ତାଙ୍କ ୪ ଓଭର ସ୍ପେଲରେ ୨୧ ରନ ବ୍ୟୟ କରି ୫ଟି ୱିକେଟ୍ ନେଇଥିଲେ। ବିପ୍ଳବ ଓ ପ୍ରୟାସ ସିଂଙ୍କୁ ମଧ୍ୟ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ଏହି ମ୍ୟାଚରେ ରାଜେଶ ୫ଟି ୱିକେଟ୍ ନେଇ ଛତିଶଗଡ଼ର ବ୍ୟାଟିଂ ଲାଇନଅପ୍‌କୁ ଧ୍ୱସ୍ତ କରିଦେଇଥିଲେ। ଟି-୨୦ କ୍ୟାରିୟରରେ ଏହା ରାଜେଶଙ୍କର ପ୍ରଥମ ୫ ୱିକେଟ୍ ସଫଳତା। ମ୍ୟାଚ୍ ବିଜୟୀ ବୋଲିଂ ଲାଗି ତାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ସବୁଠୁ ଉଲ୍ଲେଖନୀୟ କଥା ହେଉଛି ଓଡ଼ିଶାର ପୂର୍ବତନ ମହାନ ବୋଲର ବସନ୍ତ ମହାନ୍ତି ବର୍ତ୍ତମାନ ଛତିଶଗଡ଼ ଦଳର ବୋଲିଂ କୋଚ୍ ରହିଛନ୍ତି। ଏହାସତ୍ତ୍ୱେ ରାଜେଶ ଛତିଶଗଡ଼ ବ୍ୟାଟିଂଙ୍କୁ ଧରାଶାୟୀ କରି ବସନ୍ତଙ୍କ ଆଗରେ ଭାରି ପଡ଼ିଥିବା ଚର୍ଚ୍ଚା ହେଉଛି।

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୬ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS